ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୪/୨୦୨୩ (୧୮ ପୃଷ୍ଠା) | Bhubaneswar, Tuesday, March 14/2023 | Page 18 | ₹ 7.00
୪୯ଶ ଭାଗ ୧୦୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 108 | ମୂଲ୍ୟ ₹୭/-



## ଡବ୍ଲ୍ୟୁଟିସି ଫାଇନାଲରେ ଭାରତ

ରୋହିତ୍ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଦଳ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲରେ ପ୍ରବେଶ କରିଛି।

୧୭

୦୨

## 'ନାଟୁ ନାଟୁ'କୁ ଓସ୍କାର ଆୱାର୍ଡ

୯୫ତମ ଓସ୍କାର ଆୱାର୍ଡ ହାତେଇଛି ପାନ୍ ଇଣ୍ଡିଆ ଫିଲ୍ମ 'ଆରଆରଆର୍'ର ନାଟୁ ନାଟୁ ଗୀତ। ଏହି ଗୀତକୁ ବେଷ୍ଟ ଅରିଜିନାଲ ସଙ୍ଗ୍ ବର୍ଗରେ ପୁରସ୍କୃତ କରାଯାଇଛି।



# ସ୍କୁଲ୍‌ରେ ପଶି କଟୁରି ଚୋଟ

## ୨ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଆହତ



ଆକ୍ରମଣକାରୀ ଯୁବକ କଟୁରି ଧରି ସ୍କୁଲ ପିଲାଙ୍କୁ ଗୋଡ଼ାଉଛନ୍ତି।

**କେନ୍ଦୁଝର,୧୩।୩(ସ୍ୱ.ପ୍ର.)**

କେନ୍ଦୁଝର ସଦର ବ୍ଲକ୍ ଦନାର୍ଦ୍ଦନପୁର ପଞ୍ଚାୟତ ଭାଲିଆଡ଼ିହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପଶି ଜଣେ ନିଶାସକ୍ତ ଯୁବକ ଉନ୍ମତ୍ତକାଣ୍ଡ ଭିଆଇଛନ୍ତି। ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଙ୍କୁ ହାଣିବାକୁ ଗୋଡ଼ାଇଥିବା ବେଳେ କଟୁରି ଆକ୍ରମଣରେ ୨ଜଣ ଶିଶୁଙ୍କ ସମେତ ଜଣେ ଶିକ୍ଷୟିତ୍ରୀ ଆହତ ହୋଇଛନ୍ତି। ଏନେଇ ପ୍ରଧାନ ଶିକ୍ଷୟିତ୍ରୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଯୁବକଙ୍କୁ ଅଟକ ରଖି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ସୋମବାର ମଧ୍ୟାହ୍ନ ୧୨ଟା ୪୫ରେ ସ୍କୁଲ ଚାଲିଥିବା ବେଳେ ଭାଲିଆଡ଼ିହି ଗ୍ରାମର ନାରଣ କାର୍ଜୀ ନାମକ ଯୁବକ ଏକ କଟୁରି ଧରି ସ୍କୁଲ ଭିତରେ ପ୍ରବେଶ କରିଥିଲେ। ଶିକ୍ଷୟିତ୍ରୀ ଝୁନୁ ବେହେରା ପଢ଼ାଉଥିବା ଶ୍ରେଣୀଗୃହରେ ପଶି ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର କରିଥିଲେ। ଛାତ୍ରୀଛାତ୍ର ଭୟରେ ଶ୍ରେଣୀ କକ୍ଷ ଛାଡ଼ି ଦୌଡ଼ି ପଳାଇଥିଲେ। ଯୁବକ ଛାତ୍ରୀଛାତ୍ରଙ୍କୁ ସ୍କୁଲ ହତାରେ ଗୋଡ଼ାଉଥିବା ବେଳେ ପ୍ରଥମ ଶ୍ରେଣୀର ଛାତ୍ରୀ ଶ୍ରୀମତୀ ଦେହୁରୀ ପଡ଼ିଯାଇଥିଲେ। ସେହି ସମୟରେ ନିଶାସକ୍ତ ଯୁବକ ତାଙ୍କ ପିଠିକୁ କଟୁରିରେ ଆକ୍ରମଣ କରିଥିଲେ। ଫଳରେ ଗଭୀର କ୍ଷତ ହୋଇ ରକ୍ତସ୍ରାବ ହୋଇଥିଲା। ତାଙ୍କୁ କାବୁ କରିବାକୁ ଉଦ୍ୟମ ବେଳେ ଶିକ୍ଷୟିତ୍ରୀ ବେହେରା ଆକ୍ରମଣର ଶିକାର ହୋଇଥିଲେ। ତୃତୀୟ ଶ୍ରେଣୀ ଛାତ୍ର ଅନିଲ ନାଏକଙ୍କୁ ମଧ୍ୟ ସେ ମାଡ଼ ମାରିବା ସହ କଟୁରିରେ ଆକ୍ରମଣ କରିଥିଲେ। ବିଦ୍ୟାଳୟର କେତେକ ସାମଗ୍ରୀ ଭାଙ୍ଗି ଦେଇଥିବା ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି। ☞ପୃଷ୍ଠା-୪

# କଫ ସିରପ୍ ନିଶାର ଲମ୍ବା ନେଟୱର୍କ

*କଫ ସିରପ୍‌ରେ ମିଶାଯାଉଥିବା କେତେକ କେମିକାଲ ଯୋଗୁ ଆଫ୍ରିକୀୟ ଦେଶ ଗାମ୍ବିଆ ସମେତ ପାନାମା, ଉଜ୍ବେକିସ୍ତାନରେ ବହୁ ଶିଶୁଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ଉଦ୍‌ବେଗ ପ୍ରକାଶ ପାଇଛି। ଉକ୍ତ କଫ ସିରପ୍ ଭାରତର କେତେକ ଫାର୍ମା କମ୍ପାନୀ ଦ୍ୱାରା ପ୍ରସ୍ତୁତ ହୋଇଥିବାରୁ ଚିନ୍ତା ବଢ଼ିଛି। ହେଲେ ଓଡ଼ିଶାରେ କେତେକ କଫ ସିରପ୍‌ର ବ୍ୟାପକ ବେଆଇନ କାରବାର ଚାଲିଛି। ଏହାର କାରଣ ହେଲା ଏଥିରେ ଥିବା ନିଶା। ଅନେକେ ଏହାକୁ ନିଶା ଭାବେ ପିଉଛନ୍ତି। ଶସ୍ତାରେ ଏବଂ ସହଜରେ ଉପଲବ୍ଧ ହେଉଥିବା ଏହି ନିଶା ପାଇଁ ଆନ୍ତଃରାଜ୍ୟ ରାକେଟ୍ କାର୍ଯ୍ୟ କରୁଛି। ଏହାକୁ ନେଇ ବଡ଼ ଧରପଗଡ଼ କରାଯାଇ ୩୭ଜଣଙ୍କୁ ଗିରଫ କରାଯାଇଛି।*





ଜବତ କଫ ସିରପ୍ ସହ ଏସ୍‌ପି ନୀତିନ କୁଶଲକର ଓ ସ୍କ୍ୱାଡ୍ ସଦସ୍ୟ।

**ବଲାଙ୍ଗୀର ଅଫିସ, ୧୩।୩**

ଏକ ବଡ଼ଧରଣର ଆଣ୍ଟିଡ୍ରଗ୍ସ ଅପରେଶନ୍ ବଳରେ ବଲାଙ୍ଗୀର ପୋଲିସ ଆନ୍ତଃ ରାଜ୍ୟ କଫ ସିରପ୍ ନେଟୱର୍କକୁ ଭେଦ କରିଛି। ଏହି ଆନ୍ତଃରାଜ୍ୟ ଡ୍ରଗ୍ସ କାରବାର ସୁଦୂର ହିମାଚଳପ୍ରଦେଶ, ହରିୟାଣା ଏବଂ ପଶ୍ଚିମବଙ୍ଗରୁ ଓଡ଼ିଶାକୁ ଲମ୍ବିଛି। ବଲାଙ୍ଗୀର ଏସ୍‌ପି ନୀତିନ କୁଶଲକରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି ଆନ୍ତଃ ରାଜ୍ୟ ଆଣ୍ଟିଡ୍ରଗ୍ସ ଅପରେଶନ୍ ଟିମ୍ ପ୍ରଥମ ଦଫାରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୨ହଜାର ୯୬୦ବୋତଲ କଫ ସିରପ୍ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୪୦ଲକ୍ଷ ଟଙ୍କା ହେବ। ଏହାସହିତ ବେଆଇନ କଫ ସିରପ୍ କାରାବାରରେ ସମ୍ପୃକ୍ତ ୩୭ଜଣଙ୍କୁ ଏକକାଳୀନ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଉତ୍ତରପ୍ରଦେଶର ୨ଜଣ, କଟକ ଜିଲାର ୫, ବରଗଡ଼ ଜିଲାର ୬ ଏବଂ ବଲାଙ୍ଗୀର ଜିଲାର ୨୪ ଜଣ ରହିଛନ୍ତି। ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ବନ୍ଧୁକ, ଦୁଇଟି ଖଣ୍ଡା, ସୁନାଚେନ୍, ୧୭ଟି ମୋବାଇଲ ଫୋନ୍, ଗୋଟିଏ ଏକ୍ସୟୁଭି ୭୦୦ ବ୍ରାଣ୍ଡର ଗାଡ଼ି, ତିନୋଟି ପିକ୍‌ଅପ ଭ୍ୟାନ୍, ଦୁଇଟି ବାଇକ ଓ ୭୫୦୦

**■ ୪୦ଲକ୍ଷ ଟଙ୍କାର କଫ ସିରପ୍ ଜବତ, ୩୭ ଗିରଫ**

**■ ହିମାଚଳ ପ୍ରଦେଶ, ହରିୟାଣା, ପଶ୍ଚିମବଙ୍ଗରୁ ଲମ୍ବିଛି କାରବାର**

**■ ଡାଫୋଡିଲ୍ସ ଡ୍ରଗ୍ସ କମ୍ପାନୀର ଆକାଉଣ୍ଟ ବାଜ୍ୟାପ୍ତି**

ନଗଦ ଟଙ୍କା ଜବତ କରାଯାଇଛି। କୋଲକାତାରୁ ଏସ୍‌କଫ ବ୍ରାଣ୍ଡର କଫ ସିରପ୍ ଯୋଗାଣକାରୀ କମ୍ପାନୀ ମେସର୍ସ ଡାଫୋଡିଲ୍ସ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଅର୍ଥକରୀ ଫସଲ ଅଫିମ**

**ସାମ୍ବିଧାନିକ ପୀଠରେ ହେବ ସମଲିଙ୍ଗୀ ବିବାହ ଆବେଦନର ଶୁଣାଣି** ପୃଷ୍ଠା-୧୨










# ନାଟୁ ନାଟୁକୁ ଓସ୍କାର ଆୱାର୍ଡ

## ଶ୍ରେଷ୍ଠ ବୃତ୍ତଚିତ୍ର ଭାବେ 'ଏଲିଫାଣ୍ଟ ହ୍ୱିସ୍ପରର୍ସ' ପୁରସ୍କୃତ

### ଇତିହାସ ରଚିଲା ଆର୍‌ଆର୍‌ଆର୍



ସଙ୍ଗୀତ ସଂଯୋଜକ ଏମ୍.ଏମ୍. କିରାବନି ଓ ଗୀତିକାର ଚନ୍ଦ୍ରବୋଷ ମଞ୍ଚରେ ପୁରସ୍କାର ଗ୍ରହଣ କରୁଛନ୍ତି।



ଓସ୍କାର ପାଇଥିବା କ୍ଷୁଦ୍ର ବୃତ୍ତ ଚିତ୍ର 'ଦି ଏଲିଫାଣ୍ଟ ହ୍ୱିସ୍ପରର୍ସ'।

ଲସ୍‌ଏଞ୍ଜେଲ୍ସ, ୧୩।୩

ଓସ୍କାର ହାତେଇଛି ପାନ୍ ଇଣ୍ଡିଆ ଫିଲ୍ମ 'ଆରଆର୍‌ଆର୍'ର 'ନାଟୁ ନାଟୁ' ଗୀତ। ମନୋରଞ୍ଜନ ଜଗତର ସବୁଠାରୁ ଶ୍ରେଷ୍ଠ ପୁରସ୍କାର ଓସ୍କାର ଦ୍ୱାରା ସମ୍ମାନିତ ହେବାରେ 'ନାଟୁ ନାଟୁ' ପ୍ରଥମ ଭାରତୀୟ ଚଳଚ୍ଚିତ୍ର ସଙ୍ଗୀତ। ଗୀତକୁ ବେଷ୍ଟ ଅରିଜିନାଲ ସଙ୍ଗ୍ (ଶ୍ରେଷ୍ଠ ମୂଳ ସଙ୍ଗୀତ) ବର୍ଗରେ ପୁରସ୍କୃତ କରାଯାଇଛି। ରବିବାର ଲସ୍‌ଏଞ୍ଜେଲ୍ସଠାରେ ଆୟୋଜିତ ୯୫ତମ ଓସ୍କାର ସମାରୋହରେ ସଙ୍ଗୀତ ସଂଯୋଜକ ଏମ୍.ଏମ୍. କିରାବନି ଏବଂ ଗୀତିକାର ଚନ୍ଦ୍ରବୋଷ ମଞ୍ଚରେ ପୁରସ୍କାର ଗ୍ରହଣ କରିଥିଲେ। ଲେଡି ଗାଗାଙ୍କ 'ହୋଲ୍ଡ ମାଇଁ ହାଣ୍ଡ୍', ରିହାନାଙ୍କ 'ଲିଫ୍ଟ ମି ଅପ୍' ଏବଂ 'ଦିସ୍ ଇଜ୍ ଲାଇଫ୍'କୁ ପଛରେ ପକାଇ ଓସ୍କାର ହାତେଇବାରେ ସଫଳ ହୋଇଛି ନାଟୁ ନାଟୁ। ଏହି ଅବସରରେ କିରାବନି କହିଛନ୍ତି, 'ଦ କାର୍ପେଣ୍ଟର୍ସ' (ଆମେରିକୀୟ ଲଘୁ ସଙ୍ଗୀତ) ଶୁଣି ବଡ଼ ହୋଇଛନ୍ତି। ଏବେ ତାଙ୍କ ହାତରେ ଓସ୍କାର। ଆର୍‌ଆର୍‌ଆର୍ ଓସ୍କାର ଜିତୁ ବୋଲି ଆମେ ଚାହୁଁଥିଲୁ। ଏହା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗୌରବର ମୁହୂର୍ତ୍ତ ଆଣିଦେଇଛି ବୋଲି କିରାବନି କହିଛନ୍ତି।

ସମାରୋହରେ ନାଟୁନାଟୁର ଗାୟକ ରାହୁଲ ସିପଲିଗୁଞ୍ଜ ଏବଂ କାଲା ଭୈରବ ଓସ୍କାର ମଞ୍ଚରେ ନାଟୁ ନାଟୁ ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ପର୍ଫରମାନ୍ସ ପରେ ସେଠାରେ ଉପସ୍ଥିତ ଅତିଥି ଓ କଳାକାରମାନେ ଛିଡ଼ା ହୋଇ ସମ୍ମାନ ଜଣାଇଥିଲେ। ସେହିପରି ଶ୍ରେଷ୍ଠ ବୃତ୍ତଚିତ୍ର ଭାବେ 'ଏଲିଫାଣ୍ଟ ହ୍ୱିସ୍ପରର୍ସ'କୁ ପୁରସ୍କୃତ କରାଯାଇଛି। କାର୍ତ୍ତିକି ଗୋନସାଲ୍‌ଭେସ ଏବଂ ଗୁନୀତ ମୋଙ୍ଗାଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ଏହି ଡକ୍ୟୁମେଣ୍ଟାରି ଶର୍ଟଫିଲ୍ମ ମଣିଷ ଓ ପ୍ରକୃତି ମଧ୍ୟରେ ଥିବା ପବିତ୍ର ସମ୍ପର୍କକୁ ଦର୍ଶାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫିଲ୍ମ ଆର୍‌ଆର୍‌ଆର୍ ଏବଂ ଏଲିଫାଣ୍ଟ ହ୍ୱିସ୍ପରର୍ସର ପ୍ରତ୍ୟେକ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇ ଏହି ବିଜୟ ଦେଶବାସୀଙ୍କୁ ଗୌରବାନ୍ୱିତ କରିଛି ବୋଲି କହିଛନ୍ତି। ଟୁଇଟ୍ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଏହା ଅସାଧାରଣ। ଭାରତର ପ୍ରଥମ ଚଳଚ୍ଚିତ୍ର ସଙ୍ଗୀତ ନାଟୁନାଟୁ ଓସ୍କାର ଜିତିଛି। ଆଗାମୀ ଦିନରେ ଲୋକେ ଏହି ଗୀତକୁ ମନେରଖିବେ। ତେବେ ବିଭିନ୍ନ ମହଲରୁ ଏସ୍.ଏସ୍. ରାଜାମୌଲିଙ୍କ ଦ୍ୱାରା ନିର୍ଦ୍ଦେଶିତ ଆର୍‌ଆର୍‌ଆର୍ ଫିଲ୍ମକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଏହାପୂର୍ବରୁ ନାଟୁନାଟୁକୁ ଶ୍ରେଷ୍ଠ ଅରିଜିନାଲ ସଙ୍ଗ୍ ବର୍ଗରେ ଗୋଲ୍ଡେନ୍ ଗ୍ଲୋବ୍ ଆୱାର୍ଡ ମିଳିଥିଲା।



## ଦୀପିକାଙ୍କୁ କଙ୍ଗନାଙ୍କ ପ୍ରଶଂସା

ମୁମ୍ବାଇ

ଆମେରିକାର ଡଲ୍‌ବି ଥିଏଟରରେ ୯୫ତମ ଓସ୍କାର ଚଳଚ୍ଚିତ୍ର ପୁରସ୍କାର ସମାରୋହରେ ପ୍ରଥମ ଭାରତୀୟ ଅଭିନେତ୍ରୀ ଭାବେ ଦୀପିକା ପାଦୁକୋନ୍ ଉପସ୍ଥାପିକା ଭାବେ ପ୍ରତିନିଧିତ୍ୱ କରିଥିଲେ, ଯାହା ଦେଶ ପାଇଁ ଏକ ଗର୍ବ ଓ ଗୌରବର ବିଷୟ। ଏଥିସହ ଭାରତୀୟ ୨ ଚଳଚ୍ଚିତ୍ର ଓସ୍କାର ବିଜୟୀ ହେବା ବିଶ୍ୱ ଦରବାରରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଦୀପିକା ଓସ୍କାର ମଞ୍ଚରେ ଦେଶକୁ ପ୍ରତିନିଧିତ୍ୱ କରୁଥିବାବେଳେ ସେ ସମସ୍ତ ହୃଦୟ ଜିଣିବାରେ ସକ୍ଷମ ହୋଇଥିଲେ। ସବୁବେଳେ ବଲିଉଡ୍ କଳାକାରଙ୍କୁ ଟାର୍ଗେଟ୍ କରୁଥିବା ଅଭିନେତ୍ରୀ କଙ୍ଗନା ରଣାୱତ୍ ଦୀପିକାଙ୍କ ପ୍ରତିନିଧିତ୍ୱକୁ ଟୁଇଟ୍ ମାଧ୍ୟମରେ ପ୍ରଶଂସା କରିଛନ୍ତି। ସେ ଓସ୍କାର ମଞ୍ଚରୁ ଦୀପିକାଙ୍କ ଭାଷଣର ଏକ ଭିଡିଓ କ୍ଲିପ୍‌କୁ ଶେୟାର କରି ଏକ ଭିନ୍ନ ଅନ୍ଦାଜରେ ତାଙ୍କୁ ପ୍ରଶଂସା କରିଛନ୍ତି। ସେ ଲେଖିଛନ୍ତି, ଦୀପିକା ଏହି ବେଶରେ ବହୁତ ସୁନ୍ଦର ଦେଖାଯାଉଛନ୍ତି। ସମଗ୍ର ଦେଶକୁ ଏକାଠି ଧରି ସେଠାରେ ଠିଆହେବା ସମସ୍ତଙ୍କ ପକ୍ଷେ ସହଜ ନୁହେଁ। ଦୀପିକା ନିଜକୁ ସେଠାରେ ଠିଆ କରାଇ ଭାରତୀୟ ମହିଳାମାନେ ସବୁଠୁ ଶ୍ରେଷ୍ଠ ବୋଲି ପ୍ରମାଣ କରିଛନ୍ତି। ଏଥିସହ ତାଙ୍କୁ ଅନେକ ଅଭିନେତ୍ରୀ ଓ ଅଭିନେତା ପ୍ରଶଂସା କରିଛନ୍ତି। ତେବେ ପୂର୍ବରୁ ଦୀପିକା ଏକମାତ୍ର ଅଭିନେତ୍ରୀ ଭାବେ କାତାରରେ ଆୟୋଜିତ ହୋଇଥିବା ଫୁଟବଲ୍ ମ୍ୟାଚର ଟ୍ରଫି ଉନ୍ମୋଚନ କରି ଭାରତର ନାମ ରଖିଥିଲେ। ଏଥିସହ ପ୍ୟାରିସ୍ ଫ୍ୟାଶନ୍ ୱିକ୍‌ରେ ମଧ୍ୟ ସେ ଯୋଗଦେଇଥିବାବେଳେ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଜୁରି ମେମ୍ବର ଭାବେ ଉପସ୍ଥିତ ଥିଲେ।

## 'ନାଟୁ ନାଟୁ' ଗୀତର ଲାଇଭ୍ ପରଫର୍ମାନ୍ସକୁ ଷ୍ଟାଣ୍ଡିଂ ଓବେଶନ୍



ଓସ୍କାର ମଞ୍ଚରେ ନାଟୁ ନାଟୁ ଗୀତରେ ଗାୟକମାନେ ଡ୍ୟାନ୍ସ କରୁଛନ୍ତି।

**ଲସ୍‌ଏଞ୍ଜେଲ୍ସ:** ଆମେରିକାର ଲସ୍‌ଏଞ୍ଜେଲ୍‌ସର ଡଲ୍‌ବି ଥିଏଟରରେ ୯୫ତମ ଓସ୍କାର ଚଳଚ୍ଚିତ୍ର ପୁରସ୍କାର ସମାରୋହ ଆରମ୍ଭ ହୋଇଯାଇଛି। ଏହି ଚଳଚ୍ଚିତ୍ର ପୁରସ୍କାର ସମାରୋହରେ ଭାରତ ଇତିହାସ ସୃଷ୍ଟି କରିଛି। ଏସ୍‌ଏସ୍ ରାଜମୌଲିଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଆର୍‌ଆର୍‌ଆର୍'ର ନାଟୁ ନାଟୁ ଶ୍ରେଷ୍ଠ ଅରିଜିନାଲ ଗୀତ ବର୍ଗରେ ପୁରସ୍କୃତ ହୋଇଛି। ଏହି ଗୀତ ପ୍ରଥମ ଭାରତୀୟ ସଙ୍ଗୀତ ଏବଂ 'ଆର୍‌ଆର୍‌ଆର୍' ପ୍ରଥମ ଭାରତୀୟ ଫିଲ୍ମ ଭାବେ ଓସ୍କାର ଷ୍ଟେଜ୍‌ରେ ପୁରସ୍କୃତ ହୋଇଛି। ବ୍ରିଟିଶ୍ ସରକାରଙ୍କ କବଳରେ ଫସିଥିବା ଜଣେ ଛୋଟ ଝିଅକୁ ବଞ୍ଚାଇବାକୁ ଯାଇ ଜୁନିୟର ଏନ୍‌ଟିଆର୍ ଏବଂ ରାମଚରଣଙ୍କ ମଧ୍ୟରେ ବନ୍ଧୁତା ପରେ ରାମଚରଣ ବ୍ରିଟିଶ ସରକାରଙ୍କ ଚାପରେ ଆସି ସାଙ୍ଗକୁ ଧୋକା ଦେଇଥିଲେ। ପରେ ଛୋଟ ଝିଅକୁ ସାଙ୍ଗ ସହ ମିଳି ଉଦ୍ଧାର କରିଥିଲେ। ଅନ୍ୟପଟେ ନିଜ ଗ୍ରାମକୁ ବ୍ରିଟିଶ ସରକାରଙ୍କ କବଳରୁ ଉଦ୍ଧାର କରିବାକୁ ଜୁନିୟର ଏନ୍‌ଟିଆର୍ ତାଙ୍କ ବାପାଙ୍କୁ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିଥିବା ସେଥିରେ ଦର୍ଶାଯାଇଛି। ଅନ୍ୟପଟେ ଡକ୍ୟୁମେଣ୍ଟାରି ଶର୍ଟ ଫିଲ୍ମ ବର୍ଗରେ ୩୯ ମିନିଟ୍‌ର ଭାରତୀୟ କ୍ଷୁଦ୍ର ଚଳଚ୍ଚିତ୍ର 'ଏଲିଫ୍ୟାଣ୍ଟ ହୁଇସ୍‌ପରର୍ସ' ଓସ୍କାର ବିଜୟୀ ହୋଇଛି। ଏହାର ନିର୍ଦ୍ଦେଶନା ଦେଇଥିବା କାର୍ତ୍ତିକି ଗୋନସାଲଭେସ୍ ଏବଂ ଗୁନିତ୍ ମୁଙ୍ଗା ପୁରସ୍କାର ଗ୍ରହଣ କରିଥିଲେ। ଜଙ୍ଗଲରେ ଏକ ପରିତ୍ୟକ୍ତ ହାତୀ ଶାବକ ଓ ଏକ ଦମ୍ପତିଙ୍କ ମଧ୍ୟରେ ଗଢ଼ି ଉଠିଥିବା ସମ୍ପର୍କକୁ ନେଇ ଏକ କ୍ଷୁଦ୍ର ଚଳଚ୍ଚିତ୍ର ତାମିଲ ଭାଷାରେ ନିର୍ମିତ ହୋଇଥିଲା। ସେଥିରେ ଭାରତୀୟ ଜଙ୍ଗଲର ମନୋରମ ପରିବେଶ ଓ ପ୍ରକୃତିର ସୌନ୍ଦର୍ଯ୍ୟତାକୁ ସୁନ୍ଦର ଭାବେ ଚିତ୍ରଣ କରାଯାଇଛି। ତେବେ ଫିଲ୍ମ 'ଆର୍‌ଆର୍‌ଆର୍'ର ନାଟୁ ନାଟୁ ଗୀତକୁ ନେଇ ଓସ୍କାର ପୁରସ୍କାର ସମାରୋହରେ ଉତ୍ସାହ ଦେଖିବାକୁ ମିଳିଥିଲା। ଅଭିନେତା ରାମଚରଣ ଓ ଜୁନିୟର ଏନ୍‌ଟିଆର୍ ଦୁହେ ଭାବବିହ୍ୱଳ ହୋଇ ଦୁହିଁଙ୍କୁ କୁଣ୍ଢାଇଥିଲେ। ପରେ ଗାୟକମାନେ ସେହି ଗୀତର ଲାଇଭ୍ ପରଫର୍ମାନ୍ସ କରି ଦର୍ଶକଙ୍କୁ ବିଭୋର କରିଥିଲେ। ଏଥିରେ ଦର୍ଶକ ଆନନ୍ଦିତ ହେବାସହ ଠିଆହୋଇ କରତାଳିରେ ସମ୍ବର୍ଦ୍ଧନା ଦେଇଥିଲେ। ଏହି ପୁରସ୍କାର ଘୋଷଣା ସମୟରେ ଉପସ୍ଥାପିକା ଦୀପିକା ପାଦୁକୋନ ଖୁସିରେ କାନ୍ଦି ପକାଇଥିଲେ। ଶ୍ରେଷ୍ଠ ଅଭିନେତ୍ରୀ ଭାବେ ମିଶେଲ ୟେଓ, ଶ୍ରେଷ୍ଠ ଅଭିନେତା ଭାବେ ବ୍ରେଣ୍ଡନ ଫ୍ରାସର, ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ଭାବେ ଜେମି ଲି କର୍ଟିସ୍, ଶ୍ରେଷ୍ଠ ସହାୟକ ଅଭିନେତା ଭାବେ କେ ହ୍ୟୁ କ୍ୱାନ୍, ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଡାନିଏଲ୍ କ୍ୱାନ ଏବଂ ଡାନିଏଲ୍ ସିନେରେଟ୍, ଶ୍ରେଷ୍ଠ ଆନିମେଟେଡ୍ ଫିଚର ଫିଲ୍ମ ଭାବେ ଗୁଇଲେରମୋ ଡେଲ ତୋରୋସ୍ ପିନୋଚିଓ, ଶ୍ରେଷ୍ଠ ସିନେମାଟୋଗ୍ରାଫି ଏବଂ ଶ୍ରେଷ୍ଠ ଅନ୍ତର୍ଜାତୀୟ ଫିଚର ଫିଲ୍ମ ଏବଂ ଶ୍ରେଷ୍ଠ ପ୍ରଡକ୍ସନ ଡିଜାଇନ୍ ଭାବେ ଅଲ୍ କୁଇଟ୍ ଅନ୍ ଦି ୱେଷ୍ଟର୍ନ ଫ୍ରଣ୍ଟ, ଶ୍ରେଷ୍ଠ ଡକ୍ୟୁମେଣ୍ଟାରି ଫିଚର ଫିଲ୍ମ ଭାବେ ନାଭାଲନିକୁ ପୁରସ୍କୃତ କରାଯାଇଛି। ତେବେ କଷ୍ଟମ ଡିଜାଇନର ଭାନୁ ଆଥିଆ, କମ୍ପୋଜର ଏଆର୍ ରେହମାନ୍, ଲିରିସିଷ୍ଟ ଗୁଲଜାର, ସାଉଣ୍ଡ ଇଞ୍ଜିନିୟର ରିସୁଲ ପୋକୁଟି ଏବଂ ଲିଜେଣ୍ଡାରି ଫିଲ୍ମ ମେକର ସତ୍ୟଜିତ୍ ରାୟ ଭାରତୀୟ ଭାବେ ପୂର୍ବରୁ ଓସ୍କାର ପୁରସ୍କାର ଜିଣିଛନ୍ତି।



ଡକ୍ୟୁମେଣ୍ଟାରି ଶର୍ଟ ଫିଲ୍ମ 'ଏଲିଫ୍ୟାଣ୍ଟ ହୁଇସ୍‌ପର୍ସ'ର ନିର୍ଦ୍ଦେଶିକା କାର୍ତ୍ତିକି ଗୋନସାଲଭେସ୍ ଏବଂ ଗୁନିତ୍ ମୁଙ୍ଗା ଓସ୍କାର ପୁରସ୍କାର ଗ୍ରହଣ କରୁଛନ୍ତି।



(ଫିଲ୍ମ- ଦ ହ୍ୱେଲ୍) ଶ୍ରେଷ୍ଠ ଅଭିନେତା- ବ୍ରେଣ୍ଡନ୍ ଫ୍ରାସର



(ଫିଲ୍ମ-ଏଭ୍ରିଥିଙ୍ଗ୍ ଏଭ୍ରିହୋୟାର ଅଲ୍ ଆଟ୍ ୱାନ୍ସ) ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ-ଜେମି ଲି କର୍ଟିସ୍



(ଫିଲ୍ମ-ଅଲ୍ କ୍ୱେଟ୍ ଅନ୍ ଦି ୱେଷ୍ଟର୍ନ ଫ୍ରଣ୍ଟ) ଶ୍ରେଷ୍ଠ ସିନେମାଟୋଗ୍ରାଫି ଆୱାର୍ଡ-ଜେମ୍‌ସ ଫ୍ରେଣ୍ଡ୍



(ଫିଲ୍ମ-ଏଭ୍ରିଥିଙ୍ଗ୍ ଏଭ୍ରିହୋୟାର ଅଲ୍ ଆଟ୍ ୱାନ୍ସ) ଶ୍ରେଷ୍ଠ ଅଭିନେତ୍ରୀ- ମିଶେଲ ୟେଓ

**ପ୍ରଚଣ୍ଡ ଶବ୍ଦ ଯୋଗୁ ଲୋକେ ଭୟଭୀତ**

**ଭଦ୍ରକ ଅଫିସ/ବାଲେଶ୍ୱର ଅଫିସ:** ସୋମବାର ପ୍ରାୟ ପୂର୍ବାହ୍ନ ୧୧ଟା ବେଳେ ଆକାଶ ମାର୍ଗରେ ବିସ୍ଫୋରଣ ହେବା ପରି ପ୍ରଚଣ୍ଡ ଶବ୍ଦ ଶୁଭିଥିଲା। ଏହି ଶବ୍ଦରେ ଘରର କବାଟ ଝରକା ଥରି ଉଠିଥିଲା। କେଉଁଠୁ ଏବଂ କି ପ୍ରକାର ଶବ୍ଦ ଜାଣି ନ ପାରି କିଛି ସମୟ ପାଇଁ ଲୋକେ ଭୟଭୀତ ହୋଇଥିଲେ। ଭଦ୍ରକ ସମେତ ପଡ଼ୋଶୀ କେନ୍ଦୁଝର ଓ ବାଲେଶ୍ୱର ଜିଲାକୁ ଏହି ଶବ୍ଦ ଶୁଭିଥିବା ଜଣାପଡ଼ିଛି। ବାଲେଶ୍ୱରର ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି କିମ୍ବା ଭଦ୍ରକର ହୁଇଲର୍ ଦ୍ୱୀପରୁ କୌଣସି କ୍ଷେପଣାସ୍ତ୍ର ଆକାଶମାର୍ଗକୁ ନିକ୍ଷେପ କରାଯାଇଥିବା ଲୋକଙ୍କ ଭିତରେ ଚର୍ଚ୍ଚା ହେଉଥିଲେ ମଧ ଶବ୍ଦ କେଉଁଠୁ ଆସିଲା ତା'ର ପ୍ରକୃତ କାରଣ ଜଣାପଡ଼ି ନାହିଁ। ଏନେଇ ବର୍ତ୍ତମାନ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି ସୂଚନା ମିଳିପାରି ନାହିଁ।

# ବାରାକ୍‌ରେ କନ୍‌ଷ୍ଟେବଲ୍‌ଙ୍କ ଆତ୍ମହତ୍ୟା



ଫୁଲବାଣୀ ଅଫିସ/ ଟିକାବାଲି, ୧୩।୩: କନ୍ଧମାଳ ଜିଲା ଟିକାବାଲି ଥାନାରେ କାର୍ଯ୍ୟରତ ଜଣେ କନ୍‌ଷ୍ଟେବଲ ସୋମବାର ବାରାକ୍‌ରେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଫୁଲବାଣୀ ସହର ଡାକାପାଲାର ଶ୍ରୀନିବାସନ ଘଟାଲ। ପୂର୍ବାହ୍ନ ୧୦ଟାରେ ଥାନାରେ ଶ୍ରୀନିବାସନଙ୍କ ସେଣ୍ଟ୍ରି ଡ୍ୟୁଟି ଥିଲା। ସମୟ ଅନୁସାରେ ସେ କାର୍ଯ୍ୟରେ ଆସି ଯୋଗ ନ ଦେବାରୁ ତାଙ୍କୁ ଡାକିବା ପାଇଁ ଜଣେ ଥାନା କର୍ମଚାରୀ ବାରାକ୍ ଭିତରକୁ ଯାଇଥିଲେ। କ୍ୱାର୍ଟର୍ସ ପାଖରେ ପହଞ୍ଚିଲା ବେଳକୁ ବେକରେ ରଶି ଲଗାଇ ଝୁଲନ୍ତା ଅବସ୍ଥାରେ ଶ୍ରୀନିବାସନଙ୍କୁ ଦେଖିଥିଲେ। ଏ ନେଇ କର୍ମଚାରୀ ଜଣକ ଥାନାଧିକାରୀଙ୍କୁ ଅବଗତ କରିଥିଲେ। ଥାନାଧିକାରୀ କଲ୍ୟାଣୀମୟୀ ଷଣ୍ଢ ସଙ୍ଗେ ସଙ୍ଗେ ଜି.ଉଦୟଗିରି ଏସ୍‌ଡିପିଓ ତିରୁପତି ରାଓ ପଟ୍ଟନାୟକଙ୍କୁ ଜଣାଇଥିଲେ। ଉଭୟ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ପରେ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏ ନେଇ ଥାନାରେ ନଂ. ୧/୨୩ରେ ମାମଲା ରୁଜୁ ହୋଇଛି। ଶ୍ରୀନିବାସନ କିଛି ଦିନ ହେଲା ମାନସିକ ଦୁଶ୍ଚିନ୍ତାରେ ଥିଲେ। ପ୍ରାୟ ୬ ମାସ ହେବ ମାନସିକ ଡାକ୍ତରଙ୍କ ପାଖରେ ଚିକିତ୍ସିତ ହୋଇ ଔଷଧ ଖାଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଜି.ଉଦୟଗିରି ଏସ୍‌ଡିପିଓ ପଟ୍ଟନାୟକ କହିଛନ୍ତି। କିନ୍ତୁ ସେ କେଉଁ ପରିସ୍ଥିତିରେ ଆତ୍ମହତ୍ୟା କରିଛନ୍ତି, ତାହା ତଦନ୍ତ ପରେ ଜଣାପଡିବ ବୋଲି ଥାନାଧିକାରୀ ଷଣ୍ଢ ପ୍ରକାଶ କରିଛନ୍ତି।

# ସତର୍କ ରହିବାକୁ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ

**ଏଚ୍‌୩ଏନ୍‌୨ ସହ କରୋନା ସଂକ୍ରମଣ ବଢୁଛି**

- କିଡ୍‌ନୀ, ହାର୍ଟ ଓ ଶ୍ୱାସ ରୋଗୀ ଅଧିକ ପ୍ରଭାବିତ ହେବା ଆଶଙ୍କା

ଭୁବନେଶ୍ୱର, ୧୩।୩(ବ୍ୟୁରୋ) ରାଜ୍ୟରେ ଚିନ୍ତା ବଢ଼ାଉଛି ଏଚ୍‌୩ଏନ୍‌୨ ଇନ୍‌ଫ୍ଲୁଏଞ୍ଜା। କେନ୍ଦ୍ର ସରକାରଙ୍କ ସତର୍କତା ପରେ ରାଜ୍ୟ ସରକାର ତତ୍ପରତା ଦେଖାଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକଙ୍କୁ ଚିଠି ଲେଖି ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦେଇଛି। ସର୍ଭିଲାନ୍ସ ବଢ଼ାଇବା ସହ ଔଷଧ, ଅକ୍ସିଜେନ ଓ ଆଇସିୟୁ ସ୍ଥିତି ନିୟମିତ ଅନୁଧ୍ୟାନ କରିବାକୁ କୁହାଯାଇଛି। ଇନ୍‌ଫ୍ଲୁଏଞ୍ଜାର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ। ଜ୍ୱର, ଥଣ୍ଡା, କାଶ କିଛିଦିନ ରହିବ। ଏହାପରେ ଆପେ ଆପେ ଭଲ ହୋଇପାରେ। କିନ୍ତୁ କିଡ୍‌ନୀ, ହାର୍ଟ ଓ ଶ୍ୱାସ ରୋଗୀ ଏଥିରେ ଗୁରୁତର ହୋଇପାରନ୍ତି। ତେଣୁ ଲକ୍ଷଣ ଥିଲେ ନିଜକୁ ଆଇସୋଲେଟ୍ କରିବା ସହ ମାସ୍କ ପିନ୍ଧିବା ଓ ହାତ ଧୋଇବାକୁ ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି। ରୋଗ ଭଲ ନ ହେଲେ ଡାକ୍ତରଙ୍କ ପରାମର୍ଶ ନେଇ ହସ୍ପିଟାଲରେ ଆଡ୍‌ମିଟ୍ ହେବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଏଚ୍‌୩ଏନ୍‌୨ ଭୂତାଣୁର ଭୟ ଲୋକଙ୍କ ମଧ୍ୟରେ ଥିବା ବେଳେ ସେପଟେ ଦେଶରେ ପୁଣି କରୋନା ଭୟ ଘାରିଲାଣି। ୧୧୩ ଦିନ ପରେ ଦେଶରେ ପୁଣିଥରେ ୫୦୦ ଟପିଛି ଦୈନିକ କରୋନା ସଂକ୍ରମଣ। ତେଣୁ କୋଭିଡ୍ ନିୟମ ପାଳନ କରିବା ସହିତ ଥଣ୍ଡା, କାଶ ଥିଲେ କୋଭିଡ୍ ଟେଷ୍ଟ କରିବାକୁ ମଧ ସ୍ୱାସ୍ଥ୍ୟ ବିଭାଗ ଜନସାଧାରଣଙ୍କୁ ପରାମର୍ଶ ଦେଇଛି।

# ଗରମ ଡାଲି ପଡ଼ି ସେବାଶ୍ରମ ସ୍କୁଲ ଛାତ୍ର ମୃତ

ଟେନ୍‌ସା, ୧୩।୩(ଡି.ଏନ୍.ଏ.)

ଚୁଲିରୁ ଓହ୍ଲାଇବାବେଳେ ଗରମ ଡାଲି ଦେହରେ ପଡ଼ିଯାଇ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକ ଅନ୍ତର୍ଗତ ଡେଙ୍ଗୁଳା ସେବାଶ୍ରମ ସ୍କୁଲ ହଷ୍ଟେଲରେ ରହୁଥିବା ଅଷ୍ଟମ ଶ୍ରେଣୀ ଛାତ୍ର ଜିଲେଟ ହୋନହାଗା (୧୪)। ତାଙ୍କ ଘର ଝାଡ଼ଖଣ୍ଡ ମନୋହରପୁର ଅଞ୍ଚଳରେ। କୋଇଡ଼ା ବ୍ଲକ ସାନଇନ୍ଦୁପୁର ଓରାଘାଟ ଅଞ୍ଚଳରେ ତାଙ୍କ ବନ୍ଧୁଙ୍କ ଘର ହୋଇଥିବାରୁ ସେ ଡେଙ୍ଗୁଳା ସେବାଶ୍ରମ ସ୍କୁଲ ହଷ୍ଟେଲରେ ରହୁଥିଲେ। ତାଙ୍କର ମୃତ୍ୟୁ ଖବର ଜଣାପଡ଼ିବା ପରେ ସୋମବାର କୋଇଡ଼ା ବିଡିଓ ପଲ୍ଲବୀରାଣୀ ରାଜ୍, ତହସିଲଦାର ଡି. ଶୁଭଦର୍ଶୀ ଯୋଶୀ, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ ସମ୍ପୃକ୍ତ ସେବାଶ୍ରମ ସ୍କୁଲକୁ ଯାଇ ତଦନ୍ତ କରିଥିଲେ। ଛାତ୍ରମାନଙ୍କୁ ବିଭିନ୍ନ କଥା ପଚାରି ବୁଝିଥିଲେ। ଛାତ୍ରମାନଙ୍କୁ ଝାଡ଼ୁମାରିବା, ରୋଷେଇ କରିବାକୁ କୁହାଯାଏ ବୋଲି ସେମାନେ ବିଡିଓ, ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ।

ଗତ ୬ ତାରିଖରେ ଜିଲେଟ ଚୁଲିରୁ ଡାଲି ଓହ୍ଲାଉଥିବାବେଳେ ତାଙ୍କ ହାତରୁ ଡାଲି ହୋଇଯାଇଥିଲା। ଫଳରେ ଗରମ ଡାଲି ତାଙ୍କ ଦେହରେ ଢାଳି ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ କୋଇଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ଅବସ୍ଥା ଅଧିକ ଗୁରୁତର ହେବାରୁ ୭ରେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରବିବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ରାଉରକେଲା ସରକାରୀ ଡାକ୍ତରଖାନା ତରଫରୁ ସୂଚନା ଦିଆଯିବା ପରେ ରାଉରକେଲା ରଘୁନାଥପାଲି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୭/୨୦୨୩) ରୁଜୁ କରି ତଦନ୍ତ ଚଳାଇଛି। ରଘୁନାଥପାଲି ଥାନା ଆଇଆଇସି ସୁବ୍ରତ ମେହେର କହିଛନ୍ତି ଗରମ ଡାଲି ପଡ଼ିବାରୁ ଛାତ୍ରଙ୍କର ମୃତ୍ୟୁ ଘଟିଛି। ଘଟଣା ନେଇ କୋଇଡ଼ା ପୋଲିସକୁ ଜଣାଇ ଦିଆଯାଇଛି। ଡାଲି ପଡ଼ିବା ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରଥମେ ଭୟରେ କାହାକୁ ଜଣାଇ ନ ଥିଲେ। ଛାତ୍ରଙ୍କ ମୃତ୍ୟୁ ପରେ ଘଟଣା ଜଣାପଡ଼ିଛି।

ଏନେଇ ସେବାଶ୍ରମ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ କାର୍ମିଲା ବିଲୁଙ୍ଗଙ୍କୁ ପଚାରିବାରୁ ସେ ଘଟଣାକୁ ସ୍ୱୀକାର କରିଛନ୍ତି। କୋଇଡ଼ା ବିଡିଓ ରାଜ୍ କହିଛନ୍ତି, ଘଟଣା ନେଇ ଉଚ୍ଚ ଅଧିକାରୀ ତଦନ୍ତ କରୁଛନ୍ତି। ଦୋଷୀ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ନେଇ ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, ବିଧିବଦ୍ଧ ଭାବେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ମହୁମାଛି ଆତଙ୍କ

**୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆହତ, ୬ ଗୁରୁତର**

କେନ୍ଦୁଝର, ୧୩।୩(ସ୍ୱ.ପ୍ର)

କେନ୍ଦୁଝର ଜିଲା ହରିଚନ୍ଦନପୁର ବାଳିକା ହାଇସ୍କୁଲ ମାଟ୍ରିକ୍ ପରୀକ୍ଷା କେନ୍ଦ୍ରରେ ମହୁମାଛି ଆତଙ୍କ ଦେଖାଯାଇଛି। ଆକ୍ରମଣରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଶିକ୍ଷକ ଆହତ ହୋଇଛନ୍ତି। ୪ ଜଣ ଛାତ୍ରୀଛାତ୍ର ଓ ୨ ଶିକ୍ଷକଙ୍କ ଅବସ୍ଥା ଗୁରୁତର ରହିଛି। ବହୁ କଷ୍ଟରେ ପରୀକ୍ଷା ଦେବା ପରେ ହରିଚନ୍ଦନପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ସମସ୍ତେ ଘରକୁ ଫେରିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ସୋମବାର ମାଟ୍ରିକ୍ ସମେଟିଭ -୨ ପରୀକ୍ଷାର ଦ୍ୱିତୀୟ ଦିନ ଥିଲା। ଦ୍ୱିତୀୟ ଭାଷା ଇଂରାଜୀ ପରୀକ୍ଷା ଦେବାକୁ ପରୀକ୍ଷାର୍ଥୀ ଉକ୍ତ କେନ୍ଦ୍ରକୁ ଆସିଥିଲେ। ସକାଳ ପ୍ରାୟ ୭ରେ ସ୍କୁଲ ନିକଟରେ ଥିବା ହରିଚନ୍ଦନପୁର ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟ ସଂଲଗ୍ନ ଏକ ବରଗଛ ମୂଳେ ଛିଡ଼ା ହୋଇଥିଲେ। ବରଗଛରେ ଥିବା ମହୁମାଛି ହଠାତ ଉଡ଼ିବା ଆରମ୍ଭ କରିବା ସହ ଏକତ୍ରିତ ହୋଇଥିବା ପରୀକ୍ଷାର୍ଥୀଙ୍କୁ ଆକ୍ରମଣ କରିଥିଲେ। ମହୁମାଛି ଆକ୍ରମଣ କରିବା ଦେଖି ପରୀକ୍ଷାର୍ଥୀମାନେ ଦୌଡ଼ିବା ଆରମ୍ଭ କରିଥିଲେ। ଏଥିରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆହତ ହୋଇଥିବା ବେଳେ ସରକାରୀ ଉଚ୍ଚ ବିଦ୍ୟାଳୟ ମନୋହରପୁରର ଛାତ୍ର ସୁମତି ମହାନ୍ତ, ସବିତା ମହାନ୍ତ, ସ୍ୱସ୍ତିକ ନାଏକ ଓ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟ ପିଟାପିଟିର ଛାତ୍ର ବିଶ୍ୱନାଥ ଜୁଆଙ୍ଗ ଗୁରୁତର ହୋଇଛନ୍ତି। ଏଥିସହ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟର ଶିକ୍ଷକ କିଶୋର ଚନ୍ଦ୍ର ମହାନ୍ତି, ପଞ୍ଚାୟତ ହାଇସ୍କୁଲ ବାଇଲୋବେଡ଼ା ଭଗାମୁଣ୍ଡାର ମନୋଜ ମହାନ୍ତ ଗୁରୁତର ହୋଇଥିଲେ। ପରୀକ୍ଷା ଶେଷ ହେବା ପରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ଏ ନେଇ ରିପୋର୍ଟ ଦେବାକୁ ପ୍ରଧାନ ଶିକ୍ଷକଙ୍କୁ କୁହାଯାଇଛି ବୋଲି ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି। ବରଗଛରେ ଦୀର୍ଘ ବର୍ଷ ହେବ ମହୁମାଛି ରହୁଥିବା ବେଳେ ରବିବାର ପୂର୍ବାହ୍ନରେ ଏକ ବାଜପକ୍ଷୀ ଫେଣାକୁ ଭାଙ୍ଗି ଦେଇଥିଲା। ଫଳରେ ମହୁମାଛି ଆକ୍ରମଣ କରୁଛନ୍ତି ବୋଲି ସ୍ଥାନୀୟ ଲୋକେ କହିଥିଲେ।












**ଆଜିର ମନ୍ତବ୍ୟ**

"ନାଗରିକଙ୍କ ବ୍ୟକ୍ତିଗତ ସ୍ୱାଧୀନତା ଓ କାର୍ଯ୍ୟରେ ସରକାର ହସ୍ତକ୍ଷେପ କରୁନାହାନ୍ତି। ତେବେ ସମଲିଙ୍ଗୀ ବିବାହ ପ୍ରସଙ୍ଗରେ ସରକାର ଯେଉଁ ମତ ରଖିଛନ୍ତି, ତାହା ବିବାହ ଅନୁଷ୍ଠାନ ସମ୍ପର୍କିତ ନୀତିଗତ ବିଷୟ।

– କିରେନ ରିଜିଜୁ, କେନ୍ଦ୍ର ଆଇନ ମନ୍ତ୍ରୀ



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପେ ରାନ୍ଧେ ଆପେ ଖାଏ**
**ସୁଆଦ ସୁଆଦ ବୋଲୁଥାଏ।**

ନିଜେ ରାନ୍ଧି ନିଜେ ଖାଇ ସୁଆଦିଆ ଲାଗୁଥିବା କହିବାରେ କୌଣସି ଯଥାର୍ଥତା ରହି ନ ଥାଏ। ପରୋକ୍ଷରେ ସମସ୍ତେ ନିଜକୁ ଭଲ ବୋଲି ଦେଖେଇ ହୁଅନ୍ତି ବା କହି ହୁଅନ୍ତି। କିନ୍ତୁ ପ୍ରକୃତରେ ସିଏ ହିଁ ଭଲ, ଯାହାକୁ ସମସ୍ତେ କହିଥା'ନ୍ତି। ନିଜ ମୁହଁରେ ନିଜର ପ୍ରଶଂସା କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଖି ବଡ଼ ପେଟ ସାନ**
**ହାଣ୍ଡି କୁଣ୍ଡେଇ ପୋଛିକରି ଆଣ।**

ଖାଇବାକୁ ଚାହିଁବା ଓ ଆହାର ପେଟକୁ ନେବା ଏକା କଥା ନୁହେଁ। ଖାଦ୍ୟଲୋଭୀ ବ୍ୟକ୍ତି ଲୋଭରେ ପଡ଼ି ଅଧିକ ଖାଇବାକୁ ମନ ବଳାଇଥାନ୍ତି। ପରନ୍ତୁ ନିଜ ସାମର୍ଥ୍ୟଠାରୁ ଅଧିକ ଖାଦ୍ୟ ଗ୍ରହଣ କରିପାରି ନ ଥାନ୍ତି। ଲୋଭ ବହୁତ ଅଥଚ ଆୟତ୍ତ କରିବା ପାଇଁ ଅସମର୍ଥ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# ମୋବାଇଲ ନ ଦେବାରୁ ସ୍ୱାମୀଙ୍କୁ ହାଣିଲେ ସ୍ତ୍ରୀ

- ଗୁରୁତର ଅବସ୍ଥାରେ ସ୍ୱାମୀ ମେଡିକାଲରେ ଭର୍ତ୍ତି
- ଆକ୍ରମଣ ପରେ ଛୋଟ ଝିଅକୁ ଧରି ସ୍ତ୍ରୀ ଫେରାର

**ବଲାଙ୍ଗୀର ଅଫିସ, ୧୩।୩**


ଆହତ ଗଣେଶ୍ୱର ସୁନା

ମୋବାଇଲ ଫୋନ୍ ଦେଲେନି ବୋଲି ସ୍ୱାମୀଙ୍କୁ ପନିକିରେ ମରଣାନ୍ତକ ଆକ୍ରମଣ କରିଛନ୍ତି ଜଣେ ମହିଳା। ଆକ୍ରମଣ କରିବା ପରେ ସ୍ୱାମୀଙ୍କୁ ଛାଡ଼ିଦେଇ ନିଜ ଛୋଟ ଝିଅକୁ ଧରି ଫେରାର ହୋଇଯାଇଛନ୍ତି ସେଇ ମହିଳା ଜଣକ। ପରିବାର ଲୋକେ ଗୁରୁତର ଅବସ୍ଥାରେ ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାରକରି ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ରବିବାର ରାତିରେ ଏଭଳି ଏକ ଘଟଣା ଘଟିଛି ବଲାଙ୍ଗୀର ଜିଲା ପୁଇଁତଳା ଥାନା ଅନ୍ତର୍ଗତ କେଶେରକେଲା ଗାଁରେ।
ମିଳିଥିବା ସୂଚନା ମୁତାବକ କେଶେରକେଲା ଗାଁର ଗଣେଶ୍ୱର ସୁନା (୩୫) ଛତିଶଗଡ଼ ବିଳାସପୁର ଅଞ୍ଚଳରେ କାମ କରନ୍ତି। ୬ବର୍ଷ ତଳେ ଛତିଶଗଡ଼ ବିଳାସପୁର ଅଞ୍ଚଳର ଈଶ୍ୱରୀ କୁମାରୀ ନାମକ ଜଣେ ଯୁବତୀଙ୍କୁ ସେ ବିବାହ କରିଥିଲେ। ସେମାନଙ୍କର ୪ବର୍ଷର ଏକ ଝିଅ ଅଛି। କିଛିଦିନ ତଳେ ଛତିଶଗଡ଼ରୁ ସେମାନେ କେଶେରକେଲା ଆସିଥିଲେ। ରବିବାର ରାତିରେ ଗଣେଶ୍ୱରଙ୍କୁ ଈଶ୍ୱରୀ ମୋବାଇଲ ଫୋନ୍ ମାଗିଥିଲେ। ତେବେ ଡାଟା ଶେଷ ହୋଇଯିବ କହି ସେ ଫୋନ୍ ଦେଇ ନ ଥିଲେ। ଏହି କଥାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା। ବିଳମ୍ବିତ ରାତିରେ ଗଣେଶ୍ୱର ଶୋଇଥିବା ବେଳେ ହଠାତ୍ ଈଶ୍ୱରୀ ଏକ ପନିକି ଆଣି ତାଙ୍କ ମୁଣ୍ଡରେ ଆକ୍ରମଣ କରିଥିଲେ। ଗଣେଶ୍ୱର ପ୍ରତିରୋଧ କରିବାରୁ ଉଦ୍ୟମ କରିବା ବେଳେ ତାଙ୍କ ହାତକୁ ହାଣି ପକାଇଥିଲେ। ସ୍ୱାମୀଙ୍କୁ ଲହୁଲୁହାଣ କରିବା ପରେ ନିଜ ଛୋଟ ଝିଅକୁ ଧରି ଈଶ୍ୱରୀ ଘରୁ କୁଆଡ଼େ ପଳାଇଯାଇଛନ୍ତି। ଘଟଣା ସମ୍ପର୍କରେ ପୁଇଁତଳା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (୬୨/୨୩) ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ ଯଶୋବନ୍ତ ପ୍ରଧାନୀ କହିଛନ୍ତି। ମୋବାଇଲ ଫୋନ୍‌ରୁ ବିବାଦର ସୂତ୍ରପାତ ହେଲା ନା ଆଉ କ'ଣ କାରଣ ରହିଛି ତାକୁ ନେଇ ତଦନ୍ତ କରାଯିବ ବୋଲି ଥାନାଧିକାରୀ ପ୍ରଧାନୀ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## କଫ ସିରପ୍ ନିଶାର...



ଡ୍ରଗ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରାୟ ୨ କୋଟି ଟଙ୍କାର ଆକାଉଣ୍ଟକୁ ବାଜ୍ୟାପ୍ତି କରିଦିଆଯାଇଥିବା ଏସ୍‌ପି କୁଶଲକର ସୋମବାର ଆଦର୍ଶ ଟାଉନ୍ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏସ୍‌ପି କୁଶଲକର କହିଛନ୍ତି , ଗତ ପ୍ରାୟ ୧ ମାସ ଧରି ଅତ୍ୟନ୍ତ ଗୋପନରେ ଏକ ସ୍ୱତନ୍ତ୍ର ଆଣ୍ଟିଡ୍ରଗ୍ସ ସ୍କ୍ୱାଡ୍ ଗଠନ କରାଯାଇ ଆନ୍ତଃ ରାଜ୍ୟ ବେଆଇନ ଚୋରା କାରବାର ନେଟୱର୍କ ଉପରେ ନଜର ରଖାଯାଇଥିଲା। କେଉଁଠାରୁ ଏବଂ କିଭଳି ଢଙ୍ଗରେ କଫ ସିରପ୍ ଆସୁଛି ଏବଂ କେଉଁ ସ୍ଥାନରୁ କେଉଁ ନିର୍ଦ୍ଦିଷ୍ଟ ସ୍ଥାନକୁ ଚାଲାଣ ହେଉଛି ସେ ସମ୍ପର୍କରେ ଏହି ସ୍କ୍ୱାଡ୍ ଅନୁଧାନ କରିଥିଲା। ହିମାଚଳପ୍ରଦେଶର ମୂଳ ଉତ୍ପାଦକ କମ୍ପାନୀର ଏହି ଏସ୍‌କଫ ବ୍ରାଣ୍ଡ ହରିୟାଣା, ପଶ୍ଚିମବଙ୍ଗ ଦେଇ ଓଡ଼ିଶାକୁ ଆସୁଛି। ପଶ୍ଚିମବଙ୍ଗର ମେସର୍ସ ଡାଫୋଡିଲ୍ସ ଡ୍ରଗ୍ସ କମ୍ପାନୀ ଯୋଗାଣକାରୀ ସଂସ୍ଥା ଭାବେ ଓଡ଼ିଶାର ବିଭିନ୍ନ ଜିଲାକୁ କଟକ ଦେଇ ଯୋଗାଣ କରୁଛି। ବଲାଙ୍ଗୀର ଓ ବରଗଡ଼ ପଶ୍ଚିମ ଓଡ଼ିଶାର ଡିପୋ ପାଲଟିଛି। ଏଠାରୁ କିଭଳି ଭାବେ ବିଭିନ୍ନ ଜିଲାକୁ ତାହା ଚାଲାଣ ହେଉଛି ସେ ଉପରେ ସ୍କ୍ୱାଡ୍ ଅନୁଧାନ କରିଥିଲା। ଏହାପରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ କଫ ସିରପ୍ ଜବତ କରାଯିବା ସହ ୩୭ଜଣଙ୍କୁ ଗିରଫ କରାଯାଇଛି। ଏସ୍‌ପି କୁଶଲକର ଏହି ସଫଳତା ପାଇଁ ଆଣ୍ଟିଡ୍ରଗ୍ସ ଅପରେଶନ୍ ସ୍କ୍ୱାଡ୍ ସଦସ୍ୟ ଏସ୍‌ଡିପିଓ ତୋଫାନ୍ ବାଗ, ସଦର ଥାନା ଆଇଆଇସି ଶ୍ରୀକାନ୍ତ ସାହୁ, ଟାଉନ୍ ଥାନା ଆଇଆଇସି ବିଶ୍ୱଜିତ ମନବୋଧ, ଇନ୍ସପେକ୍ଟର କେ.ପ୍ରିୟଙ୍କା ରାଉତରାୟ, ସବ୍‌ଇନ୍ସପେକ୍ଟର କିରନ୍ କୁମାର ଜାନି, ରାକେଶ ବେହେରା, ସାଇବର ସେଲ୍ ଏବଂ ଡିଭିଏଫ୍ ଷ୍ଟାଫ୍‌ଙ୍କୁ ପ୍ରଶଂସା କରିଛନ୍ତି।

## ସ୍କୁଲ୍‌ରେ ପଶି...

ନିଶାସକ୍ତ ଯୁବକଙ୍କ ଉନ୍ମତ୍ତକାଣ୍ଡ ଦେଖି ଅନ୍ୟ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀମାନେ ସ୍କୁଲରୁ ଦୌଡ଼ି ପଳାଇଥିଲେ। ଚିତ୍କାର ଶୁଣି ଗ୍ରାମବାସୀ ଆସିବା ଦେଖି ଯୁବକ ଜଣଙ୍କ ପଳାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରିତା ମୁର୍ମୁ ଏ ନେଇ ସଦର ପୋଲିସକୁ ସୂଚନା ଦେବା ସହ ଲିଖିତ ଏତଲା ଦେଇଛନ୍ତି। ସଦର ଥାନା ଅଧିକାରୀ ସୁଶାନ୍ତ ଦାଶ କହିଛନ୍ତି, ଅଭିଯୁକ୍ତଙ୍କୁ କାବୁ କରି ତଦନ୍ତ କରାଯାଉଛି। ବିଦ୍ୟାଳୟର ପାଚେରି ନ ଥିବାରୁ ସ୍କୁଲ ହତା ମଧ୍ୟକୁ ନିଶାସକ୍ତ ଯୁବକ ଅବାଧରେ ପ୍ରବେଶ କରୁଥିବା ଅଭିଭାବକ ଅଭିଯୋଗ କରିଛନ୍ତି।

# ୫୦ ହଜାରରୁ ଊର୍ଦ୍ଧ୍ୱ ନୂତନ ନିଯୁକ୍ତି ଦେବ ଗଣଶିକ୍ଷା ବିଭାଗ

**ଭୁବନେଶ୍ୱର, ୧୩।୩(ବ୍ୟୁରୋ)**

## ୨୨,୫୨,୬୮୦.୨୩ ଲକ୍ଷ ଟଙ୍କାର ବଜେଟ୍


ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ବିଭାଗୀୟ ସଚିବ ଅଶ୍ୱଥୀ ଏସ୍.

ରାଜ୍ୟରେ ଥିବା ଶିକ୍ଷାନୁଷ୍ଠାନ, ଛାତ୍ରୀଛାତ୍ର ଓ ଶିକ୍ଷାଦାନ ସମ୍ପ୍ରଦାୟର ସାମଗ୍ରିକ ବିକାଶ ପାଇଁ ୨୨,୫୨,୬୮୦.୨୩ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି। ସେଥିମଧ୍ୟରୁ ପ୍ରଶାସନିକ ଖର୍ଚ୍ଚ ପାଇଁ ୧୨,୮୬,୨୮୪.୨୩ ଲକ୍ଷ ଓ କାର୍ଯ୍ୟକ୍ରମ ଖର୍ଚ୍ଚ ବାବଦକୁ ୯,୬୬,୪୯୬ ଲକ୍ଷ ଟଙ୍କା ରହିଛି। ସୋମବାର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବାର୍ଷିକ ବଜେଟ ବିଷୟରେ ସୂଚନା ଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହା କହିଛନ୍ତି। ସେ କହିଛନ୍ତି, ଚଳିତ ବଜେଟ ୨୦୨୨-୨୩ ଆର୍ଥିକ ବର୍ଷ ତୁଳନାରେ ପ୍ରାୟ ୫% ଅଧିକ ରହିଛି। ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ୫୦ ହଜାରରୁ ଊର୍ଦ୍ଧ୍ୱ ନୂତନ ନିଯୁକ୍ତି ପ୍ରଦାନ କରାଯିବ। ଏଥିସହ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଆଉ ୨୩୬ଟି ଛାତ୍ରାବାସ ନୂତନ ଭାବେ ନିର୍ମାଣ ହେବ। ଗତ ଆର୍ଥିକ ବର୍ଷରେ ସ୍କୁଲ ୟୁନିଫର୍ମ ଓ ଅନ୍ୟାନ୍ୟ ସହାୟକ ସାମଗ୍ରୀ ପାଇଁ ପୂର୍ବରୁ ପ୍ରତି ଛାତ୍ରୀଛାତ୍ରଙ୍କୁ ୬୦୦ଟଙ୍କା ଲେଖାଏ ପ୍ରଦାନ କରାଯାଉଥିବା ବେଳେ ଏବେ ତାହାକୁ ୧୦୦୦ଟଙ୍କା କରିବାକୁ ପ୍ରସ୍ତାବ ରହିଛି। ଏହି ଯୋଜନା ନିମନ୍ତେ ୨୩,୪୪୬ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି। ସରକାରୀ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ନୋଟ୍‌ବୁକ୍‌ର ବ୍ୟବସ୍ଥା କରାଯାଇଛି। ସେହିପରି ଶିକ୍ଷାନୁଷ୍ଠାନଗୁଡ଼ିକର ଭିତ୍ତିଭୂମିରେ ସର୍ବାଙ୍ଗୀନ ଉନ୍ନତି ପାଇଁ ୨୦୨୩-୨୪ ବଜେଟ୍‌ରେ ୨୬୭୮.୨୫ କୋଟି ଟଙ୍କାର ପ୍ରାବଧାନ କରାଯାଇଛି। ପ୍ରାଥମିକ ଶିକ୍ଷାନୁଷ୍ଠାନ ଭିତ୍ତିଭୂମି ନିମନ୍ତେ ୧୭୦୦ଲକ୍ଷ, ସୈନିକ ସ୍କୁଲ ନିର୍ମାଣ ପାଇଁ ୮୫୦ଲକ୍ଷ, ମାଧ୍ୟମିକ ଶିକ୍ଷାନୁଷ୍ଠାନ ଭିତ୍ତିଭୂମି ପାଇଁ ୨,୬୫୦ଲକ୍ଷ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ପାଇଁ ୬,୮୦୦ଲକ୍ଷ ଓ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନ ପାଇଁ ୧୦୦ଲକ୍ଷ ଟଙ୍କାର ବ୍ୟୟବରାଦ ରହିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଚଳିତ ଆର୍ଥିକ ବର୍ଷ ପାଇଁ ଗଣଶିକ୍ଷା ବିଭାଗ ଅଧୀନରେ ୫୧,୫୩୫ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୧,୦୭୦ ଶିକ୍ଷକ ନିଯୁକ୍ତି ନିମନ୍ତେ ୧୦୪୫.୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଅଧାରୁ ପାଠ ଛାଡ଼ିଥିବା ଛାତ୍ରୀଛାତ୍ରଙ୍କ ପାଇଁ ନ୍ୟୁ ଇଣ୍ଡିଆ ଲିଟେରାସି ପ୍ରୋଗ୍ରାମରେ ୭୧୫.୬୨ଲକ୍ଷ ଟଙ୍କାର ବ୍ୟୟବରାଦ କରାଯିବା ସହ ୧୦୬ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନୂତନ ଭାବେ ନିର୍ମାଣ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ବିଭାଗୀୟ ସଚିବ ଅଶ୍ୱଥୀ ଏସ୍. ନୂଆ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ହାଇସ୍କୁଲ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୫୦ ହଜାରରୁ ଅଧିକ ଶିକ୍ଷକ ନିଯୁକ୍ତି ମାଧ୍ୟମରେ ଖାଲିଥିବା ପଦବୀ ପୂରଣ କରିବାକୁ ସରକାର ପ୍ରାଥମିକତା ଦେଉଥିବା ସଚିବ କହିଛନ୍ତି।

# ଯୁକ୍ତ୨ ପାସ୍ କରାଇବା ନାଁରେ ଟଙ୍କା ଠକେଇ

## ନକଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର କର୍ମଚାରୀ ଗିରଫ

**ବାଲେଶ୍ୱର ଅଫିସ, ୧୩।୩**


ଗିରଫ ଅଭିଯୁକ୍ତ ପ୍ରଦୀପ ଦାସ

ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ପରୀକ୍ଷା ମାର୍କ ବଢ଼ାଇବା ଓ ପାସ୍ କରାଇଦେବାର ପ୍ରତିଶ୍ରୁତି ଦେଇ ବହୁ ଲକ୍ଷ ଟଙ୍କା ଲୁଟୁଥିବା ବାଲେଶ୍ୱର ସଦର ଥାନା ଖାନ୍‌ନଗର ଅଞ୍ଚଳର ପ୍ରଦୀପ ଦାସ ନାମକ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ନିଜକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ବରିଷ୍ଠ କର୍ମଚାରୀ ପରିଚୟ ଦେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମନରେ ବିଶ୍ୱାସ ଜନ୍ମାଉଥିଲେ ବୋଲି ସୋମବାର ଏସ୍‌ପି ଅଫିସ୍ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ସୂଚନା ଦେଇଛନ୍ତି। ଏନେଇ ଶିଳ୍ପାଞ୍ଚଳ ଥାନାରେ ଏକ ଠକେଇ ମାମଲା (ନଂ. ୪୫/୨୩) ରୁଜୁ କରାଯାଇଛି। ପ୍ରଦୀପଙ୍କଠାରୁ ନଗଦ ୫୭ ହଜାର ଟଙ୍କା, ୯ଲକ୍ଷ ଟଙ୍କାର ସୁନା ଅଳଙ୍କାର, ଏକ ଦାମୀ କାର୍ ସହ ବ୍ୟାଙ୍କ ଏଟିଏମ୍ କାର୍ଡ ଜବତ କରାଯାଇଛି। ଛାତ୍ରୀଛାତ୍ରଙ୍କ ଟଙ୍କାରେ ପ୍ରଦୀପ ଅୟସ କରୁଥିବା ଜଣାପଡିଛି।
ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ସମେତ ବିଭିନ୍ନ ଜିଲାର ୩୦୦ରୁ ଅଧିକ ଛାତ୍ରୀଛାତ୍ର ଏଭଳି ମିଥ୍ୟ ପ୍ରତିଶ୍ରୁତିର ଶିକାର ହୋଇଛନ୍ତି। ସେ କାହା ପାଖରୁ ହଜାରେ ତ କାହା ପାଖରୁ ୫ହଜାର, ଏମିତିକି ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ କରୁଥିଲେ। ଯେଉଁମାନେ ଡିଲ୍ କରି ସମ୍ପୂର୍ଣ୍ଣ ଟଙ୍କା ଦେଉ ନ ଥିଲେ ସେମାନଙ୍କ ଭବିଷ୍ୟତ ନଷ୍ଟ କରିଦେବାର ଧମକ ମଧ୍ୟ ଦେଉଥିଲେ। ଘଟଣାକ୍ରମରେ ପ୍ରଦୀପ ରବିବାର ସନ୍ଧ୍ୟା ସମୟରେ କେତେକ ଯୁକ୍ତ ୨ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକଙ୍କୁ ପୋଲିସ ଲାଇନ୍ ଛକସ୍ଥିତ ବିଜୁ ପଟ୍ଟନାୟକ ପାର୍କ ନିକଟକୁ ଡାକିଥିଲେ। କୌଣସି ସୂତ୍ରରୁ ଛାତ୍ରୀଛାତ୍ର ଓ ଅଭିଭାବକ ପ୍ରଦୀପ ଜଣେ ଦଲାଲ ବୋଲି ଜାଣିପାରି ପୋଲିସକୁ ଖବର ଦେଇଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ଘଟଣାସ୍ଥଳରେ ଶିଳ୍ପାଞ୍ଚଳ ଥାନା ପୋଲିସ ପହଞ୍ଚି ପ୍ରଦୀପଙ୍କୁ ଥାନାକୁ ଆଣିଥିଲେ। ଛାତ୍ରୀଛାତ୍ରଙ୍କ ଟଙ୍କାରେ ସେ ଦାମୀ ଘଣ୍ଟା, ସୁନାଚେନ୍, ସୁନା ବ୍ରେସଲେଟ୍, ଦାମୀ କାର୍ ବ୍ୟବହାର କରୁଥିବା ସେଠାରେ ପୋଲିସ ଜାଣିବାକୁ ପାଇଥିଲା। ଘଟଣାକୁ ଗୁରୁତ୍ୱର ସହ ନିଆଯାଇ ଏହାର ଚେର କେଉଁ ପର୍ଯ୍ୟନ୍ତ ଲମ୍ବିଛି ସେନେଇ ତଦନ୍ତ ଜାରି ରହିଥିବା ଜିଲା ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଶଶାଙ୍କ ଶେଖର ବେହେରା ଓ ଶିଳ୍ପାଞ୍ଚଳ ଥାନା ଅଧିକାରୀ ସାଲଖାନ ମୁର୍ମୁ ଉପସ୍ଥିତ ଥିଲେ।

# 'ଭୂମି ନାହିଁ ତ ଭୋଟ ନାହିଁ'

**ଭୁବନେଶ୍ୱର, ୧୩।୩(ବ୍ୟୁରୋ)**



ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରିଥିବା ବସ୍ତି ଏକତା ମଞ୍ଚର ବିରାଟ ଶୋଭାଯାତ୍ରା।

'ଭୂମି ନାହିଁ ତ ଭୋଟ ନାହିଁ' ନାରାବାଜିରେ ସୋମବାର ଭୁବନେଶ୍ୱର ଗାନ୍ଧୀମାର୍ଗ କମ୍ପିଛି। ଭୂମି ଅଧିକାର ପ୍ରମାଣପତ୍ର ସହ ପକ୍କାଘର ପ୍ରଦାନ ଦାବିରେ ବିଭିନ୍ନ ସହରରୁ ଆସିଥିବା ବସ୍ତିବାସିନ୍ଦା ଏପରି ନାରାବାଜି କରି ଦାବି ଉପସ୍ଥାପନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବସ୍ତି ଏକତା ମଞ୍ଚ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରି ଧାରଣାସ୍ଥଳରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ମଞ୍ଚର ରାଜ୍ୟ ସଭାପତି ଶେଖ୍ ଅବଦୁଲ୍ଲା ସଭାପତିତ୍ୱ କରି କହିଲେ, ରାଜ୍ୟ ସରକାରଙ୍କ ଘୋଷଣା ଅନୁସାରେ ୨୦୨୨ ସୁଦ୍ଧା ରାଜ୍ୟର ସମସ୍ତ ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ପ୍ରମାଣ ପତ୍ର ମିଳିବା କଥା। ହେଲେ ତାହା ହୋଇନାହିଁ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଘୋଷଣାକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ 'ପଟ୍ଟା' ସମ୍ପର୍କିତ ଆଇନ ପାସ୍ କରିବା ଦାବି ରହିଥିବା ମଞ୍ଚର ସାଧାରଣ ସମ୍ପାଦକ ହେମେନ୍ଦ୍ର ସାମଲ କହିଛନ୍ତି। ତେବେ ଦାବି ପୂରଣ ନ ହେଲେ ବସ୍ତିବାସିନ୍ଦା ଆସନ୍ତା ନିର୍ବାଚନରେ ଭୋଟ୍ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। କଟକ ସହରରୁ ବିଭିନ୍ନ ବସ୍ତି ଉଚ୍ଛେଦ କରାଯାଇ ସେମାନଙ୍କୁ କାଠଯୋଡ଼ି ଓ ମହାନଦୀ କୂଳରେ ଥଇଥାନ କରାଯାଉଛି। ସେମାନଙ୍କ ଧନଜୀବନ ସୁରକ୍ଷା ପାଇଁ ଘେରିବନ୍ଧର ଆବଶ୍ୟକତା ରହିଥିବା ମଞ୍ଚ ପକ୍ଷରୁ କୁହାଯାଇଛି। କଟକର ଅନ୍ୟାନ୍ୟ ବସ୍ତିରେ ଲାଗିରହିଥିବା ସମସ୍ୟାର ତୁରନ୍ତ ସମାଧାନ ସହ ରାଉରକେଲା, ବାଲେଶ୍ୱର, ବାରିପଦା, ଭଦ୍ରକ, ସମ୍ବଲପୁର, ଅନୁଗୁଳ, ପୁରୀ, ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ଆଦି ସହରର ଭୂମିହୀନଙ୍କୁ ଜମି ଅଧିକାର ପ୍ରମାଣ ପତ୍ର ପ୍ରଦାନ ସହ ପକ୍କାଘର ପ୍ରଦାନ ପାଇଁ ଦାବି କରାଯାଇଛି। ବିକ୍ଷୋଭ ପରେ ମଞ୍ଚର ସଭାପତିଙ୍କ ନେତୃତ୍ୱରେ ଏକ ୫ ଜଣିଆ ପ୍ରତିନିଧି ଦଳ ରାଜସ୍ୱମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଅଶ୍ୱିନୀ ନକ୍ଷତ୍ରର ବନ୍ଧୁଙ୍କ ସହ ଅର୍ଥ ସମ୍ପର୍କିତ ବାଦାନୁବାଦ ହେତୁ ମନ ବିରକ୍ତିକର ଲାଗିବ। ବହୁ ଦିନରୁ ଅଟକି ରହିଥିବା ସବୁ କାମ ସୁବିଧାରେ ହୋଇଯିବ। ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ ନ କଲେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ଶିଳ୍ପ, ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଶିଥିଳତା ଦେଖାଦେବ।

**ବୃଷ**
କୃତ୍ତିକା ନକ୍ଷତ୍ର ବାରମ୍ବାର ଚେଷ୍ଟାକରି ମଧ୍ୟ ଅସଫଳତା ହେତୁ ନିଜ ଲୋକଙ୍କ ଉପରେ ଲଘୁକ୍ରୋଧ ପ୍ରକାଶ କରିବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କୁ ସାହାଯ୍ୟକରି ଆତ୍ମସନ୍ତୋଷ ଲାଭ କରିପାରନ୍ତି। ପରିବାରରେ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେବ। ପୁରୁଣା ଗୃହ, ଜମିଜମା, ଗାଡ଼ି ମୋଟର କ୍ରୟବିକ୍ରୟରୁ ଭଲ ଲାଭ ପାଇବେ।

**ମିଥୁନ**
ଆରଦ୍ରା ନକ୍ଷତ୍ରର ସାଧାରଣ ଘଟଣାରେ ଝଗଡ଼ା ଲାଗି ମାନସିକ ସ୍ଥିତି ବିଗିଡ଼ିଯାଇପାରେ। ବାରମ୍ବାର କ୍ଷତିଗ୍ରସ୍ତ ହୋଇ ବ୍ୟବସାୟରେ ନୂତନ ପଦକ୍ଷେପ ନେବାକୁ ଚିନ୍ତା କରିବେ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିପାରନ୍ତି। ପରିବାରରେ ହାତ ପାହାନ୍ତାରେ ନ ଥିବା ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ।

**କର୍କଟ**
ପୁନର୍ବସୁ ନକ୍ଷତ୍ର ଆଜି ଦିନଟିରେ ଯାହା କରିବେ ସଫଳତା ନିଶ୍ଚିତ ପାଇବେ। ଦୂରଯାତ୍ରା ଓ ବନ୍ଧୁମିଳନରୁ ସାମୟିକ ଆନନ୍ଦ ଅନୁଭବ କରିପାରନ୍ତି। ଦୀର୍ଘଦିନର ଆଶା ଫଳବତୀ ହେବ, କିନ୍ତୁ ଏଥି ସକାଶେ ଆପଣଙ୍କୁ କିଛି ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ବ୍ୟବସାୟ,ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**ସିଂହ**
ସୁଚିନ୍ତିତ ଯୋଜନାକୁ ବାସ୍ତବରୂପ ଦେବା ଦିଗରେ ଚେଷ୍ଟାକରି ସଫଳ ହେବେ। ପୂର୍ବାଫାଲ୍‌ଗୁନୀର ପାରିବାରିକ କ୍ଷେତ୍ରରେ ସମସ୍ୟା ଲାଗି ରହିଥିଲେ ମଧ୍ୟ କାମ ଅଟକିବ ନାହିଁ। ବନ୍ଧୁଗହଣରେ ଅପ୍ରିୟ ସତ କଥା କହି ବିରୋଧୀ ହୋଇପାରନ୍ତି। ସହକର୍ମୀମାନେ ଆବଶ୍ୟକ ସହଯୋଗକରି ଆନୁଷ୍ଠାନିକ କାମକୁ ବଢ଼ାଇ ନେବେ।

**କନ୍ୟା**
ହସ୍ତା ନକ୍ଷତ୍ର ନିଜର ବନ୍ଧୁମାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇପାରନ୍ତି। କଳା, ସଙ୍ଗୀତ, କ୍ରୀଡ଼ା, ଚଳଚ୍ଚିତ୍ର ଓ ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ରୋଗ,ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତତା ବୃଦ୍ଧି ପାଇବ।

**ତୁଳା**
ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ହେତୁ ସାମୟିକ ଖୁସି ଅନୁଭବ କରିବେ। ସ୍ୱାତୀ ନକ୍ଷତ୍ର ଚେଷ୍ଟା କରୁଥିବା ଆନୁଷ୍ଠାନିକ କାର୍ଯ୍ୟରେ ସଫଳତା ମିଳିବ। ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହେବାକୁ ପଡ଼ିପାରେ। କ୍ରୀଡ଼ା, କଳା, ଚଳଚ୍ଚିତ୍ର ଓ ସଙ୍ଗୀତ କ୍ଷେତ୍ରରୁ ସୁନାମ ଅର୍ଜନ କରିବେ।

**ବିଛା**
ସ୍ୱାସ୍ଥ୍ୟହାନି କାରଣରୁ କୌଣସି କାମକୁ ଦୃଢ଼ତାର ସହ କରିବାକୁ ପଶ୍ଚାତ୍‌ପଦ ହୋଇପାରନ୍ତି। ଜ୍ୟେଷ୍ଠା ନକ୍ଷତ୍ର ପୂର୍ବର କୌଣସି ସମସ୍ୟା ସମାଧାନ ହେତୁ ଆଶ୍ୱସ୍ତି ଅନୁଭବ କରିବେ। ଗସ୍ତ ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ଗୃହସୀମା ଓ ଜମିଜମା କାରବାର ସମ୍ପର୍କିତ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ଧନୁ**
ପୂର୍ବାଷାଢ଼ା ନକ୍ଷତ୍ର ସକାଶେ ଆଜିର ପରିସ୍ଥିତି ଅନୁକୂଳ ନ ହୋଇପାରେ। ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବା କାରଣରୁ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପରିବହନକୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ସମସ୍ୟା ସମାଧାନ ଦିଗରେ ସ୍ଥାନୀୟ ଲୋକେ ସହଯୋଗ କରିବେ। ଅର୍ଥାଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ମକର**
ଆକସ୍ମିକ ଭାବରେ ବିଭିନ୍ନ ମିଥ୍ୟା ଅଭିଯୋଗ ଆପଣଙ୍କ ଉପରକୁ ଆସିପାରେ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବା ଆଶଙ୍କା ରହିଛି। ଧନିଷ୍ଠା ନକ୍ଷତ୍ର ଅଧିକାଂଶ ସମୟ ବନ୍ଧୁମାନଙ୍କ ଗହଣରେ ଆଳାପ ଆଲୋଚନାରେ କଟାଇବେ। ସାମାଜିକ ସ୍ତରରେ ସହନଶୀଳତା ଗୁଣରୁ ପ୍ରଶଂସିତ ହେବେ।

**କୁମ୍ଭ**
ପ୍ରତ୍ୟେକ କାମରେ କିଛି ଅଭାବ ଅସୁବିଧା ରହି ଯାଉଥିବାର ଅନୁଭବ କରିବେ। ଶତଭିଷା ନକ୍ଷତ୍ରର ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ନୀଚ ମନୋଭାବର ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ବନ୍ଧୁଙ୍କ ଅନୁରୋଧକ୍ରମେ ଭ୍ରମଣ ସୁଯୋଗର ସଦ୍ ବ୍ୟବହାର କରିପାରନ୍ତି।

**ମୀନ**
ବନ୍ଧୁଙ୍କ ପରାମର୍ଶ କର୍ମକ୍ଷେତ୍ରର ସମସ୍ୟା ଦୂରକରିବାରେ ସହାୟକ ହେବ। ନିଜ ଲୋକଙ୍କ ଈର୍ଷାପରାୟଣତା କାରଣରୁ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇଉଠିବେ। ଖଳଲୋକଙ୍କ ଶୁଣାକଥାକୁ ବିଶ୍ୱାସକଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପୂର୍ବଭାଦ୍ରପଦ ନକ୍ଷତ୍ର ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାରୁ ସାମୟିକ ଆନନ୍ଦ ଅନୁଭବ କରିବେ।

ଆଜି ଚୈତ୍ର କୃଷ୍ଣ ସପ୍ତମୀ ମଙ୍ଗଳବାର, ମାସାନ୍ତ, ଚୈତ୍ର ମଙ୍ଗଳବାର ଓଷା ପ୍ରଥମପାଳି, ମାର୍ଚ୍ଚ ୧୪ ତାରିଖ। ରାଶିନକ୍ଷତ୍ର-ଦିବା ଘ.୦୮।୧୨ ଗତେ ଜ୍ୟେଷ୍ଠା/ବିଛା, ସପ୍ତମୀରଏକୋଦ୍ଦିଷ୍ଟଓପାର୍ବଣଶ୍ରାଦ୍ଧ। ଅଦ୍ୟଦିବାଘ.୦୮।୫୮ ଗତେ, ଘ.୧୦।୪୪ ମଧ୍ୟେ, ଘ.୦୧।୦୭ ଗତେ, ଘ. ୦୧।୨୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୪ ଗତେ, ଘ.୦୪।୨୩ ମଧ୍ୟେ ରାହୁକାଳ।

**ଅବକାରୀ କନଷ୍ଟେବଲଙ୍କ ଘରୁ ଗଞ୍ଜେଇ ଜବତ**

ରାୟଗଡ଼ା,(ସ୍ୱ.ପ୍ର.): ରାୟଗଡ଼ା ସହରର ନେହେରୁ ନଗରରେ ରହୁଥିବା ଜଣେ ଅବକାରୀ କନଷ୍ଟେବଲଙ୍କ ଘରୁ ଗଞ୍ଜେଇ ଜବତ ହୋଇଛି। ସୋମବାର ରାତିରେ ପୋଲିସ ଓ ଏସ୍‌ଟିଏଫ୍ ଏହି ଗଞ୍ଜେଇ ଜବତ କରିଛନ୍ତି। ଏହାର ଅଧିକ ତଦନ୍ତ ଚାଲୁଥିବାରୁ ପୋଲିସ ପକ୍ଷରୁ ଅଧିକ ସୂଚନା ଦିଆଯାଇନାହିଁ। ଅବକାରୀ ବିଭାଗର କନଷ୍ଟେବଲ ଜଣକ ଘରେ ଗଞ୍ଜେଇ ରଖିଥିବା ନେଇ ପୋଲିସ ସୂଚନା ପାଇଥିଲା। ଏସ୍‌ଟିଏଫ ସହାୟତାରେ ତାଙ୍କ ଘରେ ଚଢ଼ାଉ କରାଯିବାରୁ ପ୍ରାୟ ୪୦ କେଜି ଗଞ୍ଜେଇ ମିଳିଥିଲା। ଉକ୍ତ ଗଞ୍ଜେଇ ସହ ଏକ ଗାଡ଼ି ମଧ ଜବତ ହୋଇଥିବା ସୂଚନା ମିଳିଛି। ସମ୍ପୃକ୍ତ କନଷ୍ଟେବଲଙ୍କୁ ଏସ୍‌ଟିଏଫ ଅଧିକ ତଦନ୍ତ ପାଇଁ ନେଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।

# ଅନିୟମିତତା ପରେ କାର୍ଯ୍ୟାନୁଷ୍ଠାନ

**କପି ପାଇଁ ଡିଲ୍ ଘଟଣା**

- ହରିପୁର ଆଦର୍ଶ ବିଦ୍ୟାଳୟରେ କାର୍ଯ୍ୟରୁ ଅନ୍ତର ହେଲେ ୯ ଅଧିକାରୀ
- କାକଟପୁର, ନୟାହାଟ ବାଳିକା ଉଚ୍ଚ ବିଦ୍ୟାଳୟର ସୁପରିଣ୍ଟେଣ୍ଡେଣ୍ଟ ନିଲମ୍ବିତ
- ବ୍ରହ୍ମଗିରି ବ୍ଲକର ଜଣେ ଶିକ୍ଷୟିତ୍ରୀ ନିଲମ୍ବିତ

ପୁରୀ ଅଫିସ୍/ନିମାପଡ଼ା/କାକଟପୁର(ଡି.ଏନ୍.ଏ),୧୩।୩

ଚଳିତ ମାଟ୍ରିକ ପରୀକ୍ଷାରେ ସ୍ୱଚ୍ଛତା ଅବଲମ୍ବନ, ଛାତ୍ରୀଛାତ୍ର ଚାପମୁକ୍ତ ହୋଇ ଅବାଧରେ ଶାନ୍ତି ଶୃଙ୍ଖଳାର ସହ ପରୀକ୍ଷା ଦେବା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ହେଲେ ପୁରୀ ଜିଲା ଅନ୍ତର୍ଗତ ବିଭିନ୍ନ ବ୍ଲକର ଏକାଧିକ ବିଦ୍ୟାଳୟରେ ପରୀକ୍ଷାରେ ଅନିୟମିତତା ଅଭିଯୋଗ ଆସିବା ପରେ ପରୀକ୍ଷାରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିମାପଡ଼ା ବ୍ଲକର ହରିପୁର ଆଦର୍ଶ ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷା ଦେଉଥିବା ମୁକ୍ତ ବିଦ୍ୟାଳୟର ପିଲାଙ୍କୁ କପି ଦେବାକୁ ସୁଯୋଗ ଦେବା ନିମନ୍ତେ ହୋଇଥିବା ଡିଲ୍ ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିବାବେଳେ କାକଟପୁର ଏବଂ ନୟାହାଟ ବିଦ୍ୟାଳୟର ପରୀକ୍ଷା କେନ୍ଦ୍ରରେ ଦାୟିତ୍ୱରେ ଥିବା ଅଧିକାରୀ କାର୍ଯ୍ୟରେ ଅବହେଳା କରିବା ସହ ମୋବାଇଲ ଫୋନ ନେବା ଘଟଣା ବିଭାଗୀୟ ନିର୍ଦ୍ଦେଶକୁ ଅବମାନନା କରିଛି। ଏହିସବୁ ଘଟଣାରେ ସୋମବାର ପୁରୀ ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ୍ ଘୋଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

ହରିପୁର ଆଦର୍ଶ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ପରିଚାଳନା ପାଇଁ ନିୟୋଜିତ ସମସ୍ତ ଶିକ୍ଷକ, ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ, ଇନ୍‌ଭିଜିଲେଟରଙ୍କ ସମେତ ୯ଜଣ କର୍ମଚାରୀଙ୍କୁ ପରୀକ୍ଷା ପରିଚାଳନାରୁ ହଟାଇ ଦିଆଯାଇଛି। ଏଥିସହ ଆସନ୍ତା ୨୦ ତାରିଖ ପରୀକ୍ଷା ଶେଷ ପର୍ଯ୍ୟନ୍ତ ସେମାନଙ୍କୁ ସ୍କୁଲ କ୍ୟାମ୍ପସ ଭିତରକୁ ପ୍ରବେଶ କରିବାରେ କଟକଣା ଜାରି ହୋଇଛି। ଏମାନଙ୍କ ସ୍ଥାନରେ ନୂତନ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଭାବେ ନାଗବସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକ ତ୍ରିଲୋଚନ ବେହେରା, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଭାବେ ନାଗବସ୍ତ ହାଇସ୍କୁଲ ଶିକ୍ଷକ ଭାସ୍କର ସାହୁ ଓ ଇନ୍‌ଭିଜିଲେଟର ଭାବେ ଦହିଜଙ୍ଗ ହାଇସ୍କୁଲର ସହକାରୀ ଶିକ୍ଷକ ରମାକାନ୍ତ ଓଝାଙ୍କ ସମେତ ନୂତନ ଶିକ୍ଷକଙ୍କୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଯାଇଥିବା ବ୍ଲକ ଶିକ୍ଷାଧିକାରୀ ଦ୍ୱିତିକାନ୍ତ ପ୍ରଧାନ ସୂଚନା ଦେଇଛନ୍ତି।

ସେହିପରି ସୋମବାର ମାଟ୍ରିକ ପରୀକ୍ଷାର ଦ୍ୱିତୀୟ ଦିନରେ କାକଟପୁର ଓ ନୟାହାଟ ବାଳିକା ଉଚ୍ଚ ବିଦ୍ୟାଳୟରେ ଦୁଇଜଣ ସୁପରିଣ୍ଟେଣ୍ଡେଣ୍ଟଙ୍କ ଖାମଖିଆଲ ମନୋଭାବ ଓ ପରୀକ୍ଷାରେ ଅନିୟମିତତା କରିବା କାରଣରୁ ଉଭୟଙ୍କୁ ନିଲମ୍ବନ କରାଯାଇଛି। ସେମାନଙ୍କ ସ୍ଥାନରେ ନୂଆ ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତ କରାଯାଇଛି। ଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁସାରେ ପରୀକ୍ଷା କେନ୍ଦ୍ରକୁ କୌଣସି ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ କେହିବି ମୋବାଇଲ ଫୋନ୍ ନେଇପାରିବେ ନାହିଁ। ହେଲେ କାକଟପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ପରୀକ୍ଷା ଦାୟିତ୍ୱରେ ଥିବା ସୁପରିଣ୍ଟେଣ୍ଡେଣ୍ଟ ମୋବାଇଲ ଫୋନ ଅନ୍ ରଖିବା ସହ ଅନିୟମିତତା ଅଭିଯୋଗ ହେବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେହିପରି ପରୀକ୍ଷା କେନ୍ଦ୍ରରେ ତ୍ରୁଟି ପ୍ରଦର୍ଶନ କରିଥିବାରୁ ଡେଲାଙ୍ଗ ମହତାବ ହାଇସ୍କୁଲର ସୁପରିଣ୍ଟେଣ୍ଡେଣ୍ଟଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ମାଟ୍ରିକ ପରୀକ୍ଷାର ପ୍ରଥମ ଦିନରେ ପରୀକ୍ଷା କେନ୍ଦ୍ରରେ ଅନିୟମିତତା ଅଭିଯୋଗରେ ବ୍ରହ୍ମଗିରି ବ୍ଲକର ଜଣେ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରାଯାଇଛି। ପୁରୀ ଜିଲାରେ ଚଳିତ ମାଟ୍ରିକ ପରୀକ୍ଷାରେ ଶୂନ୍ୟ ସହନଶୀଳତା ନୀତି ଲାଗୁ ହୋଇଥିବାରୁ ନଜରକୁ ଆସୁଥିବା ସମସ୍ତ ଅଭିଯୋଗ ଓ ତ୍ରୁଟି ଉପରେ ତୁରନ୍ତ ପଦକ୍ଷେପ ନିଆଯାଉଛି ବୋଲି ଜିଲା ଶିକ୍ଷାଧିକାରୀ ଘୋଷ କହିଛନ୍ତି।

ପ୍ରକାଶ ଯେ, ନିମାପଡ଼ା ହରିପୁର ଆଦର୍ଶ ବିଦ୍ୟାଳୟରେ ରାଜ୍ୟ ମୁକ୍ତାକାଶ ବିଦ୍ୟାଳୟ(ଏସ୍‌ଓଏସ୍)ର ୬୧ଜଣ ପରୀକ୍ଷା ଦେଉଛନ୍ତି। ଗତ ଶୁକ୍ରବାର ହୋଇଥିବା ଓଡ଼ିଆ ପରୀକ୍ଷାରେ ସେମାନଙ୍କୁ କେତେଜଣ ଶିକ୍ଷକ କପି ଯୋଗାଇଥିବା ଅଭିଯୋଗ ହୋଇଥିଲା। ଏପରି କି ପିଲାଙ୍କୁ କପି ଦେବାକୁ ସୁଯୋଗ ଦେବା ପାଇଁ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ଜଣେ ଅଭିଭାବକଙ୍କ ମଧ୍ୟରେ ଟେଲିଫୋନ ବାର୍ତ୍ତାଳାପର ଅଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଘଟଣା ଜଣାପଡ଼ିବା ପରେ ପରେ ବିଭିନ୍ନ ମହଲରେ ଆଲୋଡନ ସୃଷ୍ଟି ହୋଇଥିଲା। ଘଟଣାର ତଦନ୍ତ ପାଇଁ ମନ୍ତ୍ରୀ ସମୀର ରଞ୍ଜନ ଦାଶ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ସଭାପତିଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଏପରି କି ସୋମବାରଠାରୁ ବିଦ୍ୟାଳୟର ପରୀକ୍ଷା କେନ୍ଦ୍ରରେ କଡ଼ାକଡ଼ି ଭାବେ ପରୀକ୍ଷା କରାଯିବ, ପରୀକ୍ଷା କେନ୍ଦ୍ରଗୁଡ଼ିକୁ ସେଣ୍ଟ୍ରାଲ ସ୍କ୍ୱାଡ୍ ପଠାଯିବାକୁ ମନ୍ତ୍ରୀ ବୋର୍ଡ ସଭାପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ରାଜ୍ୟରେ ୧.୫୭ ଲକ୍ଷ ବାଂଲାଦେଶୀ

**ବେଆଇନ ଭାବେ ରହୁଛନ୍ତି ୩,୭୪୦**

ଭୁବନେଶ୍ୱର,୧୩।୩(ବ୍ୟୁରୋ)

ରାଜ୍ୟରେ ବାଂଲାଦେଶୀ ଭର୍ତ୍ତି ହୋଇଗଲେଣି। ୧୧ ଜିଲାରେ ୧ ଲକ୍ଷ ୫୭ ହଜାର ୪୩୨ ଜଣ ବାଂଲାଦେଶୀ ଶରଣାର୍ଥୀ ରହୁଛନ୍ତି। ଅନୁଗୋଳ ଜିଲାରେ ୧୫, ବାଲେଶ୍ୱରରେ ୭୫, ଭଦ୍ରକ ୨୦୦, ଯାଜପୁର ୩୭୯, କଳାହାଣ୍ଡି ୯୦, କେନ୍ଦ୍ରାପଡ଼ା ୪୪୧, ଖୋର୍ଦ୍ଧା ୪,୬୫୩, କୋରାପୁଟ ୧୯୪, ମାଲକାନଗିରିରେ ସର୍ବାଧିକ ୧,୦୪,୨୩୩, ନବରଙ୍ଗପୁର ୪୬,୮୪୮ ଓ ରାୟଗଡ଼ାରେ ୩୦୪ ଜଣ ବାଂଲାଦେଶୀ ଶରଣାର୍ଥୀ ରହୁଛନ୍ତି। କେବଳ ସେତିକି ନୁହେଁ, ଓଡ଼ିଶାରେ ସରକାରୀ ଭାବେ ୩,୭୪୦ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀ ରହୁଛନ୍ତି। ସେମାନଙ୍କ ମଧ୍ୟରୁ ବରଗଡ଼ ଜିଲାରେ ୨, ଭଦ୍ରକରେ ୧୯୯, କେନ୍ଦ୍ରାପଡ଼ାରେ ୧,୬୪୯, ଖୋର୍ଦ୍ଧାରେ ୧୭, ଜଗତ୍‌ସିଂହପୁରରେ ୧,୧୧୨, ମାଲକାନଗିରିରେ ୬୫୫ ଓ ନବରଙ୍ଗପୁରରେ ୧୦୬ ଜଣ ବେଆଇନ ଭାବେ ରହୁଛନ୍ତି। ଭାଜପା ସଭ୍ୟ ସୂର୍ଯ୍ୟବଂଶୀ ସୁରଜଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ସୋମବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

# ଗ୍ରାହକ ସେବାକୁ ଗୁରୁତ୍ୱ




**ପିଲାଟି ଦିନରୁ ଏକ ବ୍ୟବସାୟିକ ପରିବେଶ ମଧ୍ୟରେ ବଡ଼ ହୋଇଥିବାରୁ ମନରେ ମଧ ବ୍ୟବସାୟ ପ୍ରତି ଅନେକ ଦୁର୍ବଳତା ରହିଥିଲା। ବାଣିଜ୍ୟ ବିଭାଗର ମେଧାବୀ ଛାତ୍ର ସହ ଉଚ୍ଚତର ଶିକ୍ଷା ଓ ପାରିବାରିକ ବ୍ୟବସାୟ ଏକ ସଂଯୋଗ ଭାବେ ଜୀବନ ଯାତ୍ରାରେ ଯୋଡ଼ି ହୋଇଯାଇଥିଲା। ବିଶେଷକରି ବହୁ ଘାତପ୍ରତିଘାତ ମଧ୍ୟରେ ବ୍ୟବସାୟ ବଢ଼ାଇବା ସହ ନୂତନ ବ୍ୟବସାୟରେ ପାଦ ଦେଇ ଅନେକ ସଫଳତା ହାସଲ କରିଥିବା ବ୍ୟକ୍ତି ଜଣକ ସମାଜ ପାଇଁ ମଧ କିଛି କରିବାର ଭାବନା ବାସ୍ତବରେ ପରିଣତ କରୁଛନ୍ତି। ସେହି ସଫଳ ବ୍ୟବସାୟୀ ତଥା ଏସ୍‌ଜିବିଏଲ୍ ଅଟୋମୋବାଇଲ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ସୁନୀଲ ଗୁପ୍ତାଙ୍କ ସହ ଧରିତ୍ରୀର ବିଶେଷ ଆଳାପ...**


ସୁନୀଲ ଗୁପ୍ତା

**ପ୍ର-୧: ଆପଣଙ୍କ ବାଲ୍ୟ ଜୀବନ କିପରି ଥିଲା?**

ଉ- କଟକ ସହରର ନିମଚୌଡିଠାରେ ମୋର ଜନ୍ମ। ଏପରିକି ସ୍ଥାନୀୟ ଷ୍ଟିୱାର୍ଟ ସ୍କୁଲରୁ ଦଶମ ଶ୍ରେଣୀ ପାସ୍ ପରେ ଉଚ୍ଚ ଶିକ୍ଷା ପାଇଁ ରେଭେନ୍ସା କଲେଜରେ ନାମ ଲେଖାଇଲି। ସମୟ କ୍ରମେ ସମ୍ପୃକ୍ତ କଲେଜରୁ ବାଣିଜ୍ୟ ସ୍ନାତକରେ ଡିଷ୍ଟିଙ୍ଗଶନ୍ ସହ କୃତକାର୍ଯ୍ୟ ହୋଇଥିଲି। ପରିବାର ଓ ପାଠପଢ଼ା ଏବଂ ବନ୍ଧୁ ପରିଜନଙ୍କ ସହ କଟକର ପାଣି ପବନ ମଧ୍ୟରେ ମୁଁ ମୋର ବାଲ୍ୟ ଜୀବନ କଟାଇଛି।

**ପ୍ର-୨: ବୃତ୍ତିଗତ ଜୀବନ କିପରି ଆରମ୍ଭ ହୋଇଥିଲା?**

ଉ- କଟକ ବଜାରରେ ଦୀର୍ଘ ବର୍ଷ ହେବ ଆମର ପାରିବାରିକ ବ୍ୟବସାୟ ରହିଥିଲା। ଏପରିକି କଟକ ମାଲଗୋଦାମଠାରେ ମୋ ବାପା ଶ୍ରୀନିବାସ ଗୁପ୍ତାଙ୍କର ଏକ ବ୍ୟବସାୟ ରହିଥିଲା। ସମୟକ୍ରମେ ସେବେଠାରୁ ବ୍ୟବସାୟ ପ୍ରତି ମନରେ ଆଗ୍ରହ ଆସି ଯାଇଥିଲା। ଏପରିକି ଉଚ୍ଚ ଶିକ୍ଷା ପରେ ବାପାଙ୍କ ସହ ଯୋଡ଼ି ହୋଇଥିଲି। ଦୀର୍ଘ ଦିନର ଅଭିଜ୍ଞତା ଓ ଲୋକସମ୍ପର୍କ ଯୋଗୁ କଟକରେ ଔଷଧ ଓ ଶଲ୍ୟ ଚିକିତ୍ସା ସାମଗ୍ରୀର ଏକ ବିତରକ ଭାବେ ନୂତନ ବ୍ୟବସାୟ ଆରମ୍ଭ କଲି, ଯାହାକି ଏ ପର୍ଯ୍ୟନ୍ତ ମଧ ଜାରି ରହିଛି। ସମୟକ୍ରମେ ରିୟଲ ଇଷ୍ଟେଟ, ଘଣ୍ଟା ବ୍ୟବସାୟ (ଟାଇଟନ), ଗାଡ଼ି (ହୋଣ୍ଡା) ଏବଂ ନାମୀ ଇଲେକ୍ଟ୍ରିକାଲ କମ୍ପାନୀ ହାଭେଲ୍ସର ସି ଆଣ୍ଡ ଏଫ୍ ବ୍ୟବସାୟ ମଧ ରହିଛି।

**ପ୍ର-୩: ଅଟୋମୋବାଇଲ ବ୍ୟବସାୟରେ କିଭଳି ଜଡ଼ିତ ହୋଇଥିଲେ?**

ଉ- ଦୀର୍ଘ ୩ ଦଶନ୍ଧିର ବ୍ୟବସାୟ ଅଭିଜ୍ଞତା ଓ ଏକ ଆହ୍ୱାନମୂଳକ ସୁଯୋଗରୁ ଗାଡ଼ି (ଦୁଇ ଚକିଆ ହୋଣ୍ଡା) ବ୍ୟବସାୟରେ ଜଡ଼ିତ ହୋଇଥିଲି। ବିଶେଷ କରି ୨୦୧୧ରେ କଟକ ସହର ଲାଗି ହୋଣ୍ଡା ମୋଟରସାଇକେଲ ଓ ସ୍କୁଟର ଇଣ୍ଡିଆ ଲିମିଟେଡ୍‌ର ଅଧିକୃତ ବିକ୍ରେତା ପାଇଁ ଏକ ବିଜ୍ଞାପନ ଉପରେ ମୋର ଦୃଷ୍ଟି ପଡ଼ିଥିଲା। ଏପରିକି ହୋଣ୍ଡା ଭଳି ଏକ ବହୁରାଷ୍ଟ୍ରୀୟ ବ୍ରାଣ୍ଡ ବ୍ୟବସାୟରେ ନିଶ୍ଚିତ ଲୋକପ୍ରିୟ ହୋଇପାରିବି ବୋଲି ମୁଁ ଆଶାପୋଷଣ କରିଥିଲି। ପରବର୍ତ୍ତୀ ସମୟରେ ଯୋଗାଯୋଗ ସହ କେତେକ ନିର୍ଦ୍ଦିଷ୍ଟ ଭିତ୍ତିଭୂମି ଯୋଗାଡ଼ ପରେ କମ୍ପାନୀ ମୋତେ ବିକ୍ରେତା ପାଇଁ ମନୋନୀତ କରିଥିଲା। ବିଶେଷକରି କଟକ ସତୀଚଉରାଠାରେ ଏସ୍‌ଜିବିଏଲ ଅଟୋମୋବାଇଲ ନାମରେ ଏକ ଅତ୍ୟାଧୁନିକ ଶୋ'ରୁମ୍ ଏବଂ ସର୍ଭିସ ସେଣ୍ଟର ୨୦୧୨ରେ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିଲା, ଯାହାକି ବର୍ତ୍ତମାନ ଓଡ଼ିଶାର ସବୁଠୁ ଭଲ ଶୋ'ରୁମ୍‌ର ମାନ୍ୟତା ଲାଭ କରିଛି, ଏପରିକି କ୍ରମାଗତ ୨ବର୍ଷ ଧରି ଏସ୍‌ଜିବିଏଲ୍ ହୋଣ୍ଡା ଏହି କ୍ରମରେ ଷ୍ଟାର ପରଫର୍ମର ସ୍ୱୀକୃତି ମଧ ପାଇଛି।

**ପ୍ର-୪: କୋଭିଡ୍ ପରବର୍ତ୍ତୀ ସମୟରେ ବ୍ୟବସାୟ କିଭଳି ରହିଛି?**

ଉ- କୋଭିଡ୍ ମହାମାରୀ ସମୟରେ ବ୍ୟବସାୟ ଏକ ପ୍ରକାର ବନ୍ଦ ରହିଥିଲା। ପରବର୍ତ୍ତୀ ସମୟରେ ସରକାରୀ ନିୟମକୁ ପାଳନ କରି ଶୋ'ରୁମ୍ ବହୁ କଷ୍ଟରେ ଚଳାଇବାକୁ ପଡ଼ିଲା, ତଥାପି ବହୁ ବାଧାବିଘ୍ନ ସତ୍ତ୍ୱେ ଆମେ ଲୋକଙ୍କୁ ତ୍ୱରିତ ସେବା ଦେବାରେ ମଧ ସମର୍ଥ ହୋଇଥିଲୁ। ଏପରିକି ଆମର କର୍ମଚାରୀମାନଙ୍କର କଠିନ ପରିଶ୍ରମ ଓ ସହଯୋଗ ଯୋଗୁ ସେ ସବୁ ସମ୍ଭବ ହୋଇପାରିଥିଲା। ବିଶେଷକରି ଗ୍ରାହକମାନଙ୍କ ବିଶ୍ୱାସଭାଜନ ସହ କମ୍ପାନୀର ସହଯୋଗ ଏବଂ କର୍ମଚାରୀଙ୍କର ନିଷ୍ଠା ଓ ଆନ୍ତରିକତା ଯୋଗୁ ଆମ ବ୍ୟବସାୟ ଆଗକୁ ବଢ଼ିଛି। ଖୁବ୍‌ଶୀଘ୍ର ଗାଡ଼ି ବ୍ୟବସାୟରେ ପୂର୍ବାବସ୍ଥା ଫେରିଆସିବ ବୋଲି ମୁଁ ଆଶା କରୁଛି।

**ପ୍ର-୫: ଅବସର ସମୟ କିଭଳି କାଟନ୍ତି?**

ଉ- ବ୍ୟସ୍ତବହୁଳ ବ୍ୟବସାୟ ଜୀବନ ମଧ୍ୟରେ ସମୟ କେତେବେଳେ ଯେ ସରିଯାଏ ଜଣାପଡି ନ ଥାଏ। ଏପରିକି କାମରେ ସବୁବେଳେ ବ୍ୟସ୍ତ ରହିଥାଏ, ତଥାପି କିଛି ସୁବିଧା ସୁଯୋଗ ମିଳିଲେ ମୁଁ ପରିବାର ସହ ଆନନ୍ଦରେ ସମୟ କାଟିବାକୁ ଭଲପାଏ। ସେହିଭଳି ମୁଁ ଜଣେ ଗୋ ସେବା ଅନୁରାଗୀ ଆଉ ବନ୍ଧୁମାନଙ୍କ ସହ ବିଭିନ୍ନ ସ୍ଥାନ ପରିଭ୍ରମଣ କରିବାରେ ଆଗ୍ରହ ଥାଏ। ପରିବାର ପକ୍ଷରୁ କେତେକ ଆଧ୍ୟାତ୍ମିକ ପରିବେଶ, ମାତା ବୈଷ୍ଣୋଦେବୀଙ୍କ ଜାଗରଣ ସହ ଭାଗବତ କଥା ଆଦିରେ ଅବସର ସମୟ କଟାଇଥାଏ।

**ପ୍ର-୬: ଆଗାମୀ ଯୋଜନା କ'ଣ ରହିଛି?**

ଉ- ବର୍ତ୍ତମାନର ପ୍ରତିଯୋଗିତାମୂଳକ ବ୍ୟବସାୟରେ ଅଧିକ କିଛି କରିବା ପାଇଁ ଆଗକୁ ଶହେ ଥର ଭାବିବାକୁ ପଡୁଛି। ତଥାପି ଆଗାମୀ ଦିନରେ ଆମେ ଏକ ପ୍ରତିଷ୍ଠିତ କମ୍ପାନୀର ଗହଣା ଶୋ'ରୁମ୍ ରାଜ୍ୟ ଓ ରାଜ୍ୟ ବାହାରେ ପ୍ରତିଷ୍ଠା କରିବାର ଯୋଜନା କରିଛୁ। ସେହିଭଳି ଗୋମାତାଙ୍କ ସେବା ପ୍ରତି ଉତ୍ସର୍ଗୀକୃତ ମନୋଭାବ ଯୋଗୁ ଗୋ ସେବା ଓ ଗୋ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା କରିବାର ଯୋଜନା ମଧ ରହିଛି, ଏଥିପାଇଁ ମୋ ମା'ଙ୍କ ନାମରେ ଗୀତା ଚାରିଟେବଲ୍ ଟ୍ରଷ୍ଟ ସ୍ଥାପନ ହୋଇଛି।

# ୧୦ ବର୍ଷରେ ଜେଲରେ ୫୪୬ କଏଦୀଙ୍କ ଯାଇଛି ଜୀବନ

**ପୋଲିସ ହାଜତରେ ୫୧ ମୃତ**

ଭୁବନେଶ୍ୱର,୧୩।୩(ବ୍ୟୁରୋ): ଜେଲ୍ ଭିତରେ ବଢ଼ୁଛି ବିଚାରାଧୀନ କଏଦୀ ଓ ଦୋଷୀ ସାବ୍ୟସ୍ତ କଏଦୀଙ୍କ ମୃତ୍ୟୁ। ଗତ ୧୦ ବର୍ଷ ଭିତରେ ଜେଲରେ ୫୪୬ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଏହି ସମୟ ଭିତରେ ପ୍ରାୟ ୫୧ ଜଣଙ୍କର ଜୀବନ ପୋଲିସ ହାଜତରେ ଯାଇଛି। ବିଜେଡି ସଭ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସୋମବାର ବିଧାନସଭାରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି, ୨୦୧୩ରେ ବିଚାରାଧୀନ ୩୫ ଜଣ ଓ ଦୋଷୀ ସାବ୍ୟସ୍ତ ୧୧ କଏଦୀଙ୍କୁ ମିଶାଇ ୪୬ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୧୪ରେ ବିଚାରାଧୀନ ୨୧ ଓ ଦୋଷୀ ସାବ୍ୟସ୍ତ ୨୨ କଏଦୀଙ୍କୁ ମିଶାଇ ୪୩ ଜଣ, ୨୦୧୫ରେ ବିଚାରାଧୀନ ୨୯ ଓ ଦୋଷୀ ସାବ୍ୟସ୍ତ ୧୭ କଏଦୀଙ୍କୁ ମିଶାଇ ମୋଟ ୪୬ ଜଣ,୨୦୧୬ରେ ବିଚାରାଧୀନ ୩୪ ଓ ଦୋଷୀ ସାବ୍ୟସ୍ତ ୧୪ କଏଦୀଙ୍କୁ ମିଶାଇ ମୋଟ ୪୮ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ୨୦୧୭ରେ ବିଚାରାଧୀନ ୨୯ ଓ ଦୋଷୀ ସାବ୍ୟସ୍ତ ୧୮ କଏଦୀଙ୍କୁ ମିଶାଇ ମୋଟ ୪୭ ଜଣ ଏବଂ ୨୦୧୮ରେ ବିଚାରାଧୀନ ୨୭ ଓ ଦୋଷୀ ସାବ୍ୟସ୍ତ ୨୪ କଏଦୀଙ୍କୁ ମିଶାଇ ମୋଟ୍ ୫୧ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ୨୦୧୯ରେ ୫୩, ୨୦୨୦ରେ ୭୮, ୨୦୨୧ରେ ୬୧ ଏବଂ ୨୦୨୨ରେ ୪୯ ଜଣଙ୍କ ଜେଲରେ ମୃତ୍ୟୁ ହୋଇଛି।

# ବସ୍ ଓଲଟି ୨୫ରୁ ଊର୍ଦ୍ଧ୍ୱ ଆହତ

ବାରିପଦା ଅଫିସ/ବେତନଟୀ, ୧୩।୩(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ୧୮ନଂ. ଜାତୀୟ ରାଜପଥର କୃଷ୍ଣଚନ୍ଦ୍ରପୁର ଓଭରବ୍ରିଜ୍ ନିକଟରେ ରବିବାର ବିଳମ୍ବିତ ରାତିରେ ଏକ ଘରୋଇ ବସ୍ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ୨୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ଚିକିତ୍ସା ପାଇଁ ସେମାନଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟମାନେ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

ସୂଚନା ଅନୁଯାୟୀ, ରାଇରଙ୍ଗପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଇନ୍ଦ୍ରାଣୀ ନାମକ ଉକ୍ତ ବସ୍‌ର ଆଗ ଚକ ଫାଟି ଯିବାରୁ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଖବର ପାଇ ବେତନଟୀ ପୋଲିସ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ଏନେଇ ବେତନଟୀ ଥାନାରେ ଏକ ମାମଲା(ନଂ. ୮୪/୨୩) ରୁଜୁ ହୋଇଛି।









ଭଗବାନ୍ ତାଙ୍କର ଦୁଇପ୍ରକାର ଭୃତ୍ୟଙ୍କ କାର୍ଯ୍ୟକୁ ଖୁବ୍ ପସନ୍ଦ କରନ୍ତି- ଯେଉଁ ଭୃତ୍ୟ ପରମଶ୍ରଦ୍ଧାରେ ଖୁବ୍ ନୀରବ ଶାନ୍ତ ମନରେ ତାଙ୍କ ମନ୍ଦିରର ପ୍ରାଙ୍ଗଣ ସମାର୍ଜନ କରୁଥାଏ ଏବଂ ଯେଉଁ ଜଣକ ତାଙ୍କ ସହିତ ପୃଥିବୀର ଯୁଦ୍ଧ ଭୂମିରେ ବୀରତ୍ୱର ସହିତ ଯୁଦ୍ଧ କରୁଥାଏ ଈଶ୍ୱରଙ୍କ ବିଜୟ ସମାପନ ହେବା ଯାଏ। **-ଶ୍ରୀଅରବିନ୍ଦ**



# ଅର୍ଥକରୀ ଫସଲ ଅଫିମ

ଅଫିମ ଓ ଗଞ୍ଜେଇ ଚାଷ କରିବା ଲାଗି ବହୁ ସରକାରୀ କଟକଣା ରହିଛି। ଏଗୁଡ଼ିକରେ ଔଷଧୀୟ ଗୁଣ ଥିଲେ ମଧ୍ୟ ମାଦକଦ୍ରବ୍ୟ ଭାବେ ଏହାର ବହୁଳ ଅପବ୍ୟବହାର କରାଯାଉଥିବାରୁ ଏଭଳି ପ୍ରତିବନ୍ଧକ ଲଗାଯାଇଛି। ବେଆଇନ ଭାବେ ଯେଉଁଠାରେ ଏହି ଚାଷ କରାଯାଉଛି ତାହାକୁ ପୋଲିସ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ଦେଖାଯାଉଛି। ବିଶେଷକରି ପପି ବା ଅଫିମରୁ ହେରୋଇନ୍ ପ୍ରସ୍ତୁତ ହେଉଥିବାରୁ ଏହି ମାଦକଦ୍ରବ୍ୟ କାରବାର ଉପରେ ସରକାରୀ ସ୍ତରରେ ରୋକ ଲଗାଯାଇଛି। ତେବେ ଭାରତରେ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ପପି ଚାଷକୁ ଅନୁମତି ଦିଆଯାଇଥିବା ବେଳେ ଅନ୍ୟ ରାଜ୍ୟଗୁଡ଼ିକ ଏମାନଙ୍କଠାରୁ କିଲୋ ପିଛା ୨,୦୦୦ରୁ ୨,୨୦୦ ଟଙ୍କା ଭିତରେ କିଣୁଛନ୍ତି। ପୂର୍ବାପେକ୍ଷା ଏହା ଖୁଚୁରାରେ ମିଳୁ ନ ଥିବାରୁ ଲୋକେ ଚଢ଼ା ଦରରେ କ୍ରୟ କରୁଛନ୍ତି। ନିକଟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କ ରାଜ୍ୟରେ ଏହି ଚାଷ କରିବା ଲାଗି କେନ୍ଦ୍ରଠାରୁ ଅନୁମତି ଲୋଡ଼ିଛନ୍ତି। ବିଧାନସଭାରେ ଏ ସଂକ୍ରାନ୍ତରେ ଆଲୋଚନା କରାଯାଇଥିବା ବେଳେ ସେ ଏଥିଲାଗି ବିରୋଧୀଙ୍କ ସହାୟତା ମାଗିଥିବା ଖବର ଶୁଣିବାକୁ ମିଳିଛି। ତାଙ୍କ ଯୁକ୍ତି ହେଉଛି ଯେ, ସବୁ ଅଫିମ ମଞ୍ଜିକୁ ମାଦକଦ୍ରବ୍ୟ ଭାବେ ବ୍ୟବହାର କରାଯାଉ ନାହିଁ। ତାଙ୍କ ବେଙ୍ଗଲି ଥାଳିରେ ପୋସ୍ତର ବରା ଓ ଆଳୁ ପୋସ୍ତ ନିହାତି ରହିଥାଏ। ଏଠାରେ ଉଲ୍ଲେଖ କରାଯାଇପାରେ, ଓଡ଼ିଆ ଖାଦ୍ୟରେ ମଧ୍ୟ ପୋସ୍ତ (ଯାହାକି ପପି ବା ଅଫିମର ମଞ୍ଜି) ଅତ୍ୟନ୍ତ ରୁଚିକର ସ୍ୱାଦ ଯୋଡ଼ିଥାଏ। ତେଣୁ ଅଫିମ ମଞ୍ଜି ବ୍ୟବହାର କରାଯାଇ ଏହି ରେସିପି ବା ପାକପଦ୍ଧତି ସମ୍ପନ୍ନ କରାଯାଉଥିବାରୁ ଏହାର ଆବଶ୍ୟକତା ଯଥେଷ୍ଟ ରହିଛି। ଯେହେତୁ ଏହାର ଦାମ ଅଧିକ ରହୁଛି, ପଶ୍ଚିମବଙ୍ଗରେ ଏହି ଚାଷକୁ ଅନୁମତି ଦିଆଗଲେ ଲୋକେ କିଲୋ ପିଛା ୧୦୦ ଟଙ୍କାରେ ଏହି ଦ୍ରବ୍ୟକୁ ପାଇପାରନ୍ତେ। ଏଥିସହିତ ମମତା ପ୍ରଶ୍ନ କରିଛନ୍ତି, ଯଦି ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଓ ରାଜସ୍ଥାନକୁ ଅନୁମତି ଦିଆଯାଇଛି, ତାହା ହେଲେ ତାଙ୍କ ରାଜ୍ୟକୁ ଅନୁମତି କାହିଁକି ଦିଆ ନ ଯିବ।

ବାସ୍ତବରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ଦାବିକୁ ଖୁଣି ହେବ ନାହିଁ। ନିଜ ରାଜ୍ୟର ଆବଶ୍ୟକତା ଓ ଆର୍ଥିକ ଦିଗକୁ ଦୃଷ୍ଟିରେ ରଖି ସେ ପପି ଚାଷ ଲାଗି ଅନୁମତି ମାଗିବା ଯଥାର୍ଥ। ଏମିତି ଦେଖିଲେ ଯେଉଁ ରାଜ୍ୟରେ ପପି ଚାଷ ହେଉଛି ସେଠାରେ ଅବକାରୀ ଆୟ ବୃଦ୍ଧି ପାଇବା ସହିତ କଳାବଜାର ବନ୍ଦ ହୋଇଯିବା ସ୍ୱାଭାବିକ। ଅନ୍ୟପଟେ କୌଣସି ଅର୍ଥକରୀ ଫସଲକୁ ବାରଣ କଲେ ସେଥିରେ କଳାବଜାର ବୃଦ୍ଧି ପାଇଥାଏ। ଭାରତରେ କେବଳ ତିନୋଟି ରାଜ୍ୟ ଅଫିମ ଗଛ ଲଗାଇ ଏହାର ବିକ୍ରିବଟା ଉପରେ ଏକଚାଟିଆ ଅଧିକାର ସାବ୍ୟସ୍ତ କରୁଥିବାରୁ ସେମାନେ ଲାଭବାନ ହେଉଛନ୍ତି। ଅନ୍ୟପଟେ ଏହାକୁ କିଣୁଥିବା ରାଜ୍ୟର ଲୋକମାନେ ଆର୍ଥିକ ଦୃଷ୍ଟିରୁ କ୍ଷତି ସହୁଛନ୍ତି। ଅଫିମ ମଞ୍ଜି ଔଷଧ ନିର୍ମାତାଙ୍କ ପାଇଁ ଆବଶ୍ୟକ ହେଉଥିବାରୁ ଏହାକୁ ବ୍ୟବସ୍ଥିତ ଢଙ୍ଗରେ ଯେଉଁମାନେ ଚାଷ କରିପାରନ୍ତେ, ସେମାନେ ଅର୍ଥ ଉପାର୍ଜନ କରିବାକୁ ସୁଯୋଗ ପାଇପାରନ୍ତେ।

> **ଭାରତର କୃଷି ଅର୍ଥନୀତିକୁ ନୂଆ ରୂପରେ ଦେଖିବାକୁ ହେଲେ ପ୍ରତ୍ୟେକ ରାଜ୍ୟକୁ ସବୁ ପ୍ରକାର ଚାଷ ପାଇଁ ଅନୁମତି ଦିଆଯିବା ଦରକାର। କୁହାଯାଇଥାଏ ଖରାପ ଗଛ ପାଇବା କଷ୍ଟକର। ଅର୍ଥାତ୍ ପ୍ରକୃତି ପ୍ରତିଟି ଗଛକୁ ପରିମଣ୍ଡଳର ମଙ୍ଗଳ ଲାଗି ଭେଟି ଦେଇଛି। ଏହାର ଗୁଣକୁ ନଷ୍ଟ କରି ଯେଉଁମାନେ ତାହାକୁ ଖରାପ ଦିଗରେ ବ୍ୟବହାର କରିବେ ତାହା ସମାଜ ଉପରେ ନକାରାତ୍ମକ ପ୍ରଭାବ ପକାଇବ।**

ଗଞ୍ଜେଇ ଓ ଅଫିମକୁ ଦୂରଦୂର ମାର୍‌ମାର୍ ଦ୍ରବ୍ୟ ଭାବେ ଦେଖାଯାଇ ଆସୁଥିବାରୁ ଏହାର ନକାରାତ୍ମକ ଦିଗ ବିଷୟରେ ବହୁତ ଆଲୋଚନା ହୋଇଥାଏ। ଏହାଠାରୁ କାହିଁ କେତେ ଗୁଣରେ ମଦ ଓ ଅନ୍ୟାନ୍ୟ ଧୂଆଁପତ୍ର ଲୋକଙ୍କର ଶାରୀରିକ ଓ ଆର୍ଥିକ କ୍ଷତି ଘଟାଉଥିଲେ ମଧ୍ୟ ସେହି ବିଷୟରେ ବିଶେଷ ଆଲୋଚନା ହୋଇ ନ ଥାଏ। ଭାରତର କୃଷି ଅର୍ଥନୀତିକୁ ନୂଆ ରୂପରେ ଦେଖିବାକୁ ହେଲେ ପ୍ରତ୍ୟେକ ରାଜ୍ୟକୁ ସବୁ ପ୍ରକାର ଚାଷ ପାଇଁ ଅନୁମତି ଦିଆଯିବା ଦରକାର। କୁହାଯାଇଥାଏ ଖରାପ ଗଛ ପାଇବା କଷ୍ଟକର। ଅର୍ଥାତ୍ ପ୍ରକୃତି ପ୍ରତିଟି ଗଛକୁ ପରିମଣ୍ଡଳର ମଙ୍ଗଳ ଲାଗି ଭେଟି ଦେଇଛି। ଏହାର ଗୁଣକୁ ନଷ୍ଟ କରି ଯେଉଁମାନେ ତାହାକୁ ଖରାପ ଦିଗରେ ବ୍ୟବହାର କରିବେ ତାହା ସମାଜ ଉପରେ ନକାରାତ୍ମକ ପ୍ରଭାବ ପକାଇବ। ଭାରତରେ ପ୍ରତିଟି କ୍ଷେତ୍ରରେ ଗବେଷଣା କମ୍ ରହୁଛି। ଏଥିସହିତ ଯେଉଁ ବିଷୟ ବା ସାମଗ୍ରୀ ଉପରେ ପ୍ରତିବନ୍ଧକ, କଟକଣା ବା ରୋକ ଲଗାଯାଉଥିବା କଥା କୁହାଯାଉଛି ତାହାକୁ ଠିକ୍ ଭାବେ ପାଳନ କରାଯାଉ ନ ଥିବାରୁ ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହେଉଛି। ଉଲ୍ଲେଖଯୋଗ୍ୟ ଯେ, ପପି ଗଛରୁ ଯେଉଁ ଅଫିମ ବାହାରେ ସେହି ସମ୍ବନ୍ଧରେ ଚାରି ହଜାରରୁ ଊର୍ଦ୍ଧ୍ୱ ବର୍ଷ ପୂର୍ବରୁ ସୁମେରୀୟଙ୍କ ଦ୍ୱାରା ଲିପିବଦ୍ଧ ଇତିହାସରୁ ଜଣାପଡ଼ିଛି। ଅଫିମର ଔଷଧୀୟ ବ୍ୟବହାର ସମ୍ପର୍କରେ ସେଥିରେ ଉଲ୍ଲେଖ କରାଯାଇଛି। ବିଶେଷକରି ଶାରୀରିକ ଯନ୍ତ୍ରଣା ନିବାରଣ ଏବଂ ଅସ୍ତ୍ରୋପଚାର କ୍ଷେତ୍ରରେ ଏହାର ପ୍ରବଳ ଚାହିଦା ରହିଛି। ସେଥିପାଇଁ କେବଳ ମାଦକଦ୍ରବ୍ୟ ଭାବି ଏହାକୁ ଦମନ କରିବା ଗ୍ରହଣୀୟ ନୁହେଁ। ସର୍ବୋଚ୍ଚରେ ନିଷ୍ପତ୍ତି ନେଉଥିବା ବର୍ଗ ସବୁ ବିଷୟକୁ ବୈଜ୍ଞାନିକସମ୍ମତ ଧାରାରେ ଚିନ୍ତା କରି ପଦକ୍ଷେପ ନେବା ଉଚିତ। ତେଣୁ ଅଫିମ ଚାଷକୁ ଅନୁମତି ଦିଆଗଲେ ତାହା ସରକାରୀ ନିୟନ୍ତ୍ରଣାଧୀନ ରହିବା ସହିତ କ୍ଷୁଦ୍ର ଓ ମଧ୍ୟମ ଚାଷୀଙ୍କୁ ଆର୍ଥିକ ଦିଗରୁ ଲାଭ ମିଳିପାରିବ।

# ରାହୁରୂପୀ କପି



ଅକ୍ଷୟ କୁମାର ମିଶ୍ର

ଅଧୁନା କପି ହେବା, ପ୍ରଶ୍ନପତ୍ର ପ୍ରଘଟ ହେବା ସାଧାରଣ ଘଟଣାରେ ପରିଣତ ହେଲାଣି। ପରୀକ୍ଷାରେ କପି କାହିଁକି ହେଉଛି, କାରଣ କ'ଣ, ଏହା ପଛରେ ଦାୟୀ କେଉଁମାନେ, ଏସବୁ ପ୍ରଶ୍ନଗୁଡ଼ିକର ଉତ୍ତର ଖୋଜିବା ଏବଂ ପ୍ରତିକାର କ୍ଷେତ୍ରରେ ଆନ୍ତରିକତା ପ୍ରଦର୍ଶନ କରିବା ମନେହେଉ ନାହିଁ। ରକ୍ଷକ ଯେତେବେଳେ ଭକ୍ଷକ ସାଜେ, କିଏ କାହାକୁ ଦୋଷ ଦେବ? ଏହାହିଁ ଘଟୁଛି ଆମ ରାଜ୍ୟର ବିଭିନ୍ନ ପରୀକ୍ଷା ବିଶେଷକରି ମାଟ୍ରିକ ପରୀକ୍ଷାରେ। ଚାଲିଛି କପି। ଅଭିଯୋଗ ଉଠୁଛି, ଏଥିରେ ଶିକ୍ଷକମାନେ ହେଉଛନ୍ତି ମୁଖ୍ୟ କାର୍ପଟଦାର। ଅବଶ୍ୟ କିଛି ଶିକ୍ଷକ ଏଭଳି ମନ୍ଦ କାର୍ଯ୍ୟର ବିରୋଧୀ। କିନ୍ତୁ ଏମାନଙ୍କ ସଂଖ୍ୟା ଏତେ କମ୍, ଯାହାକି ଏମାନେ ବାଧ୍ୟ ହେଉଛନ୍ତି ଚୁପ୍ ରହିବାକୁ। ଏହି ବର୍ଗର ଜଣେ ଶିକ୍ଷକ ନିଜ ପରିଚୟ ଗୋପନ ରଖି ଯାହା କହିଲେ ମୁଁ ତାଜୁବ ହୋଇଗଲି। ମନେମନେ ଭାବିଲି, ଆଜି ସମାଜରେ ଯେତେ ଅନ୍ୟାୟ ଅନୀତି ହେଉଛି ତା'ର ଅୟମାରମ୍ଭ ବୋଧହୁଏ ଏହି ପରୀକ୍ଷାରୁ ଆରମ୍ଭ ହେଉଛି। କୋମଳମତି ଶିଶୁ ମନରେ ଭରି ଦିଆଯାଉଛି କେମିତି ପରିଶ୍ରମ ନ କରି ଭଲ ଫଳ ମିଳିପାରିବ। ତାହା ପୁଣି କିଏ ଭରି ଦେଉଛନ୍ତି, ଯିଏ ପିଲାମାନଙ୍କର ସର୍ବାଙ୍ଗୀନ ବିକାଶର ଦାୟିତ୍ୱ ନେଇଛନ୍ତି।

ଛାତ୍ରୀଛାତ୍ରମାନଙ୍କୁ ପ୍ରଥମ ଶ୍ରେଣୀରେ ଅଧ୍ୟୟନ ବେଳଠୁ କପିମନ୍ତ୍ର ପାଠ କରାଇବାରେ ଅଭ୍ୟସ୍ତ କରାଯାଉଛି। କୌଣସି ପ୍ରାଥମିକ ବିଦ୍ୟାଳୟରେ ପରୀକ୍ଷା ଚାଲିଥିବା ସମୟରେ ଯଦି ଆମେ ସେଠାକୁ ଯିବା ଏହାହିଁ ଦେଖିବାକୁ ପାଇବା। ଦେଖିଲା ପରେ ଯେକେହି କହିବ ପାଠରେ ନୁହେଁ, ବରଂ କପି କରିବାରେ କାହାର କେତେ ଦକ୍ଷତା ତାହା ହିଁ ପରୀକ୍ଷା କରାଯାଉଛି। ଏମିତି ଚାଲିଲେ ପିଲାଏ ପଢ଼ିବେ କାହିଁକି, ପରୀକ୍ଷା ପାଇଁ ପ୍ରସ୍ତୁତ ହେବେ କାହିଁକି?

ଆମ ରାଜ୍ୟରେ ମାଧ୍ୟମିକ ଶିକ୍ଷା କହିଲେ ନବମ ଓ ଦଶମ ଶ୍ରେଣୀକୁ ବୁଝାଏ। ପୂର୍ବରୁ କେବଳ ଦଶମ ଶ୍ରେଣୀର ବାର୍ଷିକ ପରୀକ୍ଷାକୁ ଛାଡ଼ିଦେଲେ ବାକି ସମସ୍ତ ପରୀକ୍ଷା ବିଦ୍ୟାଳୟ ଦ୍ୱାରା ପରିଚାଳିତ ହେଉଥିଲା। ପରୀକ୍ଷା ନିମନ୍ତେ ପ୍ରଶ୍ନପତ୍ରର ପ୍ରସ୍ତୁତି, ପରୀକ୍ଷା ଖାତାର ମୂଲ୍ୟାୟନ ଏବଂ ଫଳ ପ୍ରକାଶନ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ କରୁଥିଲେ। ୨୦୨୦ରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷା ସଂସ୍କାର ନାମରେ ଅନେକ କିଛି ପରିବର୍ତ୍ତନ ଆଣିଲେ। ଅର୍ଦ୍ଧବାର୍ଷିକ ଓ ବାର୍ଷିକ ପରୀକ୍ଷାର ନାମ ବଦଳାଇ ଯଥାକ୍ରମେ ସମ୍ମେଟିଭ-୧ ଓ ସମ୍ମେଟିଭ-୨ ନାମରେ ନାମିତ କଲେ। ଉଭୟ ଶ୍ରେଣୀରେ ହେଉଥିବା ଏହି ଦୁଇଟି ପରୀକ୍ଷା ପରିଚାଳନାର ଦାୟିତ୍ୱ ବୋର୍ଡ ହାତକୁ ନେଇଛନ୍ତି। ନବମ ଶ୍ରେଣୀର ଏହି ଦୁଇଟି ପରୀକ୍ଷା ଯଦିଓ ନିଜ ବିଦ୍ୟାଳୟରେ ଅନୁଷ୍ଠିତ ହେଉଛି, କିନ୍ତୁ ପ୍ରଶ୍ନପତ୍ର ବୋର୍ଡ ଦ୍ୱାରା ଯୋଗାଇ ଦିଆଯାଉଛି। ମୂଲ୍ୟାୟନ ଅନ୍ୟ ବିଦ୍ୟାଳୟର ଶିକ୍ଷକଙ୍କ ଦ୍ୱାରା ହେଉଛି। ବୋର୍ଡ ପରୀକ୍ଷାଫଳ ପ୍ରକାଶ କରୁଛି। ହେଲେ ପରୀକ୍ଷା ଯେମିତି ଚାଲିଛି କହିଲେ କୁଳ କୁଟମ୍ବକୁ ଲାଜ, ନ କହିଲେ କୁଳ ଭାସି ଯାଉଛି। ପରୀକ୍ଷା ହେବାର ଯଥେଷ୍ଟ ପୂର୍ବରୁ ପ୍ରଶ୍ନ ଓ ଉତ୍ତର ଉଭୟ ୟୁ-ଟ୍ୟୁବ୍‌ରେ ମିଳୁଛି।

ଆଉ ପରୀକ୍ଷା କେମିତି ହେଉଛି ନ କହିବା ଭଲ। ଲୁଚିଛି ନା ଗୋଡ଼ ଦୁଇଟା ଦିଶୁଛି। ଦଶମ ଶ୍ରେଣୀରେ ଏବେ ଦୁଇଟି ବୋର୍ଡ ପରୀକ୍ଷା। ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ପରୀକ୍ଷା କେନ୍ଦ୍ରକୁ ଦୁଇ ଦୁଇ ଥର ପରୀକ୍ଷା ଦେବା ପାଇଁ ଯିବାକୁ ପଡୁଛି ଲକ୍ଷ ଲକ୍ଷ ପରୀକ୍ଷାର୍ଥୀଙ୍କୁ। ପ୍ରଶ୍ନପତ୍ର ପ୍ରଘଟ ନ ହେବା ପାଇଁ ପ୍ରତି ବ୍ଲକରେ ଗୋଟିଏ ଗୋଟିଏ ନୋଡାଲ ସେଣ୍ଟର ହୋଇଛି, ଯେଉଁଠି ପ୍ରଶ୍ନପତ୍ର ସଞ୍ଚିତ ରହୁଛି ଏବଂ ପରୀକ୍ଷା କେନ୍ଦ୍ରକୁ ହାଇ ସିକ୍ୟୁରିଟି ଜରିଆରେ ପ୍ରୋଗ୍ରାମ ଅନୁଯାୟୀ ପ୍ରଶ୍ନ ପ୍ୟାକେଟ ଯାଉଛି। କପି ରୋକିବା ପାଇଁ ତ୍ରିସ୍ତରୀୟ ସ୍କ୍ୱାଡ୍ ଗଠନ କରାଯାଉଛି। କିଛି କିଛି ପରୀକ୍ଷା କେନ୍ଦ୍ରକୁ ଅବଜର୍ଭର ମଧ୍ୟ ପଠାଯାଉଛି। ହେଲେ କପି ରୋକାଯାଇ ପାରିଛି ନା ପାରିବ, ଯେପର୍ଯ୍ୟନ୍ତ ଶିକ୍ଷକମାନେ ଚାହିଁ ନାହାନ୍ତି। ଏ ବାବଦରେ ଯଦି ଶିକ୍ଷକଙ୍କୁ ପଚରାଯିବ, "ପରୀକ୍ଷାରେ କପି କରିବା ଏବଂ ଏହାକୁ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ପ୍ରୋତ୍ସାହନ ଦେବା ଅପରାଧ ନୁହେଁ କି? ଏହା ସମ୍ପୂର୍ଣ୍ଣ ବନ୍ଦ ହେଉ ଏକଥା କ'ଣ ଆପଣମାନେ ଚାହୁଁ ନାହାନ୍ତି?" ଉତ୍ତର ଆସିବ, "କପି କରିବା ଏକ ବଡ଼ ଧରଣର ଅପରାଧ। ଏହା ଦ୍ୱାରା ଛାତ୍ର ସମାଜର ଅପୂରଣୀୟ କ୍ଷତି ହେଉଛି।



କିନ୍ତୁ କେବଳ ମୁଁ ଚାହିଁଲେ ହେବ ନାହିଁ। ସମସ୍ତେ ଚାହିଁବା ଦରକାର। କି ସୁନ୍ଦର ପଳାୟନପନ୍ଥୀ ଯୁକ୍ତି! ନିଜ ଦାୟିତ୍ୱବୋଧଠାରୁ ନିଜକୁ ଦୂରେଇ ନେଇ ଅନ୍ୟ ଉପରେ ଦୋଷ ଲଦିଦେବାର ଯୋଜନା।

ଏବେ ଦେଖାଯାଉଛି ପରୀକ୍ଷାରେ କପି ହେବାକୁ ନେଇ ବୋର୍ଡ, ବିଭାଗୀୟ କର୍ତ୍ତୃପକ୍ଷ, ସ୍କ୍ୱାଡ୍, ପର୍ଯ୍ୟବେକ୍ଷକ, କେନ୍ଦ୍ର ଅଧୀକ୍ଷକ, ଉପଅଧୀକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷକ ଯେଉଁମାନେ ନିରୀକ୍ଷକ ହେଉଛନ୍ତି, ସଭିଏଁ ନିଜର ଦୋଷ ଦୁର୍ବଳତା ନ ଧରି ଅନ୍ୟମାନଙ୍କୁ ଦୋଷ ଦେବାରେ ବ୍ୟସ୍ତ। ଖାଲି ଏତିକି ନୁହେଁ, କିଛି କିଛି ପରୀକ୍ଷା କେନ୍ଦ୍ରରେ କପି ଯୋଗାଇବା ନାମରେ ପିଲାଙ୍କଠାରୁ ଅର୍ଥ ଆଦାୟ କରାଯାଉଥିବା ମଧ୍ୟ ଶୁଣିବାକୁ ମିଳେ। କିନ୍ତୁ ଏହା ବିରୋଧରେ କେହି ପାଟି ଖୋଲନ୍ତି ନାହିଁ। କିଏ କାହିଁକି ବା କହିବ! ବିନା ପରିଶ୍ରମରେ ପାଠ ନ ପଢ଼ି ଭଲ ନମ୍ବର ରଖି ମାଟ୍ରିକ ପାଶ୍। ପରୀକ୍ଷାର୍ଥୀ ଖୁସ୍। ଉତ୍ତରଦାୟିତ୍ୱର ବୋଝ ନ ମୁଣ୍ଡାଇ ନେଇ ଆଣି ଥୋଇ ପାରିଲେ ଶତ ପ୍ରତିଶତ ପରୀକ୍ଷାଫଳ। ସମସ୍ତଙ୍କ ମୁହଁରେ ପ୍ରଶଂସା "ପାରିବାପଣିଆ ମାଷ୍ଟର ଏକା।" ବିଭାଗୀୟ ଅଧିକାରୀ ନିଜ ଜିଲା, ପରୀକ୍ଷା ଫଳରେ ରେକର୍ଡ କରିଥିବାରୁ କୃତକୃତ୍ୟ। ନବେ ପ୍ରତିଶତରୁ ଊର୍ଦ୍ଧ୍ୱ ପାଶ୍ ହାର ଯୋଗୁ ବୋର୍ଡ ଗର୍ବରେ ଫାଟି ପଡୁଛି। ସରକାର କହୁଛନ୍ତି, ଆମ ପିଲା କୌଣସି ଗୁଣରେ ସିବିଏସ୍‌ଇ, ଆଇସିବିସି ପିଲାଙ୍କଠାରୁ କମ୍ ନୁହନ୍ତି। ଗହନ କଥା ସମସ୍ତେ ଜାଣନ୍ତି, ହେଲେ କେହି କହନ୍ତି ନାହିଁ। କିଏ ନ ଜାଣିଛି ବାର୍ଷିକ ଶିକ୍ଷାର ପରିସଂଖ୍ୟାନ ରିପୋର୍ଟ ସମ୍ପର୍କରେ? ପ୍ରାଥମିକ ଶିକ୍ଷା ସ୍ତରରେ ୮୦% ପିଲା ଯେଉଁଠି ଭଲକରି ଲେଖିପଢ଼ି ପାରୁନାହାନ୍ତି, ସେଠାରେ ମାଧ୍ୟମିକ ସ୍ତରରେ ଏମିତି କେଉଁ ଔଷଧ ପିଲାଙ୍କୁ ଖୁଆଇ ଦିଆଗଲା ଯେ ଦଶମ ଶ୍ରେଣୀର ବୋର୍ଡ ପରୀକ୍ଷାରେ ୯୦%ରୁ ଅଧିକ ପିଲା ଛକା ମାରିଦେଲେ? କପିର କମାଲ!

କିନ୍ତୁ କପି ଏମିତି ଏକ ରାହୁ, ଯିଏ ପିଲାମାନଙ୍କର ମସ୍ତିଷ୍କକୁ ଗ୍ରାସ କରେ। ବୌଦ୍ଧିକ ବିକାଶର ପଥ ରଦ୍ଧ କରିଦିଏ। ସର୍ଜନଶୀଳତାକୁ ପଙ୍ଗୁ କରିଦିଏ। ଶେଷରେ ନୈତିକତା ଧ୍ୱଂସ ହୋଇଯାଏ। ଏହି ଅସାଧୁ ପ୍ରକ୍ରିୟା ବନ୍ଦ ହେବା ଆବଶ୍ୟକ। ଯେଉଁ ଯେଉଁ ବ୍ୟବସ୍ଥା ପରୀକ୍ଷାରେ କପି କରିବାକୁ ସହଜ ଓ ସରଳ କରିଦେଉଛି ସେଗୁଡିକ ସମ୍ପର୍କରେ ସରକାର ଓ ବୋର୍ଡ ପୁନଃ ଚିନ୍ତନ କରନ୍ତୁ। ଅର୍ଦ୍ଧେକ ବହୁନିଷ୍ଠ ପ୍ରଶ୍ନ ପୁଣି ଓ୍ୱେମାର ଜରିଆରେ ପରୀକ୍ଷାରେ ଅସାଧୁ କାର୍ଯ୍ୟକୁ ବୃଦ୍ଧି କରିବାରେ ସହାୟକ ହୋଇଛି। ମନେରଖିବା ଉଚିତ ଏସବୁ ପରୀକ୍ଷା ପ୍ରତିଯୋଗିତାମୂଳକ ପରୀକ୍ଷା ନୁହେଁ। ତେବେ ସବୁରି ମୂଳରେ ଶିକ୍ଷକ। କେବଳ ସେମାନେ ଚାହିଁଲେ ପରୀକ୍ଷାରେ ହେଉଥିବା କପିକୁ ବନ୍ଦ କରିଦେଇ ପାରିବେ। କୋମଳମତି ଛାତ୍ରୀଛାତ୍ରଙ୍କ ବିନାଶ ପ୍ରତି ନୁହେଁ, ବିକାଶ ପ୍ରତି ସମ୍ବେଦନଶୀଳ ହେବା ସମସ୍ତଙ୍କର ଧେୟ ହେଉ।

**ପ୍ରାକ୍ତନ ଯୁଗ୍ମ ସାଧାରଣ ସମ୍ପାଦକ, ଓଷ୍ଟା**
**ମୋ: ୭୦୦୮୦୭୩୫୯୯**

# ଓଡ଼ିଆଙ୍କ ଅଭିଧାନରେ ଇଗୋ



ଅରୁଣ କୁମାର ତ୍ରିପାଠୀ

ଗୋଟିଏ ଜାତିର ଉତ୍ଥାନ ନିମିତ୍ତ ସମସ୍ତଙ୍କ ଦୟାର୍ଦ୍ର ହୃଦୟ ତଥା ସମ୍ବେଦନଶୀଳତା ରହିବା ଅପରିହାର୍ଯ୍ୟ। ଉତ୍କଳମଣି ଲେଖିଥିଲେ, 'ସ୍ୱଦେଶ ମମତା ବିଶ୍ୱ ଜନପ୍ରୀତି, ଉତ୍କଳ ବାସୀର ହେଉ ଏହା ନୀତି'। ଅନେକେ ନିଜର ପୈତୃକ ପ୍ରାଣକୁ ବିସର୍ଜନ କରି ଜନ୍ମଭୂମି ଭାରତକୁ ସ୍ୱାଧୀନତା ଆଣିଥିଲେ। କାହାର କାହାର ବଂଶ ମଧ୍ୟ ଲୋପ ହୋଇଗଲା। ଆଜି ବି ଅନେକେ ବିୟୁକ୍ତ ତାପମାତ୍ରାରେ ଦେଶର ନିରାପତ୍ତା ସକାଶେ ସୀମା ଜଗିଥିବା ସ୍ଥଳେ ଦେଶ ଭିତରେ ଯେଉଁମାନେ ନିଜ ଅଞ୍ଚଳର ଉନ୍ନତି କରିବାକୁ ଚାହୁଁଛନ୍ତି, ସେଥିରେ ଅନେକେ ଯୋଗଦାନ କରିବେ ବୋଲି କହି ମୂକ ବଧିର ଭଳି ବ୍ୟବହାର କରୁଛନ୍ତି। ସାମାଜିକ ଗଣମାଧ୍ୟମରେ ନିଜକୁ ତୁଚ୍ଛ ବୋଲି ଉପସ୍ଥାପିତ କରୁଥିବା ସ୍ଥଳେ ନିଜର ସଂପୃକ୍ତ ଦାୟିତ୍ୱ ସମ୍ପାଦନ ବେଳେ ଅନେକଗୁଡ଼ିଏ ବାହାନା, ନୀରବତା ବଜାୟ ରଖି ହେଉ ଅଥବା ଉଦ୍ୟମୀଙ୍କୁ କଷ୍ଟଦେଲା ଭଳି କହି ନିଜର ହୀନମନ୍ୟତାକୁ ପରୋକ୍ଷରେ ପ୍ରଦର୍ଶନ କରୁଛନ୍ତି। ଯେଉଁମାନଙ୍କ ଅଧ୍ୟବସାୟ ରହୁଛି, ସେମାନେ କୌଣସି ମତେ ନିଜର ମାନସ ସନ୍ତାନମାନଙ୍କୁ ସକାଳର ସୂର୍ଯ୍ୟଙ୍କ ସହ ପରିଚୟ କରେଇପାରୁଥିବା ସ୍ଥଳେ ଆଉ କିଛି ଉତ୍ସାହୀ ହୃଦୟଙ୍କ ଅଭିଳାଷା ଅମାବାସ୍ୟାର ଚାନ୍ଦ ହେବାକୁ ବାଧ୍ୟ ହେଉଛି।

ଓଡ଼ିଆ କଙ୍କଡ଼ା ବୋଲି ଯେଉଁ ମନଗଢ଼ା ହାସ୍ୟୋଦ୍ଦୀପକ ଲୋକ କଥା ରହିଛି, ସେୟା କିଛି ଲୋକଙ୍କ ଜୀବନାନୁଭୂତି ଥିଲା, କିନ୍ତୁ ବିକାଶ ପ୍ରକ୍ରିୟାରେ ମଝି ପାହାଚରେ ଥିବା କିଛି ଲୋକ ନିଜର ଆଦର୍ଶ ସେହି କଙ୍କଡ଼ାମାନଙ୍କୁ କରିନେଉଛନ୍ତି। ବିଦ୍ୟାର ଦେବୀ ମାଆ ସରସ୍ୱତୀଙ୍କ ଚାରି ହାତ ଚାରୋଟି ଗୁଣ ଯଥା :- ମନ, ବୁଦ୍ଧି, ସତର୍କତା ଏବଂ ଅହଂକାର ବୋଲି କିଛି ସାହିତ୍ୟରେ ଉଲ୍ଲେଖ ରହିଛି। ଅହଙ୍କାର କିଛିକାଂଶରେ ଗ୍ରହଣୀୟ, କାରଣ ସେୟା ଓଡ଼ିଆ ଅଭିଧାନରେ ମିଳିପାରେ, କିନ୍ତୁ ପାଶ୍ଚାତ୍ୟ ସଂସ୍କୃତିକୁ ହନୁକରଣ କରି କିଛି ଲୋକ ଇଗୋକୁ ନିଜ ପ୍ରତିଭା ସାବ୍ୟସ୍ତ କରିବାରେ ବ୍ୟସ୍ତ। ଆମେ ଯେଉଁ ରୋଗ ବିଷୟରେ ଜାଣିବା, ତାହାର ଚିକିତ୍ସା କରିପାରିବା। କିନ୍ତୁ କରୋନା ଭଳି ଭୂତାଣୁ ଦ୍ୱାରା ସଂକ୍ରମିତ ହେଲେ, ତାହାର ତ୍ୱରିତ୍ ସମାଧାନ ହୋଇ ନ ପାରେ। କୋଭିଡ୍‌ରେ ଯେଉଁଭଳି ଲକ୍ଷାଧିକ ଲୋକଙ୍କ ମୃତ୍ୟୁ ଘଟିଲା, ସେହିଭଳି ଏହି ଇଗୋ ନାମକ ଭୂତାଣୁଦ୍ୱାରା ଅନେକଙ୍କ ଉତ୍ସାହ ମରିଯାଉଛି। ଗଛରେ କଢ଼ିଟିଏ ମୁହେଁଇବା ସମୟରେ ତାହାକୁ ଯଦି ଛିଣ୍ଡେଇ ଦେବା, ସୁଗନ୍ଧକୁ ଆମେ କିଭଳି ପ୍ରାପ୍ତ ହେବା?

ସେଦିନ ହିମାଚଳ ପ୍ରଦେଶ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କହୁଥିଲେ, ବୈଜ୍ଞାନିକ ଚିନ୍ତା ସବୁ ୮ରୁ ୯ ବର୍ଷ ବୟସ ମଧ୍ୟରେ ଉଦ୍ରେକ ହୁଏ। ସେହି ଅବସ୍ଥାରେ ପ୍ରାଥମିକ ଶିକ୍ଷକ ଯଦି ତାହାକୁ ପ୍ରୋତ୍ସାହନ ଦେବେ ନାହିଁ, ଦେଶକୁ ନୂଆ ବୈଜ୍ଞାନିକ ମିଳିବ ନାହିଁ, ଯେଉଁମାନେ ଆଇଜାକ୍ ନିଉଟନ୍ ଭଳି ନିଜନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିପାରିବେ!

ଉତ୍କଳ ଗୌରବ ମଧୁସୂଦନଙ୍କ ନାମରେ ଓଡ଼ିଶା ବିତ୍ତସେବା ଅଧିକାରୀମାନଙ୍କ ତାଲିମ କେନ୍ଦ୍ରର ନାମକରଣ ହୋଇଛି। ତାଙ୍କର ଏକ ଧାଡ଼ି ଶୁଣିଲେ ପ୍ରତି ଲୋମକୂପରେ ଶିହରଣ ଖେଳିଯାଏ ତଥା କିଛି ଅକର୍ମ କରିଥିଲେ ଢେର୍ ଲାଜ ମାଡ଼େ। କୁଳବୃଦ୍ଧଙ୍କ ଅନୁସାରେ, "ଜାତି ନନ୍ଦିଘୋଷ ଚଳିବ କି ଭାଇ ସ୍ୱାର୍ଥକୁ ସାରଥି କଲେ, ଟାଣେ କିରେ ଗାଡ଼ି ଦାନାର ତୋବଡ଼ା ଘୋଡ଼ା ମୁହେଁ ବନ୍ଧା ଥିଲେ।'




ଶ୍ରୀକ୍ଷେତ୍ରରେ ରଥଯାତ୍ରା ସମୟରେ ଦଉଡ଼ି ପ୍ରାୟତଃ ଛିଡ଼େ ନାହିଁ, କିନ୍ତୁ ଯଦି ଛିଡ଼େ ତେବେ ତାହାକୁ ଗଇଁଠେଇବାକୁ ପଡ଼େ ନତୁବା ନୂତନ ଦଉଡ଼ି ଆଣିବାକୁ ପଡ଼େ। ସେହିଭଳି ଯଦିଆମେ ଏହିବିଦେଶାଗତ ଇଗୋକୁଆଦର୍ଶ କରିନେବା, ତେବେ କିଛି କାଳତ ଜାତି ନନ୍ଦିଘୋଷ ଅଟକି ଯିବ; କିନ୍ତୁ ନୂତନ ଦଉଡ଼ି ସଂଯୋଗରେ ସେୟା ଅବିଶ୍ରାନ୍ତ ଗତିରେ ନିଶ୍ଚୟ ଆଡ଼ପ ମଣ୍ଡପରେ ପହଞ୍ଚିବ। କାହା ପାଇଁ ନାଟକର କୌଣସି ଚିତ୍ରଣ ଅଟକେ ନାହିଁ। ହେଲେ କିଛି କାଳ ସମସ୍ୟା ଦେଖାଯାଏ। ସାମାଜିକ ପ୍ରଗତି ନିମନ୍ତେ କରାଯାଉଥିବା ପ୍ରୟାସ ସବୁରେ ଯଦି ଏହି ଇଗୋର କୋକୁଆ ଛାୟା ମାଡ଼ିବସିବ, ସେୟା ଅନେକ ଭାବେ ପ୍ରଭାବିତ ହେବ। ନିଜର ବ୍ୟକ୍ତିଗତ କାର୍ଯ୍ୟ ଆମେ ଉପଯୁକ୍ତ ଦୃଷ୍ଟି ସହକାରେ ହାସଲ କରୁ, କିନ୍ତୁ ସାମାଜିକ କାର୍ଯ୍ୟରେ ଟିକିଏ ବାଧା କାର୍ଯ୍ୟଟିର ସମାପନରେ ପ୍ରଶ୍ନବାଚୀ ସୃଷ୍ଟି କରେ!

ସ୍ୱିଡେନ, ଜାପାନ ଏବଂ ଜର୍ମାନୀ ଭଳି ଅନେକ ଦେଶ ସେଠିକାର ଉତ୍ସାହୀ ହୃଦୟମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସୁଯୋଗ ଯୋଗାଇ ପ୍ରଗତିଶୀଳ ଲାଭ ପାଇବା ଆରମ୍ଭ କରି ଦେଇଛନ୍ତି। ଜାପାନରେ ହିରୋସୀମା ଏବଂ ନାଗାସାକି ଉପରେ ବୋମା ବିସ୍ଫୋରଣ ହେବାର ୮୦ ବର୍ଷରୁ ଅଧିକ ସମୟ ବିତିଯାଇଛି। ମେରୁଦଣ୍ଡ ହାଡ଼ ଭାଙ୍ଗିଥିଲେ ମଧ୍ୟ ଜାପାନ ଯୁବ ବର୍ଗଙ୍କ ଉପରେ ନିବେଶ କରି ଆଜି ପ୍ରଶଂସା ସାଉଁଟିପାରୁଛି। ହାତୀ ଓ ଝିଟିପିଟିର ଯୁଦ୍ଧରେ ସାଧାରଣତଃ ହାତୀର ବିଜୟ ସୁନିଶ୍ଚିତ ବୋଲି ସମସ୍ତଙ୍କ ଅବଧାରଣା, କିନ୍ତୁ ସେୟା ତା' ଶୁଣ୍ଢରେ ପଶିଗଲେ, ହାତୀକୁ ମୃତ୍ୟୁମୁଖରେ ପକେଇଦିଏ। ଆଜି ରୁଷିଆ ୟୁକ୍ରେନ ଯୁଦ୍ଧରେ ସେହି ଅବସ୍ଥା। କିନ୍ତୁ ୟୁକ୍ରେନ ସରକାର ଏହାର ନାଗରିକ ଗଣଙ୍କୁ ଗରିଲା ଯୁଦ୍ଧର କୌଶଳ ଶିଖେଇ ରୁଷ ସେନାର ଅକଲ ଗୁଡୁମ କରିବାକୁ ପଛଉ ନାହିଁ। ଆମ ଜନ୍ମ ଏହିଭଳି ଏକ ରାଷ୍ଟ୍ରରେ ହୋଇଛି, ଯାହା ଅତୀତରେ ବିଶ୍ୱଗୁରୁ ଥିଲା ଓ କିଛି ଦିନରେ ସେହି ସ୍ଥାନରେ ଅଚିରେ ପହଞ୍ଚିଯିବ ବୋଲି ଦାର୍ଶନିକ ଗଣ ମତ ଦିଅନ୍ତି। କିନ୍ତୁ ଆମେ ସଂକୀର୍ଣ୍ଣ ସ୍ୱାର୍ଥର ବଶବର୍ତ୍ତୀ ହୋଇ ସଫଳତା ନିମନ୍ତେ ପଞ୍ଜୀକରଣର ପ୍ରକ୍ରିୟା ଅପର ସହ ବାଣ୍ଟିବାକୁ କୁଣ୍ଠାବୋଧ କରୁଛୁ।

ପୁନଶ୍ଚ ଦାସେ ଆପଣେଙ୍କ ଆଉ ଏକ ବୀର ଚେତନା ମନରେ ଉଙ୍କିମାରେ, ତୋ ପୂର୍ବ ପୁରୁଷେ ଜୟ କରିଥିଲେ ଗଙ୍ଗାଠାରୁ ଗୋଦାବରୀ, ତାଙ୍କରି ଔରସେ ଜନ୍ମ ହୋଇ ତୁହି କେଉଁ ଗୁଣେ ତାଙ୍କୁ ସରି? ଆମେ କୌଣସି କାର୍ଯ୍ୟ ଯଦି କରିପାରୁନାହେଁ, ଅନ୍ୟଦ୍ୱାରା ସେହିଭଳି କିଛି କାର୍ଯ୍ୟ କରାଗଲେ, ନିଜେ ଅକୁଣ୍ଠ ଚିତ୍ତରେ ସହଯୋଗ କରିବା। ଅନେକ ସମିଧଙ୍କୁ ଘୃତାହୁତି ସହକାରେ ଅଗ୍ନିରେ ନିକ୍ଷେପ କରିବା। ଫଳରେ ଲେଲିହାନ ଜିହ୍ୱାରେ କାମନା ଚରିତାର୍ଥ ହୁଏ। ନିଜ କଥା ତ ଆମେ ବିଚାର କରିବା, କିନ୍ତୁ ସେଥିରୁ ଗୋଟିଏ ପାଦ ଆଗକୁ ଯାଇ ସାମାଜିକ କାର୍ଯ୍ୟରେ ନିଜର ପ୍ରତିବଦ୍ଧତାକୁ ପ୍ରମାଣିତ କରିବା। ଜଣଙ୍କୁ ଦେଇଥିବା ବାକ୍ୟରୁ ଆମେ କେବେ ମଧ୍ୟ ଓହରିବା ନାହିଁ। ବସୁଧୈବ କୁଟୁମ୍ବକଂର ବାର୍ତ୍ତା ଦେଇଥିବା ଉତ୍କଳ ଭୂମିର ଯଥାର୍ଥ ଉନ୍ନତି ନିମନ୍ତେ ଏହି ବିଦେଶାଗତ ଶବ୍ଦ ଇଗୋକୁ ଦୂରେଇ ଏକ ସମୃଦ୍ଧ, ସମୁନ୍ନତ ତଥା ପ୍ରଗତିଶୀଳ ଉତ୍କଳ ପ୍ରଦେଶ ଗଠନ କରିବା ନିମନ୍ତେ ବେଳ ହୁଁ ଶପଥ ନେବା ବିଧେୟ।

**ଜୟପୁର, ମୋ-୯୦୭୮୮୩୮୬୨୭**

## ଏଇ ଭାରତରେ

ମାନବ-ଦେବତା ଭିତରେ ବାହାଘର, ଏକଥା ବିଶ୍ୱାସ କରି ହେଉ ନ ଥିଲେ ବି ସତ। ଏଭଳି ଘଟଣା ସାମ୍ନାକୁ ଆସିଛି ଉତ୍ତରପ୍ରଦେଶ ଔରେୟା ଜିଲା ବିଧୁନାରେ। ସେଠାରେ ୩୦ ବର୍ଷୀୟା ରକ୍ଷା ଶ୍ରୀକୃଷ୍ଣ ଭଗବାନ୍‌ଙ୍କୁ ବିବାହ କରିଛନ୍ତି। ରକ୍ଷା ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ଏମ୍‌ଏଲ୍‌ଏଲ୍‌ବି କରୁଛନ୍ତି। ତେବେ ଏମିତି ଜଣେ ଉଚ୍ଚ ଶିକ୍ଷିତା ଝିଅଙ୍କର ଏଭଳି ବିଚିତ୍ର ଚିନ୍ତାଧାରା ସମସ୍ତଙ୍କୁ ଚକିତ କରିଛି। ରକ୍ଷା ମାତାପିତାଙ୍କ ଅନୁମତି ନେଇ ଶ୍ରୀକୃଷ୍ଣଙ୍କୁ ବିବାହ କରିଛନ୍ତି। ବିବାହରେ ତାଙ୍କର ସମସ୍ତ ସମ୍ପର୍କୀୟ ଉପସ୍ଥିତ ଥିଲେ। ହିନ୍ଦୁ ପରମ୍ପରା ରୀତିନୀତିରେ ଉକ୍ତ ବିବାହ ଅନୁଷ୍ଠିତ ହୋଇଥିଲା। ବିବାହରେ ରକ୍ଷା ଭଗବାନ୍ କୃଷ୍ଣଙ୍କୁ ବରଣମାଳା ପିନ୍ଧାଇଥିଲେ। ତେବେ ପରିବାର ପକ୍ଷରୁ ବିବାହ ଲାଗି ବାରମ୍ବାର ଚାପ ପକାଯିବା ଦ୍ୱାରା ସେ ବାଧ୍ୟ ହୋଇ ଶ୍ରୀକୃଷ୍ଣଙ୍କୁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ଭଗବାନ୍‌ଙ୍କୁ ବିବାହ କଲେ ଆଉ ବାହା ହେବାକୁ ପଡ଼ିବ ନାହିଁ ବୋଲି ଯେଉଁ ବିଶ୍ୱାସ ରହିଛି, ତାହା ବହୁ ସମୟରେ କନ୍ୟାମାନେ ପ୍ରତିପାଦନ କରୁଥିବା ଦେଖାଯାଉଛି। ତେବେ ଏମିତି ଘଟଣା ପ୍ରଥମେ ଘଟିନାହିଁ, ବରଂ ଏହା ପୂର୍ବରୁ ଜୟପୁରର ଜଣେ କନ୍ୟା ଭଗବାନ୍ ଶ୍ରୀରାମଙ୍କୁ ବିବାହ କରିଥିଲେ।

## ଚିରନ୍ତନୀ

ଧରଣୀ ହେଲା କୋମଳତମ
ଆକାଶ କମନୀୟ
ମରଣ ହେଲା ମଧୁରତର
ଜୀବନ ହେଲା ପ୍ରିୟ।
-(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | 9 | | | | | |
| | | | | | 6 | 4 | | |
| | | 9 | | 1 | 5 | | | 7 |
| | | | 4 | | 1 | | | |
| | 3 | | | | 8 | | | 4 |
| | | | | 9 | | 2 | | |
| | 8 | 4 | | | 3 | | | 9 |
| 7 | | | 6 | | | | | |
| | 1 | | | 7 | | 6 | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 1 | 2 | 5 | 7 | 6 | 4 | 8 |
| 2 | 4 | 6 | 3 | 8 | 1 | 7 | 9 | 5 |
| 7 | 5 | 8 | 6 | 9 | 4 | 1 | 3 | 2 |
| 1 | 8 | 9 | 7 | 4 | 3 | 5 | 2 | 6 |
| 4 | 6 | 5 | 1 | 2 | 9 | 3 | 8 | 7 |
| 3 | 7 | 2 | 8 | 6 | 5 | 4 | 1 | 9 |
| 5 | 1 | 7 | 9 | 3 | 2 | 8 | 6 | 4 |
| 8 | 9 | 3 | 4 | 7 | 6 | 2 | 5 | 1 |
| 6 | 2 | 4 | 5 | 1 | 8 | 9 | 7 | 3 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଅଗ୍ନିଶମ ବିଭାଗର ଆଧୁନିକୀକରଣ ଆବଶ୍ୟକ

ମହାଶୟ,

ଦମକଳ ବାହିନୀର କର୍ମଚାରୀମାନେ ନିଜ ଜୀବନକୁ ବାଜି ଲଗାଇ ନିଆଁ ଲିଭାନ୍ତି। ସେମାନଙ୍କ ଉତ୍ସର୍ଗୀକୃତ, କାର୍ତ୍ତବ୍ୟପରାୟଣତା ଏବଂ ନିଷ୍ଠାକୁ ଅଣଦେଖା କରିବା ଉଚିତ ନୁହେଁ। ଓଡ଼ିଶା ସରକାର ଅଗ୍ନିଶମ ବିଭାଗକୁ ଆଧୁନିକୀକରଣ କରିବାର ଆବଶ୍ୟକତା ରହିଛି। କୌଣସି କାରଣ ବଶତଃ ଦୁର୍ଘଟଣାଜନିତ ବା ଅସାବଧାନତା ହେତୁ ଅଗ୍ନିକାଣ୍ଡକୁ ଆୟତ୍ତ କରିବା ପାଇଁ ସେମାନଙ୍କୁ ଅଗ୍ନିପ୍ରତିରୋଧକ ପୋଷାକ ସହିତ ତତ୍କାଳ ପୋର୍ଟେବୁଲ ଅକ୍ସିଜେନ ସିଲିଣ୍ଡର ଯୋଗାଇବା ଦରକାର। ଦ୍ୱିତୀୟତଃ, କୌଣସି ଗୁରୁତ୍ୱପୂର୍ଣ୍ଣ କମର୍‌ସିଆଲ କମ୍ପ୍ଲେକ୍ସର ନିର୍ମାଣ ପୂର୍ବରୁ ନିୟମ ଅନୁଯାୟୀ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ଅନୁମତି ଦିଆଯାଉ। ସେହିପରି ସବୁ ବାସୋପଯୋଗୀ ଗୃହ ମାଲିକ ଅଗ୍ନି ପ୍ରତିରୋଧକ ବା ଅଗ୍ନିନିର୍ବାପକ ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ। ବହୁ ଦୂରରେ ଥିବା ଗାଁ ଓ ଛୋଟ ସହରଗୁଡ଼ିକରେ ଅଦ୍ୟାବଧି ଗମନାଗମନର ସୁବିଧା ନାହିଁ। ଫଳରେ ସେଠାରେ ନିଆଁ ଲାଗିଥିବା ସମୟରେ ଦମକଳ ବାହିନୀ ଠିକ୍ ସମୟରେ ପହଞ୍ଚି ପାରୁ ନ ଥିବାରୁ ସମ୍ପୂର୍ଣ୍ଣ ଗ୍ରାମ ଧ୍ୱଂସ ହେବା ସହ ନିରୀହ ଜୀବଜନ୍ତୁ ମାନଙ୍କ ମୃତ୍ୟୁ ହେଉଛି। ସରକାର ଏହା ହୃଦୟଙ୍ଗମ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତୁ।

**- ଅଶୋକ କୁମାର ଆଢ୍ୟ,**
**ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବିଏମ୍‌ସି ଅତିରିକ୍ତ କମିଶନର -୨ଙ୍କ ବଦଳି

ଭୁବନେଶ୍ୱର,୧୩।୩(ବ୍ୟୁରୋ)- ବିଏମସି ଅତିରିକ୍ତ କମିଶନର -୨ ବିନୟକୁମାର ଦାସଙ୍କୁ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇଛି। ଏହି ଅବସରରେ ସୋମବାର ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଅନ୍ୟପକ୍ଷରେ ବିଏମ୍‌ସି ଡେପୁଟି କମିଶନର(ପରିମଳ)ଙ୍କୁ ଏଡିସି-୨ ଭାବେ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ସୂଚନା ଥାଉ କି, ବିନୟ ଦାସଙ୍କ ବଦଳି ନେଇ ଜାନୁୟାରୀ ମାସରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପୂର୍ବରୁ ସେ ୨ଥର ବିଏମସିକୁ ବଦଳି ହୋଇ ଫେରିଥିଲେ। ଏହା ତାଙ୍କର ତୃତୀୟ ବଦଳି ବୋଲି ଜଣାପଡ଼ିଛି। ବିଏମସି ମୁଖ୍ୟାଳୟରେ ପ୍ରଥମେ ସେ ଉପଆୟୁକ୍ତ ଭାବେ ଯୋଗ ଦେଇଥିଲେ। ପୁଣି ୨୦୧୮-୧୯ରେ ସେ ବିଏମସି ଦକ୍ଷିଣ ପୂର୍ବ ଜୋନର ଜୋନାଲ ଡେପୁଟି କମିଶନର ଭାବେ ଯୋଗ ଦେଇଥିଲେ, ପରେ ତାଙ୍କ ବଦଳି ହୋଇଥିଲା । ବିଏମସି ଅତିରିକ୍ତ କମିଶନର-୨ ଅବନୀ ପଟ୍ଟନାୟକଙ୍କ ବଦଳି ପରେ ସେ ଗତ ୨୦୨୨ରେ ପଦୋନ୍ନତି ପାଇ ବିଏମ୍‌ସି ଅତିରିକ୍ତ କମିଶନର-୨ ଭାବେ ଯୋଗ ଦେଇଥିଲେ ।

### ସାଢେ ୬ କେଜି ଗଞ୍ଜେଇ ଜବତ, କେରଳ ଯୁବକ ଗିରଫ

ଭୁବନେଶ୍ୱର,୧୩।୩(ବ୍ୟୁରୋ) : କନ୍ଧମାଳରୁ ଗଞ୍ଜେଇ ଆଣି ରାଜଧାନୀର ବିଭିନ୍ନ ସ୍ଥାନରେ ବିକ୍ରି କରୁଥିବା ଜଣେ ନିଶା ବେପାରୀକୁ ଭରତପୁର ଥାନା ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲଣ କରିଛି । ସେ ହେଲେ କେରଳର ସୁଖୈଲ ଏ (୩୨)। ତାଙ୍କଠାରୁ ସାଢେ ୬ କେଜିରୁ ଅଧିକ ଗଞ୍ଜେଇ ଜବତ କରିଛି ପୋଲିସ । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି । ବସ ଯୋଗେ ଗଞ୍ଜେଇ ଆଣି ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଛିଡା ହୋଇଥିବା ବେଳେ ଖବର ପାଇ ପୋଲିସ ଅଭିଯୁକ୍ତକୁ ଗଞ୍ଜେଇ ସହ କାବୁ କରିଥିଲା ।

### ମହିଳାଙ୍କୁ ଆକ୍ରମଣ, ଯୁବକ ଗିରଫ

ଭୁବନେଶ୍ୱର,୧୩।୩(ବ୍ୟୁରୋ) : ପୂର୍ବ ବିବାଦକୁ କେନ୍ଦ୍ର କରି ଜଣେ ମହିଳାଙ୍କୁ ଅସଦାଚରଣ କରିବା ସହ ମାଡ ମାରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ସଂପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର କାହ୍ନା ଦାଶ (୨୩)। ତାଙ୍କଠାରୁ ଗୋଟିଏ କଟୁରୀ ଜବତ ହୋଇଛି। ଅଭିଯୁକ୍ତ କାହ୍ନା ପୂର୍ବରୁ ମଧ ଖଣ୍ଡଗିରି ଥାନାର ଏକ ମାମଲାରେ ଜେଲ ଯାଇଥିବା ତଦନ୍ତ ବେଳେ ଜଣାପଡିଛି। ସୂଚନାନୁସାରେ, ଅଭିଯୋଗକାରୀ ମହିଳା ଓ ଅଭିଯୁକ୍ତ ଗୋଟିଏ ବସ୍ତିରେ ରୁହନ୍ତି। କୌଣସି କାରଣକୁ ନେଇ ଅଭିଯୁକ୍ତ ଓ ଅଭିଯୋଗକାରୀ ମହିଳାଙ୍କ ମଧରେ ପୂର୍ବରୁ ବିବାଦ ରହିଥିଲା। ରବିବାର ପୂର୍ବ ବିବାଦକୁ କେନ୍ଦ୍ରକରି ଅଭିଯୁକ୍ତ ଜଣକ ଅଭିଯୋଗକାରିଣୀ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଖରାପ ଭାଷାରେ ଗାଳଗୁଳଜ କରିଥିଲେ। ଏହାକୁ ମହିଳା ଜଣକ ପ୍ରତିବାଦ କରିବାରୁ ଅଭିଯୁକ୍ତ କାହ୍ନା ତାଙ୍କୁ ମାଡ ମାରିବା ସହିତ ଟଣାଓଟରା କରିଥିଲେ। ପରେ ଏକ କଟୁରୀ ଦେଖାଇ ପରିବାର ସଦସ୍ୟଙ୍କୁ ଜୀବନରୁ ମାରିଦେବାର ଧମକ ମଧ ଦେଇଥିଲେ। ଏନେଇ ମହିଳା ଜଣକ ଥାନାର ଦ୍ୱାରସ୍ଥ ହୋଇଥିଲେ ।

### ମନ୍ଦିର ଦାନ ବାକ୍ସରୁ ଚୋରି,ଜଣେ ଗିରଫ

ଭୁବନେଶ୍ୱର,୧୩।୩(ବ୍ୟୁରୋ) : ମନ୍ଦିର ଭିତରେ ପଶି ଦାନ ବାକ୍ସରୁ ୪ ହଜାର ଟଙ୍କା ଚୋରି କରିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ବିଶ୍ୱରାଜ ପାଣିଗ୍ରାହୀ। ତାଙ୍କଠାରୁ ୨୦୦ ଟଙ୍କା ଜବତ ହୋଇଛି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ ଖାରବେଳନଗର ଥାନାରେ ୮ଟି ମାମଲା ରହିଥିବା ବେଳେ ଶହୀଦନଗର ଥାନାରେ ଗୋଟିଏ ମାମଲା ରହିଥିବା ତଦନ୍ତରୁ ଜଣାପଡିଛି। ସୂଚନାନୁସାରେ, ସତ୍ୟନଗରସ୍ଥିତ ତ୍ରିନାଥ ମନ୍ଦିରକୁ ପୂଜକ ପୂଜା କରିବାକୁ ଯାଇଥିବାବେଳେ ମନ୍ଦିରର ଦ୍ୱାର ଖୋଲାଥିବା ସହିତ ଭିତରେ ଥିବା ଦାନ ବାକ୍ସରୁ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ପୂଜକ ଜଣକ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପରେ ଗିରଫ କରିଥିଲା। ପଚରାଉଚରା ସମୟରେ ଅଭିଯୁକ୍ତ ୪ ହଜାରରୁ ୩୮୦୦ ଟଙ୍କା ଖର୍ଚ୍ଚ କରିଦେଇଥିବା କଥା ସ୍ୱୀକାର କରିଥିଲେ।

# ଦେହ ବ୍ୟବସାୟ ଟଙ୍କାକୁ ନେଇ ଗୋଷ୍ଠୀ ସଂଘର୍ଷ

## ଢେ଼ଲା ମାଡ଼-ଧସ୍ତାଧସ୍ତି: କାର୍ କ୍ଷତିଗ୍ରସ୍ତ, ୨ ଆହତ

ଭୁବନେଶ୍ୱର,୧୩।୩(ବ୍ୟୁରୋ)



କ୍ୟାପିଟାଲ ହସ୍ପିଟାଲ ପୋଷ୍ଟମର୍ଟମ ୱାର୍ଡ ପଛପଟ ରାସ୍ତାରେ ସୋମବାର ଅପରାହ୍ନରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଗୋଟିଏ ଗୋଷ୍ଠୀର ଢେ଼ଲା ପଥର ମାଡ଼ରେ ଅନ୍ୟଏକ ଗୋଷ୍ଠୀର ଏକ କାର୍ (ଓଡି୦୨ବିୟୁ୦୪୩୬) ଚେପା ହେବା ସହ କାଚ ଭାଙ୍ଗିଯାଇଛି। ଏଥିସହ ଧସ୍ତାଧସ୍ତି ଓ ଢେ଼ଲାପଥର ମାଡ଼ରେ କାର୍‌ରେ ଥିବା ୨ଜଣ ଆହତ ହୋଇଛନ୍ତି। ସେମାନେ ଲକ୍ଷ୍ମୀସାଗର ଅଞ୍ଚଳର ବୋଲି ସୂଚନା ମିଳିଛି। ପ୍ରାଥମିକ ଚିକିତ୍ସା ପରେ ଆହତଦ୍ୱୟ ଘରକୁ ଚାଲିଯାଇଥିବାବେଳେ ଏନେଇ କ୍ୟାପିଟାଲ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଅନ୍ୟପକ୍ଷରେ ୨ଜଣ ଯୁବକ ଘଟଣାସ୍ଥଳ ବାଇକ ଛାଡ଼ି ଫେରାର ହୋଇଯାଇଛନ୍ତି। ତେବେ ଦେହ ବ୍ୟବସାୟରେ ଟଙ୍କା ନେଣଦେଣକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିବା ଜଣାପଡିଛି। ଏପରିକି କାର୍‌ରେ ଥିବା ୨ ଦେହଜୀବୀ ଦୌଡ଼ି ପଳାଇଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଆକ୍ରମଣକାରୀ ଯୁବକ ଦ୍ୱୟ ଗ୍ରାହକ ବୋଲି ସୂଚନା ମିଳିଛି। ଥାନାଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ଟଙ୍କା କାରବାରକୁ ନେଇ ଆକ୍ରମଣ ହୋଇଥିବା ସୂଚନା ମିଳିଛି। ଏନେଇ ଥାନାରେ ଅଭିଯୋଗ ହେଲେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୪ଟା ୩୦ରୁ ୫ଟା ମଧ୍ୟରେ ଉକ୍ତ ସ୍ଥାନରେ ଏକ କାର୍ ଦୀର୍ଘ ସମୟ ଧରି ଅଟକି ରହିଥିଲା। ହଠାତ୍ ୨ଜଣ ଯୁବକ ଏକ ବାଇକ୍‌ରେ ସେମାନଙ୍କ ପାଖକୁ ଆସି ଯୁକ୍ତିତର୍କ କରିଥିଲେ। ଉଭୟ ଗୋଷ୍ଠୀ ମଧ ଧସ୍ତାଧସ୍ତି ହେବା ପରେ ପରିସ୍ଥିତି ଅଣାୟତ ହୋଇ ପଡ଼ିଥିଲା। ୨ଜଣ ଯୁବକ ଢେ଼ଲା ଓ ପଥର ଆଣି କାର୍‌କୁ ଫୋପାଡ଼ିଥିଲେ। ଏନେଇ ଖବର ମିଳିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ହେଲେ ସେତେବେଳକୁ ୨ଯୁବକ ସେଠାରୁ ପଳାଇଯାଇଥିଲେ। ପୋଲିସ ଘଟଣସ୍ଥଳରେ ଥିବା ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରି ଫେରି ଆସିଥିଲା। ତେବେ ଆହତଦ୍ୱୟଙ୍କ ନାଁରେ ପୂର୍ବରୁ ମାମଲା ରହିଥିବା ସୂଚନା ମିଳିଛି।





ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ ମିଳିତ ମଞ୍ଚ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ବେଳେ ପୋଲିସ ଜଣେ ମହିଳା ନେତ୍ରୀଙ୍କ ସମେତ ଆନ୍ଦୋଳନକାରୀଙ୍କୁ ଅଟକାଉଛନ୍ତି।

# ଜାତୀୟ ରାଜପଥ ଲୁଟେରା ଗ୍ୟାଙ୍ଗର ୫ ଗିରଫ



ଭୁବନେଶ୍ୱର,୧୩।୩(ବ୍ୟୁରୋ)

- ଖଣ୍ଡା, କଟୁରି, ଲଙ୍କାଗୁଣ୍ଡ ଆଦି ଜବତ
- ଡକାୟତି ଯୋଜନା ବେଳେ ଧରିଲା ପୋଲିସ

ଭୁବନେଶ୍ୱର ୧୬ ନଂ. ଜାତୀୟ ରାଜପଥ (ହାଇୱେ)ରେ ଯାତ୍ରୀଙ୍କୁ ଲୁଟ୍‌ପାଟ କରୁଥିବା ଏକ ଗ୍ୟାଙ୍ଗର ୫ଜଣ ସଦସ୍ୟ କମିଶନରେଟ ପୋଲିସ ହାତରେ ଧରାପଡ଼ିଛନ୍ତି। ଇନ୍‌ଫୋସିଟି ଥାନା ପୋଲିସ ସେମାନଙ୍କୁ ସୋମବାର ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ଥାନା ଯାଁଳା ଅଞ୍ଚଳର ବିଷ୍ଣୁପ୍ରସାଦ ସ୍ୱାଇଁ (୩୧), ଘନଶ୍ୟାମ ସ୍ୱାଇଁ (୩୬), ଗଙ୍ଗପଡ଼ାର ଅଶୋକ କୁମାର ଦାସ (୨୪), ଖୋର୍ଦ୍ଧା ଟାଉନ ଥାନା ଅଞ୍ଚଳର ପ୍ରକାଶ ଦେହୁରୀ (୨୪) ଓ ମୋହନ ମାଝୀ (୨୩)। ଏମାନଙ୍କଠାରୁ ଦୁଇଟି ବାଇକ, ଗୋଟିଏ ଲେଖାଏ ଖଣ୍ଡା, କଟୁରି, ଷ୍ଟିଲ୍ ପାଇପ, ଲୁହାଛଡ, ଲଙ୍କାଗୁଣ୍ଡ ଆଦି ଜବତ କରାଯାଇଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଗ୍ୟାଙ୍ଗର ଅନ୍ୟ ସଦସ୍ୟଙ୍କୁ ଧରିବାକୁ ପ୍ରୟାସ କରାଯାଉଥିବା ଜୋନ୍‌ଏସିପି ରଜତ ରାୟ ଖବରଦାତା ସମ୍ମିଳନୀରେ କହିଛନ୍ତି। ସୂଚନା ଅନୁଯାୟୀ, ଗ୍ୟାଙ୍ଗର ସଦସ୍ୟମାନେ ବିଶେଷକରି ଗଙ୍ଗପଡ଼ା ଅଞ୍ଚଳରୁ ତମାଣ୍ଡୋ ପର୍ଯ୍ୟନ୍ତ ଜାତୀୟ ରାଜପଥରେ ସକ୍ରିୟ ରହୁଥିଲେ। ବିଳମ୍ବିତ ରାତିରେ ରାଜପଥ ପାର୍ଶ୍ୱରେ ଥିବା ଢାବାକୁ ଆସୁଥିବା ଯାତ୍ରୀଙ୍କୁ ଟାର୍ଗେଟ କରୁଥିଲେ। ସେମାନଙ୍କୁ ବିଭିନ୍ନ ଆଳରେ ଅଟକାଇବା ପରେ ଖଣ୍ଡା ଓ କଟୁରି ଦେଖାଇ ଲୁଟ୍‌ପାଟ କରୁଥିଲେ। ରବିବାର ବିଳମ୍ବିତ ରାତିରେ ଗ୍ୟାଙ୍ଗର ୫ଜଣ ସଦସ୍ୟ ଗୋହିରା ଛକ ନିକଟ ବଡ଼ପୋଖରୀ ହୁଡ଼ାରେ ବସି ଜାତୀୟ ରାଜପଥରୁ ବଡଧରଣର ଡକାୟତି ପାଇଁ ଯୋଜନା କରୁଥିଲେ। ଏନେଇ ଖବର ମିଳିବା ପରେ ପାଟ୍ରୋଲିଂ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରିଥିଲା। ଅଭିଯୁକ୍ତମାନେ ପୋଲିସ ଟିମ୍‌କୁ ଦେଖି ଦୌଡ଼ିବାକୁ ଆରମ୍ଭ କରିଥିଲେ। ହେଲେ ପୋଲିସ କର୍ମଚାରୀମାନେ ଘେରିଯାଇ ସେମାନଙ୍କୁ କାବୁ କରିଥିଲେ। ଏନେଇ ଇନ୍‌ଫୋସିଟି ଥାନାରେ ଏକ ଡକାୟତି ମାମଲା (ନଂ. ୬୮/୨୦୨୩) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

# ମଧ୍ୟାହ୍ନ ଭୋଜନ ପାଚିକା, ସହାୟିକାଙ୍କ ଗଣଆନ୍ଦୋଳନ

ଭୁବନେଶ୍ୱର,୧୩।୩(ବ୍ୟୁରୋ)

ରାଜ୍ୟର ସରକାରୀ ବିଦ୍ୟାଳୟରେ କାର୍ଯ୍ୟରତ ପାଚିକା ଓ ସହାୟିକାମାନେ ସୋମବାର ୧୬ ଦଫା ଦାବି ନେଇ ଲୋୟର ପିଏମଜିରେ ଗଣବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘ, ଏଚ୍‌ଏମ୍‌ଏସ୍ ସହବନ୍ଧିତ ପାଚିକା ସହାୟିକା ସଂଘ, ସିଆଇଟିୟୁ ସହବନ୍ଧିତ ଅଲ୍ ଓଡିଶା ପାଚିକା ସହାୟିକା ସଂଘ, ଏଆଇୟୁଟିୟୁସି ସହବନ୍ଧିତ ଓଡିଶା ମିଳିତ ବିଦ୍ୟାଳୟ ପାଚିକା ସାହାୟିକା ସଂଘ, ଏଆଇସିସିଟିୟୁ ସହବନ୍ଧିତ ଦକ୍ଷିଣ ଓଡିଶା ପାଚିକା ମହାସଂଘଙ୍କ ଦ୍ୱାରା ଗଠିତ ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ ମିଳିତ ମଞ୍ଚ ପକ୍ଷରୁ ଏହି ବିକ୍ଷୋଭ କରାଯାଇଥିଲା। ୨୦୦୯ ଡିସେମ୍ବରରୁ ୨୦୧୨ ମାର୍ଚ୍ଚ ପର୍ଯ୍ୟନ୍ତ କାମ କରିଥିବା ସମସ୍ତ ପାଚିକା ସହାୟିକାଙ୍କ ନିର୍ଭୁଲ ତାଲିକା ପ୍ରସ୍ତୁତ କରି ମୃତକଙ୍କ ଉତ୍ତରାଧିକାରୀଙ୍କୁ, ଅବସରପ୍ରାପ୍ତ ପାଚିକାଙ୍କୁ ଓ ବିଦ୍ୟାଳୟରୁ ବାଦ୍ ପଡିଥିବା ସମସ୍ତ ପାଚିକାଙ୍କୁ ୨୮ ମାସର ବର୍ଦ୍ଧିତ ବକେୟା ପାରିଶ୍ରମିକ ତୁରନ୍ତ ପ୍ରଦାନ କରାଯାଉ ବୋଲି ଆନ୍ଦୋଳନକାରୀମାନେ ଦାବି କରିଛନ୍ତି। ସେହିପରି କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ୨୦୦୯ ଡିସେମ୍ବରରୁ ୨୦୧୭ ଡିସେମ୍ବର ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କର ୪୦ ପ୍ରତିଶତ ଭାଗ ବକେୟା ପାରିଶ୍ରମିକ ପ୍ରଦାନ, ପାଚିକାଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଓ ମାସିକ ସର୍ବନିମ୍ନ ୨୬ ହଜାର ଟଙ୍କା ପ୍ରଦାନ, ସ୍କୁଲ ବନ୍ଦ, ସ୍କୁଲ ମିଶ୍ରଣ ଫଳରେ ବାଦ୍ ପଡିଥିବା ସମସ୍ତ ପାଚିକାଙ୍କୁ ନିଯୁକ୍ତି, ପାଚିକାଙ୍କୁ ୧୦ ମାସ ପରିବର୍ତ୍ତେ ୧୨ ମାସର ପାରିଶ୍ରମିକ ପ୍ରଦାନ, ଅବସର କାଳୀନ ବୟସ ସୀମା ୬୨କୁ ବୃଦ୍ଧି, ସବୈତନିକ ପ୍ରସୂତିକାଳୀନ ଛୁଟି ପ୍ରଦାନ, ମଧ୍ୟାହ୍ନ ଭୋଜନକୁ ଅକ୍ଷୟ ପାତ୍ର ଓ ନନ୍ଦୀ ଫାଉଣ୍ଡେଶନ ଭଳି ଘରୋଇ ସଂସ୍ଥାକୁ ହସ୍ତାନ୍ତର ବନ୍ଦ କରିବାଆଦି ଦାବି ହୋଇଛି। ଏହି ଅବସରରେ ମଞ୍ଚ ପକ୍ଷରୁ ମହେନ୍ଦ୍ର ପରିଡ଼ା, ବିଷ୍ଣୁ ମହାନ୍ତି, ଜୟସେନ୍ ମେହେର ଓ ଦେବାଶିଷ ଘୋଷଙ୍କ ସମେତ ଏକ ପ୍ରତିନିଧି ଦଳ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ଓ ସଚିବଙ୍କ ସହ ଆଲୋଚନା କରିଥିଲେ। ପରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଗଣଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିବା ସୂଚନା ଦିଆଯାଇଛି।

## ଆସନ୍ତା ୧୫ରେ ଆନ୍ଦୋଳନକୁ ଓହ୍ଲାଇବ ସେସ୍କୋ ପୂର୍ବତନ ସୈନିକ କର୍ମଚାରୀ ସଂଘ

ଭୁବନେଶ୍ୱର,୧୩।୩(ବ୍ୟୁରୋ)

୨୦୦୨ରେ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ୧୨୫୦ ପୂର୍ବତନ ସୈନିକଙ୍କୁ ସେସ୍କୋ ତରଫରୁ ବିଭିନ୍ନ ପଦପଦବୀରେ ନିଯୁକ୍ତି ଦିଆଯାଇଥିଲା। ଏହି ୨୨ ବର୍ଷରେ ପ୍ରାୟ ୮୦ ପ୍ରତିଶତଙ୍କର ଅବସର ଓ ପରଲୋକ ପରେ ବର୍ତ୍ତମାନ ୨୨୦ଜଣ କାର୍ଯ୍ୟରତ ଅଛନ୍ତି। ପର୍ଯ୍ୟାୟକ୍ରମେ ସେସ୍କୋ, ସେସୁ ଅଧୀନରେ କାମ କଲା ପରେ ଏବେ ଏମାନେ ଟାଟା ପାୱାର ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିସିଓଡିଏଲ)ରେ କାର୍ଯ୍ୟ କରୁଛନ୍ତି। ହେଲେ ଟିପିସିଓଡିଏଲ କର୍ତ୍ତୃପକ୍ଷଙ୍କ ମନୋମୁଖୀ ଓ ବୈମାତୃକ ବ୍ୟବହାର ଯୋଗୁ ପୂର୍ବରୁ ଦିଆଯାଇଥିବା ପ୍ରତିଶ୍ରୁତି ଅନୁସାରେ ସମାନ କାମ ପାଇଁ ସମାନ ଦରମା ଲାଗୁ କରା ନ ଯାଇ ବିଭିନ୍ନ ଅନୁସଙ୍ଗିକ ସୁବିଧା, ସୁଯୋଗରୁ ବଞ୍ଚିତ କରାଯାଉଛି। ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ଏକ ବୈଠକ କରାଯାଇ ଟିପିସିଓଡିଏଲ କର୍ତ୍ତୃପକ୍ଷଙ୍କୁ ଏହାର ସ୍ଥାୟୀ ସମାଧାନ ନିମନ୍ତେ ଏକ ଚରମପତ୍ର ଦିଆଯାଇଛି। ଟିପିସିଓଡିଏଲ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନ ଦେଲେ ମାର୍ଚ୍ଚ ୧୫ରୁ କାର୍ଯ୍ୟରୁ ବିରତ ରହି ରାଜଧାନୀ ଲୋୟର ପିଏମଜିରେ ଆନ୍ଦୋଳନ କରିବ ବୋଲି ସଂଘର ସାଧାରଣ ସମ୍ପାଦକ ସୀତାକାନ୍ତ ପଣ୍ଡା କହିଛନ୍ତି। ବୈଠକରେ ସଭାପତି ପ୍ରଦିପ୍ତ ରାୟ, ଉପ ସଭାପତି ଚନ୍ଦନ ରାଉତରାୟ, କୋଷାଧକ୍ଷ ମନୋଜ ପାତ୍ର, ଉପଦେଷ୍ଟା ବିଶ୍ୱନାଥ ମିଶ୍ର ଓ କାର୍ଯ୍ୟକାରୀ ସଭାପତି ନିରାକାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଆଜିଠାରୁ ଖଦୀ ମେଳା

ଭୁବନେଶ୍ୱର,୧୩।୩(ବ୍ୟୁରୋ)



ଓଡ଼ିଶା ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ ଆନୁକୂଲ୍ୟରେ ମଙ୍ଗଳବାରଠାରୁ ଆରମ୍ଭ ହେଉଛି ଖଦି ମେଳା। ମେଳାରେ ୬୫ଟି ଷ୍ଟଲ ପଡ଼ିବ। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଏହା ୧୦ଦିନ ଧରି ବୋର୍ଡ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ ବୋଲି ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବୋର୍ଡର ସଭାପତି ସଂଗ୍ରାମ କେଶରୀ ପାଇକରାୟ ସୂଚନା ଦେଇଛନ୍ତି। ବିଭିନ୍ନ ଖଦି ଓ ଗ୍ରାମୋଦ୍ୟୋଗ ସାମଗ୍ରୀ ଯଥା ଘଣା, ପେଡ଼ା, ସୋରିଶ ତେଲ, ମହୁ, କନ୍ଧମାଳ ହଳଦୀ, ମସଲା, ଆଚାର, ଧୂପକାଠି, ଚାନ୍ଦୁଆ, ଶାଢ଼ୀ, ଗାମୁଛା, ପଞ୍ଜାବୀ, ସାର୍ଟ ପ୍ରଭୃତି ସାମଗ୍ରୀ ଉପଲବ୍ଧ ହେବ। ଏଥିସହ ଅରଟରେ ସୂତା କଟା, ତନ୍ତରେ ଲୁଗା ବୁଣା ଲାଇଭ୍‌ରେ ଦେଖିବାକୁ ମିଳିବ। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ହେବ। ଏହି ସମ୍ମିଳନୀରେ ବୋର୍ଡର ସଚିବ ସୁଦାମ ଚରଣ ମଣ୍ଡଳ, ଉପସଚିବ ସଞ୍ଜୟ କୁମାର ମିଶ୍ର ଉପସ୍ଥିତ ଥିଲେ।

# ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲା ଓଡ଼ିଶା ପରିବେଶ କଂଗ୍ରେସ ପ୍ରତିନିଧି ଦଳ



ଭୁବନେଶ୍ୱର,୧୩।୩(ବ୍ୟୁରୋ)

## ବିକାଶ ଓ ପରିବେଶ ଭିତରେ ସନ୍ତୁଳନ ରକ୍ଷା କରିବାକୁ ନିବେଦନ

ଓଡ଼ିଶା ପରିବେଶ କଂଗ୍ରେସ ପକ୍ଷରୁ ସୋମବାର ଏକ ପ୍ରତିନିଧି ଦଳ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ସାକ୍ଷାତ କରି ଓଡ଼ିଶାରେ ବିକାଶ ଓ ପରିବେଶ ଭିତରେ ସନ୍ତୁଳନ କେମିତି ରହିପାରିବ ସେଥିପାଇଁ ଆଲୋଚନା କରିଥିଲେ। ପରିବେଶ କଂଗ୍ରେସର ସମ୍ପାଦକ ସୁଦର୍ଶନ ଦାସଙ୍କ ସହିତ ଜୟକୃଷ୍ଣ ପାଣିଗ୍ରାହୀ, ସେବା ମହାପାତ୍ର, ପ୍ରେମାନନ୍ଦ ପଣ୍ଡା, ଶ୍ରୀଲେଖା ଚୌହାନ ପ୍ରମୁଖ ମୁଖ୍ୟ ଶାସନ ସଚିବଙ୍କୁ ତାଙ୍କ ଦପ୍ତରରେ ଭେଟିଥିଲେ। ସମ୍ପ୍ରତି ଓଡ଼ିଶାରେ ବିକାଶ ପ୍ରକଳ୍ପ ହାତକୁ ନେଲା ବେଳେ ପ୍ରକୃତି ଓ ପରିବେଶ ପ୍ରତି ଯଥେଷ୍ଟ ଧ୍ୟାନ ଦେବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ପରିବେଶ ଓ ଆଦିବାସୀ ସଂକ୍ରାନ୍ତରେ ଅନୁଷ୍ଠିତ ୧୩ତମ ପରିବେଶ କଂଗ୍ରେସର ସୁପାରିସଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରତିନିଧି ଦଳ ନିବେଦନ କରିଥିଲେ। ପରିବେଶ ସୁରକ୍ଷା ପାଇଁ ରାଜ୍ୟରେ ଅଧିକ ସଚେତନତା ସୃଷ୍ଟି ହେବାର ଆବଶ୍ୟକତା ରହିଛି। ଏଥିପ୍ରତି ବ୍ୟକ୍ତିଗତ ସ୍ତରରେ ସଚେତନତା ସୃଷ୍ଟି ହେଲେ ପରିବେଶ ସୁରକ୍ଷା ହୋଇପାରିବ ।ଏ ଦିଗରେ ସରକାର ଯତ୍ନବାନ ଅଛନ୍ତି ବୋଲି ମୁଖ୍ୟ ଶାସନ ସଚିବ ଜେନା କହିଥିଲେ। ସୂଚନାଯୋଗ୍ୟ, ଓଡ଼ିଶା ପରିବେଶ କଂଗ୍ରେସର ୧୩ତମ ଅଧିବେଶନ କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ୧୪ତମ ଅଧିବେଶନ ଆସନ୍ତା ଡିସେମ୍ବରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବ।




ଓଡ଼ିଶା ସେକ୍ରେଟାରିଏଟ୍ ସର୍ଭିସ୍ ଆସୋସିଏଶନ ପକ୍ଷରୁ ଲୋକସେବା ଭବନରେ ସୋମବାର ଉନ୍ନୟନ କମିଶନର ଅନୁ ଗର୍ଗ କେକ୍ କାଟି ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରୁଛନ୍ତି। ନିକଟରେ ମହିଳା ଅଧିକାରିଣୀମାନେ ଉପସ୍ଥିତ ଅଛନ୍ତି।




ଶିବାଂଶୀ ଫାଉଣ୍ଡେଶନ ପକ୍ଷରୁ ସୋମବାର ସୂଚନା ଭବନଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ଓଲଟିଲା କୁଣ୍ଡା ବୋଝେଇ ଟ୍ରକ୍

**ଟାଙ୍ଗୀ(ଖୋର୍ଦ୍ଧା),୧୩ା୩(ଡି.ଏନ୍.ଏ.):** ୧୬ ନମ୍ବର ଜାତୀୟ ରାଜପଥର ଚାନ୍ଦପୁର ଥାନା ଅଧୀନ କନ୍ଦନ୍ୟାଗଡ଼ ଓଭରବ୍ରିଜ ନିକଟରେ ଏକ କୁଣ୍ଡା ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଡ୍ରାଇଭର ଓ ହେଲ୍ପର ଗୁରୁତର ଆହତ ହୋଇଛନ୍ତି। ତେବେ ଆହତଦ୍ୱୟଙ୍କ ପରିଚୟ ମିଳିପାରି ନାହିଁ। ଟାଙ୍ଗୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ଆହତଦ୍ୱୟଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚାନ୍ଦପୁର ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏହି ଟ୍ରକଟି ସୋମବାର ଭୋର ୪ଟାରେ ଓଭରବ୍ରିଜ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଜାତୀୟ ରାଜପଥ ସମ୍ପ୍ରସାରଣ ହେଉଥିବାରୁ ଏଭଳି ବାରମ୍ବାର ଘଟଣା ଘଟୁଥିବା ସ୍ଥାନୀୟ ଗ୍ରାମବାସୀ କହିଛନ୍ତି।

### ବିଶ୍ୱଶାନ୍ତି ଗୀତାଯଜ୍ଞ

**ନିରାକାରପୁର,୧୩ା୩(ଡି.ଏନ୍.ଏ.):** ନିରାକାରପୁର ନିକଟ ଖୁଣ୍ଟିଆବାଣପୁର ବିଶ୍ୱନାଥପୁର ସ୍ଥିତ ଶ୍ରୀବିଶ୍ୱନାଥ ଦେବଙ୍କ ପୀଠରେ ୩୯ତମ ବିଶ୍ୱଶାନ୍ତି ଗୀତାଯଜ୍ଞ ଖୁଣ୍ଟିଆବାଣପୁର ଗ୍ରାମବାସୀଙ୍କ ଅନୁକୂଲ୍ୟରେ ଆରମ୍ଭ ହୋଇଯାଇଛି। ଏହି ଉପଲକ୍ଷେ ଗ୍ରାମର ମାନସିକଧାରୀ ମହିଳା ଓ ପୁରୁଷ ନିକଟ ନଦୀରୁ ପାଣି ଉଠାଇ ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପରେ ପହଞ୍ଚି କଳସ ସ୍ଥାପନା କରିଥିଲେ। ପ୍ରତ୍ୟେକ ଦିନ ସକାଳ ୭ଟାରୁ ଶଲାମଣ୍ଡପ, ବରଣପୂଜା, ବ୍ରାହ୍ମଣ ବରଣ, ସୂର୍ଯ୍ୟ ପୂଜା, ଗୋ ପୂଜା,ଦ୍ୱାରପୂଜା, ଶାଳାପୂଜା, ରୁଦ୍ରାଭିଷେକ, ଚଣ୍ଡୀପାଠ, ରାମଚରିତ ମାନସ, ଶ୍ରୀବିଷ୍ଣୁ ସହସ୍ରନାମ ପଠନ, ଶ୍ରୀରାମ ସହସ୍ରନାମ ପଠନ, ଅଗ୍ନି ପୂଜା ଓ ପୁଷ୍ପାଞ୍ଜଳି କାର୍ଯ୍ୟକ୍ରମ ରହିଛି। ଏହି ଯଜ୍ଞ ୬ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଗ୍ରାମର ନିର୍ମଳ ରଣସିଂହ, ଚର୍ତୁଭୁଜ ରଣସିଂହଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

### ପାଇକଗୁରୁ ବ୍ରଜମୋହନଙ୍କ ବିୟୋଗରେ ସ୍ମୃତି ସଭା

**କୃଷ୍ଣପ୍ରସାଦ,୧୩ା୩(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ବ୍ରହ୍ମଣଦେଓ ଗ୍ରାମ ପାଇକଗୁରୁ ବ୍ରଜ ମୋହନ ବିଶ୍ୱାଳଙ୍କ ଦ୍ୱାଦଶାହ ଦିବସ ଅବସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ପାଇକ ସଙ୍ଗଠନ ପକ୍ଷରୁ ହୋଇଥିବା ଏହି ସଭାକୁ ସୁରେଶ ଚନ୍ଦ୍ର ବିଶ୍ୱାଳ ପରିଚାଳନା କରିଥିଲେ। ସ୍ୱର୍ଗତ ବିଶ୍ୱାଳଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ସଙ୍ଗଠନ ସଭାପତି ଭୀମସେନ ପ୍ରଧାନ, ମୁଖ୍ୟ ସଞ୍ଚାଳକ ଇଂ.ଶିଶିର କୁମାର ନାୟକ, ସମ୍ପାଦକ ଅମରେନ୍ଦ୍ର ମହାପାତ୍ର, ମୁଖ୍ୟ ଉପଦେଷ୍ଟା ସତ୍ୟବାଦୀ ବଳିୟାରସିଂ, ପାଇକ ସଙ୍ଗଠକ ବନ ବିହାରୀ ବେହେରା, ଚଳଚ୍ଚିତ୍ର ନିର୍ଦ୍ଦେଶକ ଜୟଂସେନ, ପୁରୀ ଜିଲା ପାଇକ ସଙ୍ଗଠନ ସମ୍ପାଦକ ସୁବାସ ଚନ୍ଦ୍ର ଜେନା, ଉପସଭାପତି ସୁକାନ୍ତ ବିଶ୍ୱାଳ, ଅନୁଷ୍ଠାନର ସଭାପତି ରବୀନ୍ଦ୍ରନାଥ ସେନାପତି, ପ୍ରଫୁଲ୍ଲ ସାମନ୍ତରାୟ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ବ୍ରଜମୋହନଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ୩୦ଜଣ ପାଇକଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ପାଇକମାନେ ବିଭିନ୍ନ ପାଇକ ଖେଳ ପ୍ରଦର୍ଶନ କରିଥିଲେ।

# ପ୍ରକଳ୍ପ ଫଳକ ଲାଗିଛି, ନିର୍ମାଣ ହୋଇନି

**ଖୋର୍ଦ୍ଧା ଅଫିସ,୧୩ା୩**



ଗୀତାଭବନ ପଡ଼ିଆ ୱାଲ୍‌ରେ ଫଳକ ଲାଗିଛି ମାତ୍ର ପ୍ରକଳ୍ପ ନାହିଁ।



ଜଳସଂରକ୍ଷଣ ପ୍ରକଳ୍ପ ଚାରିପଟେ ଅନାବନା ଗଛଲତା ମାଡ଼ିଯାଇଛି।

**ମୁକ୍ତା ଯୋଜନାରେ ଲକ୍ଷାଧିକ ଟଙ୍କା ଆତ୍ମସାତ**
- ଗୋଟିଏ ସ୍ଥାନରେ ଚାଲିଛି ବିଭିନ୍ନ ପ୍ରକଳ୍ପ
- ଏସ୍ଏଚ୍‌ଜି ଆଳରେ ଠିକାଦାରଙ୍କୁ ପୋଶା ହେଉଛି

ସମାଜର ବିକାଶରେ ମହିଳାଙ୍କୁ ସହଭାଗିତାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ସହରାଞ୍ଚଳରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ରୋଜଗାର ଯୋଗାଇବା ଲକ୍ଷ୍ୟ ନେଇ ରାଜ୍ୟ ସରକାର ଆରମ୍ଭ କରିଥିଲେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ ଯୋଜନା (ମୁକ୍ତା)। ଲକ୍ଷ୍ୟ ରହିଥିଲା ପୌରାଞ୍ଚଳରେ ମୁକ୍ତା ଯୋଜନାରେ ନିର୍ମାଣାଧୀନ ପ୍ରକଳ୍ପ ଏସଏଚଜିଙ୍କ ଦ୍ୱାରା ସମାପନ କରାଯିବ। ତେବେ ପ୍ରକଳ୍ପ ନିର୍ମାଣରେ ଏସଏଚଜିଙ୍କ ନାମଫଳକ ବ୍ୟତୀତ କୌଣସି କାର୍ଯ୍ୟ ସେମାନଙ୍କ ଦ୍ୱାରା କରାଯାଉନାହିଁ। ଅସାଧୁ କର୍ମଚାରୀ, ନେତା, ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଖୋର୍ଦ୍ଧା ପୌର ପରିଷଦରେ ଲକ୍ଷାଧିକ ଟଙ୍କା ହରିଲୁଟ କରାଯାଉଛି। ଏହି ଯୋଜନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଫଳକ ଲାଗିଥିବା ବେଳେ ସେଠାରେ କୌଣସି ପ୍ରକଳ୍ପ ନିର୍ମାଣ କରାଯାଇ ନ ଥିବା ଦେଖିବାକୁ ମିଳିଛି। ପ୍ରକଳ୍ପ ଆଳରେ ଫଳକ ଲଗାଯାଇ ଟଙ୍କା ଆତ୍ମସାତ୍ କରାଯାଇଛି। ୨୦୨୧-୨୨ ଏବଂ ୨୦୨୨-୨୩ ସହରରେ ମୁକ୍ତା ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରକଳ୍ପ ନିର୍ମାଣ କରାଯାଇଥିବା ବେଳେ ଏଥିରେ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରାଯାଇଥିବା ଜଣାପଡିଛି। ଏହି ଦୁର୍ନୀତି ଚାଲିଥିବା ବେଳେ ପୌର କର୍ତ୍ତୃପକ୍ଷ ଏବଂ ଜିଲାପ୍ରଶାସନ ନୀରବଦ୍ରଷ୍ଟା ସାଜିଛନ୍ତି।

ସୂଚନା ମୁତାବକ, ୨୨ଟି ୱାର୍ଡରେ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ଜଳ ସଂରକ୍ଷଣ ନାଁରେ ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଛି। ୪୫ଟି ପ୍ରକଳ୍ପ ନିର୍ମାଣ କରାଯାଇ ଏବାବଦକୁ ୧କୋଟି ୧୩ ଲକ୍ଷ ଟଙ୍କାର ବିଲ୍ କରାଯାଇଛି। ତେବେ କେତେକ ସ୍ଥାନର ରାସ୍ତାକଡ, ସରକାରୀ ବାସଭବନ କାନ୍ଥରେ ଫଳକ ଲାଗିଛି, କିନ୍ତୁ ପ୍ରକଳ୍ପ ନାହିଁ। ଅନେକ ୱାର୍ଡରେ ନିର୍ମାଣ ହୋଇଥିବା ଜଳ ସଂରକ୍ଷଣ ପ୍ରକଳ୍ପ ମାଟିରେ ମିଶିଗଲାଣି। ପୁଣି କିଛି ସ୍ଥାନରେ ତାହାକୁ ପୋତି ଅନ୍ୟ ପ୍ରକଳ୍ପ ନିର୍ମାଣ ଚାଲିଛି। ସହରରେ ୭ଟି ସ୍ଥାନରେ ମିନି ପାର୍କ ନିର୍ମାଣ ଲାଗି ୯୧ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ବାଟମଙ୍ଗଳା ମନ୍ଦିର ପରିସରରେ ୧୩ଲକ୍ଷ ଟଙ୍କାରେ ମିନି ପାର୍କ ନିର୍ମାଣ କରାଯାଇଥିବା ପୌର ପ୍ରଶାସନ ପକ୍ଷରୁ ଫଳକ ଲାଗିଥିଲା। ତେବେ ସେଠାରେ କୌଣସି ପାର୍କ ନିର୍ମାଣ କରାଯାଇ ନ ଥିବା ଅଭିଯୋଗ ପରେ ରାତାରାତି ଫଳକକୁ ହଟାଇ ଦିଆଗଲା। ସେହିପରି ୬ଟି ମୁକ୍ତ ବ୍ୟାୟମଶାଳା ବାବଦକୁ ୪୦ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। କେବଳ ବିଜୁ ପଟ୍ଟନାୟକ ପାର୍କ ପରିସରରେ ସାଢେ ୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବ୍ୟାୟମଶାଳା ଲାଗି ୨୦୨୧ରେ ଫଳକ ଲାଗିଥିଲା। ୨୦୨୩ରେ ସେଠାରେ ଯନ୍ତ୍ରାଂଶ ଖଞ୍ଜାଯାଇଛି। ତେବେ ଅନ୍ୟ କୌଣସି ସ୍ଥାନରେ ମୁକ୍ତ ବ୍ୟାୟମଶାଳା ନିର୍ମାଣ କରାଯାଇ ନ ଥିବା ଜଣାପଡିଛି। ୪ଟି ସ୍ଥାନରେ ଭେଣ୍ଡିଂଜୋନ ବାବଦକୁ ୫୬ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବା ରିପୋର୍ଟରେ ଦର୍ଶାଯାଇଥିବା ବେଳେ କୌଣସି ସ୍ଥାନରେ ଭେଣ୍ଡିଂଜୋନ ନିର୍ମାଣ କରାଯାଇନାହିଁ। ୧୨ନଂ. ୱାର୍ଡ ଟିଏଲସି ରୋଡରେ ନିର୍ମାଣ ଚାଲିଥିବା ଭେଣ୍ଡିଂଜୋନ ବିବାଦ ପରେ ବନ୍ଦ ପଡିଛି। ୪ଟି ସ୍ଥାନରେ ୩୪ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଖେଳପଡିଆ ନିର୍ମାଣ କରାଯାଇଛି। ସହରର ଏକମାତ୍ର ଷ୍ଟାଡିୟମ ରହିଥିବା ବେଳେ ତାହାର ଏଯାବତ୍ ପୁନରୁଦ୍ଧାର ହୋଇପାରୁନାହିଁ। ଏହି ଷ୍ଟାଡିୟମ କେବଳ ସରକାରୀ କାଗଜକଲମରେ ରହିଛି। ୱାକିଂ ଟ୍ରାକ୍ ନିର୍ମାଣ ବାବଦକୁ ୫ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ତେବେ ଏହା କେଉଁଠି ନିର୍ମାଣ କରାଯାଇଛି, ସେ ସମ୍ପର୍କରେ ସହରବାସୀ ମଧ୍ୟ ଜାଣାନାହାନ୍ତି। ସହରର ବିଭିନ୍ନ ସ୍ଥାନରେ ଚାରା ଲଗାଇବା ବାବଦକୁ ୧୯ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ତେବେ କେଉଁଠି ଚାରାରୋପଣ କରାଯାଇଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୫ଟି ସ୍ଥାନରେ ଓପନ ସ୍ପେଶ ଡେଭଲପମେଣ୍ଟ ବାବଦକୁ ୧୪.୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଏକାଧିକ ଜାଗା ଜବରଦଖଲରେ ରହିଥିବା ବେଳେ ଏହା କେଉଁଠି କରାଯାଇଛି, ତାହା କାହାକୁ ଜଣାନାହିଁ।

ସହରର ୬ ଜନଗହଳି ସ୍ଥାନରେ ଶୌଚାଳୟ(ଲଘୁ) ନିର୍ମାଣ ବବାଦକୁ ୨୭.୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ତେବେ ଏହି ଶୌଚାଳୟରେ ନିମ୍ନମାନର କାମ କରାଯାଇଥିବା ଏବଂ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରାଯାଇଥିବା ଅଭିଯୋଗ ହେଉଛି। ଖୋର୍ଦ୍ଧା ଷ୍ଟାଡିୟମ କାନ୍ଥରେ ଲାଗିଥିବା ଫଳକ ଯେଉଁଠି ପବ୍ଲିକ ଟ୍ରାକ ବାବଦକୁ ୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରାଯାଇଥିବା ଫଳକ ଲାଗିଥିଲା। ସେହି କାନ୍ଥରେ ଏବେ ହକି ବିଶ୍ୱର ଚିତ୍ର ଅଙ୍କନ କରାଯାଇଛି। ସେଠାରେ କୌଣସି ଟ୍ରାକ ନିର୍ମାଣ କରାଯାଇନାହିଁ। ବିଜେବି ହାଇସ୍କୁଲ ନିକଟ ଜିଲାପାଳଙ୍କ ପାର୍ଶ୍ୱ କାନ୍ଥରେ ପ୍ରଥମେ ଦୁଇଟି ଜଳ ସଂରକ୍ଷଣ ଅଲଗା ନିର୍ମାଣ କରାଗଲା। ପୁଣି ସେହି ସ୍ଥାନରେ ତାରିଖ ଓ ବର୍ଷ ପରିବର୍ତ୍ତନ କରାଯାଇ ନୂତନ ଫଳକ ଲଗାଯାଇଛି। ରାଜସ୍ୱ କାର୍ଯ୍ୟାଳୟ ପୂର୍ତ୍ତ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ କାନ୍ଥ(ଯେଉଁଠି ପରିତ୍ୟକ୍ତ ଡ୍ରେନ ରହିଛି) ସେଠାରେ ମୁକ୍ତା ଯୋଜନାରେ ପ୍ରକଳ୍ପ ନିର୍ମାଣ କରାଯାଇଥିବା ଫଳକ ଲାଗିଛି। ଏହିପରି ଏକାଧିକ ସ୍ଥାନରେ ଫଳକ ଲାଗିଛି, କିନ୍ତୁ ପ୍ରକଳ୍ପ ନାହିଁ। ଏନେଇ ଜନପ୍ରତିନିଧି ମୁହଁ ଖୋଲିବାକୁ ନାରାଜ। ସହରାଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷ(ଡୁଡା) ଚେୟାରମ୍ୟାନ ଦିଗନ୍ତ ରାଉତରାୟ କୁହନ୍ତି, ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ। ମୁକ୍ତା ଯୋଜନା ତଦରଖ ଲାଗି ଏକ ଟେକ୍ନିକାଲ ଟିମ୍ ରହିଛି। ଯାଞ୍ଚ କରାଯିବ, ଅଭିଯୋଗ ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ୩ ଲକ୍ଷ ଟଙ୍କା ବଟି ମାଗି ଯୁବକ ଗିରଫ

**ଯାଁଳା,୧୩ା୩(ଡି.ଏନ୍.ଏ.)**



୩ଲକ୍ଷ ଟଙ୍କା ଦାଦାବଟି ମାଗିବା ଅଭିଯୋଗରେ ଇନ୍‌ଫୋଭାଲି ଥାନା ପୋଲିସ ସୋମବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଓଗାଳପଡ଼ା ଗ୍ରାମର ଗୋପାଳ ବେହେରା(୩୨)। ତାଙ୍କ ନିକଟରୁ ଏକ ବାଇକ୍ ଓ ମୋବାଇଲ ଫୋନ ଜବତ ହୋଇଛି। ଅଭିଯୋଗ ମୁତାବକ, ଗଗନ ବିହାରୀ ସାହୁ ଓଗାଳପଡ଼ାଠାରେ ଥିବା ଏକ ଜମିରେ ଘର ନିର୍ମାଣ କରୁଥିଲେ। ଏହି ସମୟରେ ଗୋପାଳ ସେଠାକୁ ଯାଇ ପୂର୍ବରୁ ସେ ପାଇବାକୁ ଥିବା ଟଙ୍କା ମାଗିବା ସହିତ ଗଗନଙ୍କୁ ୩ ଲକ୍ଷ ଟଙ୍କା ଦାଦାବଟି ଦେବାକୁ କହିଥିଲେ। ସେ ଟଙ୍କା ଦେବାକୁ ମନା କରିବାରୁ ଗୋପାଳ ହଠାତ ଉତ୍କ୍ଷିପ୍ତ ହୋଇ ତାଙ୍କୁ ଗାଳିଗୁଲଜ କରିବା ସହ ଉକ୍ତ ଜମିକୁ ସଂଯୋଗ କରୁଥିବା ରାସ୍ତାକୁ ଜେସିବି ମେଶିନରେ ଖୋଳି ଦେଇଥିଲେ। ଫଳରେ ଗଗନ ନିର୍ମାଣାଧୀନ ଘରକୁ ଯିବାଲାଗି ଅସୁବିଧାର ସମ୍ମୁଖୀନ ହୋଇଥିଲେ। ରବିବାର ଗୋପାଳ ପୁଣି ଗଗନଙ୍କୁ ୩ଲକ୍ଷ ଟଙ୍କା ବଟି ଦେବାକୁ ଦାବି କରିଥିଲେ। ଟଙ୍କା ଦେବାକୁ ମନା କରିବାରୁ ହଠାତ୍ ଏକ ଲୁହାରଡ଼ରେ ଗୋପାଳ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇବା ସହ ଗୋପାଳଙ୍କୁ ଗିରଫ କରିଥିଲା।



ବୋଲଗଡ଼: ପିଚୁକୁଳିସ୍ଥିତ ନୀଳକଣ୍ଠେଶ୍ୱର ଦେବଙ୍କ ପଞ୍ଚଦୋଳ ଅବସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥି ଏବଂ ଅନ୍ୟମାନେ।

## ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା

**ବୋଲଗଡ଼,୧୩ା୩(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ପିଚୁକୁଳି ଠାରେ ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କ ପଞ୍ଚଦୋଳ ଯାତ୍ରା ଅବସରରେ ସୋମବାର ସନ୍ଧ୍ୟାରେ ସ୍ଥାନୀୟ ପଞ୍ଚାୟତ ଅଞ୍ଚଳର ୩୦ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଯାତ୍ରା କମିଟି ସଭାପତି ପବିତ୍ର ମୋହନ ମାଝିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ, ମୁଖ୍ୟ ବକ୍ତା ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀ ଏବଂ ସାନକୁମାରୀ ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ପିଚୁକୁଳି ସରପଞ୍ଚ ଜୟନ୍ତୀ ପ୍ରଧାନ, ସମିତିସଭ୍ୟ ସଞ୍ଜୟ ଗୁମାନସିଂ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ ଉପସ୍ଥାପକ ଶିକ୍ଷକ ଶ୍ରୀକାନ୍ତ ନାୟକ। ବିରଞ୍ଚି ଖାଡଙ୍ଗା ଧନ୍ୟବାଦ ଦେଇଥିଲେ।

## ଜାତୀୟ ରାଜପଥ ଲୁଟେରା ଗ୍ୟାଙ୍ଗର ୫ ଗିରଫ



ଗିରଫ ୫ ଅଭିଯୁକ୍ତ ଏବଂ ଜବତ ହୋଇଥିବା ମାରଣାସ୍ତ୍ର।

**ଯାଁଳା,୧୩ା୩(ଡି.ଏନ୍.ଏ.)**

ଭୁବନେଶ୍ୱର ୧୬ ନଂ. ଜାତୀୟ ରାଜପଥ (ହାଇୱେ)ରେ ଯାତ୍ରୀଙ୍କୁ ଲୁଟ୍‌ପାଟ କରୁଥିବା ଏକ ଗ୍ୟାଙ୍ଗର ୫ଜଣ ସଦସ୍ୟ କମିଶନରେଟ ପୋଲିସ ହାତରେ ଧରାପଡ଼ିଛନ୍ତି। ଇନ୍‌ଫୋଭ୍ୟାଲି ଥାନା ପୋଲିସ ସେମାନଙ୍କୁ ସୋମବାର ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ଥାନା ଯାଁଳା ଅଞ୍ଚଳର ବିଷ୍ଣୁପ୍ରସାଦ ସ୍ୱାଇଁ, ଘନଶ୍ୟାମ ସ୍ୱାଇଁ, ଗଙ୍ଗପଡ଼ାର ଅଶୋକ କୁମାର ଦାସ, ଖୋର୍ଦ୍ଧା ଟାଉନ ଥାନା ଅଞ୍ଚଳର ପ୍ରକାଶ ଦେହୁରି ଓ ମୋହନ ମାଝୀ। ଏମାନଙ୍କଠାରୁ ଦୁଇଟି ବାଇକ୍, ଗୋଟିଏ ଲେଖାଏ ଖଣ୍ଡା, କଟୁରୀ, ଷ୍ଟିଲ୍ ପାଇପ, ଲୁହା ଛଡ, ଲଙ୍କାଗୁଣ୍ଡ ଆଦି ଜବତ କରାଯାଇଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଗ୍ୟାଙ୍ଗର ଅନ୍ୟ ସଦସ୍ୟଙ୍କୁ ଧରିବାକୁ ପ୍ରୟାସ କରାଯାଉଥିବା ଜୋନ୍ ଏସିପି ରଜତ ରୟ ଖବରଦାତା ସମ୍ମିଳନୀରେ କହିଛନ୍ତି।

ଗ୍ୟାଙ୍ଗର ସଦସ୍ୟମାନେ ଗଙ୍ଗପଡ଼ା ଅଞ୍ଚଳରୁ ତମାଣ୍ଡ ପର୍ଯ୍ୟନ୍ତ ଜାତୀୟ ରାଜପଥରେ ସକ୍ରିୟ ରହୁଥିଲେ। ବିଳମ୍ବିତ ରାତିରେ ରାଜପଥ ପାର୍ଶ୍ୱରେ ଥିବା ଡାବାକୁ ଆସୁଥିବା ଯାତ୍ରୀଙ୍କୁ ଟାର୍ଗେଟ କରୁଥିଲେ। ସେମାନଙ୍କୁ ବିଭିନ୍ନ ଆଳରେ ଅଟକାଇବା ପରେ ମାରଣାସ୍ତ୍ର ଦେଖାଇ ଲୁଟ୍‌ପାଟ କରୁଥିଲେ। ରବିବାର ବିଳମ୍ବିତ ରାତିରେ ଗ୍ୟାଙ୍ଗର ୫ଜଣ ସଦସ୍ୟ ଗୋହିରା ଛକ ନିକଟ ବଡ଼ପୋଖରୀ ହୁଡ଼ାରେ ବସି ଜାତୀୟ ରାଜପଥରୁ ବଡଧରଣର ଡକାୟତି ପାଇଁ ଯୋଜନା କରୁଥିଲେ। ଖବରପାଇ ପାଟ୍ରୋଲିଂ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରିଥିଲା। ଅଭିଯୁକ୍ତମାନେ ପୋଲିସ ଟିମ୍‌କୁ ଦେଖି ଦୌଡ଼ିବାକୁ ଆରମ୍ଭ କରିଥିଲେ। ପୋଲିସ କର୍ମଚାରୀ ସେମାନଙ୍କୁ କାବୁ କରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୭୮/୨୩) ରୁଜୁ ହୋଇଛି।

# ବିବେକାନନ୍ଦ ଲୋକ ସଂସଦର ପ୍ରବାସୀ ଓଡ଼ିଆ ସମ୍ମିଳନୀ

**ଭୁବନେଶ୍ୱର,୧୩ା୩(ବ୍ୟୁରୋ)**

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ବହିଃସମ୍ପାଗ ପକ୍ଷରୁ ଆଭାସୀ ମାଧ୍ୟମରେ ଏକ ପ୍ରବାସୀ ଓଡ଼ିଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଡ. ଭାରତ ଭୂଷଣ ରଥଙ୍କ ବେଦପାଠରୁ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଆବାହକ ତଥା ଓଡ଼ିଆ ବୈଜ୍ଞାନିକ ଡ. ବିଜୟ କୁମାର ଦାଶ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ରମାନାଥ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଙ୍ଗଠନିକ ସମ୍ପାଦକ ପ୍ରଫେସର ଚିତ୍ତରଞ୍ଜନ ନାୟକ ଲୋକ ସଂସଦର ବିବିଧ କାର୍ଯ୍ୟ ପଦ୍ଧତି ଦ୍ୱାରା ସମାଜସେବା ବିଷୟରେ ଅବଗତ କରାଇଥିଲେ। ରାଜ୍ୟ ଉପାଧ୍ୟକ୍ଷ ପ୍ରଫେସର ପ୍ରଳୟ କୁମାର ନନ୍ଦ ଉତ୍କଳ ଦିବସ ଓ ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତୀ ବିଶ୍ୱ ସ୍ତରରେ ପାଳନ କରିବାକୁ ନିବେଦନ କରିଥିଲେ। ଏହି ବୈଠକରେ ପ୍ରତି ୩୧ ତାରିଖରେ ଓଡ଼ିଶା ବିକାଶ ଆଭାସୀ ଆଲୋଚନା, ଉତ୍କଳ ଦିବସ ଓ ଗୋପବନ୍ଧୁ ଜୟନ୍ତୀରେ ପ୍ରବାସୀ ଓଡ଼ିଆ ସମ୍ମିଳନୀ, ଲୋକ ସଂସଦର ବିଭିନ୍ନ କମିଟିରେ ପ୍ରବାସୀ ଓଡ଼ିଆଙ୍କୁ ସାମିଲ ଏବଂ ପ୍ରବାସୀ ବନ୍ଧୁମାନଙ୍କୁ ରାଜ୍ୟର ବିକାଶମୂଳକ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ଲୋକ ସଂସଦରେ ଏକ ପ୍ରବାସୀ ଓଡ଼ିଆ ପ୍ରକୋଷ୍ଠ ଗଠନ କରାଯିବା ସକାଶେ ନିଷ୍ପତ୍ତି ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ମାଲେସିଆରୁ ପ୍ରସିଦ୍ଧ ଚିକିତ୍ସକ ଡ. ବିଶ୍ୱମୋହନ ବିଶ୍ୱାଳ, ଇଂଲଣ୍ଡରୁ ଇଂ. ଅଭିଜିତ୍ ଚୌଧୁରୀ, ଦିଲ୍ଲୀରୁ ପ୍ରଫେସର ମୀନକେତନ ବେହେରା, ଇଂ. ସମୀର ଘୋଷ, ଶିଳ୍ପୀ ରତ୍ନାକର ସୂତାର, ବାରାଣସୀରୁ ପ୍ରଫେସର ମୃତ୍ୟୁଞ୍ଜୟ ମିଶ୍ର, ଶିଲଂରୁ ପ୍ରଫେସର ଭାଗୀରଥି ପଣ୍ଡା, ଜମ୍ମୁରୁ ଡ.ପବିତ୍ର କୁମାର ଜେନା, ଇଟାନଗରରୁ ଡ.ନାରାୟଣ ସାହୁ, ସୁରଟରୁ ଶିଳ୍ପୀ ଶିବାଶିଷ ପରିଡ଼ା, ରାଜସ୍ଥାନରୁ ଡ.ଦିଲ୍ଲୀପ ରଣା, ପୁଡୁଚେରୀରୁ ଡ. ଶଶିକାନ୍ତ ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କୋଲକାତା, ତ୍ରିପୁରା, ଗୁଆହାଟୀ, ଅରୁଣାଚଳ ପ୍ରଦେଶ, ଭୁବନେଶ୍ୱର, ଆମେରିକା, ଅଷ୍ଟ୍ରେଲିଆ ଆଦି ସ୍ଥାନରୁ ସଦସ୍ୟ ଯୋଡ଼ି ହୋଇଥିଲେ। ବହିଃସମ୍ପାଗ ସମ୍ପାଦକ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଝାରସୁଗୁଡ଼ା ଜିଲା ସମ୍ପାଦିକା ଡ. ସ୍ୱର୍ଣ୍ଣମୟୀ ପୁରୋହିତ ଓ ମହାସଚିବ ପ୍ରଫେସର ସୀମାଞ୍ଚଳ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ

**ଜଟଣୀ,୧୩ା୩(ଡି.ଏନ୍.ଏ.)**

ଜଟଣୀ ଥାନା ଅନ୍ତର୍ଗତ ଗଜପତିନଗର ଅଞ୍ଚଳରେ ଜଣେ ମହିଳା ଆତ୍ମହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି। ସେ ହେଲେ ରୋଜାଲିନ ଦାଶ(୩୦)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ମୃତାଙ୍କ ବାପା ବିବେକାନନ୍ଦଙ୍କ ଅଭିଯୋଗକ୍ରମେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୪/୨୩)ରୁଜୁ ହୋଇଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ୧୫ରୁ ସମୂହ ଛୁଟିରେ ଯିବେ ପ୍ରାଥମିକ ଶିକ୍ଷକ

**ଖୋର୍ଦ୍ଧା ଅଫିସ,୧୩ା୩**

ଖୋର୍ଦ୍ଧା ବ୍ଲକ ମିଳିତ ପ୍ରାଥମିକ ସଂଘ ପକ୍ଷରୁ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତଙ୍କୁ ୩ଦଫା ସମ୍ବଳିତ ଦାବିପତ୍ର ସୋମବାର ପ୍ରଦାନ କରିଛନ୍ତି। ପ୍ରାଥମିକ ଶିକ୍ଷକମାନଙ୍କ ୬ଟି ଇନ୍‌କ୍ରିମେଣ୍ଟ, କେନ୍ଦ୍ରୀୟ ହାରରେ ଦରମା ଓ ପୁରୁଣା ପେନ୍‌ସନ୍ ପୁନଃ ପ୍ରଚଳନ ଦାବି ନେଇ ଓଡ଼ିଶା ମିଳିତ ପ୍ରାଥମିକ ଶିକ୍ଷକ ସଂଘ ଆସନ୍ତା ୧୫ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ପ୍ରଥମେ ୩ଦିନ ସିଏଲ୍ ଓ ତାପରେ ଏକ ମାସ ଛୁଟିରେ ରହି ଶିକ୍ଷୟିତ୍ରୀ ଶିକ୍ଷକମାନେ ଆନ୍ଦୋଳନକୁ ଯିବେ। ଖୋର୍ଦ୍ଧା ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସ୍ୱପ୍ନେଶ୍ୱର ପ୍ରଧାନ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ କୁମାର ମହାପାତ୍ର, ଜିଲା ସଭାପତି ଅଗାଧୁ ସେଠୀ, ସମ୍ପାଦକ ମୃତ୍ୟୁଞ୍ଜୟ ମହାପାତ୍ର, ବଦ୍ରି ନାରାୟଣ ରଥ, ରବି ନାରାୟଣ ପଣ୍ଡା, ସରୋଜ କୁମାର ସାହୁ, ଦେବାଶିଷ ସେଠୀ, ଅଭିରାମ ପଣ୍ଡା, ଉପଦେଷ୍ଟା ମଣ୍ଡଳୀ ସୁରେଶ ଚନ୍ଦ୍ର ବିଶ୍ୱାଳ, ବିଭୁ ପ୍ରସାଦ ହରିଚନ୍ଦନ, ସୁଶାନ୍ତ ମିଶ୍ର ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ଦଫା ସମ୍ବଳିତ ଦାବିପତ୍ର ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତଙ୍କୁ ପ୍ରଦାନ କରାଯାଉଛି।

# ସରିଲା ବାଣପୁର ପଞ୍ଚଦୋଳ ମେଳଣ

**ଗମ୍ଭାରୀମୁଣ୍ଡା/ବାଣପୁର, ୧୩ା୩(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବାଣପୁର ପଲଟଣ ପଡ଼ିଆରେ ଅନୁଷ୍ଠିତ ପଞ୍ଚଦୋଳ ମେଳଣ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଆରମ୍ଭରେ ଦୁର୍ଗା ମାଧବଙ୍କ ଭେଟ ଓ ଶେଷଦିନ ମେଳଣରେ ଶିବ ଶକ୍ତିଙ୍କ ଭେଟ ହୋଇଥିବା ବେଳେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ରବିବାର ବିଳମ୍ବିତ ରାତିରେ ସ୍ଥାନାଧିପତି ଶ୍ରୀଚରଣ ଚକାଦେବଙ୍କ ନିମନ୍ତ୍ରଣକ୍ରମେ ଶ୍ରୀଦକ୍ଷେଶ୍ୱର, ମା’ଭଗବତୀ, ଆଠଶାସନର ମୁଖ୍ୟ ରଙ୍ଗନାଥ ଦେବ, ନଅଦେଉଳର ମୁଖ୍ୟ ଉମାମହେଶ୍ୱର, ଭେଟିନାଥ ଦେବ ପ୍ରମୁଖ ଦେବଦେବୀଙ୍କ ସହିତ କପିଳେଶ୍ୱର ଦେବ, ଗୋପୀନାଥ, ବାଲୁଙ୍କେଶ୍ୱର, ରଘୁନାଥ, ଗତିଶ୍ୱର, ଗୁପ୍ତେଶ୍ୱର, ରାମେଶ୍ୱର, ସ୍ୱପ୍ନେଶ୍ୱର ଦେବ, ଖାଡେଶ୍ୱର ଦେବଙ୍କ ସମେତ ଆଖପାଖ ଗ୍ରାମର ୧୭୨ ଠାକୁରଙ୍କ ବିଜେ ପ୍ରତିମା, ବୃଷଭ, ସିଂହ, ଗରୁଡ, ହନୁମାନ ଓ ଚଉଦୋଳ ଆଦି ୭୩ ବିମାନରେ ସୁସଜ୍ଜିତ ହୋଇ ପଟୁଆରରେ



ବାଣପୁର ପଞ୍ଚଦୋଳ ମେଳଣରେ ଲୋକଙ୍କ ଗହଳି।

ବିଭିନ୍ନ ଗ୍ରାମ ପରିକ୍ରମା କରି ପଲଟଣ ପଡିଆରେ ଏକତ୍ରିତ ହୋଇଥିଲେ। ମା’ ଭଗବତୀ, ଚରଣ ଚକାଦେବ, ରଙ୍ଗନାଥ ଦେବ, ଉମା ମହେଶ୍ୱର ଦେବ ପ୍ରମୁଖ ଆସନ ଗ୍ରହଣ କରିବା ପରେ ଅନ୍ୟ ଦେବଦେବୀ ନିଜ ଆସନରେ ଉପବେଶନ ହୋଇଥିଲେ। ରବିବାର ରାତିରୁ ଲୋକଙ୍କ ଭିଡ ଲାଗି ରହିଥିବା ବେଳେ ସୋମବାର ଦିନତମାମ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଥିବା ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ପଞ୍ଚଦୋଳ କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥିବା ବେଳେ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗ କରିଥିଲେ।

ଧରିତ୍ରୀ
DHARITRI


## ସାରଙ୍ଗା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ

ଟାଙ୍ଗୀ(କଟକ)(ଡି.ଏନ୍.ଏ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଭଙ୍ଗିମୁଣ୍ଡା ପଞ୍ଚାୟତ ସାରଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଭକ୍ତ ବତ୍ସଳ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀଲତା ସାହୁ, ମୁଖ୍ୟ ବକ୍ତା ଭାବେ ପ୍ରଧାନଶିକ୍ଷକ ଅଭୟ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସହକାରୀ ଶିକ୍ଷକ ସତ୍ୟବ୍ରତ ତ୍ରିପାଠୀ ଯୋଗଦେଇ ଛାତ୍ରୀଛାତ୍ରମାନେ ଶିକ୍ଷାସହିତ କ୍ରୀଡ଼ାକୁ ପ୍ରାଧାନ୍ୟ ଦେବାକୁ ଗୁରୁତ୍ୱ ପ୍ରଦାନ କରିଥିଲେ। ବିଭିନ୍ନ ଖେଳ ପ୍ରତିଯୋଗିତା ଏବଂ ଶ୍ରେଣୀରେ ସଫଳ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ଏପ୍ରିଲ ସୁଦ୍ଧା ସରିବ ନିର୍ମାଣ

**ଏସ୍‌ସିବି ପବ୍ଲିକ ସ୍କୁଲ**
- କାମ ତଦାରଖ କଲେ ସିଡିଏ ଅଧ୍ୟକ୍ଷ
- ପରିଚାଳନା ଦାୟିତ୍ୱ ନେବ ଡିଏଭି
- ଜୁନ୍‌ରୁ ପାଠପଢ଼ା ଆରମ୍ଭ

**କଟକ ଅଫିସ, ୧୩।୩**

ଓଏମ୍‌ପି ନିକଟରେ ଏସ୍‌ସିବି ପବ୍ଲିକ ସ୍କୁଲର ନିର୍ମାଣ କାର୍ଯ୍ୟକୁ ସୋମବାର ପୂର୍ବାହ୍ନରେ ସିଡିଏ ଅଧ୍ୟକ୍ଷ ଅନୀଲ କୁମାର ସାମଲ ତଦାରଖ କରିବା ସହ ଏହାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ସ୍କୁଲ ନିର୍ମାଣ କାର୍ଯ୍ୟ ବୁଲି ଦେଖିବା ସହ କାର୍ଯ୍ୟର ଅଗ୍ରଗତିକୁ ନେଇ ସନ୍ତୋଷଜନକ ହୋଇଛନ୍ତି । ସିଡିଏ ଅଧ୍ୟକ୍ଷ ସାମଲଙ୍କ କହିବା ମୁତାବକ, ଏପର୍ଯ୍ୟନ୍ତ ୪୮ଟି କ୍ଲାସ୍‌ରୁମକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରାଯାଇପାରିଛି। ସ୍କୁଲର ଶେଷ ପର୍ଯ୍ୟାୟ ନିର୍ମାଣ କାମ ଜାରି ରହିଛି। ଜଳ ଯୋଗାଣ, ବିଦ୍ୟୁତକରଣ, କବାଟ ଝରକା କାର୍ଯ୍ୟ ଆଦି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏପ୍ରିଲ ଶେଷ ସୁଦ୍ଧା ସ୍କୁଲର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ଶେଷ କରିବାକୁ ଦାୟିତ୍ୱରେ ଥିବା ଯନ୍ତ୍ରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସ୍କୁଲର ପରିଚାଳନା ଭାର ଡିଏଭିକୁ ହସ୍ତାନ୍ତର କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ପ୍ରାୟତଃ ଜୁନ ମାସରେ ପାଠପଢ଼ା ଏହି ନୂଆ ବିଦ୍ୟାଳୟରେ ଆରମ୍ଭ ହୋଇଯିବ ବୋଲି ଉପସ୍ଥିତ ଥିବା ପ୍ରିନସପାଲ ସୂଚନା ଦେଇଛନ୍ତି। ପୂର୍ବରୁ ମେଡିକାଲ ପବ୍ଲିକ ସ୍କୁଲରେ ଆଇସିଏସଇ ପାର୍ଟନରେ ପାଠପଢ଼ା ଯାଉଥିଲା। ପରେ ଏହାକୁ ସିବିଏସଇ ପାର୍ଟନଙ୍କୁ ବଦଳା ଦିଆଯାଇଛି। ଚଳିତବର୍ଷ ଶେଷ ଥର ପାଇଁ ଆଇସିଏସଇ ପାର୍ଟନରେ ପିଲାମାନେ ପରୀକ୍ଷା ଦେଉଥିବା ବେଳେ ଆସନ୍ତା ବର୍ଷ ଛାତ୍ରୀଛାତ୍ରମାନେ ସିବିଏସଇ ପାର୍ଟନରେ ପରୀକ୍ଷା ଦେବେ। ନିର୍ମାଣ ହୋଇଥିବା ୪୮ଟି ଶ୍ରେଣୀ ଗୃହରେ ପ୍ରତି କ୍ଲାସ୍ ପାଇଁ ୩ଟି ସେକ୍ସନ୍ ରହିବ ବୋଲି ସାମଲ ସୂଚନା ଦେଇଛନ୍ତି।

ପ୍ରକାଶ ଥାଉକି, ଏସସିବି ମେଡିକାଲର ଏମସ୍ ପ୍ଲସ୍ କାର୍ଯ୍ୟ ଆରମ୍ଭ ହେବା ପରେ ସେଠାରେ ଥିବା ପବ୍ଲିକ ସ୍କୁଲକୁ ସରକାର ନିଜ ଅକ୍ତିଆରକୁ ନେଇଥିଲେ ଏବଂ ଏହାକୁ ସ୍ଥାନାନ୍ତର କରି ସ୍ଥାୟୀ ନିର୍ମାଣ ପାଇଁ ଓଏମପିରେ ୨.୫ ଏକର ଜମି ଯୋଗାଇ ଦେଇଥିଲେ। ସିଡିଏ ତତ୍ତ୍ୱାବଧାନରେ ନାଗାର୍ଜୁନ କନଷ୍ଟ୍ରକ୍ସନ କମ୍ପାନୀକୁ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ଦାୟିତ୍ୱ ଦିଆଯାଇଥିଲା। ସେଠାରେ ପାଠ ପଢୁଥିବା ପିଲାମାନଙ୍କୁ ଗଣ୍ଡରପୁରସ୍ଥିତ ଏଲଆର ଡିଏଭି ଓ ସିଡିଏ, ଡିଏଭିକୁ ସାମୟିକ ଭାବେ ସ୍ଥାନାନ୍ତର କରାଯାଇଥିଲା ।



ଏସ୍‌ସିବି ପବ୍ଲିକ ସ୍କୁଲର ନିର୍ମାଣ କାର୍ଯ୍ୟ ସିଡିଏ ଅଧ୍ୟକ୍ଷ ଅନୀଲ ସାମଲ ତଦାରଖ କରୁଛନ୍ତି।

## ସଂକ୍ଷେପରେ

### ଚିକିତ୍ସାଧୀନ ଅବସ୍ଥାରେ ବୃଦ୍ଧଙ୍କ ମୃତ୍ୟୁ
#### ହୋଲି ଖେଳବେଳେ ଆକ୍ରମଣ ଘଟଣା

**ମଙ୍ଗୁଳି-ଜଗତପୁର,୧୩।୩(ଡି.ଏନ.ଏ):** ଜଗତପୁରସ୍ଥିତ ନାନକା ହୋଲିଖେଳ ବେଳେ ଆକ୍ରମଣର ଶିକାର ହୋଇଥିବା ଜଣେ ବୃଦ୍ଧଙ୍କର ରବିବାର ମଧରାତ୍ରିରେ ମୃତ୍ୟୁ ଘଟିଛି। ସେ ହେଲେ ଜଗତପୁର ଥାନା ଅଧୀନ ନାନକା ଗ୍ରାମର ବଦ୍ରି ପ୍ରସାଦ(୬୦)। ସୂଚନା ଅନୁଯାୟୀ, ବୁଧବାର ବଦ୍ରିଙ୍କ ଘର ସାମ୍ନାରେ ତାଙ୍କ ପରିବାର ମହିଳାଙ୍କ ସହ ପଡୋଶୀ ମହିଳା ମିଶି ରଙ୍ଗ ଖେଳୁ ଥିଲେ। ସେଇ ସମୟରେ ସେଇ ଗ୍ରାମର ପିଣ୍ଟୁ ହଠାତ ଏକ ବୁଲେଟରେ ଆସି ମହିଳାଙ୍କ ସହ ଅଶ୍ଳୀଳ ବ୍ୟବହାର ଦେଖାଇବା ସହ ରଙ୍ଗ କରିବାକୁ ଚେଷ୍ଟା କରିଥିଲା। ବଦ୍ରି ଏବଂ ତାଙ୍କ ପୁଅ ଏହାକୁ ପ୍ରତିରୋଧ କରିବାରୁ ପିଣ୍ଟୁ ସେଠାରୁ ପଳାଇଯାଇଥିଲା। କିଛି ସମୟ ପରେ ପୁଣି ସାଥିରେ ଦୁଇ ଜଣ ସାଙ୍ଗଙ୍କୁ ଆଣି ବଦ୍ରି ଏବଂ ତାଙ୍କ ପରିବାରକୁ ଲୁହା ରଡ଼ ଏବଂ ବାଉଁଶ ଫାଳିଆରେ ପିଟିବାରୁ ବଦ୍ରି ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇପଡ଼ିଥିଲେ। ଏହାପରେ ସେ ଜଗତପୁରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସୋମବାର ଗ୍ରାମ ଶ୍ମଶାନରେ ବଦ୍ରିଙ୍କ ଶେଷକୃତ୍ୟ ସମ୍ପନ୍ନ କକରାଯାଇଛି। ସାନପୁଅ ଉମେଶ ଗୁପ୍ତା ମୁଖାଗ୍ନି ଦେଇଥିବା ବେଳେ ପୁଅ, ଝିଅ, ସ୍ତ୍ରୀଙ୍କ ସମେତ ଅଞ୍ଚଳବାସୀ ନିକଟରେ ଥିଲେ।

### ଫେରାର ଅଭିଯୁକ୍ତ ଗିରଫ, ୨ ଟ୍ରକ ଜବତ

**ମଙ୍ଗୁଳି-ଜଗତପୁର,୧୩।୩(ଡି.ଏନ୍.ଏ.):** ଲକ୍ଷାଧିକ ଟଙ୍କାର ଠକେଇ ଅଭିଯୋଗରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଜଗତପୁର ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ବାହାଦୁରପାଟଣାର ଅଜୟ। ତାଙ୍କ ନିକଟରୁ ୨ଟି ଟ୍ରକ ଜବତ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଅଜୟ ପେସାରେ ଜଣେ ଟ୍ରକ ଦଲାଲ। ସେ ବିଭିନ୍ନ ସମୟରେ ବିଭିନ୍ନ ଗାଡି ଶୋରୁମରୁ ନିଲାମ ହେଉଥିବା ଟ୍ରକକୁ କମ ଦାମରେ କିଣି ତାକୁ ଏକାଧିକ ଲୋକଙ୍କୁ ଦେଖାଇ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରିନିଏ। ପରେ ସେମାନଙ୍କୁ ଟ୍ରକ ନ ଦେଇ ସମୟ ଗଡ଼ାଇ ଚାଲେ। ଗତ କିଛି ମାସ ହେବ ଜଗତପୁର ଗୋପୀନାଥପୁରର ଶେଖ ରାମଜାନ ସହ ଅଜୟ ମିଶି ନିଲାମ ଗାଡିକୁ କ୍ରୟ କରି ବିକ୍ରି କରିଥାନ୍ତି ଏବଂ ସେଥିରୁ ଯାହା ଲାଭକୁ ଅଧା ବାଣ୍ଟିନେବା ପାଇଁ ଚୁକ୍ତିପତ୍ର ହୋଇଥିଲା । କିନ୍ତୁ ଅଜୟ ଦୁଇ ବର୍ଷ ତଳେ ଏକ ନିଲାମୀ ଟ୍ରକ (ନଂଓଡି-୧୬-ଡି-୭୨୩୫) ବିକ୍ରୟ କରିଥିଲେ । ରାମଜାନ ଉକ୍ତ ଟ୍ରକର ଲାଭ ଦେବାକୁ କହିବାରୁ ଅଜୟ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଏ ନେଇ ଶେଖ ରାମଜାନ ଥାନାରେ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ୩୩୦/୨୧)ରୁଜୁ କରିଥିଲା। ଅଭିଯୋଗ ପରେ ଅଜୟ ଫେରାର ହୋଇଯାଇଥିଲା। ପୋଲିସ ତଦନ୍ତ କରି ତାଙ୍କୁ ଗିରଫ କରିଥିଲା। ପୂର୍ବ ରୁ ଅଜୟ ନାମରେ ଏକାଧିକ ଆପରାଧିକ ମାମଲା ରହିଛି।

### ପାତି ମାଙ୍କଡ଼କୁ କାବୁ କଲା ନନ୍ଦନକାନନ ଟିମ୍
#### ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ କାମୁଡ଼ି ଆହତ କରିଥିଲା

**ଖୁଣ୍ଟୁଣୀ, ୧୩।୩( ଡି.ଏନ.ଏ ):** ଗତ ମାସାଧିକକାଳ ଖୁଣ୍ଟୁଣୀ ଷ୍ଟେଟ ବ୍ୟାଙ୍କ ଛାତ ଉପରେ ରହି ଉତ୍ପାତ କରୁଥିବା ଏକ ପାତି ମାଙ୍କଡ଼କୁ ସୋମବାର ଖୁଣ୍ଟୁଣୀ ବନାଞ୍ଚଳ ଓ ନନ୍ଦନକାନନ ଟିମ କାବୁ କରିବାରେ ସଫଳ ହୋଇଛନ୍ତି। ତେଣୁ ମାଙ୍କଡ଼କୁ ବନବିଭାଗ ସହାୟତାରେ ନନ୍ଦନକାନନ ଟିମ ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲ ମଧରେ ଛାଡି ଦେଇଥିବା ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ କହିଛନ୍ତି । ନିକଟସ୍ଥ ସୁବାସୀ ସଂରକ୍ଷିତ ଜଙ୍ଗଲରୁ ଏହି ମାଙ୍କଡଟି ମାସେ ହେଲା ଆସି ଷ୍ଟେଟ ବ୍ୟାଙ୍କ କୋଠା ଛାତ ଉପରେ ଦିନ ତମାମ ରହି ବ୍ୟାଙ୍କ କାମରେ ଆସୁଥିବା ଗ୍ରାହକଙ୍କୁ ଆକ୍ରମଣ କରୁଥିଲା। ମାଙ୍କଡ଼ ଭୟରେ ଗ୍ରାହକ ବ୍ୟାଙ୍କକୁ ଆସିଲେ ସଙ୍ଗବଦ୍ଧ ହୋଇ ଯାଉଥିଲେ। ଏକୁଟିଆ ଦେଖିଲେ ମାଙ୍କଡ଼ ଆକ୍ରମଣ କରୁଥିଲା। ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଗ୍ରାହକଙ୍କୁ କାମୁଡି ଆହତ କରିଥିଲା। ଏ ନେଇ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ସାହୁ ଜାଣିବା ପରେ ମାଙ୍କଡ଼କୁ ଧରିବାକୁ ବହୁଥର ଚେଷ୍ଟା କରି ବିଫଳ ହେବାରୁ ନନ୍ଦନକାନନ ଟିମର ସାହାଯ୍ୟ ନେଇଥିଲେ। ସୋମବାର ନନ୍ଦନକାନନର ଟେକ୍ନିସିଆନ ଦୁଷ୍ମନ୍ତ ନାୟକ ଓ ତାଙ୍କ ସହଯୋଗୀ ପ୍ରତାପ ରାଉତ ଖୁଣ୍ଟୁଣୀରେ ପହଞ୍ଚି ନିଜ ଟେକନିକ ଦ୍ୱାରା ଚାରିପଟୁ ଜାଲ ବିଛାଇ ମାଙ୍କଡ଼କୁ ଟ୍ରଙ୍କୁଲାଇଜ କରିବାରେ ସଫଳ ହୋଇଥିଲେ। ଏଥିର ଖୁଣ୍ଟୁଣୀ ବନାଞ୍ଚଳର ସମସ୍ତ ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ ଷ୍ଟାଫ ସହଯୋଗ କରିଥିଲେ।



ଦରଘା ବଜାରସ୍ଥିତ ପୁରାତନ କଟକ ଜେଲ ସ୍ୱାଧୀନତା ସଂଗ୍ରାମ ସ୍ମାରକୀ ଭବନ ସମ୍ମୁଖ ପଡ଼ିଆ ଗୋରୁଙ୍କ ଆଶ୍ରୟସ୍ଥଳୀ ପାଲଟିଛି।

## ସରପଞ୍ଚଙ୍କ ନିୟନ୍ତ୍ରଣକୁ ଆସିଲା ଗୋଚରଜମି

**କଟକ ସଦର, ୧୩।୩(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏଥିପାଇଁ ଦରକାର ପଡୁଥିବା ଜମି ସ୍ଥାନୀୟ ସରପଞ୍ଚମାନେ ଯୋଗାଉଛନ୍ତି ବୋଲି କଟକସ୍ଥିତ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ମିଶନର ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଅଧିକାଂଶ ପାଣି ଟାଙ୍କି ଓ ପମ୍ପ ହାଉସ ଘର ଗୋଚର, ଜଙ୍ଗଲ, ଶ୍ମଶାନ କିସମ ଜମିରେ କରାଯାଉଛି। ଏହି ସୂଚନା ମିଳିବା ପରେ କଟକ ସଦର ବ୍ଲକ ଅଞ୍ଚଳର ଏହି ସବୁ କିସମ ଜମିର ନିୟନ୍ତ୍ରଣ ରାଜସ୍ୱ ବିଭାଗ ପରିବର୍ତ୍ତେ ସରପଞ୍ଚମାନଙ୍କ ଅଧୀନକୁ ଚାଲି ଆସିଥିବା ଜଣାପଡ଼ିଛି। କାରଣ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୧୩୩/୨୭।୨।୨୦୨୩ ରେ ଏହା ଉଲ୍ଲେଖ ରହିଛି। ଅଦ୍ୟାବଧି ଜିଲା ପରିଷଦ ଜୋନ ନଂ.୭ରେ ୬ଟି ପାନୀୟ ଜଳ ପ୍ରକଳ୍ପ ଗୋଚରରେ କରାଯାଇଛି। ସେହିପରି ଜୋନ ନଂ.୫ରେ ୪ଟି, ଜୋନ ନଂ.୬ରେ ୯ଟି, ଜୋନ ନଂ.୪ରେ ୩ଟି ପ୍ରକଳ୍ପ ଏହି ଗୋଚର ଜମିରେ ନିର୍ମାଣ କରାଯାଇଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ସର୍ବସାଧାରଣ ଜମିକୁ ରାଜସ୍ୱ ଅଧିକାରୀମାନେ ସ୍ଥାୟୀ ନିର୍ମାଣ କାର୍ଯ୍ୟରେ ଲଗାଉଥିବାରୁ ନିକଟରେ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରି ସରକାରଙ୍କୁ ନୋଟିସ କରିଛନ୍ତି। ଏହାବ୍ୟତୀତ ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ଆଇନ (୨୦୧୩) ମୁତାବକ ତହସିଲଦାର ଓ ଉପଜିଲାପାଳ ଗୋଟିଏ ଖୁଣ୍ଟ ପୋତିବା ପାଇଁ ମଧ ଅନୁମତି ଦେଇପାରିବେ ନାହିଁ ବୋଲି ତଫସିଲ-୨ରେ ଉଲ୍ଲେଖ ରହିଛି। ମାତ୍ର କଟକ ସଦର ଉପଜିଲାପାଳଙ୍କ ମୌଖିକ ଆଦେଶରେ ଧରିଣା ପଞ୍ଚାୟତ ମିଶନ ଶକ୍ତି ଗୃହ ଶ୍ମଶାନ ଓ ଗୋଚରଜମିରେ ନିର୍ମାଣ କରାଯାଇଛି ବୋଲି କଟକ ସଦର ବିଡିଓ ରାଜୀବ ଲୋଚନ ପରିଡ଼ା ପତ୍ର ସଂଖ୍ୟା ୨୪୬୧/୧୪।୮।୨୦୨୨ ରେ ଜଣାଇଛନ୍ତି। ସେହିପରି କଟକ ଜିଲାପାଳଙ୍କ ବିନାନୁମତିରେ ସର୍ବସାଧାରଣ ଜମିରେ ସ୍ଥାୟୀ ନିର୍ମାଣ କରିବାକୁ ଜିଲାର ୧୪ଜଣ ବିଡିଓଙ୍କୁ ମୌଖିକ କିମ୍ବା ଲିଖିତ ନିର୍ଦ୍ଦେଶନାମା ଦିଆଯାଇନାହିଁ ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟର ଲୋକ ସୂଚନା ଅଧିକାରୀ ପତ୍ର ସଂଖ୍ୟା ୪୧୫୨/୩୧।୧୨।୨୦୨୨ ରେ ଜଣାଇଛନ୍ତି। ଏଭଳି ପରିସ୍ଥିତିରେ ଏହି ବ୍ଲକ ଅଞ୍ଚଳର ଗୋଚର, ଶ୍ମଶାନ ଗ୍ରାମ୍ୟ ଜଙ୍ଗଲ ଜମିରେ ସ୍ଥାୟୀ ନିର୍ମାଣ କାର୍ଯ୍ୟ ଚାଲୁ ରଖିବା ଦ୍ୱାରା ଗୋପାଳନ ଉପରେ ନିର୍ଭର କରୁଥିବା ଚାଷୀମାନେ ଜୀବିକା ହରାଇବା ନିଶ୍ଚିତ ହୋଇଯାଇଛି। କାରଣ ଦୁଗ୍ଧ ଉତ୍ପାଦନ ପାଇଁ ଦରକାରୀ ସାମଗ୍ରୀ ଘାସ ଆଉ ମିଳିବ ନାହିଁ। ଏ ସମ୍ପର୍କରେ ବିଡିଓ ପରିଡ଼ା କୌଣସି ପ୍ରତିକ୍ରିୟା ଦେବା ପାଇଁ ମନା କରିଥିଲେ।

## ଡ୍ରିମ୍ ଇଣ୍ଡିଆ ସ୍କୁଲର ବାର୍ଷିକୋତ୍ସବ

**କଟକ ଅଫିସ, ୧୩।୩**

ମର୍କତନଗର ସେକ୍ଟର-୧୦ସ୍ଥିତ ଡ୍ରିମ୍ ଇଣ୍ଡିଆ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷା ପ୍ରଣୟିନୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସରକାରୀ ଅଧିକାରୀ ବିଜୟ କୁମାର ଖଣ୍ଡାୟତରାଏ, ମୁଖ୍ୟବକ୍ତା ଭାବେ କଟକ ଲିଙ୍କରୋଡସ୍ଥିତ ଆଇ ହସ୍ପିଟାଲର ପ୍ରଶାସନିକ ଅଧିକାରୀ ଆଲୋକ କୁମାର ସାହୁ ଯୋଗଦେଇ ପିଲାମାନଙ୍କୁ ଶିକ୍ଷାର ପ୍ରସାର ଏବଂ ଶୃଙ୍ଖଳିତ ହେବା ପାଇଁ ଉପଦେଶ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ଓ ଡ୍ରାମା ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସ୍କୁଲର ପ୍ରଶାସନିକ ଅଧିକାରୀ ଶୁଭସ୍ମିତା ନନ୍ଦ, ରାଜଶ୍ରୀ ରାଉତ, ରୋଜାଲିନ ସ୍ୱାଇଁ, ସଞ୍ଜୁଲତା ପଣ୍ଡା, ଜଳ୍ପନାମଇ ସୂତାର, ମିତା ବେଉରା, ସସ୍ମିତା ଦାସ, ଶିବାନୀ ସ୍ୱାଇଁ, ପଦ୍ମଜା ଦାସ, ସ୍ନେହଲତା ପଣ୍ଡା, ସ୍ନିଗ୍ଧା ପରମିତା ଜେନା, ରୀତା ଭୋଇ ପରିଚାଳନା କରିଥିଲେ।

## ସିଏମ୍‌ସିର ଅଭିଯୋଗ ସମାଧାନ ସଭା

**କଟକଅଫିସ, ୧୩।୩**

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଚୌଧୁରୀବଜାରସ୍ଥିତ ବିଜୁଭବନ କାର୍ଯ୍ୟାଳୟରେ ଏକ ଅଭିଯୋଗ ସମାଧାନ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ସିଏମସି କମିଶନର ନିଖିଲ ପଓନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଭିନ୍ନ ଅଭିଯୋଗର ପ୍ରତିକାର ନେଇ ଶୁଣାଣି କରାଯାଇଥିଲା। ଏଥିରେ ସମୁଦାୟ ୧୪ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ସେଥିମଧ୍ୟରେ ଜାଇକା ଉପରେ ଗୋଟିଏ, ସିଡିଏ ଗୋଟିଏ, ସିଟି ଇଞ୍ଜିନିୟରିଂ ଗୋଟିଏ, ବସ୍ତି ସମ୍ବନ୍ଧୀୟ ୨ଟି, ପରିମଳ ଗୋଟିଏ, ଏନଫୋର୍ସମେଣ୍ଟ ୫ଟି, ସ୍ୱାସ୍ଥ୍ୟ ସମ୍ପର୍କିତ ଗୋଟିଏ, ଜମିବାଡି ସମ୍ବନ୍ଧୀୟ ଗୋଟିଏ ଓ ଆରଟିଆଇ ଉପରେ ଗୋଟିଏ ଅଭିଯୋଗର ସମାଧାନ କରାଯାଇଥିଲା ବୋଲି ସିଏମସି ପକ୍ଷରୁ ସୂଚନା ଦିଆଯାଇଛି । ଅନୁଷ୍ଠିତ ସଭାରେ କମିଶନର କଲ୍ୟାଣଙ୍କ ସମେତ ଅତିରିକ୍ତ କମିଶନର ଅନାମ ପାତ୍ର, ଡେପୁଟି କମିଶନର ସଞ୍ଜୀବୀତା ରାୟ, ସହକାରୀ ପ୍ଲାନିଂ ଅଫିସର, ବସ୍ତି ଉନ୍ନୟନ ଅଧିକାରୀ ଶ୍ୱେତପଦ୍ମା ଡି. ଶତପଥୀଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।




ସିଏମସି କମିଶନର ନିଖିଲ ପଓନ କଲ୍ୟାଣ ବିଭିନ୍ନ ଅଭିଯୋଗର ଶୁଣାଣି କରୁଛନ୍ତି।

## କଟକ ସଦର ମଣ୍ଡଳ ଶିକ୍ଷା ଅଧିକାରୀଙ୍କୁ ୩ ଦଫା ଦାବିପତ୍ର ପ୍ରଦାନ

**କଟକ ଅଫିସ, ୧୩।୩**

ରାଜ୍ୟ ମିଳିତ ପ୍ରାଥମିକ ଶିକ୍ଷକ ଆହ୍ୱାନ କ୍ରମେ କଟକ ସଦର ଓ କଟକ ମହାନଗର ନିଗମ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୩ ଦଫା ଦାବିପତ୍ର କଟକ ସଦର ମଣ୍ଡଳ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ପ୍ରାଥମିକ ଶିକ୍ଷକ ଠିକା ନିଯୁକ୍ତି ବନ୍ଦ କରିବା ସହ ସମସ୍ତ ସ୍ୱେଚ୍ଛାସେବୀ ଶିକ୍ଷା ସହାୟକ/କନିଷ୍ଠ ଶିକ୍ଷକଙ୍କ ମୂଳ ଚାକିରିରେ ଗଣନା କରିବା, ପୁରୁଣା ପେନସନର ପୁନଃ ପ୍ରଚଳନ କରିବା ଦାବି ପତ୍ରରେ ଉଲ୍ଲେଖ ରହିଛି। କଟକ ସଦର ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଉମାକାନ୍ତ ବେହେରା, କାର୍ଯ୍ୟକାରୀ ସଭାପତି ରାଜକିଶୋର ସାହୁ, ସମ୍ପାଦକ ଆରତ ଭଞ୍ଜନ ସାହୁ, ସୁବାସ ଚନ୍ଦ୍ର ଶତପଥୀ, ଶଙ୍କର୍ଷଣ ବେହେରା, ଶଙ୍କର ସ୍ୱାଇଁ, ଭାରତୀ କାନୁନ୍‌ଗୋ, କାଶୀଫୁଲ ଇଶ୍ଳାମ, ଭାରତୀ କାନୁନଗୋ, ବିରଞ୍ଚି ବେହେରା, ଅନାଥ ବେହେରା, ସେକ ରକିବ ମହମ୍ମଦ, ବିରଜା ମିଶ୍ର, ଜ୍ୟୋତି ରେଖା ମହାନ୍ତି, ଅଞ୍ଜନ ସେଠୀ, ଅଜିତ ସେନାପତି, ଜୟନ୍ତି ନାୟକ, ଶକୁନ୍ତଳା ସାହୁ ପ୍ରମୁଖ ଉକ୍ତ ୩ ଦଫା ଦାବି ପୂରଣ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

## କ୍ରିଷ୍ଣା କନ୍‌ସିୟସନେସ ମୋରାଲ ସ୍କୁଲ ଉଦ୍‌ଘାଟିତ

**କଟକ ଅଫିସ, ୧୩।୩**

ମହାନଦୀ ବିହାର ନିକଟ ବିନାୟକ ନଗରରେ ନୈତିକ ତଥା ଆଧାତ୍ମିକ ଶିକ୍ଷାଦାନ ଅନୁଷ୍ଠାନ କ୍ରିଷ୍ଣା କନ୍‌ସିୟସନେସ ମୋରାଲ ସ୍କୁଲ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଆଧାତ୍ମିକ ପ୍ରବଚକ ବାବା ସତ୍ୟାନନ୍ଦ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ନପୂର୍ଣ୍ଣା ଦାସ, ପ୍ରତିଭାମଞ୍ଜରୀ ଦାସ, ଡ. ସୁଲୋଚନା ଦାସ, ସରୋଜିନୀ ଦାସ, ସୌଭାଗିନୀ ମହାପାତ୍ର, ଡ. ପ୍ରଭୁଚରଣ ମହାନ୍ତି, ସ୍ନିଗ୍ଧା ମହାନ୍ତି, ଦେବସ୍ମାନ ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଚନ୍ଦନ ମହାନ୍ତି, ବନ୍ଦିତ ରାୟ, ସ୍ୱୟଂଆଦିତ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଲକ୍ଷ୍ମେଶ୍ୱର ଶୀତଳଭଣ୍ଡାର ପୁନରୁଦ୍ଧାର ହେବ

**ଫୁଲନଖରା, ୧୩।୩ (ଡି.ଏନ୍.ଏ.)**

ସମ୍ପ୍ରତି କୃଷିଜାତ ଦ୍ରବ୍ୟର ଅହେତୁକ ମୂଲ୍ୟ ବୃଦ୍ଧି ନେଇ ଖାଉଟିମାନେ ହନ୍ତସନ୍ତ ହେଉଥିବା ବେଳେ ସମସ୍ୟାର ସ୍ଥାୟୀ ପ୍ରତିକାର ନିମନ୍ତେ ସେପରି କିଛି ବିକଳ୍ପ ପନ୍ଥା ନ ଥିବାରୁ ଆଗାମୀ ଦିନରେ ପରିସ୍ଥିତି ଅଧିକ ଜଟିଳ ହେବାର ଆଶଙ୍କା ଦେଖାଦେଇଛି। ସେହିଭଳି ଅତ୍ୟାବଶ୍ୟକ ପନିପରିବାର ମୂଲ୍ୟ ବୃଦ୍ଧିଜନିତ କଷ୍ଟ ଉଭୟ ଚାଷୀ ଓ ଖାଉଟିଙ୍କୁ ଭୋଗିବାକୁ ପଡୁଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସମବାୟ ବିଭାଗ ପକ୍ଷରୁ ଫୁଲନଖରା, ନିଆଳି ୬୦ ନମ୍ବର ଜାତୀୟ ରାଜପଥର ପାର୍ଶ୍ୱ ରାଇପୁର ମୌଜାରେ ୧୯୮୦ ମସିହାରେ ଏକ ଶୀତଳଭଣ୍ଡାର ସ୍ଥାପନ କରାଯାଇଥିଲା। ୨୫ ଶହ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ଏହି ଶୀତଳଭଣ୍ଡାର ୪୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିଲା। ଏଥିରେ ବାରଙ୍ଗ, କଟକ ସଦର, କଣ୍ଟାପଡ଼ା, ନିଆଳି, ବାଲିପାଟଣା, ବାଲିଅନ୍ତା ବ୍ଲକର ପ୍ରାୟ ୪୬୦୦ ଚାଷୀ ପଞ୍ଜୀକୃତ ହୋଇଥିଲେ। ମାତ୍ର ଦୁଇ ବର୍ଷ କାର୍ଯ୍ୟକ୍ଷମ ହେବାପରେ କୌଣସି କାରଣରୁ ତାହା ବନ୍ଦ ହୋଇଯାଇଥିଲା। ଫଳରେ ଏହା ଉପରେ ନିର୍ଭରଶୀଳ ସହ ସହ ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ। ଦୀର୍ଘ ୪୧ ବର୍ଷ ଧରି ଅଚଳାବସ୍ଥା ଥିବା ଶୀତଳ ଭଣ୍ଡାରକୁ କାର୍ଯ୍ୟକ୍ଷମ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ସ୍ଥାୟୀ ପଦକ୍ଷେପ ନେଇ ନ ଥିବା ଅଞ୍ଚଳବାସୀ ପ୍ରକାଶ କରିଥିଲେ। ଏ ନେଇ କୃଷକ ସଙ୍ଗଠନ ଓ ସାମାଜିକ ଅନୁଷ୍ଠାନଗୁଡିକ ବାରମ୍ବାର ସରକାରଙ୍କ ନିକଟରେ ଅଭିଯୋଗ କରିଆସୁଥିଲେ। ଫଳରେ ସମବାୟ ସମିତି ପକ୍ଷରୁ ଚଳିତ ବର୍ଷ ଜାନୁୟାରୀ ୬ରେ ବାରଙ୍ଗ ତହସିଲଦାର, କଟକ ସମବାୟ ଉପନିବନ୍ଧକ ଓ ବିଭାଗୀୟ ଅଧିକାରୀମାନେ ସମ୍ପୃକ୍ତ ଶୀତଳଭଣ୍ଡାରର ସ୍ଥିତି ଅନୁଧାନ କରିବା ସହିତ ପୁନରୁଦ୍ଧାର ସମ୍ବନ୍ଧରେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଇ ଥିଲେ। ଶୀତଳଭଣ୍ଡାରର ପୁନରୁଦ୍ଧାର କାର୍ଯ୍ୟ ଘରୋଇ ଭାଗୀଦାରିରେ କରାଯିବ ବୋଲି ଏକ ବିଜ୍ଞପ୍ତି ଫେବୃୟାରୀ ୮ରେ ପ୍ରକାଶ ପାଇଛି।

## ଚୌଦ୍ୱାର ସର୍ଭିସ ରୋଡ୍‌ରେ ଭାରିଯାନ ଚଳାଚଳ ନିଷିଦ୍ଧ

**ଚୌଦ୍ୱାର, ୧୩।୩ (ଡି.ଏନ୍.ଏ)**

ଜାତୀୟ ରାଜପଥ ୫୫ନଂ.ର ମଙ୍ଗୁଳିଠାରୁ ଧୁମାବତୀ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଆଜକୁ ୪ବର୍ଷ ହେବ ଚାଲୁ ରହିଛି। ହେଲେ ଏଯାବତ୍ ରାସ୍ତା ସମ୍ପୂର୍ଣ୍ଣ ହୋଇପାରି ନାହିଁ। ହେଲେ ସର୍ବସାଧାରଣ ଯାତାୟାତ ପାଇଁ ଠିକାଦାର ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ସର୍ଭିସ ରୋଡକୁ କିଛି ରାସ୍ତା କରିଛି। ଫଳରେ ଉକ୍ତ ରାସ୍ତା ଦେଇ ବିଭିନ୍ନ ସମୟରେ ଭାରିଯାନ ଯିବା ଆସିବା କରିବା ଫଳରେ ବହୁ ସମୟରେ ଏହି ରାସ୍ତାଜାମ ହେଉଥିବା ବେଳେ ଛୋଟବଡ଼ ଦୁର୍ଘଟଣା ଘଟି ନାନାଦି ସମସ୍ୟା ଉପୁଜୁଛି। ସର୍ଭିସ ରୋଡରେ ଭାରିଯାନ ଚଳାଚଳ ଉପରେ ରୋକ ଲଗାଇବା ପାଇଁ ବିଭିନ୍ନ ସମୟରେ ସାଧାରଣ ନାଗରିକଙ୍କଠାରୁ ଆରମ୍ଭ କରି ବିଭିନ୍ନ ସଂଗଠନ ତରଫରୁ ଚୌଦ୍ୱାର ପୋଲିସକୁ ଅବଗତ କରାଯାଇଥିଲେ ହେଁ ପୋଲିସ କିଛିଦିନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପରେ ଏହାକୁ ଭୁଲିଯାଉଥିଲା। ଫଳରେ ରବିବାର ସୂଚନା ଅଧିକାର କର୍ମୀ ମନୋଜ ସାହୁ ଓ ଶ୍ରୀକାନ୍ତ ପାକଳ ଆଇଆଇସିଙ୍କୁ ଭେଟି ଏଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଫଳସ୍ୱରୂପ ସୋମବାର ଚୌଦ୍ୱାର ପୋଲିସ ତ୍ୱରିତ ପଦକ୍ଷେପ ଗ୍ରହଣ କରି ଚୌଦ୍ୱାର ସହରର ଓଟିଏମ୍ ବଜାର ଓ ଧୁମାବତୀ ଛକ ନିକଟରେ ସକାଳେ ୩ଘଣ୍ଟା ଓ ସନ୍ଧ୍ୟାରେ ୩ଘଣ୍ଟା ଭାରିଯାନ ପ୍ରବେଶ ଉପରେ କଟକଣା ଲଗାଇବା ଆରମ୍ଭ କରିଥିବା ଦେଖିବାକୁ ମିଳିଛି।



ରାଜଭବନରେ ମୁରଲୀଧର ହୋତାଙ୍କ 'ସାହିତ୍ୟରେ ସଂସ୍କୃତିର ସଙ୍କଟ' ପୁସ୍ତକକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ ଉନ୍ମୋଚନ କରୁଛନ୍ତି।

## ପଞ୍ଚବଟୀର ପଞ୍ଚଦୋଳ ମେଳଣ ଉଦ୍‌ଯାପିତ

**ଫୁଲନଖରା, ୧୩।୩ (ଡି.ଏନ୍.ଏ.)**

ପାହାଳ ଥାନ ଅନ୍ତର୍ଗତ ଜୟରଶାସନସ୍ଥିତ ପଞ୍ଚବଟୀ ପଞ୍ଚୁଦୋଳ ମେଳଣ ନାମ ସଙ୍କୀର୍ତ୍ତନ ସମାରୋହ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏହି ମେଳଣରେ ଜୟର ଶାସନ, ଗୁଆଲୀ, ଜଗନ୍ନାଥପୁର, ଗୋହଳ, ଚାରିଘରିଆ ଗ୍ରାମର ସୁସଜ୍ଜିତ ଦୋଳ ବିମାନଗୁଡ଼ିକ ପାରମ୍ପରିକ ବାଜା ଓ ବାଣ ରୋଶଣି ଶୋଭାଯାତ୍ରାରେ ତ୍ରିନାଥବଜାରଠାରୁ ବାହାରି ଜୟର୍ ଶାସନ ପଞ୍ଚବଟୀସ୍ଥିତ ଶ୍ରୀଶ୍ରୀ ବଟେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ। ସେଠାରେ ଠାକୁରଙ୍କ ସମ୍ମୁଖ ମଣ୍ଡପରେ ବିଭିନ୍ନ ଅଞ୍ଚଳରୁ ଆମନ୍ତ୍ରିତ ୨୫ମଣ୍ଡଳଙ୍କ ଦ୍ୱାରା ଓଡ଼ିଶୀ ନାମ ସଙ୍କୀର୍ତ୍ତନ ପରିବେଷଣ ହୋଇଥିଲା। ସନ୍ଧ୍ୟାରେ ବିଭିନ୍ନ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମେଳଣ ରେ ବିମାନରେ ଠାକୁରଙ୍କୁ ଦର୍ଶନ କରିବା ସହିତ ମେଳଣ ପଡିଆରେ ଥିବା ମିନା ବଜାର ବୁଲିବା ସହ ଘରକରଣା ଜିନିଷ ପତ୍ର କିଣାକିଣି କରିଥିଲେ। ପୋଲିସ ସହିତ ଜୟାରଶାସନ ଗ୍ରାମବାସୀ ଓ ଶାନ୍ତି କମିଟିର କର୍ମକର୍ତ୍ତାଙ୍କ ମିଳିତ ସହଯୋଗରେ ଶୃଙ୍ଖଳା ସହ ସମାପନ କରାଯାଇଥିଲା।

## ନାହାଳପୁର ପ୍ରିମିୟର ଲିଗ୍: ରକଷ୍ଟାର ଚାମ୍ପିୟନ

**କଣ୍ଟାପଡା, ୧୩।୩(ଡି.ଏନ୍.ଏ.)**

କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ନାହାଳପୁର ବାବା ବିଶ୍ୱନାଥ ଯୁବ ପରିଷଦ ଆନୁକୂଲ୍ୟରେ ରବିବାର ଆୟୋଜିତ ନାହାଳପୁର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଫାଇଟର ଇଲେଭେନକୁ ହରାଇ ରକଷ୍ଟାର ଇଲେଭେନ ଚଳିତ ବର୍ଷର ଚାମ୍ପିୟନ ଟ୍ରଫି ହାସଲ କରିଛି। ଟସ୍ ଜିତି ଫାଇଟର ଇଲେଭେନ ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୧୦୫ ରନ କରିଥିଲା। ଜବାବରେ ରକଷ୍ଟାର ଦଳର ରାକେଶ ନାୟକଙ୍କ ୨୦ ବଲରୁ ବିସ୍ଫୋରକ ୫୫ ରନ ବଳରେ ୯.୫ ଓଭରରେ ମ୍ୟାଚଟିକୁ ଜିତି ନେଇଥିଲା। ସନ୍ତୋଷ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଦଧିଚି ଶିକ୍ଷା ସମୂହର ଚେୟାରମ୍ୟାନ ଡ. ମନୋଜ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ନାହାଳପୁର ସରପଞ୍ଚ ନିରୂପମା ଜେନା, ସମିତିସଭ୍ୟ ପ୍ରିୟବ୍ରତ ବେଉରା, ବରିଷ୍ଠ ସଦସ୍ୟ ଜୟନ୍ତ ନାୟକ, ନରେନ୍ଦ୍ର କୁମାର ସାହୁ, ରାଜେନ୍ଦ୍ର ବଲ୍ଲଭ ବେହେରା, ଭର୍ତ୍ତୃହରି ଜେନା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଜୟୀ ଦଳକୁ ୮୦୦୦ ଟଙ୍କା ସହ ଚାମ୍ପିୟନ ଟ୍ରଫି ଓ ରନର୍ସଅପ ଦଳକୁ ୭୦୦୦ ଟଙ୍କା ସହ ରନର୍ସଅପ ଟ୍ରଫି ପ୍ରଦାନ କରିଥିଲେ। ରାକେଶ ନାୟକଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ ଓ ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ରାଜେନ୍ଦ୍ର ପ୍ରସାଦ ମହାପାତ୍ର ପରିଚାଳନା କରିଥିଲେ। ଜନ୍ମେଜୟ ନାୟକ, ସନ୍ତୋଷ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଫାଇନାଲ ମ୍ୟାଚରେ ଉପସ୍ଥିତ ଅତିଥିଙ୍କ ଗହଣରେ ଚାମ୍ପିୟନ ଟ୍ରଫି ସହ ଖେଳାଳିମାନେ।

## ସଂକ୍ଷେପରେ

### ମାଲୁଦ ପଞ୍ଚଦୋଳ: ୨୩ ଠାକୁର ପହଞ୍ଚିଲେ

କୃଷ୍ଣପ୍ରସାଦ,୧୩।୩(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦର ପ୍ରସିଦ୍ଧ ପଞ୍ଚଦୋଳ ମେଳଣ ରବିବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନ ମାଲୁଦ ଦଧିବାମନ ଦେବ ଏବଂ ବଜ୍ରକୋଟ କୁଞ୍ଜବିହାରି ଦେବଙ୍କଠାରୁ ଆସିଥିବା ୨ଟି ଶୁଭଖୁଣ୍ଟି ପୋତାଯାଇଥିଲା। ସୋମବାର ସକାଳେ ସୁସଜ୍ଜିତ ବିମାନରେ ପଟୁଆରରେ ଆସି ପଞ୍ଚଦୋଳ ପଡ଼ିଆରେ ୨୩ ଠାକୁର ପହଞ୍ଚିଥିଲେ। ୪ଦିନ ଅପେରା ହେବାକୁ ଥିବା ବେଳେ ପ୍ରବଳ ଲୋକଙ୍କ ସମାଗମ ହେଉଥିବା ଦେଖିବାକୁ ମିଳିଛି। ରାମ ଦୋଳି, କାର ଚାଳନା, ମଟର ସାଇକେଲ ରେସିଂର ମଜା ନେଉଛନ୍ତି ପିଲାମାନେ। ପଞ୍ଚଦୋଳ ପାଇଁ ମାଲୁଦ ଦଧିବାମନ ଦେବଙ୍କ ମାର୍ଫତଦାର ସଂଗ୍ରାମ କେଶରୀ ପଟନାୟକ ସମସ୍ତ ଠାକୁରଙ୍କୁ ନିମନ୍ତ୍ରିତ କରିଥାନ୍ତି।

### ମେଳଣ ବୁଲିଲେ ବାଳାଶ୍ରମ ଶିଶୁ

କଣାସ,୧୩।୩(ସ୍ୱ.ପ୍ର): କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରରେ ଥିବା ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ଶିଶୁ ଯତ୍ନ ଅନୁଷ୍ଠାନର ଶିଶୁମାନଙ୍କର ଆଗ୍ରହ ମୁତାବକ ଜଙ୍କିଆ ପଞ୍ଚୁଦୋଳ ମେଳଣ ପରିଦର୍ଶନ କରିଥିଲେ। ମେଳଣ ପଡିଆରେ ବୁଲି ବିଭିନ୍ନ ପ୍ରକାରର ଦୋକାନ ପରିଦର୍ଶନ କରିଥିଲେ। ଏହାସହିତ ଶିଶୁମାନେ ନିଜ ରୁଚିମୁତାବକ ଖାଦ୍ୟ ଖାଇ ଖୁସି ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ଶିଶୁ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସରେ ଧୂଆଁ

ଅଗ୍ନିଶମ ବାହିନୀ ପହଞ୍ଚି ଆୟତ୍ତ କଲା

ପୁରୀ ଅଫିସ, ୧୩।୩: କିଛିଦିନ ତଳେ ବଡ଼ଦାଣ୍ଡସ୍ଥିତ ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସରେ ଲାଗିଥିବା ନିଆଁକୁ ଅଗ୍ନିଶମ କର୍ମଚାରୀମାନେ ଦୀର୍ଘ ୩୬ଘଣ୍ଟା ପରିଶ୍ରମ ପରେ ଆୟତ୍ତ କରିଥିଲେ। ପରେ ପୋଲିସ ଉକ୍ତ ସ୍ଥାନକୁ ସିଲ କରିଥିଲା। ତେବେ ନିଆଁ ଲିଭିବାର ୩ ଦିନ ପରେ ସୋମବାର କମ୍ପ୍ଲେକ୍ସ ପରିସରରୁ ପୁଣି ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ଏ ନେଇ ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ସ୍ଥାନରେ ପାଣି ପକାଇ ଲିଭାଇଥିଲେ। କମ୍ପ୍ଲେକ୍ସର ଉପରେ ମହଲରେ ଏକ ବ୍ୟାଙ୍କ ଶାଖା ରହିଛି। ଏହାର କର୍ମଚାରୀମାନେ ସୋମବାର ପୂର୍ବାହ୍ନରେ ଆସି ବ୍ୟାଙ୍କର ପ୍ରକୋଷ୍ଠ ଖୋଲିଥିଲେ। ଲକର ଓ ଷ୍ଟ୍ରଙ୍ଗରୁମ୍ ନିକଟରୁ ଧୂଆଁ ବାହାରୁଥିବା ସେମାନେ ଦେଖିବାକୁ ପାଇ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ନିଆଁ ଲାଗିବା ଯୋଗୁ ବ୍ୟାଙ୍କର ବହୁ ଆସବାବପତ୍ର ପୋଡ଼ିଯାଇଥିଲା। ସୋମବାର ସେହି ଧୂଆଁ କୁହୁଳି କେତେକ କାଗଜପତ୍ର ସଂସ୍ପର୍ଶରେ ଆସି ଜଳି ଉଠିଥିଲା।

### ମୋ ବସ୍ କର୍ମଚାରୀଙ୍କୁ ଆକ୍ରମଣ, ଜଣେ ଗିରଫ

କୋଣାର୍କ,୧୩।୩ (ଡି.ଏନ୍.ଏ): କୋଣାର୍କରୁ ଯାତ୍ରୀ ନେଇ ଭୁବନେଶ୍ୱର ବାହାରୁଥିବା ମୋ ବସ୍‌ରେ ଜଣେ କର୍ମଚାରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ କୋଣାର୍କ ଥାନା ପୋଲିସ ଜଣେ ଯୁବକଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏକ ଘରୋଇ ବସ୍‌ରେ କାର୍ଯ୍ୟ କରୁଥିବା ଏହି ଥାନା ଅଞ୍ଚଳର ଟୁକୁନା। ଏନେଇ ପୋଲିସ ଏକ ମାମଲା(ନଂ.୭୦/୨୩) ରୁଜୁ କରିଛି। ସୂଚନାଯୋଗ୍ୟ, ରବିବାର ରାତି ୯ଟାରେ ୭୧ନମ୍ବର ରୁଟର ମୋ ବସ୍ ନମ୍ବର ଓ ୦୨ ବିଜେ ୯୪୧୪ର କଣ୍ଡକ୍ଟର ରମାରଞ୍ଜନ ସାମାନ୍ତରାୟଙ୍କୁ ହଠାତ୍ ଟୁକୁନା ନିଶାସକ୍ତ ଅବସ୍ଥାରେ ଆସି ଦୁର୍ବ୍ୟବହାର କରିବା ସହ ମାଡ଼ ମାରି ତାଙ୍କ ପରିଚୟପତ୍ର ଏବଂ ଅନ୍ୟାନ୍ୟ ସାମଗ୍ରୀ ନଷ୍ଟ କରିଥିଲେ। ସ୍ଥାନୀୟ ଲୋକେ ପାଟି କରିବାରୁ ଟୁକୁନା ଖସି ପଳାଇଥିଲା। ଏସମ୍ପର୍କରେ କଣ୍ଡକ୍ଟର ସାମାନ୍ତରାୟ ଏବଂ ଡ୍ରାଇଭର ମିଶି ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକ୍ରମେ କୋଣାର୍କ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଖୋଜାଖୋଜି କରି ଟୁକୁନାଙ୍କୁ ଗିରଫ କରିଥିଲେ। ସୋମବାର ପୁଣି କୋଣାର୍କ ଅଞ୍ଚଳର କେତେଜଣ ଯୁବ ପିଢ଼ି ଏବଂ ନିର୍ବାଚିତ ଜନ ପ୍ରତିନିଧି ଏକତ୍ରିତ ହୋଇ କୋଣାର୍କ ଥାନାରେ ଏକ ସାମୂହିକ ଦାବିପତ୍ର ପ୍ରଦାନ କରିବା ସହ ମୋ ବସ କର୍ମଚାରୀ ଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି ରଖିଥିଲେ। ଏହାପରେ ପୋଲିସ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା।

# ଖୁଣ୍ଟିଲାଗି ହେଲେ ପଶ୍ଚିମାଶମ୍ଭୁ ସୋମନାଥ

## ହରିରାଜପୁର ମେଳଣ

ଡେଲାଙ୍ଗ,୧୩।୩(ଡି.ଏନ୍.ଏ.)

ଡେଲାଙ୍ଗସ୍ଥିତ ହରିରାଜପୁର ମେଳଣର ରବିବାର ଜମାଣ ଉତ୍ସବରେ ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବ ରାତି ୧.୩୦ରେ ମନ୍ଦିରରୁ ବାହାରି ଏକ ବିଶାଳ ଶୋଭାଯାତ୍ରାରେ ମେଳଣ ପଡ଼ିଆରେ ପହଞ୍ଚିଥିଲେ। ବିଭିନ୍ନ ପ୍ରକାରର ଶଲଟଣ, ବାଦ୍ୟ ନାଚ, ଆତସବାଜିରେ ପଡ଼ିଆ ପ୍ରକମ୍ପିତ ହୋଇଥିଲା। ସୋମବାର ଭୋର ୪ଟାରେ ସ୍ଥାନାଧିପତି ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଖୁଣ୍ଟିଲାଗି ହେବା ପରେ ଅପେକ୍ଷା କରି ରହିଥିବା ୮୨ରୁ ଊର୍ଦ୍ଧ୍ୱ ଦୋଳବିମାନ ଖୁଣ୍ଟିଲାଗି ହୋଇଥିଲେ। ଠାକୁରଙ୍କ ଦର୍ଶନ ପାଇଁ ଅପେକ୍ଷା କରି ରହିଥିବା ଲକ୍ଷାଧିକ ଭକ୍ତ ଖୁଣ୍ଟିଲାଗି ପରେ ଫଗୁ ଓ ପୁଷ୍ପ ଅର୍ପଣ କରି ପ୍ରଭୁଙ୍କ ଦର୍ଶନ କରିଥିଲେ।


ହରିରାଜପୁର ମେଳଣରେ ଠାକୁରଙ୍କୁ ବିମାନରେ ଶୋଭାଯାତ୍ରାରେ ନିଆଯାଉଛି।


ମେଳନ ପଡ଼ିଆରେ ସ୍ୱାସ୍ଥ୍ୟ ଶିବିରକୁ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଉଦ୍‌ଘାଟନ କରୁଛନ୍ତି।

### ଭଜନ, ମେଲୋଡି ସହ କବିତା ପାଠୋତ୍ସବ

ମେଳଣ ପଡ଼ିଆରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭଜନସନ୍ଧ୍ୟା, ମେଲୋଡି କାର୍ଯ୍ୟକ୍ରମ ପରିବେଷଣ କରାଯାଉଥିବା ବେଳେ ଲର୍ଡ ସୋମନାଥ ୟୁଥ କ୍ଲବ ପକ୍ଷରୁ ଆୟୋଜିତ ମେଲୋଡି ଓ ଭାବ ଅମୃତ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଦର୍ଶକଙ୍କୁ ବାନ୍ଧି ରଖିଥିଲା। କଣ୍ଠଶିଳ୍ପୀ ଇପ୍ସିତା ପଣ୍ଡା, ଅସୀମା ପଣ୍ଡା, କମେଡି ଷ୍ଟାର ପପୁ ପମପମ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଦର୍ଶକ ମଜ୍ଜିଯାଇଥିଲେ। ସେହିପରି ହରିରାଜପୁର ଓଡ଼ିଆ ଅନୁଷ୍ଠାନ ପକ୍ଷରୁ ମହୋତ୍ସବ ପାଳନ କରାଯାଇଥିଲା। ନିମାଇ ସାହିତ୍ୟ ସଂସଦ ଓ ହରିରାଜପୁର ମେଳନ କମିଟି ପକ୍ଷରୁ ଆଧ୍ୟାତ୍ମିକ କବିତା ପାଠୋତ୍ସବରେ ଓଡ଼ିଶାର ବିଭିନ୍ନ ଜିଲାରୁ କବି ଓ କବୟିତ୍ରୀମାନେ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ।

### ବିଭିନ୍ନ ଷ୍ଟଲ ଓ ସ୍ୱାସ୍ଥ୍ୟ ଶିବିର ଉଦ୍‌ଘାଟିତ

ହରିରାଜପୁର ମହୋତ୍ସବ, ହାଇଟେକ ହସ୍ପିଟାଲ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା, ଲର୍ଡ ସୋମନାଥ ୟୁଥ କ୍ଲବ, ମିନାବଜାର, ପଲ୍ଲିଶ୍ରୀ ମେଳା ସହିତ ବିଭିନ୍ନ ଷ୍ଟଲ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିଧାୟକ ରୁଦ୍ରପ୍ରତାପ ମହାରଥି ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଜଟଣୀ ବିଧାୟକ ସୁରେଶ ରାଉତରାୟ, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ଡେଲାଙ୍ଗ ବ୍ଲକ ଅଧକ୍ଷା ବାସନ୍ତୀ ସାହୁ, ଜଟଣୀ ପୂର୍ବତନ ବିଧାୟକ ବିଭୂତି ବଳବନ୍ତରାୟ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ବିଜେଡି ବ୍ଲକ ସଭାପତି ବୈରାଗୀ ଜେନା, ଏମ୍‌ପି ପ୍ରତିନିଧି ମଳୟ ମହାନ୍ତି, ହାଇଟେକ୍ ହସ୍ପିଟାଲର ଅଧକ୍ଷ ତିରୁପତି ପାଣିଗ୍ରାହୀ, ପ୍ରସନ୍ନ ମହାରଥି, ମହାଦେବ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ଆତସବାଜି, ଭିଡ଼ରେ ୧୮ ଆହତ

ହରିରାଜପୁର ମେଳଣରେ ଜମାଣ ରାତି ତମାମ ଆତସବାଜି ପ୍ରଦର୍ଶନ ହୋଇଥିଲା। ପ୍ରଦର୍ଶନ ସମୟରେ ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ଦର୍ଶନ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ଏହି ଭିଡରେ ୫ଜଣ ଅଚେତ ହୋଇଥିବା ବେଳେ ବାଣ ଝୁଲରେ ୧୩ଜଣ ସାମାନ୍ୟ ଆହତ ହୋଇଥିଲେ। ଆହତଙ୍କୁ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଆହତଙ୍କୁ ଚିକିତ୍ସା କରାଯାଇ ଥିବାବେଳେ ୩୮୦ଜଣ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ଦିଆଯାଇଥିଲା।

## ଆତସବାଜିରେ କମ୍ପିଲା ବଳଙ୍ଗା ମେଳଣ ଜମାଣ



ବଳଙ୍ଗା,୧୨।୩ (ଡି.ଏନ୍.ଏ)

ବଳଙ୍ଗା ପଞ୍ଚୁଦୋଳ ମେଳଣ ରବିବାର ମଧ୍ୟରାତ୍ରିରୁ ଆରମ୍ଭ ହୋଇଛି। ରାତି ତମାମ ଆତସବାଜିରେ ମେଳଣ ପଡିଆ କମ୍ପିଉଠିଥିଲା। ଜମାଣ ଉତ୍ସବ ଓ ଆତସବାଜି ଉପଭୋଗ ପାଇଁ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପୂର୍ବ ରୀତିନୀତି ଅନୁସାରେ ଏହି ମେଳଣର ସ୍ଥାନାଧିପତି ତଥା ବଳଙ୍ଗା ଗ୍ରାମର ଆରାଧ ଠାକୁର ଶ୍ରୀ ଶ୍ରୀପଶ୍ଚିମାଶମ୍ଭୁ ବକ୍ରେଶ୍ୱର ଦେବଙ୍କୁ ରାତ୍ରି ୧୨ଟା ପରେ ଏକ ସୁସଜ୍ଜିତ ପଞ୍ଚମୁଣ୍ଡୀ ବିମାନରେ ମନ୍ଦିରରୁ ଅଣାଯାଇ ଗ୍ରାମ ପରିକ୍ରମା କରି ମେଳଣ ପଡିଆକୁ ନିଆଯାଇଥିଲା। ଆତସବାଜି ପ୍ରଦର୍ଶନ, ଆଲୋକସଜ୍ଜା, ଘଣ୍ଟ, ଘଣ୍ଟା, ଶଙ୍ଖ ନାଦ, କଳାଘୋଡା, ଧଳା ଘୋଡ଼ା, ଓଡ଼ିଶୀ ନୃତ୍ୟ, ବାଜା, ନାଚ ଗୀତରେ ସ୍ଥାନାଧିପତି ୨୨ଗୁଣ୍ଠ ମେଳଣ ପଡ଼ିଆରେ ବିଜେ କରିଥିଲେ। ଆତସବାଜିରେ ଜମାଣ ଉତ୍ସବ କମ୍ପି ଉଠିଥିଲା। ପରେ ସିଦ୍ଧେଶ୍ୱର, ତରୋଇର ନୀଳକଣ୍ଠେଶ୍ୱର ସମେତ ବିଭିନ୍ନ ଅଞ୍ଚଳରୁ ୧୦୮ଟି ଦୋଳ ବିମାନରେ ହରି ଓ ହରଙ୍କ ଚଳନ୍ତି ପ୍ରତିମାଙ୍କୁ ସୁସଜ୍ଜିତ ଦୋଳ ବିମାନରେ ନିଆଯାଇ ମେଳଣ ପଡିଆରେ ବିରାଜମାନ କରିଥିଲେ। ଏହାପରେ ଠାକୁରଙ୍କୁ ୪୦ ପ୍ରକାରର ଭୋଗ ଅର୍ପଣ କରାଯାଇଥିଲା। ଭକ୍ତମାନେ ଠାକୁରଙ୍କ ଉପରକୁ ଫଗୁ ପକାଇବା ସହିତ ଭୋଗ ମଧ୍ୟ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୨ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

# କଣାସର ପଞ୍ଚଦୋଳ ମେଳଣ ଜମିଲା

କଣାସ,୧୩।୩(ସ୍ୱ.ପ୍ର):

କଣାସ ଅଞ୍ଚଳର ପ୍ରସିଦ୍ଧ ପଞ୍ଚଦୋଳ ମେଳଣ ସୋମବାର ମହାସମାରୋହରେ ଜମିଛି। ପୃଥକ ଭାବେ କଣାସ, ଦୋକନ୍ଦ, ସିରେଇ, ଜଙ୍କିଆ, ଅଣ୍ଡଳାସିଂହରେ ପ୍ରଭାତରୁ ପଞ୍ଚଦୋଳ ମେଳଣ ହୋଇଛି। କଣାସ ମେଳଣର ଆରାଧ୍ୟ ଠାକୁର ବାବା ବୈଦ୍ୟନାଥ, ଦୋକନ୍ଦା ମେଳନର ଆରାଧ ଠାକୁର ବାବା ଗୋପୀନାଥ, ସିରେଇ ମେଳଣର ବାବା ଗତୀଶ୍ୱର, ଜଙ୍କିଆ ମେଳଣର ଆରାଧ ଠାକୁର ବାବା କପିଳେଶ୍ୱର, ଅଣ୍ଡାଳସିଂହ ମେଳଣର ଠାକୁର ସିଙ୍ଗେଶ୍ୱର ସୁସଜ୍ଜିତ ବିମାନରେ ମନ୍ଦିରରୁ ବିରାଜମାନ ହୋଇ ଘଣ୍ଟ, ବାଦ୍ୟ, ପେଁକାଳି, ଡଗାନାଚ, ଘୋଡ଼ାନାଚ, ସଖୀ, କଣ୍ଢେଇ ନାଚ, ବିଭିନ୍ନ ପଶୁପକ୍ଷୀ ନାଚ ମଧ୍ୟରେ ନିଜ ମେଳଣ ପଡିଆକୁ ଆସି ଆସ୍ଥାନରେ ବିଜେ କରିଥିଲେ। ଏହାପରେ ଆଖପାଖ ଗ୍ରାମର ଠାକୁର ମଧ୍ୟ ବିଜେ କରିଥିଲେ। ସେହିପରି ଜଙ୍କିଆ ମେଳଣର ମୁଖ୍ୟ ଆକର୍ଷଣ ବାବା ଇନ୍ଦ୍ରେଶ୍ୱର, ଓଲବେଦରପଡା ଗ୍ରାମରୁ ବାହାରି ଭାଇଲିପୁର, ଶୁକଳ, ବାମବରଡା, ଅଣ୍ଡାଳସିଂହ, ବିଜିପୁର, ନନ୍ଦିଗୋଦା, କୋଟକଣା, ବେଣାଗାଁ, ମର୍ଦ୍ଧାପଲ୍ଲୀ, ଗଡସାହି, ଜଙ୍କିଆ ଗ୍ରାମ ପରିକ୍ରମା କରି ମେଳଣ ପଡିଆରେ ପହଞ୍ଚିଥିଲେ। ବିଭିନ୍ନ ସ୍ଥାନରେ ଶହଶହ ଉପାସକ ଠାକୁରଙ୍କୁ ପାହାଡା ପକାଇ ସ୍ୱାଗତ କରି ଦର୍ଶନ ସହ ଭୋଗଲାଗି କରିଥିଲେ। ଇନ୍ଦ୍ରେଶ୍ୱରଙ୍କୁ ଦର୍ଶନ କରିବା ପାଇଁ ପ୍ରବଳ ଭିଡ଼ ହୋଇଥିଲା। ଆତସବାଜିରେ କମ୍ପିଥିଲା ମେଳଣ ପଡ଼ିଆ। ସେହିପରି ସନ୍ଧ୍ୟାରେ ବୋତଲମାର ବନବିହାରୀ ଓ କଳାପଦରର ରାଧାମୋହନ ମଧ୍ୟ ପଟୁଆର ହୋଇ ମେଳଣ ପଡିଆକୁ ୩୪ଟି ଦୋଳ ଆସିଥିଲେ। ସବୁ ଠାକୁରଙ୍କୁ ୨୪ ପ୍ରକାର ଭୋଗ (ଡାଟ ଭୋଗ) ସରାରେ ସମପର୍ଣ କରାଯାଇଥିଲା। ନନ୍ଦ ଠାକୁରଙ୍କ ପାଖେ ଭୋଗ ସମର୍ପଣ ହେବାପରେ ଠାକୁରମାନଙ୍କୁ ଲାଗି ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କଣାସ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।


କଣାସରେ ପଞ୍ଚ ଦୋଳ ମେଳଣ ଚାଲିଛି।


ବ୍ରହ୍ମଗିରି ପଞ୍ଚୁପାଣ୍ଡବ ମେଳଣରେ ସଜ୍ଜିତହୋଇ ରହିଥିବା ଦୋଳ ବିମାନ।

# ଦେବ ସଭାରେ ଦେବୀଙ୍କୁ ଆବାହନ

ବ୍ରହ୍ମଗିରି, ୧୩।୩ (ଡି.ଏନ୍.ଏ)

ବ୍ରହ୍ମଗିରି ପଞ୍ଚୁପାଣ୍ଡବ ମେଳଣ ସୋମବାର ତୃତୀୟ ଦିନରେ ପହଞ୍ଚିଛି। ଏହି ମେଳଣରେ ଏକ ନିଆରା ପରମ୍ପରା ଦେଖିବାକୁ ମିଳିଥାଏ। ଓଡ଼ିଶାର ପ୍ରତ୍ୟେକ ମେଳଣରେ ଦେବ ସଭା ଦେଉଥିବା ସମୟରେ ଏହି ପଞ୍ଚୁପାଣ୍ଡବ ମେଳଣରେ ଦେବୀଙ୍କୁ ଆବାହନ କରାଯାଇଥାଏ । ୧୦୮ ଦୋଳ ମଧ୍ୟରେ ବିଭିନ୍ନ ଗ୍ରାମର ମହାଦେବ ଓ ନାରାୟଣଙ୍କୁ ଆମନ୍ତ୍ରଣ କରାଯାଇ ଦେବ ସଭା ବା ମେଳଣ କରାଯାଇଥିବା ସମୟରେ ଏହା ମଧ୍ୟରେ ଏକମାତ୍ର ଏକ ଦେବୀଙ୍କୁ ନିମନ୍ତ୍ରଣ କରାଯାଇଛି। ଗଡକୋକଲ ଗ୍ରାମର ମା' ଭଗବତୀ ଏହି ମେଳଣରେ ସାମିଲ ହୋଇଛନ୍ତି। ମେଳଣର ତୃତୀୟ ଦିନରେ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରଦ୍ଧାଳୁମାନେ ଗୋଟିଏ ସ୍ଥଳରେ ଏକାବେଳେ ପଞ୍ଚ ମହାଦେବଙ୍କ ସହ ଭଗବାନ ବିଷ୍ଣୁଙ୍କୁ ଦର୍ଶନ କରିଛନ୍ତି। ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାଯ୍ୟକ୍ରମ ସହ ପାରମ୍ପରିକ ସାହିଯାତ ନାଗ ଓ ମେତ ବେଶ ଚିତ୍ତାକର୍ଷକ ଥିଲା ।

# ୧୬ ମାମଲାରେ ୨୫ ଗାଡ଼ି ଜବତ, ୨୭ ଗିରଫ

ପୁରୀ ଅଫିସ, ୧୩।୩:

**ବେଆଇନ ବାଲି, ପଥର ଚାଲାଣ ରୋକିବାକୁ ସ୍ୱତନ୍ତ୍ର ଅଭିଯାନ**

ବେଆଇନ ଭାବେ ବାଲି ଓ ପଥର ଚାଲାଣକାରୀ ତଥା ବାଲି ଓ ପଥର ମାଫିଆଙ୍କୁ ଧରିବା ପାଇଁ ପୁରୀ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଗତ ୧୨ଦିନ ମଧ୍ୟରେ ଜିଲାର ବିଭିନ୍ନ ଥାନାରେ ୧୬ଟି କେସ୍ ରୁଜୁ ହୋଇଛି। ଏଥିସହ ପୋଲିସ ୨୫ଟି ଗାଡ଼ିକୁ ଜବତ କରିଛି। ସେହିପରି ବେଆଇନ ଭାବେ ବାଲି ଚାଲାଣ ଅଭିଯୋଗରେ ୨୭ ଜଣଙ୍କୁ ଗିରଫ କରାଯାଇଛି। ସଦର ଥାନରେ ୩ ମାମଲା ରୁଜୁ ହୋଇଥିବାବେଳେ ୧୦ ଜଣଙ୍କୁ ଗିରଫ କରାଯାଇଛି ଓ ୧୦ଟି ଗାଡ଼ି ଜବତ କରାଯାଇଛି। ସେହିପରି ଡେଲାଙ୍ଗ ଥାନାରେ ଗୋଟିଏ କେସ୍ ରୁଜୁ ହୋଇ ଗୋଟିଏ ଗାଡ଼ି ଜବତ ସହ ଜଣଙ୍କୁ ଗିରଫ କରାଯାଇଛି। ପେଣ୍ଠକଟା ମେରାଇନ ଥାନା ପୋଲିସ ଗୋଟିଏ କେସ୍ ରୁଜୁ କରି ଦୁଇଟି ଗାଡି ଜବତ ସହ ୩ ଜଣଙ୍କୁ ଗିରଫ କରିଛି। ପିପିଲି ଥାନାରେ ୩ଟି ମାମଲା ରୁଜୁ ହୋଇଥିବାବେଳେ ୩ ଗାଡ଼ି ଜବତ ସହ ୩ ଜଣଙ୍କୁ ଗିରଫ କରାଯାଇଛି। ରାମଚଣ୍ଡୀ ଥାନାରେ ଗୋଟିଏ ମାମଲା ରୁଜୁ ହୋଇଥିବାବେଳେ ଗୋଟିଏ ଗାଡ଼ି ଜବତ ସହ ଜଣଙ୍କୁ ଗିରଫ କରାଯାଇଛି। ସତ୍ୟବାଦୀ ଥାନାରେ ଦୁଇଟି ମାମଲା ରୁଜୁ ହୋଇ ଦୁଇଟି ଗାଡ଼ି ଜବତ ସହ ଦୁଇଜଣଙ୍କୁ ଗିରଫ କରାଯାଇଛି। କଣାସ ଥାନାରେ ଦୁଇଟି ମାମଲା ରୁଜୁ ହୋଇ ଦୁଇଟି ଗାଡ଼ି ଜବତ ସହ ଦୁଇଜଣଙ୍କୁ ଗିରଫ କରାଯାଇଛି। ବଳଙ୍ଗା ଥାନାରେ ୨ ମାମଲା ରୁଜୁ ହେବା ସହ ଦୁଇଟି ଗାଡ଼ି ଜବତ ଓ ୩ଜଣଙ୍କୁ ଗିରଫ କରାଯାଇଛି। ସେହିପରି ବ୍ରହ୍ମଗିରି ଥାନାରେ ଗୋଟିଏ କେସ୍ ରୁଜୁ ହୋଇଥିବା ବେଳେ ଦୁଇଟି ଗାଡ଼ି ଜବତ କରାଯିବା ସହ ଦୁଇଜଣଙ୍କୁ ଗିରଫ କରାଯାଇଛି। ଆଗକୁ ମଧ୍ୟ ପୋଲିସ ପକ୍ଷରୁ ଏହିପରି ଅଭିଯାନ କରଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସୂଚନା ଦିଆଯାଇଛି।

### ୩ ଲକ୍ଷ ଟଙ୍କା ବଟି ମାଗି ଯୁବକ ଗିରଫ

ଯାଁଳା,୧୩।୩(ଡି.ଏନ୍.ଏ.):

୩ଲକ୍ଷ ଟଙ୍କା ବଟି ମାଗିବା ଅଭିଯୋଗରେ ଇନ୍‌ଫୋଭାଲି ଥାନା ପୋଲିସ ସୋମବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଧୀନ ଓଗାଳପଡ଼ା ଗ୍ରାମର ଗୋପାଳ ବେହେରା। ତାଙ୍କ ନିକଟରୁ ଏକ ବାଇକ୍ ଓ ମୋବାଇଲ ଫୋନ ଜବତ ହୋଇଛି। ଅଭିଯୋଗ ମୁତାବକ, ଗଗନ ବିହାରୀ ସାହୁ ଓଗାଳପଡ଼ାଠାରେ ଥିବା ଏକ ଜମିରେ ଘର ନିର୍ମାଣ କରୁଥିଲେ। ଏହି ସମୟରେ ଗୋପାଳ ସେଠାକୁ ଯାଇ ପୂର୍ବରୁ ସେ ପାଇବାକୁ ଥିବା ଟଙ୍କା ମାଗିବା ସହିତ ଗଗନଙ୍କୁ ୩ ଲକ୍ଷ ଟଙ୍କା ଦାଦାବଟି ଦେବାକୁ କହିଥିଲେ। ସେ ଟଙ୍କା ଦେବାକୁ ମନା କରିବାରୁ ଗୋପାଳ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ଗାଳିଗୁଲଜ କରିବା ସହ ଉକ୍ତ ଜମିକୁ ସଂଯୋଗ କରୁଥିବା ରାସ୍ତାକୁ ଜେସିବିରେ ଖୋଳି ଦେଇଥିଲେ। ଫଳରେ ଗଗନ ନିର୍ମାଣାଧୀନ ଘରକୁ ଯିବାଲାଗି ହଇରାଣ ହୋଇଥିଲେ। ରବିବାର ଗୋପାଳ ପୁଣି ଗଗନଙ୍କୁ ୩ଲକ୍ଷ ଟଙ୍କା ବଟି ମାଗିଥିଲେ। ଟଙ୍କା ଦେବାକୁ ମନା କରିବାରୁ ଲୁହାରଡ୍‌ରେ ଗୋପାଳ ତାଙ୍କୁ ଆକ୍ରମଣ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ପୁରୀ ଅଫିସ, ୧୩।୩:

ରାଜ୍ୟ ମିଳିତ ପ୍ରାଥମିକ ଶିକ୍ଷକ ସଂଘ (ନୂତନ ପେନସନଭୁକ୍ତ) ଆହ୍ୱାନ କ୍ରମେ ସୋମବାର ପୁରୀ ସଦର ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଦର ମଣ୍ଡଳ ଶିକ୍ଷା ଅଧିକାରୀଙ୍କୁ ୩ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ୬ବର୍ଷ ଚାକିରି କାଳକୁ ମୂଳ ଚାକିରିରେ ମିଶାଇ ୬ଟି ଇନକ୍ରିମେଣ୍ଟ ଦିଆଯାଉ। କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରାଯାଉ ଏବଂ ନୂତନ ପେନସନ୍ ବ୍ୟବସ୍ଥା ଉଠାଇ ପୁରାତନ ପେନସନ୍ ବ୍ୟବସ୍ଥା ଲାଗୁ କରାଯାଉ। ସରକାର ଯଦି ସଂଘର ଦାବି ପୂରଣ ନ କରନ୍ତି ତେବେ ସଦର ବ୍ଲକ୍‌ର ସମସ୍ତ ପ୍ରାଥମିକ ଶିକ୍ଷକ (ନୂତନ ପେନସନଭୁକ୍ତ) ଚଳିତ ମାସ ୧୫ରୁ ୧୭ତାରିଖ ପର୍ଯ୍ୟନ୍ତ ବ୍ୟକ୍ତିଗତ ଛୁଟିରେ ରହିବେ। ପରେ ୧୮ ତାରିଖଠାରୁ ସମସ୍ତେ ସାମୂହିକ ଭାବେ ଛୁଟିରେ ରହି ଭୁବନେଶ୍ୱରଠାରେ ଆନ୍ଦୋଳନ କରିବେ। ଫଳରେ ପୁରୀ ସଦର ବ୍ଲକ୍‌ରେ ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ ହୋଇପଡ଼ିବ। ଅନେକ ବିଦ୍ୟାଳୟ ବନ୍ଦ ମଧ୍ୟ ହୋଇଯିବ। ସେଥିପାଇଁ ସରକାର ଦାୟୀ ରହିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଘର ସଭାପତି ପ୍ରଭାତ ରଞ୍ଜନ ପୃଷ୍ଟି, ସମ୍ପାଦକ ଉମାକାନ୍ତ ମହାପାତ୍ର, ଉପସଭାପତି ମନସ୍ୱିନୀ ମିଶ୍ରଙ୍କ ସମେତ ସଂଘର ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।


ପୁରୀ ସଦର ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସଦର ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ୧୨୦୦ ସ୍ଥାନରେ ଜଳୁଛି ଜଙ୍ଗଲ



ଶିଖରଚଣ୍ଡୀ ଜଙ୍ଗଲରେ ଲାଗିଥିବା ନିଆଁ।

ଭୁବନେଶ୍ୱର, ୧୩।୩(ବ୍ୟୁରୋ)

■ଜଙ୍ଗଲରେ ନିଆଁ ଲଗାଉଛନ୍ତି ଶିକାରୀ : ପିସିସିଏଫ୍

■ନିଆଁ ସମ୍ପର୍କରେ ସୂଚନା ଦେଲେ ମିଳିବ ପୁରସ୍କାର

ଖରାଦିନ ଆସିଯାଇଥିବାରୁ ରାଜ୍ୟର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗୁଛି। ସୋମବାର ସୁଦ୍ଧା ୧୨୦୦ ପଏଣ୍ଟରେ ନିଆଁ ଲାଗିଥିବାବେଳେ ଏହା ୧୫୦୦କୁ ବୃଦ୍ଧି ପାଇପାରେ। ତେବେ ଗତ ୧୨ ତାରିଖ ସୁଦ୍ଧା ୯୭ ପ୍ରତିଶତରୁ ଅଧିକ ରେସପନ୍ସ ମିଳିଛି। ସେହିପରି ଭୁବନେଶ୍ୱର ଶିଖରଚଣ୍ଡୀରେ ଲାଗିଥିବା ନିଆଁ ଆୟତ୍ତ ହୋଇସାରିଛି। ଜଙ୍ଗଲରୁ ଚାଲି ଆସିଥିବା ହାତୀକୁ ମଧ୍ୟ ଘଉଡ଼ାଇ ଦିଆଯାଇଛି ବୋଲି ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ କହିଛନ୍ତି।

ଜଙ୍ଗଲ ନିଆଁର ମୁକାବିଲା କରିବା ପାଇଁ ବନ ବିଭାଗ ସବୁ ପ୍ରକାର ପଦକ୍ଷେପ ନେଉଛି। କିନ୍ତୁ ଏହାକୁ ରୋକିବାରେ ସଫଳତା ମିଳିପାରୁନି। ବନ୍ୟପ୍ରାଣୀ ଶିକାର ଲୋଭରେ ଶିକାରୀମାନେ ଜଙ୍ଗଲରେ ନିଆଁ ଲଗାଉଛନ୍ତି। ଜଙ୍ଗଲରେ ଲାଗୁଥିବା ପ୍ରାୟ ସବୁ ନିଆଁ ମନୁଷ୍ୟକୃତ ହୋଇଥିବାରୁ ଏଥିପାଇଁ ସଚେତନ କରାଯାଉଛି। ନିଆଁ ଲାଗିଲେ ବନ କର୍ମଚାରୀଙ୍କ ମୋବାଇଲକୁ ମେସେଜ ଆସୁଛି। ନିଆଁ ଲିଭାଯିବା ପରେ ଫଟୋ ଉଠାଇ ଅପ୍‌ଲୋଡ୍ ମଧ୍ୟ କରାଯାଉଛି। ନିଆଁ ଲଗାଉଥିବା ବେଳେ ଧରାପଡ଼ିଲେ ମାମଲା ରୁଜୁ କରାଯିବା ସହ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯିବ। ରବିବାର କନ୍ଧମାଳ ଜିଲାରେ ନିଆଁ ଲଗାଇବା ବେଳେ ଜଣେ ଶିକାରୀ ଧରାପଡ଼ିଛନ୍ତି। ନିଆଁ ଲାଗିବା ନେଇ କେହି ଖବର ଦେଲେ ୫ ହଜାରରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ବ୍ୟବସ୍ଥା କରାଯାଇଛି। ସେହିପରି ବନ୍ୟପ୍ରାଣୀ ଜନବସତିକୁ ମାଡ଼ି ଆସିବା ନେଇ ବନ ବିଭାଗ ଆଲର୍ଟ ରହିଛି। ତେବେ ଯେଉଁଠି ବନ୍ୟପ୍ରାଣୀ ଆସୁଛନ୍ତି, ତୁରନ୍ତ ବନ କର୍ମଚାରୀଙ୍କୁ ଜଣାଇବା ପାଇଁ ପିସିସିଏଫ୍ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

## ବନାଗ୍ନି ରୋକିବାକୁ କ୍ଷେତ୍ର କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ହେବ

ଭୁବନେଶ୍ୱର, ୧୩।୩(ବ୍ୟୁରୋ)

■ପ୍ରଶାସନିକ ଓ ଗୋଷ୍ଠୀ ସହଯୋଗିତାକୁ ଆହୁରି ବ୍ୟାପକ କରାଯିବ

■ଅଧିକ ନିଆଁଲିଭା ଯନ୍ତ୍ର ଯୋଗାଇବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ବନାଗ୍ନି ରୋକିବା ପାଇଁ ରାଜ୍ୟରେ ରହିଥିବା ବ୍ୟବସ୍ଥାର ସୁଦୃଢ଼ୀକରଣ କରାଯାଉଛି। ଏଥିନିମନ୍ତେ ପ୍ରଶାସନିକ ଓ ଗୋଷ୍ଠୀ ସହଯୋଗିତାକୁ ଆହୁରି ବ୍ୟାପକ କରାଯିବା ସହ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି ହେବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ସୋମବାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରୁ ଜଣାପଡ଼ିଛି ଯେ, ଗତ ଜାନୁୟାରୀରୁ ଏ ପର୍ଯ୍ୟନ୍ତ ବିଭିନ୍ନ ଜଙ୍ଗଲର ୧୪,୭୬୦ଟି ସ୍ଥାନରେ ନିଆଁ ଲାଗିଥିବାବେଳେ ସେଥିମଧ୍ୟରୁ ୧୪,୩୯୩ଟି ସ୍ଥାନରେ କ୍ଷେତ୍ରସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ତୁରନ୍ତ ନିୟନ୍ତ୍ରଣ କରିବାରେ ସମର୍ଥ ହୋଇଛନ୍ତି। ଓଡ଼ିଶା ଫରେଷ୍ଟ ମନିଟରିଂ ସିଷ୍ଟମ ସହ ପ୍ରାୟ ୮ହଜାର ମୋବାଇଲ ଫୋନ୍ ପଞ୍ଜୀକରଣ କରାଯାଇଛି ଓ ସେଗୁଡ଼ିକ କ୍ଷେତ୍ରସ୍ତରରେ କାର୍ଯ୍ୟକ୍ଷମ କରାଯାଉଛି। ଫଳରେ ବନାଗ୍ନି ସମ୍ପର୍କରେ ତୁରନ୍ତ ଖବର ମିଳିବା ସହିତ ନିୟନ୍ତ୍ରଣରେ ସହାୟକ ହୋଇପାରୁଛି। ଏପରିକି ୪୯ଟି ଜଙ୍ଗଲ ଉପଖଣ୍ଡରେ ୩୯୯ଟି ଅଗ୍ନି ପ୍ରତିରୋଧ ସ୍କ୍ୱାଡ୍ ଗଠନ କରାଯାଇଛି। କ୍ଷେତ୍ରସ୍ତରରେ କାର୍ଯ୍ୟରତ କର୍ମଚାରୀ ଓ ଏହି ଅଭିଯାନରେ ସାମିଲ ଥିବା ବ୍ୟକ୍ତିଙ୍କୁ ଆବଶ୍ୟକ ଉପକରଣ ଯୋଗାଇବା ସହ ଅଧିକ ସଂଖ୍ୟକ ନିଆଁ ଲିଭା ଯନ୍ତ୍ର ପ୍ରଦାନ କରିବାକୁ ମୁଖ୍ୟ ଶାସନ ସଚିବ ବିଭାଗୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ସଚେତନତା ସୃଷ୍ଟି କରାଯିବ। ଏହି ଅଭିଯାନରେ ବିଭିନ୍ନ ସାମାଜିକ ଅନୁଷ୍ଠାନ, ଜନ ପ୍ରତିନିଧି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସାମାଜିକ କର୍ମୀଙ୍କୁ ସାମିଲ କରାଯିବ। ବନାଗ୍ନି କ୍ଷେତ୍ରରେ ବିଭିନ୍ନ ଖଳ ପ୍ରକୃତିର ବ୍ୟକ୍ତି ସାମିଲ ରହୁଥିବା ନଜର ଆସିଲେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ଜାନୁୟାରୀରରୁ ଜୁନ୍ ମଧ୍ୟରେ ବନାଗ୍ନି ବ୍ୟାପକତା ଅଧିକ ଆଶଙ୍କା ଥିବାରୁ ଅନୁଧ୍ୟାନ ପ୍ରକ୍ରିୟାକୁ ତୃଣମୂଳ ସ୍ତରରୁ ଦୃଢ଼ କରିବାକୁ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ଏପରିକି ବିଭିନ୍ନ ବନଖଣ୍ଡ ଓ ରାଜ୍ୟସ୍ତରରରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇଥିବା ବୈଠକରୁ ଜଣାପଡ଼ିଛି। ଏହି ବୈଠକରେ ଜଙ୍ଗଲ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା, ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ, ଓଡ଼ିଶା ମହାକାଶ ଉପଯୋଗ କେନ୍ଦ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ୩୮ ଡିଗ୍ରୀ ଉପରେ ୫ ସହର

ରାଜ୍ୟରେ ଉପରମୁହାଁ ରହିଛି ପାରଦ। ସୋମବାର ୫ଟି ସହରରେ ତାପମାତ୍ରା ୩୮ ଡିଗ୍ରୀ ଟପିଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ସମ୍ବଲପୁରରେ ସର୍ବାଧିକ ୩୮.୭ ଡିଗ୍ରୀ ତାପମାତ୍ରା ଥିବାବେଳେ ବୌଦ୍ଧ ୩୮.୬, ମାଲକାନଗିରି ୩୮.୫, ସୋନପୁର ୩୮.୪ ଏବଂ ଭୁବନେଶ୍ୱରରେ ୩୮.୨ ଡିଗ୍ରୀ ରହିଥିଲା। ସେହିପରି ଅନୁଗୋଳରେ ୩୭.୯, ଝାରସୁଗୁଡ଼ା ୩୭.୮, ସୁନ୍ଦରଗଡ଼ ୩୭, କଟକ ୩୬.୮, ଚାନ୍ଦବାଲି ୩୬.୨, ହୀରାକୁଦ ୩୬.୭, ତାଳଚେର ୩୬.୮, ଭବାନୀପାଟଣା ୩୬.୬, ନୟାଗଡ଼ ୩୬, ଭଦ୍ରକ ୩୬.୨, ଯାଜପୁର ୩୬, ଖୋର୍ଦ୍ଧା ୩୬, ରାଉରକେଲା ୩୬.୮ ଓ ଢେଙ୍କାନାଳରେ ୩୬.୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ମଙ୍ଗଳବାର ମଧ୍ୟ ଏହିଭଳି ତାତି ରହିବ। ତେବେ ଆଉଏକ ପଶ୍ଚିମା ଝଡ଼ ଆସୁଥିବାରୁ ୧୫ ତାରିଖରୁ ରାଜ୍ୟ ପାଗରେ ପରିବର୍ତ୍ତନ ଆସିବ। ଏହାର ପ୍ରଭାବରେ ୧୫ରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ଥିବାବେଳେ ୧୬ ଓ ୧୭ରେ ବିଜୁଳି, ଘଡ଼ଘଡ଼ି, ବର୍ଷା ସହ ଝଡ଼ତୋଫାନ ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁଶାନ୍ତ



@ ରବୀନ୍ଦ୍ର



@ ପ୍ରିୟବ୍ରତ



@ ପ୍ରଜେଶ



@ ମୋନାଲିସା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- 'ମାର୍କେଟିଂ ଆଣ୍ଡ ବ୍ରାଣ୍ଡ ବିଲ୍ଡିଂ ଫର୍ ଏମ୍ଏସ୍ଏମ୍ଇ' ଉପରେ ଜାତୀୟ ସେମିନାର, ହୋଟେଲ ପାଲ୍ ହାଇଟ୍ସ, ପୂର୍ବାହ୍ନ ୧୦ଟା।
- ଜାତୀୟ ଜନଜାତି କଳାବସ୍ତୁ ପ୍ରଦର୍ଶନୀ ଓ ଜାତୀୟ ଜନଜାତି ନୃତ୍ୟ ମହୋତ୍ସବ, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୧, ଅପରାହ୍ନ ୩ଟା।
- ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ପକ୍ଷରୁ ଖଦି ମେଳା ଉଦ୍‌ଘାଟନ, ବୋର୍ଡ ପରିସର, ଖାରବେଳ ନଗର, ସନ୍ଧ୍ୟା ୬ଟା ୩୦।
- ୧୯ତମ ରାଜ୍ୟସ୍ତରୀୟ ପଞ୍ଚମଦେବ ନାଟକ ମହୋତ୍ସବ ଓ ପଞ୍ଚମଦେବ ସମ୍ମାନ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୪୫।

ଡିଗିରିଆ

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ଅଶୋକା ଟକିଜ୍ କ୍ୟାମ୍ପସ ନୂଆପାଟଣା, ସକାଳ ୯ଟା।
- ସାତଦୋଳ ଯାତ୍ରା ଆରମ୍ଭ, ଜେମାଦେଇପୁର, ସନ୍ଧ୍ୟା ୮ଟା।





ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ସୋମବାର ପୁରୀ ବେଳାଭୂମିରେ ବାଲୁକା କଳା ମାଧ୍ୟମରେ ଓସ୍କାର ପୁରସ୍କାର ବିଜେତାଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

# ପରିତ୍ୟକ୍ତ କୂଅରୁ ଆଇନଜୀବୀଙ୍କ ମୃତଦେହ ମିଳିଲା

### ୫ ଦିନ ହେବ ନିଖୋଜ ଥିଲେ



ମୃତଦେହ ମିଳିଥିବା କୂଅ।



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

କଟକ ଅଫିସ, ୧୩।୩

କଟକ ବିଡ଼ାନାସୀ ଥାନା ଅନ୍ତର୍ଗତ ବିଡ଼ାନାସୀ ନୂଆସାହିର ଏକ ପରିତ୍ୟକ୍ତ କୂଅରୁ ସୋମବାର ଜଣେ ଆଇନଜୀବୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ ହେଲେ ପୁରୀଘାଟ ଥାନା ଅଧୀନ ତେଲେଙ୍ଗାବଜାର ଅଞ୍ଚଳର ଶଶୀଭୂଷଣ ଚୌଧୁରୀଙ୍କ ପୁଅ ଆର୍ଯ୍ୟଭୂଷଣ ଚୌଧୁରୀ (୪୮)। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଏସ୍‌ସିବି ମେଡିକାଲକୁ ପଠାଇଛି।

ସୂଚନା ଅନୁସାରେ, ଆଇନଜୀବୀ ଆର୍ଯ୍ୟଭୂଷଣ ଗତ ୫ଦିନ ହେବ ନିଖୋଜ ଥିଲେ। ବିଡ଼ାନାସୀ ନୂଆସାହିରେ ତାଙ୍କର ଏକ ଘର ଥିଲା। ସେଠାରେ କେହି ରହୁ ନ ଥିଲେ। ମଝିରେ ମଝିରେ ଆର୍ଯ୍ୟଭୂଷଣ ସେଠାକୁ ଯାଇ ବୁଲିଆସନ୍ତି। ବିଡ଼ାନାସୀ ନୂଆସାହିରେ ଥିବା ଜମିଟିକୁ ବିକିଦେବା ପାଇଁ ପରିବାର ଲୋକେ ଚାହୁଁଥିଲେ। ଏନେଇ ବିଭିନ୍ନ ଲୋକଙ୍କ ସହ ଯୋଗାଯୋଗ ମଧ୍ୟ କରିଥିଲେ। ୫ଦିନ ତଳୁ ତେଲେଙ୍ଗାବଜାରସ୍ଥିତ ଘରୁ ବିଡ଼ାନାସୀ ଯାଇ ସେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଏନେଇ ପୁରୀଘାଟ ଥାନାରେ ଏତଲା ଦେଇଥିଲେ। ପୁରୀଘାଟ ଓ ବିଡ଼ାନାସୀ ଥାନା ପୋଲିସ ମିଳିତ ଭାବେ ବିଡ଼ାନାସୀ ଅଞ୍ଚଳରେ ଖୋଜାଖୋଜି କରିଥିଲେ। ପରିତ୍ୟକ୍ତ କୂଅ ନିକଟରୁ ଦୁର୍ଗନ୍ଧ ବାହାରୁଥିବା ଜଣାପଡ଼ିବା ପରେ ଦମକଳ ବାହିନୀ ସହାୟତାରେ ପୋଲିସ ମୃତଦେହ ଉଦ୍ଧାର କରିଥିଲା। ତେବେ ମୃତକଙ୍କ ମାଆ ତାଙ୍କ ପୁଅକୁ ମାରି ଦିଆଯାଇଥିବା ନେଇ ଥାନାରେ ଏତଲା ଦେଇଥିବା ଜଣାଯାଇଛି।

# ୨୦୨୪ରୁ ଆଦର୍ଶ ଗୁରୁକୁଳରେ ପାଠପଢ଼ା

ପୁରୀ ଅଫିସ, ୧୩।୩



ବୈଠକରେ ଗଜପତି ମହାରାଜା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଅନ୍ୟମାନେ।

### ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

■୩୨ ଏକର ଜମିରେ ନିର୍ମାଣ ହେବ, ଲେ ଆଉଟ୍ ପ୍ଲାନ୍ ଅନୁମୋଦିତ

■ସେବାୟତ ପରିବାର ପିଲାଙ୍କ ସହ ବାହାର ବିଦ୍ୟାର୍ଥୀ ପଢ଼ିବେ

ମାଟିତୋଟା ଅଞ୍ଚଳରେ ପ୍ରସ୍ତାବିତ ଆଦର୍ଶ ଗୁରୁକୁଳରେ ଖୁବ୍‌ଶୀଘ୍ର ସେବାୟତ ପରିବାରର ବିଦ୍ୟାର୍ଥୀମାନେ ପାଠ ପଢ଼ିବେ। ଏ ନେଇ ପୂର୍ବରୁ ବିର୍ଲା ଫାଉଣ୍ଡେଶନ ସହ ଏମ୍‌ଓୟୁ ସରିଥିବାବେଳେ ୨୦୨୪ ମସିହାରୁ ପାଠ୍ୟକ୍ରମ ଆରମ୍ଭ ହେବା ନେଇ ନିଷ୍ପତ୍ତି ହୋଇଛି। ସୋମବାର ବଡ଼ଦାଣ୍ଡସ୍ଥିତ ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟିର ଏକ ସ୍ୱତନ୍ତ୍ର ବୈଠକରେ ଆଦର୍ଶ ଗୁରୁକୁଳ ସମ୍ପର୍କରେ ଆଲୋଚନା କରାଯାଇଛି। ବୈଠକରେ ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବ ଅଧ୍ୟକ୍ଷତା କରିଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ଏସ୍‌ପି କନୱର ବିଶାଲ ସିଂ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଏବଂ ବିର୍ଲା ଫାଉଣ୍ଡେଶନର ସଦସ୍ୟଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ସୂଚନା ଦେଇ କହିଛନ୍ତି, ସେବାୟତଙ୍କ ପାଇଁ ହେବାକୁ ଥିବା ଗୁରୁକୁଳର ଲେ-ଆଉଟ ପ୍ଲାନ ଅନୁମୋଦନ ନେଇ ଆଲୋଚନା ହୋଇଥିଲା। ଲେ ଆଉଟ ପ୍ଲାନ ଅନୁମୋଦନ କରାଯାଇଛି। ପୂର୍ବରୁ ବିର୍ଲା ଫାଉଣ୍ଡେଶନ ସହ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇସାରିଛି। ଏହି ଗୁରୁକୁଳରେ ଶ୍ରୀମନ୍ଦିର ସେବାୟତ ପରିବାରର ପିଲା ଓ ବାହାର ବିଦ୍ୟାର୍ଥୀ ପଢ଼ିପାରିବେ। ତେବେ ସେବାୟତ ଘରର ପିଲାଙ୍କ ପାଇଁ ୫୦ ପ୍ରତିଶତ ସିଟ୍ ଆରକ୍ଷଣ ରହିବ। ବୈଠକରେ ଏହାପରେ ସମ୍ପୂର୍ଣ୍ଣ ଡ୍ରଇଁ ପ୍ରସ୍ତୁତ କରାଯିବ। ପରେ କାର୍ଯ୍ୟ ପାଇଁ ଟେଣ୍ଡର ଡକାଯିବ। ଯଥାଶୀଘ୍ର ଶିକ୍ଷା ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଚେଷ୍ଟା ଚାଲିଛି। ସମୁଦାୟ ୩୨ ଏକର ଜାଗାରେ ଗୁରୁକୁଳ ନିର୍ମାଣ କରାଯିବ ବୋଲି ଯାଦବ କହିଛନ୍ତି।

ସେହିପରି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଦୁର୍ଗାଦାସ ମହାପାତ୍ର କହିଛନ୍ତି, ଆଗାମୀ ଦିନରେ ସମସ୍ତ ତଥ୍ୟ ଆସିବା ଓ ମାଟି ପରୀକ୍ଷା ପରେ ଗୁରୁକୁଳ ନିର୍ମାଣ ପାଇଁ ଟେଣ୍ଡର ଡକାଯିବ। ପରେ ପଞ୍ଜିକା ଦେଖାଯାଇ ଶୁଭତିଥି ନିର୍ଣ୍ଣୟ କରାଯାଇ ମୁଖ୍ୟମନ୍ତ୍ରୀ ଏବଂ ଗଜପତି ମହାରାଜାଙ୍କ ଉପସ୍ଥିତିରେ ଗୁରୁକୁଳ ପାଇଁ ଭୂମି ପୂଜନ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଗୁରୁକୁଳ ଚଳାଇବା ପାଇଁ ଗଠିତ ସୋସାଇଟି ସହ ଆଗକୁ ବୈଠକ ବସିବ। ସମ୍ପୃକ୍ତ ସ୍ଥାନକୁ ସୋସାଇଟିକୁ ହସ୍ତାନ୍ତର କରାଯିବ। ଆଉ କିଛି ଯାହା ପ୍ରକ୍ରିୟା ରହିଛି ତାହା ଶେଷ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ପରିଚାଳନା କମିଟି ସଦସ୍ୟ ମାଧବ ପୂଜାପଣ୍ଡା କହିଛନ୍ତି, ସମୁଦାୟ ୩୨ ଏକର ଜମିରେ ଏକାଡେମିକ ଭବନ, ଯଜ୍ଞଶାଳା, ଖେଳପଡ଼ିଆ ଓ ହଷ୍ଟେଲ ପ୍ରଭୃତି ନିର୍ମାଣ କରାଯିବ। ୬ ଏକର ଜାଗାରେ ହଷ୍ଟେଲ, ୮ ଏକରରେ ଖେଳପଡ଼ିଆ, ୪ ଏକରରେ ମନ୍ଦିର ନିର୍ମାଣ ହେବ। ପ୍ରଥମେ ଏକାଡେମୀ ସେକ୍ସନ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି।

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୪ ମାର୍ଚ୍ଚ, ୨୦୨୩



**ଚିଟ୍‌ଫଣ୍ଡ ମାମଲାର ଶୁଣାଣି ୩ଦିନ ଘୁଞ୍ଚିଲା**

**ନୂଆଦିଲ୍ଲୀ:** ଓଡ଼ିଶାରେ ବହୁ କୋଟି ଟଙ୍କାର ଚିଟ୍‌ଫଣ୍ଡ ଠକେଇ ମାମଲାର ନିରପେକ୍ଷ ତଦନ୍ତ ଏବଂ ଜମାକାରୀଙ୍କୁ ଟଙ୍କା ଫେରସ୍ତ ପାଇଁ କରାଯାଇଥିବା ପିଟିଶନର ଶୁଣାଣି ସୋମବାର ସୁପ୍ରିମକୋର୍ଟରେ ସ୍ଥଗିତ ରହିଛି। ଜଷ୍ଟିସ୍ ଏମ୍.ଆର୍. ଶାହ ଏବଂ ସି.ଟି. ରବିକୁମାରଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ମାମଲାର ଶୁଣାଣିକୁ ୩ ଦିନ ଘୁଞ୍ଚାଇ ଦେଇଛନ୍ତି। ଚିଟ୍‌ଫଣ୍ଡ ମାମଲାର ପରବର୍ତ୍ତୀ ଶୁଣାଣି ୧୭ରେ ହେବ। ଗତ ଜାନୁୟାରୀ ୧୬ରେ ମାମଲାର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଜମାକାରୀଙ୍କ ଟଙ୍କା ଫେରସ୍ତ ପାଇଁ ଉପାୟ ବାହାର କରିବା ଲାଗି କେନ୍ଦ୍ର ଏବଂ ଓଡ଼ିଶା ସରକାରଙ୍କୁ ପରାମର୍ଶ ଦେଇଥିଲେ।

# ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ୪ ବର୍ଷ ଜେଲଦଣ୍ଡ

## ୮ ବର୍ଷ ପରେ ଲାଞ୍ଚ କାରବାର ମାମଲାର ରାୟ

ଭୁବନେଶ୍ୱର,୧୩।୩(ବ୍ୟୁରୋ)
ଏକ ଲାଞ୍ଚ କାରବାର ମାମଲାର ୮ ବର୍ଷ ପରେ ସୋମବାର ରାୟ ପ୍ରକାଶ ପାଇଛି। ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ଥିବା ପୁରୀ ଜିଲା କାଟକପୁର ବ୍ଲକ୍‌ର ପୂର୍ବତନ ତଥା ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରତାପ ରଞ୍ଜନ ଶ୍ରୀଚନ୍ଦନଙ୍କୁ ୪ ବର୍ଷ ଜେଲଦଣ୍ଡ ହୋଇଛି। ଏଥିସହ ତାଙ୍କୁ ୧୦ ହଜାର ଟଙ୍କାର ଅର୍ଥଦଣ୍ଡରେ ମଧ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟେ ଅଧିକ ୨ମାସ ଜେଲଦଣ୍ଡ ଭୋଗିବାକୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତି ସତ୍ୟ ନାରାୟଣ ଷଡ଼ଙ୍ଗୀ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ଏହି ଦଣ୍ଡାଦେଶକୁ ଆଧାର କରି ପ୍ରତାପଙ୍କ ପେନ୍‌ଶନ ବନ୍ଦ କରିବାକୁ କମ୍ପିଟେଣ୍ଟ ଅଥରିଟିଙ୍କୁ ଜଣାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ମାମଲାର ବିବରଣୀ ଅନୁଯାୟୀ, ୨୦୧୪ ନଭେମ୍ବର ୧୪ରେ କାକଟପୁର ଅଞ୍ଚଳର ବିଜୟ କାଣ୍ଡିଙ୍କ ଏକ ଗାଈର ମୃତ୍ୟୁ ହୋଇଥିଲା। ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଥିବା ଡାକ୍ତର ପ୍ରତାପ ଉକ୍ତ ଗାଈର ବ୍ୟବଚ୍ଛେଦ କରିଥିଲେ। ଏହାପରେ ପ୍ରତାପଙ୍କ ପକ୍ଷରୁ ଭେରିଫିକେଶନ୍ ରିପୋର୍ଟ ଓ ପୋଷ୍ଟମର୍ଟମ ରିପୋର୍ଟ ଜିଲା ପ୍ରାଣୀଚିକିତ୍ସା ଅଧିକାରୀଙ୍କୁ ପଠାଇବାର ଥିଲା। ଏହାପରେ ଗାଈ ମୃତ୍ୟୁ ପାଇଁ ବିଜୟଙ୍କୁ ଇନ୍‌ସୁରାନ୍ସ ଟଙ୍କା ମିଳିବାର ଥିଲା। ହେଲେ ଏହି ରିପୋର୍ଟକୁ ପଠାଇବା ପାଇଁ ବିଜୟଙ୍କୁ ପ୍ରତାପ ୨ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ବିଜୟ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଅଭିଯୋଗ କରିଥିଲେ। ପୂର୍ବପ୍ରସ୍ତୁତି ଅନୁଯାୟୀ ନଭେମ୍ବର ୨୨ରେ ପ୍ରତାପ କାଟକପୁରସ୍ଥିତ ତାଙ୍କ ବାସଭବନରେ ବିଜୟଙ୍କଠୁ ଲାଞ୍ଚ ଟଙ୍କା ଗ୍ରହଣ କରିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା।

# ୪୦.୫୫% ପରିବାର ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ

## ରାଜ୍ୟର ୧୫ ଜିଲାର ସ୍ଥିତିକୁ ନେଇ ହୋଇଥିଲା ଅଧ୍ୟୟନ

ଭୁବନେଶ୍ୱର, ୧୩।୩(ବ୍ୟୁରୋ)

ରାଜ୍ୟରେ ୪୦.୫୫% ପରିବାର ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ଆତ୍ମଶକ୍ତି ଟ୍ରଷ୍ଟ ଏବଂ ଏହାର ସହଯୋଗୀ ସଙ୍ଗଠନ ସମୂହ ଓଡ଼ିଶା ଶ୍ରମଜୀବୀ ମଞ୍ଚ ଓ ମହିଳା ଶ୍ରମଜୀବୀ ମଞ୍ଚ ଓଡ଼ିଶା ପକ୍ଷରୁ ଏହି ଅଧ୍ୟୟନ କରାଯାଇଥିଲା। ୩୫୦ଜଣ କର୍ମୀଙ୍କ ଦ୍ୱାରା ଗତ ଜାନୁୟାରୀରୁ ଫେବୃୟାରୀ ମଧ ଭାଗ ପର୍ଯ୍ୟନ୍ତ ଏହି ଅଧ୍ୟୟନ ହୋଇଥିଲା। ଓଡ଼ିଶାର ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ନୟାଗଡ଼, ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଗଜପତି, ବୌଦ୍ଧ, ନବରଙ୍ଗପୁର ଏବଂ ଦେବଗଡ଼ ଆଦି ୧୫ଟି ଜିଲାର ୮୯ ବ୍ଲକର ୮୬୬ ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ୯,୮୫୬ ଗାଁରେ ହୋଇଥିବା ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ, ୯,୩୭,୧୫୨ ପରିବାର ମଧ୍ୟରୁ ୪୦.୫୫ ପ୍ରତିଶତ ଘରେ ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ ନାହିଁ। ମୋଟ ୩୨,୯୬୦ ନଳକୂଅ ମଧ୍ୟରୁ ୧୨,୪୮୧ (୪୦.୯୩%)ଟି କାର୍ଯ୍ୟକ୍ଷମ ନାହିଁ। ମୋଟ ୧୨,୪୭୮ ଷ୍ଟାଣ୍ଡ ପୋଷ୍ଟ ମଧ୍ୟରୁ ୬,୦୬୬(୪୮.୬%)ଟି ଅଚଳ ରହିଛି। ସେହିପରି ପାଖାପାଖି ୬,୬୭୫(୫୬.୧୨%) ଗ୍ରାମବାସୀ ଦୈନନ୍ଦିନ ଦୂଷିତ ପାଣି ବ୍ୟବହାର କରନ୍ତି। ୨୮.୫୧% ଗ୍ରାମବାସୀ କାଦୁଆ ପାଣି ବ୍ୟବହାର କରୁଥିବା ବେଳେ ୨୯.୫୫% ଗ୍ରାମବାସୀ ପାନୀୟ ଜଳରେ ଲୌହ ଅଂଶ ପାଇଥାନ୍ତି। ୯,୩୭,୧୫୨ ପରିବାର ମଧ୍ୟରୁ ୧୪,୯୪୭ ପରିବାର (୬୫,୮୪୫ ଲୋକ) ନିୟମିତ ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି ଏବଂ ସମ୍ପୂର୍ଣ୍ଣ ଭାବେ ଝରଣା, ପୋଖରୀ ଓ ଚୁଆ (ଶୁଖିଲା ନଦୀ ବା ଝରଣାରେ ଖୋଳା ଯାଇଥିବା ଭୂତଳ ଜଳ) ଉପରେ ନିର୍ଭରଶୀଳ। ମୋଟାମୋଟି ଭାବେ ୩,୬୮,୬୯୪ ପରିବାରରେ ବିଶୁଦ୍ଧ ପାନୀୟ ଜଳର ଅଭାବ ରହିଛି, ଯାହାକି ସମୁଦାୟର ୪୦.୫୫% ବୋଲି ସର୍ଭେ ରିପୋର୍ଟରେ ଦର୍ଶାଯାଇଛି।

ଏ ସମ୍ପର୍କରେ ଆତ୍ମଶକ୍ତି ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ଟ୍ରଷ୍ଟି ରୁଚି କାଶ୍ୟପ କହିଛନ୍ତି, ଜଳ ଜୀବନ ମିଶନ ଓ ବସୁଧା ଭଳି ଯୋଜନା ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେବା ସତ୍ତ୍ୱେ ରାଜ୍ୟର ଅନେକ ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଆଜିସୁଦ୍ଧା ପହଞ୍ଚି ପାରିନାହିଁ। ଏହି ଉଦ୍‌ବେଗଜନକ ସ୍ଥିତିକୁ ଏଡ଼ାଇବା ପାଇଁ ସରକାର ନିଜ ଯୋଜନାଗୁଡ଼ିକର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ଆବଶ୍ୟକ। ପରିଚାଳନା ଟ୍ରଷ୍ଟି କୋକୋ ସିଂ କହିଛନ୍ତି, ଅଚଳ ନଳକୂପ ଓ ଷ୍ଟାଣ୍ଡପୋଷ୍ଟଗୁଡ଼ିକ ମରାମତି ପାଇଁ ରାଜ୍ୟ ସରକାର ତୁରନ୍ତ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ (ଆର୍‌ଡବ୍ଲ୍ୟୁଏସ୍‌ଏସ୍) ଜରିଆରେ ପଦକ୍ଷେପ ନିଅନ୍ତୁ। କାଦୁଅ ଓ ଲୌହ ମିଶ୍ରିତ ପାଣିକୁ ବ୍ୟବହାର ପୂର୍ବରୁ ଭଲ ଭାବରେ ବିଶୋଧନ କରାଯିବା ଆବଶ୍ୟକ। ଏଥିସହ ପାନୀୟ ଜଳ ସମସ୍ୟାରେ ପୀଡ଼ିତ ଲୋକଙ୍କୁ ଟ୍ୟାଙ୍କର ଜରିଆରେ ପାଣି ଉପଲବ୍ଧ କରାଇବା ପାଇଁ ଶୁଖା ଅଞ୍ଚଳ ବା ପାଣି ଅଭାବ ଅଞ୍ଚଳ ଯଥା ହଟ୍‌ସ୍ପଟ୍ ଅଞ୍ଚଳଗୁଡ଼ିକୁ ତୁରନ୍ତ ଚିହ୍ନଟ କରାଯିବା ଜରୁରୀ। ସମ୍ପ୍ରତି ଗ୍ରୀଷ୍ମ ପ୍ରବାହର ମୁକାବିଲା ସହ ରାଜ୍ୟର ଗ୍ରାମାଞ୍ଚଳରେ ଲାଗି ରହିଥିବା ଜଳ ସଙ୍କଟ ସମସ୍ୟାର ସମାଧାନ କରିବା ନିମନ୍ତେ ଓଡ଼ିଶା ସରକାର ସମସ୍ତଙ୍କ ପାଇଁ ନିରାପଦ ପାନୀୟ ଜଳ ସୁନିଶ୍ଚିତ କରିବା ପାଇଁ ଉପଯୁକ୍ତ ସମୟରେ ପଦକ୍ଷେପ ନେବା ତୁରନ୍ତ ଆବଶ୍ୟକ ବୋଲି ଉକ୍ତ ଅଧ୍ୟୟନରେ ପରାମର୍ଶ ଦିଆଯାଇଛି।



ଉତ୍ତମ ବିପର୍ଯ୍ୟୟ ପରିଚାଳନା ପାଇଁ ଓଡ଼ିଶାକୁ ମିଳିଥିବା ପୁରସ୍କାରକୁ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଏବଂ ଏସ୍‌ଆର୍‌ସି ନିକୁଞ୍ଜ ଧଳ।

# ଦମ୍ପତିଙ୍କ ନାମରେ ବ୍ୟାଙ୍କ ଠକେଇ ମାମଲା, ସ୍ୱାମୀ ଗିରଫ

ଢେଙ୍କାନାଳ ଅଫିସ,୧୩।୩

ଢେଙ୍କାନାଳ ସହରସ୍ଥିତ ଏକ ବ୍ୟାଙ୍କରେ ଥିବା ଟାଉନ ପ୍ଲାନିଂ ଅଞ୍ଚଳର ଶୁକଦେବ ନାୟକଙ୍କ ଫିକ୍ସଡ୍ ଡିପୋଜିଟ୍‌କୁ ଚଞ୍ଚକତା କରି ୩୭ ଲକ୍ଷ ଟଙ୍କା ଉଠାଇ ନିଆଯାଇଛି। ଏହି ଘଟଣାରେ କଟକ ଜିଲା ଆଠଗଡ ଥାନା ଅଞ୍ଚଳର ମନୋଜ କୁମାର ସାହୁ ଓ ତାଙ୍କ ସ୍ତ୍ରୀଙ୍କ ନାମରେ ଢେଙ୍କାନାଳ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ମନୋଜଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ସ୍ତ୍ରୀ ଅସୁସ୍ଥ ଥିବାରୁ ତାଙ୍କୁ ଗିରଫ କରାଯାଇ ନାହିଁ। ପୋଲିସ କହିଛି, ମନୋଜଙ୍କ ସ୍ତ୍ରୀ ପୂର୍ବରୁ ଢେଙ୍କାନାଳର ଉକ୍ତ ବ୍ୟାଙ୍କରେ ସହକାରୀ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ସେହି ବ୍ୟାଙ୍କରେ ଶୁକଦେବ ନାୟକଙ୍କ ୩୭ ଲକ୍ଷ ଟଙ୍କା ଫିକ୍ସଡ୍ ଡିପୋଜିଟ୍ ରହିଥିଲା। ଏହି ଫିକ୍ସଡ୍ ଡିପୋଜିଟକୁ ଭାଙ୍ଗି ମନୋଜ ଓ ତାଙ୍କ ସ୍ତ୍ରୀ ୩୭ ଲକ୍ଷ ଟଙ୍କା ନେଇଯାଇଥିଲେ।

# ମା'ଙ୍କ ସହ ସ୍କୁଲ ଗଲା ଝିଅ

## ବଳି ଭୟରେ ନାବାଳିକାଙ୍କ ସ୍କୁଲ ଯିବା ବନ୍ଦ ଘଟଣା

ରଘୁନାଥପୁର,୧୩।୩ (ଡି.ଏନ୍.ଏ.)
ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ସାଦେଇପୁର ପଞ୍ଚାୟତ ଅନ୍ତର୍ଗତ ରାଉତ ନୂଆଗାଁରେ ବଳି ଭୟରେ ନାବାଳିକାଙ୍କ ସ୍କୁଲ ଯିବା ବନ୍ଦ ଘଟଣାରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଲିସର ପରାମର୍ଶ ତଥା ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାକର ପରିଡା ନାବାଳିକାଙ୍କ ପରିବାର ସଦସ୍ୟଙ୍କୁ ବୁଝାଶୁଝା କରିଛନ୍ତି। ଏହାପରେ ମା'ଙ୍କ ସହ ସମ୍ପୃକ୍ତା ନାବାଳିକା ସୋମବାର ସ୍କୁଲକୁ ପାଠ ପଢ଼ିବାକୁ ଯାଇଛନ୍ତି। ସ୍କୁଲରେ ନାବାଳିକା ଛାତ୍ରୀଙ୍କ ଉପରେ କଡ଼ା ନଜର ରଖାଯିବା ସହ ଆବଶ୍ୟକ ସ୍ଥଳେ ନେବା ଆଣିବା କ୍ଷେତ୍ରରେ ଶିକ୍ଷକମାନେ ସହଯୋଗ କରିବେ ବୋଲି ପ୍ରଧାନ ଶିକ୍ଷକ ପରିଡା ପ୍ରକାଶ କରିଛନ୍ତି। ଶନିବାର ପରିବାର ମୁଖ୍ୟ ନାରାୟଣ ପାଣି ଏ ପ୍ରସଙ୍ଗରେ ରଘୁନାଥପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୬୮/୨୩) ରୁଜୁ କରିଛି।

ଆଇନଜୀବୀ ପ୍ରତାପ ଚନ୍ଦ୍ର ମହାପାତ୍ର ଓ ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ଗତ ୨ ଦିନ ହେବ ଘଟଣାସ୍ଥଳରେ ଛାନ୍‌ଭିନ କରାଯାଇଛି। ଏଥିସହ ଜଗତ୍‌ସିଂହପୁର ପୋଲିସ ସହ ମିଶି ସମଙ୍ଗସ୍ଥିତ ମୃତ ନନ୍ଦାବ୍ରତ ନଦୀ

### ପୋଲିସର ଛାନ୍‌ଭିନ୍

ଶଯ୍ୟାର ପରିତ୍ୟକ୍ତ ଜଙ୍ଗଲିଆ ସ୍ଥାନରେ ତନ୍ତ୍ରପୂଜା ହେଉଥିବା ଉଇହୁଙ୍କାକୁ ଅନୁଧ୍ୟାନ କରାଯାଇଛି। ସମଙ୍ଗ ସରପଞ୍ଚ ମିନତୀ ଜେନା ମଙ୍ଗଳବାର ପ୍ରଶାସନ ସହ ଆଲୋଚନା କରିବା ପରେ ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି କହିଛନ୍ତି। ଏଏସଆଇ ପିକେ ମଲ୍ଲିକ ଏହି ମାମଲାର ତଦନ୍ତ କରୁଛନ୍ତି। ପରିସ୍ଥିତି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି ବୋଲି ଏସ୍‌ଆଇ ଅନିଲ କୁମାର ସାହୁ ପ୍ରକାଶ କରିଛନ୍ତି।

କିଛି ଦିନ ହେବ ଜଣେ ଅଜଣା ବ୍ୟକ୍ତି କଳା ପୋଷାକ ପିନ୍ଧି ରାତିରେ ନାରାୟଣଙ୍କ ଘର ସମ୍ମୁଖରେ ଠିଆ ହେବା ସହ ଗ୍ରୀଲ୍‌କୁ ବାଡ଼ାଉଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଗୁପ୍ତଧନପ୍ରାପ୍ତି ଆଶାରେ ତାଙ୍କ ନାବାଳିକା ଝିଅକୁ ବଳିଦେବା ଉଦ୍ଦେଶ୍ୟରେ ଏପରି କରାଯାଉଥିବା ନେଇ ଅଭିଯୋଗରେ ଦର୍ଶାଯାଇଥିଲା। ନନ୍ଦାବ୍ରତ ନଦୀ ଶଯ୍ୟାର ପରିତ୍ୟକ୍ତ ଜଙ୍ଗଲିଆ ସ୍ଥାନରେ ଥିବା ଉଇ ହୁଙ୍କାରେ ରାତିରେ ଏନେଇ ତନ୍ତ୍ରପୂଜା କରାଯାଉଥିବା ଗୁଜବ ହୋଇଥିଲା। ଭୟରେ ତାଙ୍କ ଝିଅ ଏକ ସପ୍ତାହ ହେବ ସ୍କୁଲ ଯିବା ବନ୍ଦ କରି ଦେଇଥିଲା।

# ହୋମିଓପାଥିକ ପ୍ରାକ୍ଟିସନର ସଂଘର ବିକ୍ଷୋଭ

ଭୁବନେଶ୍ୱର,୧୩।୩(ବ୍ୟୁରୋ)

ବେସରକାରୀ ହୋମିଓପାଥିକ୍ ପ୍ରାକ୍ଟିସ୍‌ନର ସଂଘ ପକ୍ଷରୁ ସୋମବାର ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଭିନ୍ନ ଜିଲାରୁ ଆସିଥିବା ୬୦୦ରୁ ଊର୍ଦ୍ଧ୍ୱ ପ୍ରାକ୍ଟିସନର ସଭ୍ୟାସଭ୍ୟ ମାଷ୍ଟରକ୍ୟାଣ୍ଟିନରୁ ଏକ ଶୋଭାଯାତ୍ରାରେ ବାହାରି ଲୋୟର ପିଏମ୍‌ଜି ଧାରଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ସଂଘର ବିଭିନ୍ନ ଜିଲ୍ଲାରୁ ନେତୃତ୍ୱ ନେଉଥିବା ସଂଯୋଜକମାନେ ଅଭିଭାଷଣ ରଖିଥିଲେ। ହୋମିଓପାଥିକ୍ ଔଷଧର ସ୍ରଷ୍ଟା କ୍ରିଷ୍ଟିୟାନ୍ ଫେଡେରିକ୍ ସାମୁଏଲ୍ ହାନିମାନଙ୍କ ପୁସ୍ତକକୁ ଅଧ୍ୟୟନ କରି ଯେଉଁମାନେ ଚିକିତ୍ସା କରୁଥିଲେ ସେମାନଙ୍କୁ ହୋମିଓପାଥିକ୍ ପ୍ରାକ୍ଟିସନର କୁହାଯାଉଥିଲା। ସରକାରଙ୍କ ତରଫରୁ ସେମାନଙ୍କୁ ହୋମିଓପାଥିକ୍ ବୋର୍ଡ ଦ୍ୱାରା ଏକ ତାଲିକାଭୁକ୍ତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପରେ ସରକାର ତାହା ଉପରେ ରହିତାଦେଶ ଜାରି କରି ତାଲିକାଭୁକ୍ତ ପ୍ରାକ୍ଟିସନରମାନେ ସେମାନଙ୍କ ସେବା ଜାରି ରଖିପାରିବେ ନାହିଁ ବୋଲି ବାରଣ କରିଥିଲେ। ଫଳରେ ଅନେକ ପ୍ରାକ୍ଟିସନର ଜୀବନ ଜୀବିକା ହରାଇ ବସିଥିଲେ। ଏହାକୁ ପୁନର୍ବାର ପ୍ରଚଳନ ପାଇଁ ସଂଘ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁନଥିବା ସଂଘ ଅଭିଯୋଗ କରିଛି। ସଭାପତି ନେତ୍ରାନନ୍ଦ ଭୋଇଙ୍କ କହିବାନୁସାରେ, ପୂର୍ବରୁ ପ୍ରଚଳିତ ମାନ୍ୟତା ପ୍ରଦାନ କରାଯାଉ କିମ୍ବା ରାଜ୍ୟ ଭିତରେ ଚିକିତ୍ସା ନିମିତ୍ତ ବିକଳ୍ପ ବ୍ୟବସ୍ଥା କରାଯାଉ। ସରକାର ଏକ କମିଟି ଗଠନ କରି ଗତ ୨୦୦ବର୍ଷ ଧରି ପାରମ୍ପରିକ ରୀତିରେ ବଂଶାନୁକ୍ରମିକ ଭାବରେ ଘରୋଇ ଚିକିତ୍ସା ବା ହୋମିଓପାଥିକ୍ ଚିକିତ୍ସାକୁ ରାଜ୍ୟର ଗ୍ରାମାଞ୍ଚଳ, ଉପାନ୍ତ ଅଞ୍ଚଳ ଏବଂ ଅପହଞ୍ଚ ଇଲାକାରେ ଯୋଗାଇ ଆସୁଥିବା ଅଭିଜ୍ଞ ଚିକିତ୍ସକଙ୍କର ସାମ୍ପ୍ରତିକ ପରିସ୍ଥିତିରେ ଆବଶ୍ୟକତା ଅଛିକି ନାହିଁ ତାହାର ନିରପେକ୍ଷ ତଦନ୍ତ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଏଥିସହ ସରକାରଙ୍କ ଉପରେ କୌଣସି ଆର୍ଥିକ ବୋଝ ବା ଭତ୍ତା ଆଶା ରଖିବେ ନାହିଁ ବୋଲି ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହି ଆନ୍ଦୋଳନରେ ସଂଘର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ବାରିକ, ଉପସଭାପତି ଜଗନ୍ନାଥ ଦାସ, ଉପଦେଷ୍ଟା ନିହାର ରଞ୍ଜନ ବିଶ୍ୱାଳ, କୋଷାଧ୍ୟକ୍ଷ ମହେନ୍ଦ୍ର କୁମାର ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ।




ବେସରକାରୀ ହୋମିଓପାଥିକ୍ ପ୍ରାକ୍ଟିସ୍‌ନର ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

# ଉତ୍ତର ଘୁମୁସର ବନଖଣ୍ଡରେ ହାତୀମୃତ୍ୟୁ

ଭଞ୍ଜନଗର,୧୩।୩(ଡି.ଏନ.ଏ)

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ଼ ରେଞ୍ଜ ଝିଲିମିଲି କ୍ଷୁଦ୍ର ଜଳସେଚନ ଭଣ୍ଡାର ନିକଟରେ ସୋମବାର ଏକ ଅଣ୍ଡିରା ହାତୀର ମୃତ୍ୟୁ ଘଟିଛି। ଅପରାହ୍ଣରେ ଯୁଗ୍ମ ଟାସ୍କ ଫୋର୍ସ ଭୁବନେଶ୍ୱରରୁ ଆସି ପହଞ୍ଚିବା ପରେ ହାତୀର ବ୍ୟବଚ୍ଛେଦ ହୋଇଛି। ହାତୀମୃତ୍ୟୁର କାରଣ ଜଣାପଡ଼ିନଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ଡିଏଫ୍‌ଓ ସୁଦର୍ଶନ ବେହେରା କହିଛନ୍ତି। ପ୍ରକାଶ ଯେ, ରବିବାର ରାତିରେ ୧୯ ଟିକିଆ ହାତୀପଲ ଗୁରାବାଡ଼ି, ବାହାଡ଼ାପଦର, ନନ୍ଦିନୀପଲ୍ଲୀ ଅଞ୍ଚଳରେ ଘୂରି ବୁଲିବା ସହ ସମ୍ପୃକ୍ତ ଅଞ୍ଚଳରେ ବ୍ୟାପକ ଫସଲ କ୍ଷତିଗ୍ରସ୍ତ କରିଥିଲେ। ସୋମବାର ସକାଳେ ୧୨ ବର୍ଷର ଏକ ଅଣ୍ଡିଆ ହାତୀର ମୃତଦେହ ଜଳଭଣ୍ଡାର ନିକଟରୁ ମିଳିଥିଲା। ହାତୀଟି ଜଳଭଣ୍ଡାରକୁ ପାଣି ପିଇବାକୁ ଯିବା ବାଟରେ କେଉଁଭଳି ପରିସ୍ଥିତିରେ ମୃତ୍ୟୁବରଣ କଲା ତାହାର କାରଣ ଖୋଜୁଛି ବନ ବିଭାଗ। ଅପରପକ୍ଷେ ଡିଏଫ୍‌ଓ ସୁଦର୍ଶନ ବେହେରା, ରେଞ୍ଜର ବିମ୍ବାଧର ସାହୁ,



ମୃତ ହାତୀ।

ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୂଳପାଣି ଶତପଥୀ, ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୁରେଶ ସ୍ୱାଇଁ, ଅନୁପମ ବାନାର୍ଜୀ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରି ଘଟଣାର ତଦନ୍ତ କରୁଛନ୍ତି। ହାତୀର ବ୍ୟବଚ୍ଛେଦ ସମୟରେ ମହୁଲିମଦ ପୋଚ ବାସନା ହେଉଥିଲା। ହାତୀଟି ମଦ ପୋଚ ପିଇଥିବା ଅନୁମାନ କରାଯାଉଛି। ପୋଚ ବିଷାକ୍ତ ଥିବା ଯୋଗୁ ହାତୀଟି ମୃତ୍ୟୁବରଣ କରିଥିବା ଆଶଙ୍କା କରାଯାଉଛି। ଏହି ହାତୀକୁ ମିଶାଇ ବିଗତ ୭ ମାସରେ ଉତ୍ତର ଘୁମୁସର ବନଖଣ୍ଡରେ ୬ଟି ହାତୀ ମୃତ୍ୟୁବରଣ କଲେଣି। ବାରମ୍ବାର ହାତୀମୃତ୍ୟୁକୁ ନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି।

# ଭିଜିଲାନ୍ସ ଜାଲରେ ଜଳସେଚନ ବିଭାଗର କ୍ୟାଶିୟର

**ବାଲେଶ୍ୱର ଅଫିସ,୧୩।୩:** ବାଲେଶ୍ୱର ଆଇଟିଆଇ ଛକସ୍ଥିତ ଜଳସେଚନ ବିଭାଗ କାର୍ଯ୍ୟାଳୟର କ୍ୟାଶିୟର ପ୍ରଦୀପ କୁମାର ରାଉତ ସୋମବାର ସନ୍ଧ୍ୟାରେ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଜଳେଶ୍ୱର ଅଞ୍ଚଳର ଠିକାଦାର ଲୋକନାଥ ଜେନାଙ୍କ ଜମା ଟଙ୍କା ଫେରାଇ ଦେବା ପାଇଁ ସେ ୫ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଜିଲାର ୧୨ଟି ବ୍ଲକରେ ଜଳସେଚନ ବିଭାଗର ଅନେକ କାମ ହାତକୁ ନିଆଯାଇଛି। ଏସବୁ କାର୍ଯ୍ୟ ପାଇଁ ଠିକାଦାରମାନେ ମୁଖ୍ୟତଃ ବାଲେଶ୍ୱର ଜଳସେଚନ ବିଭାଗ ଉପରେ ନିର୍ଭର କରିଥାନ୍ତି। ଠିକାଦାରମାନେ ଟେଣ୍ଡର ପକାଇବାଠାରୁ କାର୍ଯ୍ୟ ଶେଷ କରିବା ପର୍ଯ୍ୟନ୍ତ କନିଷ୍ଠଯନ୍ତ୍ରୀଙ୍କଠାରୁ ସୁପରିଣ୍ଟେଣ୍ଡେଣ୍ଟଙ୍କ ଉପରେ ନିର୍ଭର କରନ୍ତି। ଟେଣ୍ଡର ପକାଇ ମନୋନୀତ ହେବା ପରେ କାର୍ଯ୍ୟ ପାଇଁ ଡିପୋଜିଟ୍ ହେଉଥିବା ଟଙ୍କା କାର୍ଯ୍ୟ ଶେଷ ହେବା ପରେ ଫେରାଇ ଦେବା ପାଇଁ ଅଧିକ ଟଙ୍କା ଲାଞ୍ଚ ମାଗିବାରୁ ଠିକାଦାର ଜେନା ଭିଜିଲାନ୍ସର ସହାୟତା ନେଇଥିଲେ। ଭିଜିଲାନ୍ସ ଯୋଜନା ଅନୁସାରେ ଜେନା କ୍ୟାଶିୟର ରାଉତଙ୍କୁ ଟଙ୍କା ଦେଉଥିବା ବେଳେ ଭିଜିଲାନ୍ସ ଚଢ଼ାଉ କରି ଧରିଥିଲା।

# ୧୪ କି.ମି. ଖଟିଆରେ ବୁହାହେଲେ ଜରରେ ପୀଡ଼ିତ ଛାତ୍ରୀ



ଛାତ୍ରୀଙ୍କୁ ଖଟିଆରେ ବୋହି ନିଆଯାଉଛି।

ଭବାନୀପାଟଣା,୧୩।୩(ସ୍ୱ.ପ୍ର.)
ରାସ୍ତା ନ ଥିବାରୁ ଜରରେ ପୀଡ଼ିତ ଥିବା ଜଣେ ସ୍କୁଲ ଛାତ୍ରୀଙ୍କୁ ସୋମବାର ୧୪ କି.ମି. ଖଟିଆରେ ବୋହି ଡାକ୍ତରଖାନା ଅଣାଯାଇଛି। କଳାହାଣ୍ଡି ଜିଲାର ଏମ. ରାମପୁର ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଊର୍ଲାଦାନୀ ଆଶ୍ରମ ସ୍କୁଲରେ ଏହି ଘଟଣାଟି ଘଟିଛି। ଏହି ସ୍କୁଲର ଜାମିନୀ ମାଝି ନାମ୍ନୀ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ଜର ହୋଇଥିଲା। ସ୍କୁଲ ପ୍ରଧାନ ଶିକ୍ଷକ ଛାତ୍ରୀଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ପରିବାର ଲୋକେ ସ୍କୁଲକୁ ଆସି ଜାମିନୀଙ୍କୁ ନିଜ ଗାଁ ପୁଇଝରୀକୁ ନେଇଥିଲେ। ସୋମବାର ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପରିବାରବର୍ଗ ତାଙ୍କୁ ଗାଁରୁ ୧୪ କି.ମି. ଖଟିଆରେ ବୋହି ଜଙ୍ଗଲ ରାସ୍ତା ଦେଇ ଊର୍ଲାଦାନୀ ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ଆଣିଥିଲେ। ପରେ ସେଠାରୁ ଏମ୍. ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ବର୍ତ୍ତମାନ ଛାତ୍ରୀଙ୍କ ଚିକିତ୍ସା ଚାଲିଥିବା ଜଣାପଡ଼ିଛି।

### ଗାଁକୁ ନାହିଁ ରାସ୍ତା

# ଦେଶୀ ବନ୍ଧୁକ କାରଖାନା ଠାବ, ଜଣେ ଗିରଫ

## ୩ ବନ୍ଧୁକ ଜବତ

ଜଗନ୍ନାଥପ୍ରସାଦ,୧୩।୩(ଡି.ଏନ୍.ଏ.)
ଜଗନ୍ନାଥପ୍ରସାଦ ପୋଲିସ ରବିବାର ଏକ ଦେଶୀ ବନ୍ଧୁକ କାରଖାନା ଠାବ କରିଛି। କାରଖାନାରେ ବେଆଇନ ସାମଗ୍ରୀ ରଖିବା ଅଭିଯୋଗରେ ମୋହନ ମଳିକଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଗତ ୨୬ ତାରିଖ ରାତ୍ର ପାଟ୍ରୋଲିଂ ବେଳେ ସ୍ଥାନୀୟ ପୋଲିସ ଖଇରପଟି ଗ୍ରାମର ସୁଶାନ୍ତ ନାଇକଙ୍କୁ ଧରିଥିଲା। ତାଙ୍କ ନିକଟରୁ ଗୋଟିଏ ହାତତିଆରି ବନ୍ଧୁକ ଜବତ କରିଥିଲା। ପଚରାଉଚରା ପରେ ଏହାକୁ ସେ କିଣିଥିବା କହିଥିଲେ। ଏଥିସହ ବନ୍ଧୁକ ବିକୁଥିବା ଲୋକର ଠିକଣା ମଧ ପୋଲିସ ଆଗରେ ପ୍ରକାଶ କରିଥିଲେ। ପୋଲିସ ୧୨ ତାରିଖ ରାତିରେ ଓଡ଼ଗାଁ ଥାନା ଗୁଡମି ଗ୍ରାମପଞ୍ଚାୟତ ଅଧୀନ ଡିମିରିପଲ୍ଲୀ ଗ୍ରାମର ମୋହନ ମଳିକଙ୍କ ଘରେ ଚଢ଼ାଉ କରି ସେଠାରେ ଚାଲିଥିବା ହାତତିଆରି ବନ୍ଧୁକ କାରଖାନା ଠାବ କରିଥିଲା। ସେଠାରୁ ୩ଟି ବନ୍ଧୁକ ଜବତ କରିଥିଲା। ପଚରାଉଚରା ବେଳେ ମୋହନ ଏଠାରେ ୩୦ ବର୍ଷ ଧରି ବନ୍ଧୁକ ତିଆରି କରୁଥିବା କହିଥିଲେ। ଏହା ନୟାଗଡ଼, ଦଶପଲ୍ଲା, ଗଞ୍ଜାମ, କନ୍ଧମାଳ ଅଞ୍ଚଳରେ ବିକ୍ରି ହେଉଥିବା ବେଳେ ଲୋକମାନେ ଏହାକୁ ବନ୍ୟଜନ୍ତୁ ଶିକାର ପାଇଁ ବ୍ୟବହାର କରୁଥିବା କହିଥିଲେ। ସେଠାରୁ ପୋଲିସ ବନ୍ଧୁକ ନିର୍ମାଣରେ ବ୍ୟବହୃତ ସାମଗ୍ରୀ ଜବତ କରି ଥାନାକୁ ଆଣିଥିଲା। ଏ ନେଇ ପୋଲିସ ନଂ.୧୨୬/୨୩ରେ ମାମଲା ରୁଜୁ କରିଛି।



ଜବତ ବନ୍ଧୁକ ଓ ପ୍ରସ୍ତୁତ ସାମଗ୍ରୀ।



ଗିରଫ ଅଭିଯୁକ୍ତ

# ମୃତାହତଙ୍କୁ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

## ହାଇକୋର୍ଟରେ ହାତୀ ମୃତ୍ୟୁ ମାମଲା

- ମୃତକଙ୍କ ପରିବାରକୁ ୪୦ ଲକ୍ଷ କ୍ଷତିପୂରଣ ଦିଆଯିବ: ମୁଖ୍ୟ ବନ ସଂରକ୍ଷକ
- ହାତୀମୃତ୍ୟୁ ବୃଦ୍ଧିକୁ ନେଇ ହାଇକୋର୍ଟଙ୍କ ଉଦ୍‌ବେଗ
- ଆଗାମୀ ଶୁଣାଣି ପୂର୍ବରୁ ଦାଖଲ ହେବ ଚାର୍ଜଶିଟ୍

କଟକ ଅଫିସ,୧୩।୩
ହାତୀ ଆକ୍ରମଣଜନିତ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ କ୍ଷତିପୂରଣ ଦେବା ପାଇଁ ହାଇକୋର୍ଟ ଜଙ୍ଗଲ ବିଭାଗକୁ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମୁଖ୍ୟ ବନ ସଂରକ୍ଷକ ମନୋଜ ନାୟାର ହାତୀ ମଣିଷକୁ ମାରିଲେ ମୃତକଙ୍କ ପରିବାରକୁ କ୍ଷତିପୂରଣ ରାଶି ବାବଦରେ ୪୦ ଲକ୍ଷ ଟଙ୍କା ଦିଆଯିବ ବୋଲି ଏକ ଗୁରୁତ୍ୱପୂର୍ଣ୍ଣ ସୂଚନାରେ ହାଇକୋର୍ଟଙ୍କୁ ଅବଗତ କରିଥିଲେ। ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଏବଂ ବିଚାରପତି ଗୌରୀ ଶଙ୍କର ଶତପଥୀଙ୍କ ମିଳିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେବା ସହ ପରବର୍ତ୍ତୀ ଶୁଣାଣି ଆସନ୍ତା ଏପ୍ରିଲ ୨୦ ତାରିଖକୁ ଧାର୍ଯ୍ୟ କରିଛନ୍ତି।

ସୂଚନା ଅନୁସାରେ, ହାତୀ-ମଣିଷ ଲଢ଼େଇକୁ ନେଇ ସୋମବାର ଶୁଣାଣିରେ ହାଇକୋର୍ଟ ଜାଣିବାକୁ ଚାହିଁଥିଲେ, ହାତୀ ଆକ୍ରମଣରେ କେତେ ମୃତାହତଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇଛି। ଗତ ଶୁଣାଣି ଜାନୁୟାରୀ ୧୮ରୁ ଚଳିତ ଶୁଣାଣି ମାର୍ଚ୍ଚ ୧୩ ତାରିଖ ମଧ୍ୟରେ ରାଜ୍ୟରେ ଆହୁରି ୧୪ ହାତୀଙ୍କ ମୃତ୍ୟୁ ଘଟିଥିବାବେଳେ ପ୍ରାୟ ୧୮ ଜଣ ମୃତାହତଙ୍କୁ କ୍ଷତିପୂରଣ ଦିଆଯାଇନାହିଁ। ଜିଲାସ୍ତରୀୟ କମିଟି ଏନେଇ ଚୂଡ଼ାନ୍ତ କରିବା ପରେ କ୍ଷତିପୂରଣ ରାଶି ଦେବାକୁ ଯାଉଛୁ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଥିଲା। ତେବେ ତୁରାମ ପୂର୍ତ୍ତି ମୃତ୍ୟୁ ମାମଲାରେ ଏତଲା ହୋଇଛି ବୋଲି ଜେଟିଏଫ୍ ଅତିରିକ୍ତ ଏସ୍‌ପି କହିଥିଲେ। ୩୦୨ରେ ଏତଲା ଦିଆଯାଇଥିବାବେଳେ ବିଭାଗୀୟ ତଦନ୍ତରୁ ତାହା ଆତ୍ମହତ୍ୟା ହୋଇଥିବାରୁ ୩୦୬ ଦଫାରେ ତଦନ୍ତ କରାଯାଉଥିବା ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ତେବେ ଚାର୍ଜଶିଟ୍ କାହିଁକି ଦାଖଲ ହୋଇନାହିଁ ବୋଲି କୋର୍ଟ ପ୍ରଶ୍ନ କରିବା ସହ ଆଗାମୀ ଶୁଣାଣି ପୂର୍ବରୁ ତାହା ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆହୁରି ମଧ ଗତ ରବିବାର ଏକ ହାତୀ ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିଛି। ତେଣୁ ରାଜ୍ୟର ୫ଟି ଯାକ ବିଦ୍ୟୁତ ବଣ୍ଟନ କମ୍ପାନୀକୁ ନୋଟିସ ଜାରି କରାଯାଇ ହାତୀମୃତ୍ୟୁ ରୋକିବା ଦିଗରେ କ'ଣ ସବୁ ପଦକ୍ଷେପ ନିଆଯାଇଛି ତାହା ଜଣାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଶିଷ କୁମାର ମିଶ୍ର ମାମଲା ପରିଚାଳନା କରୁଛନ୍ତି।



ଧରିତ୍ରୀ
DHARITRI
ଭୁବନେଶ୍ୱର,ମଙ୍ଗଳବାର, ୧୪ ମାର୍ଚ୍ଚ ୨୦୨୩



## ସଂକ୍ଷେପରେ

### ୧ରୁ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା,୧୪ ଦିନ ଚାଲିବ

ଭୁବନେଶ୍ୱର,୧୩।୩(ବ୍ୟୁରୋ)- ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ପାଇଁ ଆରମ୍ଭ ହୋଇଛି ପଞ୍ଜୀକରଣ। ସଂଭାବନା ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାର ପଞ୍ଜୀକରଣ ମାର୍ଚ୍ଚ ୨୫ ପର୍ଯ୍ୟନ୍ତ ଚାଲିବ। ଅଷ୍ଟାଦଶ ବର୍ଷ ପାଇଁ ଆଗାମୀ ଉତ୍କଳ ଦିବସ ତଥା ଏପ୍ରିଲ ୧ରୁ ୧୪ ତାରିଖ ଓଡ଼ିଆ ନୂଆବର୍ଷ ବିଷୁବ ସଂକ୍ରାନ୍ତି ଯାଏ ଏହା ଏକାମ୍ର ହାଟର ମୁକ୍ତାକାଶ ମଞ୍ଚରେ ଅନୁଷ୍ଠିତ ହେବ। ଏହି ଅବସରରେ ଚଳିତ ବର୍ଷ କିଛି ନୂତନ ବିଷୟବସ୍ତୁ ମଧ ଏଥିରେ ସଂଯୁକ୍ତ ହୋଇଛି। ଚଳିତ ବର୍ଷର ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ପ୍ରତିଯୋଗୀଙ୍କ ମଧରେ ସଂଗୀତ ଓ ପ୍ରତିଯୋଗିତା ମଧ ଅନୁଷ୍ଠିତ ହେବ। ଝୋଟି, ପିଠା, ଶଙ୍ଖଫୁଙ୍କା, ଢଗ ଢମାଳି, ପାରମ୍ପରିକ ସଂଗୀତ, ପାନଭଙ୍ଗା, ପୁରାଣ ଆବୃତ୍ତି, ମୁରୁଜ, ହୁଳହୁଳି, ଓଡ଼ିଆ ଭାଷାଜ୍ଞାନ,ଦଳଗତ ଆଲୋଚନା ଏବଂ ଓଡ଼ିଆଣୀ ବେଶଭୂଷା ଆଦିକୁ ନେଇ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ଆଗ୍ରହୀ ୨୧ ବର୍ଷରୁ ଊର୍ଦ୍ଧ୍ୱ ଓଡ଼ିଆଣୀମାନେ ନିଜର ନାମ ପଞ୍ଜୀକରଣ କରିପାରିବେ। ସେହିଭଳି କେବଳ ଓଡ଼ିଆଣୀ ନୁହଁନ୍ତି, ଭବିଷ୍ୟତର ଓଡ଼ିଆମାନଙ୍କୁ ଆମର ଭାଷା,ସଂସ୍କୃତି,ପରମ୍ପରା, ଐତିହ୍ୟ ଓ ସ୍ୱାଭିମାନ ସହ ପରିଚିତ ତଥା ଅଭ୍ୟସ୍ତ କରାଇବା ପାଇଁ 'ଶିଶୁ- କିଶୋର ଓଡ଼ିଆ ସ୍ୱାଭିମାନ ପ୍ରତିଯୋଗିତା' ମଧ ଆୟୋଜିତ ହେଉଛି। ୫ରୁ ୧୦, ୧୧ରୁ୧୭ ବୟସର ଶିଶୁ-କିଶୋରଙ୍କ ପାଇଁ ଆୟୋଜିତ ଏହି ପ୍ରତିଯୋଗିତା ମଧରେ ଅନ୍ତର୍ଭୁକ୍ତ ରହିଛି ଚିତ୍ରାଙ୍କନ, ବକ୍ତୃତା, ସାଧାରଣ ଜ୍ଞାନ, ହସ୍ତାକ୍ଷର, ଶ୍ରୁତ ଲିଖନ, ଓଡ଼ିଶୀ, ଲଘୁନୃତ୍ୟ, ସୁଗମ ସଂଗୀତ, ଆବୃତ୍ତି ଓ କୌତୁକ ପୋଷାକ। ଏ ନେଇ ସୋମବାର ଏକାମ୍ର ହାଟଠାରେ ଏକ ଖବରଦାତା ସମ୍ମିଳନୀରେ ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ କାର୍ଯ୍ୟକାରୀ ଅଧକ୍ଷ ସୁଦର୍ଶନ ଦାସ, ପରିଚାଳନା ଟ୍ରଷ୍ଟି ଓ ସଂପାଦକ ଦେବ ପ୍ରସାଦ ପରିଜା, ଟ୍ରଷ୍ଟି ସ୍ମୃତି ମହାନ୍ତି, ଓଡ଼ିଆଣୀ ସମିତିର ସଭାନେତ୍ରୀ ସୌଦାମିନୀ ସାମଲ, ସୌଭାଗ୍ୟଲକ୍ଷ୍ମୀ ମହାନ୍ତି, ମୀନା ପାଣିଗ୍ରାହୀ, ପଦ୍ମାଳୟା ଶତପଥୀ, ସନ୍ଧ୍ୟା ରଥ ଓ ଜ୍ୟୋତ୍ସ୍ନା ମିଶ୍ରଙ୍କ ସମେତ ବହୁ ଓଡ଼ିଆଣୀ ଉପସ୍ଥିତ ଥିଲେ।

### ଶ୍ରୀଜଗନ୍ନାଥ, ମା' ଲକ୍ଷ୍ମୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା



ବାଲିଅନ୍ତା,୧୩।୩(ଡି.ଏନ୍.ଏ.)- ବାଲିଅନ୍ତା ବ୍ଲକ ଅଧୀନ ବାଲିଅନ୍ତାର କୋଟକଣାଠାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନବନିର୍ମିତ ମନ୍ଦିର ପ୍ରତିଷ୍ଠା ଓ ମା' ଲକ୍ଷ୍ମୀଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ୪ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ବୈଦିକ ରୀତିନୀତି ଅନୁଯାୟୀ, ପୁରୀରୁ ଆସିଥିବା ପଣ୍ଡିତମାନଙ୍କ ଦ୍ୱାରା ଏହି ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହୋଇଥିଲା। ବରିଷ୍ଠ ସେବାୟତ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା ଉକ୍ତ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ମୁଖ୍ୟ ପୂଜକ ଭାବେ ଦାୟିତ୍ୱ ତୁଲାଇଥିଲେ। ମନ୍ଦିରରେ ମହାଲକ୍ଷ୍ମୀଙ୍କ ବିଗ୍ରହ ପ୍ରତିଷ୍ଠା, ପ୍ରସାଦ ପ୍ରତିଷ୍ଠା, ସିଂହାସନ ପ୍ରତିଷ୍ଠା ଓ ପାର୍ଶ୍ୱଦେବତା ସ୍ଥାପନ ଆଦି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୨ ଦିନ ଧରି ଭଜନ ସମାରୋହ ଆୟୋଜିତ ହୋଇଥିଲା। ଅଟଳା, କୋଟକଣା, ଜଗନ୍ନାଥପୁର ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

# ଅଟକିଥିବା କାମ ଆସନ୍ତା ସପ୍ତାହରୁ ଆରମ୍ଭ ହେବ

## ମଣ୍ଡପ ବସ୍ତିରେ ୪ ଶହ ୟୁନିଟ୍ ବିଶିଷ୍ଟ ବିଲ୍ଡିଂ

ଭୁବନେଶ୍ୱର,୧୩।୩(ବ୍ୟୁରୋ)

ସ୍ମାର୍ଟସିଟି ଭୁବନେଶ୍ୱରରେ ଥିବା ବସ୍ତିଗୁଡ଼ିକ ଉନ୍ନତିକରଣ ତଥା ବସ୍ତିବାସିନ୍ଦାଙ୍କୁ ବିଭିନ୍ନ ଯୋଜନା ଅଧିନରେ ଥଇଥାନ ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। ବ୍ୟବସ୍ଥିତ ଢ଼ଙ୍ଗରେ କିପରି ବସ୍ତିବାସିନ୍ଦାଙ୍କୁ ବାସସ୍ଥାନ ମିଳିପାରିବ ସେନେଇ ପ୍ରୟାସ କରାଯାଉଛି। ତେବେ ରାଜୀବ ଆବାସ ଯୋଜନା (ଇନ୍-ସିଟୁ ରିଡେଭଲପ୍‌ମେଣ୍ଟ) ଅଧୀନରେ ମଣ୍ଡପ ବସ୍ତିରେ ୪୦୦ ୟୁନିଟ୍ ବିଶିଷ୍ଟ ବିଲ୍ଡିଂ ନିର୍ମାଣ କାର୍ଯ୍ୟ ଅଧାରେ ଅଟକିଛି। ୨୯ କୋଟି ବ୍ୟୟରେ ଏହି ବିଲ୍ଡିଂ ନିର୍ମାଣ ହେବାକୁ ଥିବାବେଳେ ଏହି ଦାୟିତ୍ୱରେ ଥିବା ଏଜେନ୍ସିକୁ ବକେୟା ଅର୍ଥ ପ୍ରଦାନ କରାଯାଇ ନ ଥିବାରୁ ଦୀର୍ଘଦିନ ଧରି କାର୍ଯ୍ୟ ବନ୍ଦ ରହିଥିଲା। ତେବେ ଆସନ୍ତା ସପ୍ତାହରେ ପୁଣିଥରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ପ୍ରକଳ୍ପ ପାଇଁ ୧୭ କୋଟି ଟଙ୍କା ରାଜ୍ୟ ସରକାର ପ୍ରଦାନ କରିଥିବାବେଳେ ଅବଶିଷ୍ଟ ୧୨କୋଟି ବିଏମ୍‌ସିର ହସ୍ତଗତ ହୋଇନାହିଁ। ତେବେ ବିଏମସି ନିଜସ୍ୱ ପାଣ୍ଠିରୁ ସଂପୃକ୍ତ ବିଜ୍ ଆଣ୍ଡ ଗ୍ରୁପ୍ ଏଜେନ୍ସିକୁ ୩କୋଟି ଟଙ୍କା ପ୍ରଦାନ କରାଯାଇଥିବା ଡେପୁଟି କମିଶନର ରମେଶ ଚନ୍ଦ୍ର ଜେନା(ଗୃହ ନିର୍ମାଣ) ସୂଚନା ଦେଇଛନ୍ତି। ଆସନ୍ତା ସପ୍ତାହରେ ଅଟକିଥିବା କାର୍ଯ୍ୟ ପୁଣି ଆରମ୍ଭ ହେବ ବୋଲି ସେ କହିଛନ୍ତି। ସୂଚନା ଥାଉ କି, ଏହି ବିଲ୍ଡିଂରେ ମୋଟ୍ ୫ଟି ବ୍ଲକ୍ ରହିଛି। ତେବେ ବର୍ତ୍ତମାନ ସୁଦ୍ଧା ବ୍ଲକ୍-୪ ଓ ବ୍ଲକ୍-୫ର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଥିବାବେଳେ ବ୍ଲକ୍-୧, ବ୍ଲକ୍-୨, ବ୍ଲକ-୩ର କାର୍ଯ୍ୟ ନିର୍ମାଣଧିନ ରହିଛି। ବର୍ତ୍ତମାନ ସୁଦ୍ଧା ୧୬୦ ୟୁନିଟ୍‌ର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି। ଶତାଧିକ ହିତାଧିକାରୀ ଦେୟ ମଧ ପୈଠ କରିଥିବା ସୂଚନା ରହିଛି। ରାଜୀବ ଆବାସ ଯୋଜନାରେ ମଣ୍ଡପ ବସ୍ତି, ରଙ୍ଗମାଟିଆ, ମହିଷାଖାଲ ଓ ପଥରବନ୍ଧ ଆଦି ବସ୍ତିବାସିନ୍ଦାଙ୍କ ଥଇଥାନ ପାଇଁ ବନ୍ଦୋବସ୍ତ କରାଯାଉଥିବାବେଳେ ରାଜୀବ ଆବାସ ଅଧୀନରେ ପଞ୍ଜୀକୃତ ହୋଇନଥିବା ବସ୍ତିବାସିନ୍ଦା ଥଇଥାନ ଅପେକ୍ଷାରେ ରହୁଛନ୍ତି। ରେ' ଅର୍ନ୍ତଭୁକ୍ତ ହୋଇ ନ ଥିବା ହିତାଧିକାରୀ ଆଫୋର୍ଡଏବଲ ହାଉସିଂ ପ୍ରୋଜେକ୍ଟରେ ପଞ୍ଜୀକରଣ ପାଇଁ ଦାବି କରୁଥିବାବେଳେ ରେ' ହିତାଧିକାରୀଙ୍କୁ ବାସସ୍ଥାନ ଆବଣ୍ଟନରେ ସମସ୍ୟା ସୃଷ୍ଟି ହେଉଛି। ସେହିପରି ମହାନଗର ନିଗମର ବିଭିନ୍ନ ୱାର୍ଡର ସୀମା ନିର୍ଦ୍ଧାରଣରେ ସମସ୍ୟା କାରଣରୁ ସଂପୃକ୍ତ ୱାର୍ଡରେ ଥିବା ବସ୍ତିବାସିନ୍ଦାଙ୍କ ଥଇଥାନରେ ସମସ୍ୟା ଉପୁଜୁଛି।

# ଝାକଜମକରେ ହେଲା ପଞ୍ଚଦୋଳ ଜମାଣ ମେଳଣ




ବାଲକାଟୀ, ୧୩।୩ (ଡି.ଏନ୍.ଏ)

ରବିବାର ବିଳମ୍ବିତ ରାତିରେ ଜମିଛି ପ୍ରସିଦ୍ଧ ବାଲକାଟୀ ପଞ୍ଚଦୋଳ ଜମାଣ ମେଳଣ ଉତ୍ସବ। ଚଳିତବର୍ଷ ଶହ ଶହ ଦର୍ଶକଙ୍କ ଉପସ୍ଥିତରେ ବେଶ୍ ଜାକ ଜାମକରେ ହୋଇଛି ଏହି ପଞ୍ଚଦୋଳ ମେଳଣ। ପ୍ରତି ବର୍ଷ ପରି ମେଳଣର ଥାନାପତି ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ଦେବ ଦୋଳବିମାନରେ ଶୋଭାଯାତ୍ରରେ ଆସି ରାତି ପ୍ରାୟ ୨ଟା ବେଳେ ମେଳଣ ପଡିଆରେ ପ୍ରବେଶ କରିଥିଲେ। ଥାନାପତିଙ୍କ ଶୋଭାଯାତ୍ରାରେ ସାଙ୍ଗରେ ଥିଲେ ଚାରିସ୍ଥାନର ମୁରବି। ସରପଞ୍ଚ ରୀନା ବେହେରା, ପୂର୍ବତନ ସରପଞ୍ଚ ବସନ୍ତ କୁମାର ସାହୁ, କପିଳ ମହାରଣା, ବେଣୁଧର ଭୋଇ, ସମିତି ସଭ୍ୟ ଗଙ୍ଗାଧର ମହାରି। ପରେ ନୂଆପାଟଣା ଓ ଆଶୀଘର ଗ୍ରାମର ଶ୍ରୀ ଶ୍ରୀମଦନମୋହନ ଦେବ, ପଣସ ପାଟଣା ଓ ଡିପୋଟି ସାହିର ଶ୍ରୀ ପତିତ ପାବନ ଦେବ, ରଥିଜେମା ନୂଆ ସାହିର ଶ୍ରୀବୃନ୍ଦାବନ ବିହାରୀ ଦେବ, ତିରିଶ ଘର ସାହିର ଶ୍ରୀ ଗୋପାଳ ଜୀଉ.ଚାରିମାଣିଆ ଗ୍ରାମର ଶ୍ରୀ ଗୋପୀନାଥ ଜୀଉ, ମାହାଲସାହିର
ଶ୍ରୀ ଲଛ ମନ ଦେବ, ଖଟୁଆ ସାହିର ଶ୍ରୀରାଧାକୃଷ୍ଣ ଓ ବସନ୍ତ ପେଡିର ଶ୍ରୀଗୋପାଳ ଜୀଉ ସୁସଜ୍ଜିତ ବିମାନରେ ପାରମ୍ପରିକ ବାଦ୍ୟନୃତ୍ୟରେ ମେଳଣ ପଡ଼ିଆକୁ ଆସିଥିଲେ। ଗୋଟିକ ପରେ ଗୋଟିଏ ଭାର୍ଗବୀ ନଦୀ ବନ୍ଧ ଦେଇ ବେହେରା ସାହି, ମହାଲ ସାହି, ଡିପୋଟି ସାହି ରଙ୍ଗଣୀ ସାହି, ବାଲକାଟୀ ବଜାର ପରିକ୍ରମା କରି ଆସିଥିଲେ। ଡିଜେ, ବାଜା ବାଣ, ପାରମ୍ପରିକ ଘୋଡା ନାଚ, ବାଘ ନାଚ, ମେଲୋଡି ସହ ଆଧୁନିକ ନାଚରେ ଜମାଣ ଉତ୍ସବ ବେଶ ଧୁମ୍‌ଧାମରେ ହୋଇଥିଲା। ରାଜଧାନୀ ଉପକଣ୍ଠରେ ହେଉଥିବା ଏହି ପ୍ରସିଦ୍ଧ ମେଳଣର ଜମାଣ ଦେଖିବାକୁ ହଜାର ହଜାର ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ମାତ୍ର ବିଳମ୍ବରେ ବିମାନ ଆସିବାରୁ ଜମାଣ ସକାଳ ପାହିଯାଇଥିଲା। ସୁଦୂର ବ୍ରହ୍ମପୁର, କେନ୍ଦ୍ରାପଡ଼ା, ସମ୍ବଲପୁର, ଅଞ୍ଚଳରୁ ଆସିଥିବା ଡିଜେ, ସିଂହ ବାଜା ଓ ମେଲୋଡି କାର୍ଯ୍ୟକ୍ରମକୁ ଦର୍ଶକ ବେଶ ମନୋଭରି ଉପଭୋଗ କରିଥିଲେ। ଉତ୍ସବକୁ ଶାନ୍ତିଶୃଙ୍ଖଳା କରିବା ପାଇଁ ବାଲିଅନ୍ତା ଥାନା ଅଧିକାରୀ ଯୁବରାଜ ସ୍ୱାଇଁ ଓ ବାଲକାଟୀ ଫାଣ୍ଡି ଅଧିକାରୀ ମୁନତାଜ ଅଲି ଖାଁ ନିଜେ ଉପସ୍ଥିତ ରହି କାର୍ଯ୍ୟକ୍ରମ ତଦାରଖ କରିଥିଲେ।

# କାମ ଖୋଜୁଛନ୍ତି ଏମ୍‌ଜିଏନ୍‌ଆର୍‌ଇଜିଏ ଶ୍ରମିକ




ଭୁବନେଶ୍ୱର,୧୩।୩(ବ୍ୟୁରୋ)

କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରାମୀଣ ଅଞ୍ଚଳରେ କରାଯାଉଥିବା ବିଭିନ୍ନ ପ୍ରକଳ୍ପରେ ମେଶିନ୍ ଉପଯୋଗ କରାଯାଉଥିବାବେଳେ କାମ ଖୋଜୁଛନ୍ତି ଏମ୍‌ଜିଏନ୍‌ଆର୍‌ଇଜିଏ ଶ୍ରମିକ। ଏହି ପରିପ୍ରେକ୍ଷୀରେ ନିଖିଳ ଓଡ଼ିଶା ଏନ୍‌ଆର୍‌ଇଜିଏ ଶ୍ରମିକ ସଂଘ ନେତୃତ୍ୱରେ ରାଜ୍ୟର ବିଭିନ୍ନ ଜିଲାରୁ ଏହି ଶ୍ରମିକମାନେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏନ୍‌ଆର୍‌ଇଜିଏ ଶ୍ରମିଙ୍କୁ ବାର୍ଷିକ ୨୫୦ ଦିନ କର୍ମ ନିଯୁକ୍ତି, ସହ ଦୈନିକ ୭୦୦ଟଙ୍କା ମଜୁରୀ, ଶ୍ରମିକଙ୍କ ସାମାଜିକ ନିରାପତ୍ତା ପାଇଁ ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ପଞ୍ଚାୟତିରାଜ ଓ ଏନଆରଜିଏର ବ୍ୟୟରାଶିର ପ୍ରତିଶତ ସେସ୍ ଆକାରରେ ଆଦାୟ କରି ଏନଆର୍‌ଇଜିଏ ଶ୍ରମିକ କଲ୍ୟାଣ ବୋର୍ଡ ଗଠନ କରିବା ପାଇଁ ଦାବି କରି ସଂଘ ରାଜରାସ୍ତାକୁ ଓହ୍ଲାଇଛି। ସେହିପରି ଏନଆର୍‌ଇଜିଏ ପାଇଁ କେନ୍ଦ୍ର ବଜେଟ୍‌ରେ ୨ ଲକ୍ଷ କୋଟି ଟଙ୍କା ବ୍ୟୟ ବରାଦ କରାଯାଉ ବୋଲି ଆନ୍ଦୋଳନକାରୀମାନେ ଦାବି କରିଛନ୍ତି। ଏନଆରଇଜିଏ ଅର୍ଥରେ ମେଶିନ୍ ଦ୍ୱାରା କାମବନ୍ଦ କରି ଗ୍ରାମୀଣ ଶ୍ରମିକଙ୍କ ନିଯୁକ୍ତିକୁ ସୁନିଶ୍ଚିତ କରିବା ପାଇଁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିବା ସଂଘ ସଭାପତି ଜୟନ୍ତ ଦାସ କହିଛନ୍ତି। ଏଆଇଟିୟୁସିର ସର୍ବଭାରତୀୟ ସଭାପତି ବିଦ୍ୟାସାଗର ଗିରି, ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଓ ସଂଘର ସାଧାରଣ ସମ୍ପାଦକ ସୋମନାଥ ଗିରିଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

# ଆଇଏସ୍‌ବିଟି ନିର୍ମାଣ କାର୍ଯ୍ୟ ଆଗେଇବ

## ବରମୁଣ୍ଡାରୁ ଦୁଇ ମନ୍ଦିର ଉଚ୍ଛେଦ

ଭୁବନେଶ୍ୱର,୧୩।୩(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମସି), ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ କମିଶନରେଟ ପୋଲିସର ମିଳିତ ଉଚ୍ଛେଦକାରୀ ଦଳ 'ଟିମ ପ୍ରାଇଡ୍' ପକ୍ଷରୁ ସୋମବାର ବ୍ୟାପକ ଉଚ୍ଛେଦ କରାଯାଇଛି। ବରମୁଣ୍ଡା ଆନ୍ତଃରାଜ୍ୟ ବସ୍ ଟର୍ମିନାଲ (ଆଇଏସ୍‌ବିଟି) ନିର୍ମାଣ କାର୍ଯ୍ୟରେ ବାଧକ ସାଜୁଥିବା ସାଇମନ୍ଦିର ସହ ନିକଟରେ ଥିବା ତ୍ରିନାଥ ମନ୍ଦିର ଭଙ୍ଗାଯାଇଛି। ବିଡିଏ ଅତିରିକ୍ତ କମିଶନର (ଉଚ୍ଛେଦ) ହରିଶଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନତାରେ ଟିମ ପ୍ରାଇଡ୍ର ସ୍କ୍ୱାଡ ନଂ ୧ ବିନା ପୋଲିସ ସହାୟତାରେ ଏଠାରେ ଉଚ୍ଛେଦ କରିଛି। ଉଚ୍ଛେଦରେ ୨ ମନ୍ଦିର ସମେତ ଗୋଟିଏ ଆଜବେଷ୍ଟ ଘର, ମନ୍ଦିର ଷ୍ଟୋର ରୁମ, କାଠ କ୍ୟାବିନକୁ ଭଙ୍ଗାଯାଇଛି। ସୂଚନାଯୋଗ୍ୟ, ଆନ୍ତଃରାଜ୍ୟ ବର୍ସ ଟର୍ମିନାଲର ପ୍ରବେଶ ପଥ ଲାଗି ଉପରୋକ୍ତ ଜବରଦଖଲ ମୁଖ୍ୟ ବାଧକ ସାଜିଥିଲା। ବିଡିଏ ଡିଭିଜନ-୩ ମୁଖ୍ୟ ଯନ୍ତ୍ରୀଙ୍କ ସୁପାରିଶ ପରେ ମିଳିତ ଉଚ୍ଛେଦକାରୀ ଦଳ ଏଠାରେ ଉଚ୍ଛେଦ କରିବାକୁ ସ୍ଥିର କରିଥିଲା। ଉଚ୍ଛେଦରେ ପ୍ରାୟ ୩ହଜାର ବର୍ଗ ଫୁଟର ସରକାରୀ ଜମି ଜବରଦଖଲରୁ ମୁକ୍ତ ହୋଇଛି। ଟର୍ମିନାଲର ବାମ ପଟରେ ବାକି ଥିବା ସବୁ ଜବରଦଖଲ ହଟିଛି। ବର୍ତ୍ତମାନ ସୁଦ୍ଧା ଆନ୍ତରାଜ୍ୟ ବସ ଟର୍ମିନାଲ ନିର୍ମାଣ ୮୦ ପ୍ରତିଶତ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାବେଳେ ଏକସାଙ୍ଗେ ଏହାର ଇଣ୍ଟେରିଅର କାମ ମଧ ଜାରି ରହିଥିବା ବିଡିଏ ପକ୍ଷରୁ ପ୍ରକାଶ ପାଇଛି ।

# ବିବେକାନନ୍ଦ ଲୋକ ସଂସଦର ପ୍ରବାସୀ ଓଡ଼ିଆ ସମ୍ମିଳନୀ

ଭୁବନେଶ୍ୱର,୧୩।୩(ବ୍ୟୁରୋ)

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ବହିଃସମ୍ପର୍କ ପକ୍ଷରୁ ଆଭାସୀ ମାଧମରେ ଏକ ପ୍ରବାସୀ ଓଡ଼ିଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଡ. ଭାରତ ଭୂଷଣ ରଥଙ୍କ ବେଦପାଠରୁ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଆବାହକ ତଥା ଓଡ଼ିଆ ବୈଜ୍ଞାନିକ ଡ. ବିଜୟ କୁମାର ଦାଶ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ରମାନାଥ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଙ୍ଗଠନିକ ସମ୍ପାଦକ ପ୍ରଫେସର ଚିତ୍ତରଞ୍ଜନ ନାୟକ ଲୋକ ସଂସଦର ବିବିଧ କାର୍ଯ୍ୟ ପଦ୍ଧତି ଦ୍ୱାରା ସମାଜସେବା ବିଷୟରେ ଅବଗତ କରାଇଥିଲେ। ରାଜ୍ୟ ଉପାଧକ୍ଷ ପ୍ରଫେସର ପ୍ରଳୟ କୁମାର ନନ୍ଦ ଉତ୍କଳ ଦିବସ ଓ ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତୀ ବିଶ୍ୱ ସ୍ତରରେ ପାଳନ କରିବାକୁ ନିବେଦନ କରିଥିଲେ। ଏହି ବୈଠକରେ ପ୍ରତି ୩୧ ତାରିଖରେ ଓଡ଼ିଶା ବିକାଶ ଆଭାସୀ ଆଲୋଚନା, ଉତ୍କଳ ଦିବସ ଓ ଗୋପବନ୍ଧୁ ଜୟନ୍ତୀରେ ପ୍ରବାସୀ ଓଡ଼ିଆ ସମ୍ମିଳନୀ, ଲୋକ ସଂସଦର ବିଭିନ୍ନ କମିଟିରେ ପ୍ରବାସୀ ଓଡ଼ିଆଙ୍କୁ ସାମିଲ ଏବଂ ପ୍ରବାସୀ ବନ୍ଧୁମାନଙ୍କୁ ରାଜ୍ୟର ବିକାଶମୂଳକ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ଲୋକ ସଂସଦରେ ଏକ ପ୍ରବାସୀ ଓଡ଼ିଆ ପ୍ରକୋଷ୍ଠ ଗଠନ କରାଯିବା ସକାଶେ ନିଷ୍ପତ୍ତି ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ମାଲେସିଆରୁ ପ୍ରସିଦ୍ଧ ଚିକିତ୍ସକ ଡ. ବିଶ୍ୱମୋହନ ବିଶ୍ୱାଳ, ଇଂଲଣ୍ଡରୁ ଇଂ. ଅଭିଜିତ୍ ଚୌଧୁରୀ, ଦିଲ୍ଲୀରୁ ପ୍ରଫେସର ମୀନକେତନ ବେହେରା, ଇଂ. ସମୀର ଘୋଷ, ଶିଳ୍ପୀ ରତ୍ନାକର ସୂତାର, ବାରାଣସୀରୁ ପ୍ରଫେସର ମୃତ୍ୟୁଞ୍ଜୟ ମିଶ୍ର, ଶିଲଂରୁ ପ୍ରଫେସର ଭାଗୀରଥି ପଣ୍ଡା, ଜମ୍ମୁରୁ ଡ.ପବିତ୍ର କୁମାର ଜେନା, ଇଟାନଗରରୁ ଡ.ନାରାୟଣ ସାହୁ, ସୁରଟ୍‌ରୁ ଶିଳ୍ପୀ ଶିବାଶିଷ ପରିଡ଼ା, ରାଜସ୍ଥାନରୁ ଡ.ଦିଲ୍ଲୀପ ରଣା, ପୁଡୁଚେରୀରୁ ଡ. ଶଶିକାନ୍ତ ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କୋଲକାତା, ତ୍ରିପୁରା, ଗୁଆହାଟୀ, ଅରୁଣାଚଳ ପ୍ରଦେଶ, ଭୁବନେଶ୍ୱର, ଆମେରିକା, ଅଷ୍ଟ୍ରେଲିଆ ଆଦି ସ୍ଥାନରୁ ସଦସ୍ୟ ଯୋଡ଼ି ହୋଇଥିଲେ। ବହିଃସମ୍ପର୍କ ସମ୍ପାଦକ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଝାରସୁଗୁଡ଼ା ଜିଲା ସମ୍ପାଦିକା ଡ. ସ୍ୱର୍ଣ୍ଣମୟୀ ପୁରୋହିତ ଓ ମହାସଚିବ ପ୍ରଫେସର ସୀମାଞ୍ଚଳ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚମବେଦ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଉଦ୍‌ଘାଟିତ

## ମଞ୍ଚସ୍ଥ ହେଲା ନାଟକ 'ଫୁଲ୍ ଟେନ୍‌ସନ୍'

ଭୁବନେଶ୍ୱର,୧୩।୩(ବ୍ୟୁରୋ)



ପଞ୍ଚମବେଦ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ସହ 'ପଞ୍ଚମବେଦ ସମ୍ମାନ' ଓ 'ଅମୀୟ ପଟ୍ଟନାୟକ ସ୍ମୃତି ସମ୍ମାନ-୨୦୨୩' ସୋମବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଉଦ୍‌ଘାଟିତ ହୋଇଛି। ପ୍ରଥମ ସନ୍ଧ୍ୟାରେ 'ପଞ୍ଚମବେଦ' ଭୁବନେଶ୍ୱରର ନିଜସ୍ୱ ହାସ୍ୟରସାତ୍ମକ ନାଟକ 'ଫୁଲ୍ ଟେନ୍‌ସନ୍' ମଞ୍ଚସ୍ଥ ହୋଇଥିଲା। ନାଟ୍ୟକାର ଆନନ୍ଦ ଚନ୍ଦ୍ର ପତିଙ୍କ ରଚିତ ଏହି ନାଟକରେ ହରେନ୍ ସାହୁ ନିର୍ଦ୍ଦେଶନା ଦେଇଥିଲେ। ନିଜର ବଡ଼ପଣିଆ ଜାହିର କରିବାକୁ ଯାଇ ସାମ୍ପ୍ରତିକ ମଣିଷ ଦୁଃଖ- ଆକାଂକ୍ଷା ଓ ନୈରାଶ୍ୟ ମଧରେ ବ୍ୟଥିତ ତଥା ଜର୍ଜରିତ। ଈର୍ଷା ପରଶ୍ରୀକାତରତାର ବିଷ ଜ୍ୱାଳାରେ ନିରୀହ ମଣିଷ ଏଠି ଛଟ୍‌ପଟ୍ ହୁଏ। ବଡ଼ ଲୋକି ଦେଖାଇବାର ଅନ୍ଧ ପ୍ରତିଯୋଗିତାରେ ମସ୍‌ଗୁଲ ହୋଇ ନର୍ମଦା ଭଳି ପତ୍ନୀମାନଙ୍କର ଚାହିଦା ପୂରଣ କରିବା ଯାଇ ଯାହା ପାଇଁ ସେ ପାଠ ପଢ଼ିଲା, ମଣିଷ ହେଲା, ସେମାନଙ୍କୁ ଭୁଲିଯାଏ। ଅସମୟରେ ସେମାନଙ୍କ ପାଖରେ ଠିଆ ହେବାକୁ କୁଣ୍ଠା ପ୍ରକାଶ କରେ। ପତ୍ନୀଙ୍କ ମନ୍ତ୍ରଣାରେ ଅଫିସ୍ କାମର ବାହାନା କରେ। ବଡ଼ଲୋକି ଦେଖାଇ ମିଛ ବଡ଼ିମା କାଢ଼ି ଏହି ସ୍ତ୍ରୀଲୋକମାନେ ଯେ, କ'ଣ ସାବ୍ୟସ୍ତ କରିବାକୁ ଚାହାଁନ୍ତି ତା' ଭିନ୍ନ କଥା, କିନ୍ତୁ ନିହାର ଭଳି ସ୍ୱାମୀମାନଙ୍କ ପାରିବାରିକ ଜୀବନରେ ଝଡ଼ ସୃଷ୍ଟି ହୁଏ। ଅଶାନ୍ତ ମନ ସମୁଦ୍ରରେ ଜୁଆର ଆସେ। ଆସେ ଅଯଥା ଟେନ୍‌ସନ୍। ଫୁଲ ଟେନ୍‌ସନ୍। ଉପସ୍ଥିତ ଦର୍ଶକ ସାଧାରଣ ଜୀବନରେ ଘଟୁଥିବା ନିଜ ସହ ସମସ୍ୟାର ଟେନ୍‌ସନକୁ ଏହି ନାଟକ ସହ ଯୋଡ଼ି ପାରିଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥିଭାବେ ବିଧାୟକ ଶଶୀଭୂଷଣ ବେହେରା, ଅଭିମନ୍ୟୁ ସେଠୀ ଯୋଗ ଦେଇଥିଲେ। ନାଟ୍ୟାନୁଷ୍ଠାନର ସଭାପତି ହରେନ ସାହୁ ମଞ୍ଚ ପରିଚାଳନା କରିଥିଲେ।

# ଅଳିଆ ପୋଡ଼ିଲେ ଜରିମାନା

ଭୁବନେଶ୍ୱର,୧୩।୩(ବ୍ୟୁରୋ)

ରାଜଧାନୀରେ ବଢୁଥିବା ତାପମାତ୍ରା ଓ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ(ବିଏମସି) ପକ୍ଷରୁ ଅଳିଆ ଆବର୍ଜନା ପୋଡ଼ା ଉପରେ ରୋକ୍ ଲଗାଯାଇଛି। ମହାନଗର ନିଗମାଞ୍ଚଳରେ କୌଣସି ବ୍ୟବସାୟୀ ଅଳିଆ ପୋଡ଼ିଲେ ତାଙ୍କ ଠାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି କ୍ରମରେ ସୋମବାର ୨ଜଣ ବ୍ୟବସାୟୀଙ୍କଠାରୁ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଇଛି। ବ୍ୟବସାୟୀମାନେ ସଫେଇଗାଡ଼ିକୁ ପୃଥକ୍ କରି ଓଦା ଓ ଶୁଖିଲା ବର୍ଜ୍ୟ ହସ୍ତାନ୍ତର ନ କରି ଜଳାଇଲେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

# ଟେରାକୋଟା ମୂର୍ତ୍ତି କର୍ମଶାଳା

ଭୁବନେଶ୍ୱର,୧୩।୩(ବ୍ୟୁରୋ)

ଲଳିତକଳା ଏକାଡେମୀ କ୍ଷେତ୍ରୀୟ କେନ୍ଦ୍ର ପକ୍ଷରୁ ଏକ ୭ଦିନିଆ ଟେରାକୋଟା ମୂର୍ତ୍ତି କର୍ମଶାଳା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଯୋଗଦେଇ କର୍ମଶାଳାକୁ ଉଦଘାଟନ କରିଥିଲେ। ଏଥିରେ ୧୨ଜଣ ଶିଳ୍ପୀ ଯୋଗ ଦେଇଛନ୍ତି। ଏହି ଶିବିରରେ 'ବନ୍ଦେ ଉତ୍କଳ ଜନନୀ' ବିଷୟବସ୍ତୁକୁ ନେଇ ଟେରାକୋଟା ପ୍ରସ୍ତୁତ କରାଯିବ। କର୍ମଶାଳା ଶେଷରେ ପ୍ରସ୍ତୁତ କଳାକୃତିଗୁଡିକ କେନ୍ଦ୍ରରେ ପ୍ରଦର୍ଶିତ ହେବ। କର୍ମଶାଳାରେ ଅଜୟ ପ୍ରତାପ ଜଗଦେବ, ଭୀଷ୍ମଦେବ ରଣା, ଖଗେଶ୍ୱର ରାଉତ, ମାନସ କୁମାର ମହରଣା, ନରୋତ୍ତମ ଦାସ, ସରୋଜ ରଣା, ସୁଧିରଞ୍ଜନ ମହାରଣା, ସୁଦୀପ ବାରିକ, ବିଷ୍ଣୁପ୍ରସାଦ ମହାପାତ୍ର, ଦେବାନନ୍ଦ ରଣା, ଗଦାଧର ରଣା, ହୃଷୀକେଷ ରଣା ପ୍ରମୁଖ ଅଂଶଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ଲଳିତ କଳା ଏକାଡେମୀର କ୍ଷେତ୍ରୀୟ କେନ୍ଦ୍ର ଭୁବନେଶ୍ୱରର ସରୋଜ କୁମାର ରାଉତ ଓ କେଦାରନାଥ ନାୟକ ସହଯୋଗ କରିଥିଲେ।




ଟେରାକୋଟା ମୂର୍ତ୍ତି କର୍ମଶାଳାରେ ଯୋଗଦେଇଥିବା ଶିଳ୍ପୀଙ୍କ ସହ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ।

# ଜାତୀୟ ଜନଜାତି ନୃତ୍ୟ ମହୋତ୍ସବ, କଳାବସ୍ତୁ ପ୍ରଦର୍ଶନୀ ଆରମ୍ଭ

ଭୁବନେଶ୍ୱର,୧୩।୩(ବ୍ୟୁରୋ)




ଆଦିବାସୀ ପରମ୍ପରାରେ ଏବେ ଝଲସୁଛି ରାଜଧାନୀ। ନିକଟରେ ଆଦିବାସୀ ମେଳା ସରିଥିବା ବେଳେ ସୋମବାରଠାରୁ ୟୁନିଟ୍-୧ ଆଦିବାସୀ ପଡ଼ିଆରେ ଜାତୀୟ ଜନଜାତି ନୃତ୍ୟ ମହୋତ୍ସବ ଓ କଳାବସ୍ତୁ ପ୍ରଦର୍ଶନୀ ଆରମ୍ଭ ହୋଇଛି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଏହାକୁ ଉଦ୍‌ଘାଟନ କରିଛନ୍ତି। ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ, ବିଭାଗୀୟ କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁ ଏବଂ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଜାତୀୟ ଜନଜାତି ନୃତ୍ୟ ମହୋତ୍ସବରେ ଯୋଗଦେଇଥିବା ନୃତ୍ୟଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୃତ୍ୟ ମହୋତ୍ସବର ପ୍ରଥମ ଦିନରେ ମିଜୋ ଜନଜାତିଙ୍କ ସୋଲାକିଆଡ ନୃତ୍ୟ, ଅରୁଣାଚଳପ୍ରଦେଶର ନିଶି ଜନଜାତିଙ୍କ ରେଖମପଡା ନୃତ୍ୟ, ମହାରାଷ୍ଟ୍ର ଗଣ୍ଡ ଜନଜାତିଙ୍କ ଖାପରି, ଓଡ଼ିଶାର କୋୟା ଜନଜାତିଙ୍କ ବିଜାପାଣ୍ଡୁ ନୃତ୍ୟ, ରାଜସ୍ଥାନର ସହରିଆ ଜନଜାତିଙ୍କ ସ୍ୱାଙ୍ଗ, ଝାଡ଼ଖଣ୍ଡର ଓରାମ୍ ଜନଜାତିଙ୍କ କରମା ନୃତ୍ୟ, ଆନ୍ଧ୍ରପ୍ରଦେଶ ଜାତପୁ ଜନଜାତିଙ୍କ କାଣ୍ଡିକୋଟାଲୁ ନୃତ୍ୟ ଓ ଉତ୍ତରପ୍ରଦେଶ ଗଣ୍ଡ ଜନଜାତିଙ୍କ ଝୁମର୍ ନୃତ୍ୟ ପରିବେଷିତ ହୋଇଛି। ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ନୃତ୍ୟ ମହୋତ୍ସବ ସନ୍ଧ୍ୟା ୬ଟା ୩୦ରୁ ୮ଟା ୩୦ ପର୍ଯ୍ୟନ୍ତ ଏବଂ କଳାବସ୍ତୁ ପ୍ରଦର୍ଶନୀ ୧୯ ତାରିଖ ପର୍ଯ୍ୟନ୍ତ ଅପରାହ୍ନ ୩ରୁ ରାତି ୯ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ। ଓଡ଼ିଶା ସମେତ ମିଜୋରାମ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ଗୁଜରାଟ, ରାଜସ୍ଥାନ, ଝାଡଖଣ୍ଡ, ଛତିଶଗଡ଼, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ ଆଦି ରାଜ୍ୟର ଜନଜାତି ନୃତ୍ୟଶିଳ୍ପୀଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ପରିବେଷିତ ହେବାର କାର୍ଯ୍ୟକ୍ରମ ରହିଛି। ଏତଦ୍‌ବ୍ୟତୀତ କଳାବସ୍ତୁ ପ୍ରଦର୍ଶନୀରେ ଓଡିଶା ସମେତ ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଗୁଜରାଟ, ଝାଡ଼ଖଣ୍ଡ, ମହାରାଷ୍ଟ୍ର, ରାଜସ୍ଥାନ, ଉତ୍ତରପ୍ରଦେଶ, ଛତିଶଗଡ଼, ତାମିଲନାଡୁ, କେରଳ, ତେଲଙ୍ଗାନା ଓ ଉତ୍ତରାଖଣ୍ଡ ଆଦି ରାଜ୍ୟର ଜନଜାତି କଳାକାରମାନେ ଅଂଶଗ୍ରହଣ କରୁଛନ୍ତି। ଲାଖ, ବାଉଁଶ, ସବାଇ, ଶିଆଳି, ଧାନ, କାଠ, ପଥର, ଲୁହା ଇତ୍ୟାଦିରୁ ପ୍ରସ୍ତୁତ କଳାବସ୍ତୁ ପ୍ରଦର୍ଶିତ ହେଉଛି ।

## ଅପହୃତା ନାବାଳିକା ଉଦ୍ଧାର, ଯୁବକ ଗିରଫ

କଟକ ସଦର(ଡି.ଏନ୍.ଏ.) ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ କନ୍ଦରପୁର ପୋଲିସ ସୋମବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କିଶନ ନଗର ଥାନା ଅନ୍ତର୍ଗତ ଇସାଣୀ - ବ୍ରହ୍ମପୁର ପଞ୍ଚାୟତ କାନପୁର ଗ୍ରାମର ବିଭାଞ୍ଜଳ ରାଉତ(୨୫)। ପୋଲିସ ସୂତ୍ରରୁ ପ୍ରକାଶ ୨୦୨୧ରେ ଉକ୍ତ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରି ନେଇଥିଲା। ନାବାଳିକାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ନଂ.୨୨୦/୨୧ ରେ ମାମଲା ରୁଜୁ ହୋଇଥିଲା। ରବିବାର ଏକ ସ୍ଥାନରେ ନାବାଳିକା ଓ ଯୁବକ ଥିବା ବିଶେଷସୂତ୍ରରୁ ପୋଲିସ ଜାଣିବାକୁ ପାଇ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୩ ବଖରା ଜଳିଗଲା



ସାଲେପୁର,୧୩।୩(ଡ.ଏନ୍.ଏ.) ସାଲେପୁର ବ୍ଲକ ଅନ୍ତର୍ଗତ ମହଣ ପଞ୍ଚାୟତସ୍ଥିତ ବାସୁଦେବପୁର ଗାଁରେ ସୋମବାର ମଧାହ୍ନରେ ଅଗ୍ନିକାଣ୍ଡ ଘଟି ୩ ବଖରା ଜଳିଯାଇଛି। ଏଥିରେ ଗାଁର ସୁନାକର ବେହେରାଙ୍କ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ଏହି ଅଗ୍ନିକାଣ୍ଡରେ ଘରର ବିଭିନ୍ନ ଆସବାବପତ୍ର ସହ ଧାନ ଓ ଅଟା କଳ ସମେତ ୱେଲ୍ଡିଂ ଫାକ୍ଟ୍ରିର ବିଭିନ୍ନ ଯନ୍ତ୍ରାଂଶ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଧାନ ଓ ଅଟା କଳ ଘରେ କୌଣସି କାରଣରୁ ନିଆଁ ଲାଗି ଅନ୍ୟ ଆଡ଼େ ବ୍ୟାପିଯାଇଥିଲା। ବିଦ୍ୟୁତ୍ ଶଟ୍ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଆଶଙ୍କା କରାଯାଉଛି।

### ଅଷ୍ଟପ୍ରହର ନାମଯଜ୍ଞ

ସାଲେପୁର,୧୩।୩(ଡି.ଏନ୍.ଏ.) : ସାଲେପୁର ବ୍ଲକ ଅନ୍ତର୍ଗତ ଶିଶୁଆ ପଞ୍ଚାୟତସ୍ଥିତ ବାହାରପଡ଼ା ପ୍ରଭୁ କାର୍ତ୍ତିକେଶ୍ୱରଙ୍କ ପୀଠରେ ୧୧୯ତମ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବାହାରପଡ଼ା ଓ ରାଘବପୁର ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଯଜ୍ଞ ଆୟୋଜିତ ହୋଇଥିଲା। ଏଥିରେ ଅଞ୍ଚଳର ବହୁ ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ବେହେରା, ବ୍ଲକ ଆମ୍ବା କମିଟି ସଭାପତି ଦିଲୀପ ଦାଶଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶିଶୁଆ ସରପଞ୍ଚଙ୍କ ପ୍ରତିନିଧି ସଞ୍ଜୀବ ସାହୁ, ୱାର୍ଡ ସଭ୍ୟ କୈଳାସ ଚନ୍ଦ୍ର ଦଳାଇ, ରମେଶ ଚନ୍ଦ୍ର ନାଥ, ବୀରବର ସିଂହ, ଇନ୍ଦ୍ରମଣି ଦଳାଇଙ୍କ ସମେତ ଉଭୟ ଗ୍ରାମର ଗ୍ରାମବାସୀ ଓ ଅଷ୍ଟ ପ୍ରହରୀ କମିଟିର କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ



କଟକ ଅଫିସ,୧୩।୩ : ମାନସିଂହପାଟଣାର ବିଶିଷ୍ଟ ତାରକସୀ ଶିଳ୍ପୀ ସ୍ୱର୍ଗତ ସୁରେନ୍ଦ୍ର କୁମାର ବେହେରାଙ୍କ ସ୍ତ୍ରୀ ସରସ୍ୱତୀ ବେହେରାଙ୍କ ରବିବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୭୬ବର୍ଷ ହୋଇଥିଲା । ସେ ଗତ କିଛି ଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସେ ଜଣେ ଧର୍ମପରାୟଣା, ମିଷ୍ଟଭାଷୀ ଓ ପରୋପକାରୀ ମହିଳା ଭାବେ ପରିଚିତ ଥିଲେ। ମୃତ୍ୟୁଶର୍ଯ୍ୟା ନିକଟରେ ତାଙ୍କ ପୁଅ,ବୋହୂ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ସତୀଚଉରା ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡ଼ପୁଅ ପ୍ରଦୀପ୍ତ କୁମାର ବେହେରା ମୁଖାଗ୍ନି ଦେଇଥିଲେ ।

# ସରକାରୀ ଜଳାଶୟ ପୋତାକୁ ବିରୋଧ

ମଙ୍ଗୁଳି–ଜଗତପୁର,୧୩।୩ (ଡି.ଏନ୍.ଏ.)

କଟକ ସିଏମ୍‌ସି ଅଧୀନ ଜଗତପୁରସ୍ଥିତ ତହସିଲ କାର୍ଯ୍ୟାଳୟ ପଛପଟେ ଜଣେ ବ୍ୟକ୍ତି ଏକ ସରକାରୀ ଜଳାଶୟକୁ ପୋତିବାରେ ଲାଗିଛନ୍ତି। ଏହାକୁ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରିବା ସହ ତହସିଲରେ ସୋମବାର ଅଭିଯୋଗ କରିଛନ୍ତି। ଜଗତପୁର ୪୯ନମ୍ବର ୱାର୍ଡର ପୂର୍ବତନ କର୍ପୋରେଟର ଦୟାନିଧି ନାୟକଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳର ୪ ଜଣ ଯୁବକ ଏକ ଦାବିପତ୍ର ଅତିରିକ୍ତ ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ,ତହସିଲ କାର୍ଯ୍ୟାଳୟ ପଛପଟେ ଥିବା ବହୁ ପୁରାତନ ଛୀଞ୍ଚା ପଡିଆ ପୋଖରୀ ଦୀର୍ଘ ବର୍ଷ ଧରି ପୁନଃରୁଦ୍ଧାର କି ରକ୍ଷଣବେକ୍ଷଣ ହେଉ ନାହିଁ । ଏହାର ସୁଯୋଗ ନେଇ ସ୍ଥାନୀୟ ଅଞ୍ଚଳର



ଅତିରିକ୍ତ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ଆଶୁତୋଷ ଜେନା ଟ୍ରିପ ଟ୍ରିପ ମାଟି ପକାଇ ପୋତି ଚାଲିଛନ୍ତି। ସରକାରୀ ନିୟମ ଅନୁଯାୟୀ ଜଳାଶୟ କିସମ ପରିବର୍ତ୍ତନ କରି ହେବ ନାହିଁ। କିନ୍ତୁ ସେ ସରକାରୀ ନିୟମକୁ ଉଲ୍ଲଂଘନ କରିଛନ୍ତି। ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି । ଏ ନେଇ ଅତିରିକ୍ତ ତହସିଲଦାର ରାଜେନ୍ଦ୍ର ନାରାୟଣ ମହାରଣାଙ୍କୁ କହିଛନ୍ତି, ଜଗତପୁର ଆରଆଇଙ୍କୁ ପଠାଇ ତଦନ୍ତ କରାଯିବ। ଆରଆଇ ରିପୋର୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏ

### ଅତିରିକ୍ତ ତହସିଲଦାରଙ୍କୁ ଦେଲେ ଦାବିପତ୍ର

ନେଇ ଆଶୁତୋଷ ଜେନାଙ୍କୁ ପଚାରିବାରୁ ମୁଁ ସରକାରୀ ଜଳାଶୟକୁ ପୋତୁ ନାହିଁ। ଯେଉଁ ଜାଗାରେ ମାଟି ପକାଯାଇଛି, ଉକ୍ତ ଜାଗାଟି ମୋ ସ୍ତ୍ରୀ ନାମରେ ପଟା ରହିଛି। ଆମ ଜାଗାଠୁ ପ୍ରାୟ ୫ଫୁଟ ଦୂରରେ ଉକ୍ତ ଜଳଶୟ ରହିଛି। ଜଳାଶୟ ରକ୍ଷଣାବେକ୍ଷଣ ଅଭାବରୁ ଆମ ଜାଗାଟି ଜଳାଶୟରେ ମିଶି ଯାଇଛି। ଦୁଇ ବର୍ଷ ତଳେ ସିଏମ୍‌ସି ଆମ ଜାଗାକୁ ପୋତି ଲୋକଙ୍କ ପାଇଁ ରାସ୍ତା ନିର୍ମାଣ କରିଛି, ସେଥିପାଇଁ କୌଣସି କ୍ଷତିପୂରଣ ଦେଇ ନାହିଁ। ମୁଁ ସେଠାରେ କୌଣସି ବ୍ୟକ୍ତିଗତ କାମ କରୁନି ସେଠାରେ ଆମେ ପାଖ ପଡୋଶୀ ମିଶି ଏକ ହନୁମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବୁ ସେଥିପାଇଁ ସେଠି ମାଟି ପଡିଛି।

# ଲୁଟ୍ ଅଭିଯୁକ୍ତଙ୍କୁ ପୋଲିସ ଜିମା

ନିଶ୍ଚିନ୍ତକୋଇଲି,୧୩।୩(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଚେନ୍ ଛିଣ୍ଡାଇ ଫେରାର ହୋଇଯାଉଥିବା ୨ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ସ୍ଥାନୀୟ ଲୋକଙ୍କ ହାତରେ ଧରାପଡ଼ିଛନ୍ତି । ବାଇକ୍‌ରେ ତେଲ ପକାଇବାକୁ ଯାଇ ସେ ଫସିଯାଇଥିଲେ। ତାଙ୍କୁ ପୋଲିସ ଜିମା ଦିଆଯାଇଛି। ପୋଲିସ ତାଙ୍କଠାରୁ ତାଙ୍କଠାରୁ ଗୋଟିଏ ଖେଳଣା ବନ୍ଧୁକ, ଛୁରୀ, ନମ୍ବର ପ୍ଲେଟ ସହ ଏକ ବ୍ୟାଗ ଜବତ କରିଛି। ସେ ହେଲେ ଶଶିକାନ୍ତ ଜେନା। ତାଙ୍କ ଘର ଯାଜପୁର ଜିଲାରେ ବୋଲି ଜଣାପଡ଼ିଛି। ଶଶିକାନ୍ତ ଓ ତାଙ୍କ ସହଯୋଗୀ ଏକ ଚେନ୍ ଲୁଟ୍ କରି ଅନ୍ୟ ଏକ ବାଇକ୍‌ରେ ଫେରାର

### ତେଲ ପକାଇବାକୁ ଯାଇ ଫସିଗଲେ

ହୋଇଯାଇଥିଲେ। ଏନେଇ ଲୋକେ ତାଙ୍କ ପିଛା କରିଥିଲେ। ନିଶ୍ଚିନ୍ତକୋଇଲି କଲେଜ ଛକ ପେଟ୍ରୋଲ ଟାଙ୍କିରେ ୨ ଅଭିଯୁକ୍ତ ତେଲ ପକାଇଥିଲେ। ଏହି ସମୟରେ ସେମାନଙ୍କୁ ପିଛା କରୁଥିବା ଲୋକେ ସେଠାରେ ପହଞ୍ଚି ଶଶିକାନ୍ତଙ୍କୁ କାବୁ କରିଛନ୍ତି। ଅନ୍ୟତମ ଅଭିଯୁକ୍ତ ଖସିଯିବାକୁ ସକ୍ଷମ ହୋଇଛନ୍ତି। ୨ ଅଭିଯୁକ୍ତ ଅନେକ ଛିନ୍‌ତାଇ ଘଟଣାରେ ସମ୍ପୃକ୍ତ ଥିବା ଜଣାପଡିଛି। ଏନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

# ଜନଶୁଣାଣିରେ ୫୯ ଅଭିଯୋଗ

ମାହାଙ୍ଗା,୧୩।୩(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଏଥିରେ ଅଧକ୍ଷତା କରିଥିଲେ। ଏହି ଅବସରରେ ମୋଟ ୫୯ଟି ଅଭିଯୋଗର ଶୁଣାଣି ହୋଇଥିଲା। ଏଥିମଧ୍ୟରୁ ଯୋଗାଣ ବିଭାଗ ସମ୍ପର୍କିତ ୭, ଆବାସ ଯୋଜନା ୨୦, ଭତ୍ତା ବାବଦରେ ୭ ସମେତ ଅନ୍ୟାନ୍ୟ ଅଭିଯୋଗ ପଞ୍ଜୀକୃତ ହୋଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶିବୋ ଟୋପୋ, ବ୍ଲକ ଅଧକ୍ଷା ଦୀପା ମଲ୍ଲିକ, ଉପାଧକ୍ଷ



ଶିବିରରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀମାନେ।

ସତ୍ୟନାରାୟଣ ମହାନ୍ତି, ଭାରପ୍ରାପ୍ତ ବିଡିଓ ଜ୍ଞାନରଞ୍ଜନ ପଣ୍ଡା, ସିଡିଏମଓ ସତ୍ୟବ୍ରତ ଛୋଟରାୟ, ଗ୍ରାମାଞ୍ଚଳ ଏସ୍‌ପି ବି.ଯୁଗଳକିଶୋର, ତହସିଲଦାର ଉମାକାନ୍ତ ବିଶ୍ୱାଳ, ଏସ୍‌ଡିପିଓ ବିମଳ ବାରିକ,ଏପିଡି ପ୍ରଶାନ୍ତକୁମାର ନାୟକ, ନିର୍ବାହୀ ଯନ୍ତ୍ରୀ ପ୍ରଦ୍ୟୁତ କୁମାର ସାହୁ, ସହକାରୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର, ମଣ୍ଡଳ ଶିକ୍ଷାଧିକାରୀ ଚକ୍ରଧର ବେହେରା, ସିଡିପିଓ ପ୍ରମୋଦିନୀ ଦାଶ, ଆଇଆଇସି ବିଜୟ କୁମାର ମଲିକ, ଏପିଓ ରାମାନୁଜ ମହାରଣା, ପିଏ ବିଶ୍ୱନାଥ ସାହୁ ଏବଂ ବ୍ଲକର ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ସଂଖ୍ୟା, ଅକ୍ଷର ଜ୍ଞାନ ବୃଦ୍ଧି ନିମନ୍ତେ ତାଲିମ

ଟିଗିରିଆ, ୧୩।୩ (ଡି.ଏନ୍.ଏ.) :

ଟିଗିରିଆ ନୂଆପାଟଣା ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ନେଇ ସୋମବାର ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀମାନେ କିଭଳି ସଂଖ୍ୟା ଓ ଅକ୍ଷର ଜ୍ଞାନ ଜାଣିବେ ଏହାର ମୂଳ ଉଦ୍ଦେଶ୍ୟ ରହିଛି। ବ୍ଲକ ଶିକ୍ଷାଧିକାରୀ ପ୍ରିୟରଞ୍ଜନ ହୋତା ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ତାଲିମ କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧାପିକା ମନୋସିନୀ ବିଶୋଇ ଯୋଗଦେଇ ତାଲିମର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥିଭାବେ ସହଶିକ୍ଷାଧିକାରୀ ନୀଳକଣ୍ଠ ସାହୁ ଏବଂ ବଳରାମ ମୁଦୁଲି ଯୋଗଦେଇଥିଲେ। ଭାରପ୍ରାପ୍ତ ବ୍ଲକ ସାଧନ କେନ୍ଦ୍ର ସଂଯୋଜକ ବଂଶୀଧର ନାୟକ ଏବଂ ସାଧନ କେନ୍ଦ୍ର ସଂଯୋଜକ ଚନ୍ଦ୍ର କାନ୍ତ ମିଶ୍ର ଅଭିଭାଷଣ ରଖିଥିଲେ। ସାଧନକେନ୍ଦ୍ର ସଂଯୋଜକ ଚନ୍ଦ୍ରମଣି ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ସଂଯୋଜକ ପ୍ରଭାତ କୁମାର ପଣ୍ଡା, ପ୍ରମୋଦ କୁମାର ଗୋଛି, ସଚ୍ଚିଦାନନ୍ଦ ରାଉଳ, ଗଙ୍ଗାଧର ସାମଲ, ଭକ୍ତ ଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କର୍ଣ୍ଣାର୍ଜ୍ଜୁନ ନାୟକ ଧନ୍ୟବାଦ ଦେଇଥିଲେ। ତାଲିମ କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ, ଶିକ୍ଷକ ସାମିଲ ହୋଇଥିଲେ।

# ବଧୂହତ୍ୟା ଅଭିଯୋଗ: ଶ୍ୱଶୁର,ଦିଅର ଅଟକ

ବାଙ୍କୀ, ୧୩।୩(ସ୍ୱ.ପ୍ର.)

ବାଙ୍କୀ ଥାନା ଡମପଡ଼ା ବ୍ଲକ ଅନ୍ତର୍ଗତ ହରିରାଜପୁର ନୂଆସାହିରେ ବଧୂହତ୍ୟା ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଏହି ସାହିର ରମେଶ ବେହେରାଙ୍କ ସ୍ତ୍ରୀ ସୁଜାତା ଦାସ(୨୪)। ଏନେଇ ତାଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ନୂଆସାହିର ଶତ୍ରୁଘ୍ନ ବେହେରାଙ୍କ ପୁଅ ରମେଶଙ୍କ ସହ ଡମପଡ଼ା ବ୍ଲକ ଅନ୍ତର୍ଗତ ତୁଳସୀପୁର ଗ୍ରାମର ଯୋଗେନ୍ଦ୍ର ଦାସଙ୍କ ଝିଅ ସୁଜାତା ୨୦୧୮ରେ ବୈଦିକ ରୀତିରେ ବିବାହ କରିଥିଲେ । ବିବାହ ସମୟରେ ବର ଘର ଆବଶ୍ୟକ ମୁତାବକ ଆସବାବପତ୍ର ସହ ଜାନିଯୌତୁକ ଓ ଅର୍ଥ ଆଦି ଦିଆଯାଇଥିଲା। ମାତ୍ର ବିବାହର ୨ବର୍ଷ ପରେ ସୁଜାତାକୁ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଫଳରେ ସୁଜାତା ତୁଳସୀପୁରସ୍ଥିତ ବାପଘରକୁ ଚାଲିଆସିଥିଲେ। କିଛି ଦିନ ପରେ ଶାଶୁଘର ଲୋକ ସୁଜାତାକୁ ବୁଝାଶୁଝା କରି ଫେରାଇ ଆଣିଥିଲେ। ଗତ ୧୧ତାରିଖରେ ଶାଶୁଘରଲୋକେ



ମିଳିତ ଭାବେ ସୁଜାତାକୁ ମାରି ପଙ୍ଖାରେ ଝୁଲାଇ ଦେଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ଏ ସମ୍ପର୍କରେ ବାଙ୍କୀ ଥାନାରେ ଲିଖିତ ଅଭିଯୋଗ ହେବାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବେଚ୍ଛେଦ କରାଇଛି। ଏନେଇ ଥାନାରେ ମାମଲା (ନଂ. ୯୯/୨୩) ରୁଜୁ ହୋଇଛି। ଏଥିସହ ଶ୍ୱଶୁର ଓ ଦିଅରଙ୍କୁ ଥାନାରେ ଅଟକ ରଖାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କହିଛି।

# ଲେଖନୀରେ ଦେଶକୁ ଆଗେଇ ନେବେ କବି, ଲେଖକ

ବାଙ୍କୀ,୧୩।୩(ସ୍ୱ.ପ୍ର.)

ବାଙ୍କୀ ଉପଖଣ୍ଡ ଡମପଡ଼ ବ୍ଲକ ଅନ୍ତର୍ଗତ ଢଁସର ମା'ବେଲାବଳୀ ପୀଠରେ ୧୭ତମ ରାଜ୍ୟସ୍ତରୀୟ କବି ଓ ଲେଖକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। କବି ଓ ଲେଖକମାନେ ଦେଶକୁ ଆଗେଇ ନେବାକୁ ହେଲେ ସେମାନଙ୍କର ଲେଖନୀ ଠିକ ଭାବେ ଚଳାଇବା ପାଇଁ ପରାମର୍ଶ ଦେଇଥିଲେ। କବି ପବନୀ ଜେନା ମୁଖ୍ୟବକ୍ତା, ମମତା ସାହୁ ଓ ଭଗବତୀ ଖଟୁଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ କବି ଓ ଲେଖକମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। କବି ପ୍ରଫୁଲ୍ଲ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ମିଳନୀରେ ଶଙ୍ଖନାଦ ସମ୍ପାଦକ ବସନ୍ତ କୁମାର ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ



ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ସମ୍ମଳନୀକୁ ଉଦ୍‌ଘାଟନ କରୁଛନ୍ତି।

### ରାଜ୍ୟସ୍ତରୀୟ ସମ୍ମିଳନୀ

ଶଙ୍ଖନାଦ ପତ୍ରିକା ଉନ୍ମୋଚନ ହୋଇଥିଲା। ଉତ୍ସବରେ କବି ସୁନୀଲ କୁମାର ପୃଷ୍ଟି, ମମତା ସାହୁ, ଭଗବତୀ ଖଟୁଆ, ମାନସ ପ୍ରୀତମଙ୍କ ସମେତ ବହୁ କବି ଓ ସାହିତ୍ୟିକଙ୍କୁ ସମ୍ମାନିତ କରାଯାଇଥିଲା । ଏହି ସମ୍ମିଳନୀରେ କଟକ, ଭୁବନେଶ୍ୱର, ଆଠଗଡ଼, ଢେଙ୍କାନାଳ, ରାଉରକେଲା, ଖୋର୍ଦ୍ଧା ଅଞ୍ଚଳର ଶତାଧିକ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କବି ସୁରେଶ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ବିବେକାନନ୍ଦ ଲୋକ ସଂସଦର ପ୍ରବାସୀ ଓଡ଼ିଆ ସମ୍ମିଳନୀ

ଭୁବନେଶ୍ୱର,୧୩।୩ (ବ୍ୟୁରୋ)

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ବହିଃସମ୍ପାଗ ପକ୍ଷରୁ ଆଭାସୀ ମାଧ୍ୟମରେ ଏକ ପ୍ରବାସୀ ଓଡ଼ିଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଡ. ଭାରତ ଭୂଷଣ ରଥଙ୍କ ବେଦପାଠରୁ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଆବାହକ ତଥା ଓଡ଼ିଆ ବୈଜ୍ଞାନିକ ଡ. ବିଜୟ କୁମାର ଦାଶ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ରମାନାଥ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଙ୍ଗଠନିକ ସମ୍ପାଦକ ପ୍ରଫେସର ଚିତ୍ତରଞ୍ଜନ ନାୟକ ଲୋକ ସଂସଦର ବିବିଧ କାର୍ଯ୍ୟ ପଦ୍ଧତି ଦ୍ୱାରା ସମାଜସେବା ବିଷୟରେ ଅବଗତ କରାଇଥିଲେ। ରାଜ୍ୟ ଉପାଧକ୍ଷ ପ୍ରଫେସର ପ୍ରଳୟ କୁମାର ନନ୍ଦ ଉତ୍କଳ ଦିବସ ଓ ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତୀ ବିଶ୍ୱ ସ୍ତରରେ ପାଳନ କରିବାକୁ ନିବେଦନ କରିଥିଲେ। ଏହି ବୈଠକରେ ପ୍ରତି ୩୧ ତାରିଖରେ ଓଡ଼ିଶା ବିକାଶ ଆଭାସୀ ଆଲୋଚନା, ଉତ୍କଳ ଦିବସ ଓ ଗୋପବନ୍ଧୁ ଜୟନ୍ତୀରେ ପ୍ରବାସୀ ଓଡ଼ିଆ ସମ୍ମିଳନୀ, ଲୋକ ସଂସଦର ବିଭିନ୍ନ କମିଟିରେ ପ୍ରବାସୀ ଓଡ଼ିଆଙ୍କୁ ସାମିଲ ଏବଂ ପ୍ରବାସୀ ବନ୍ଧୁମାନଙ୍କୁ ରାଜ୍ୟର ବିକାଶମୂଳକ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ଲୋକ ସଂସଦରେ ଏକ ପ୍ରବାସୀ ଓଡ଼ିଆ ପ୍ରକୋଷ୍ଠ ଗଠନ କରାଯିବା ସକାଶେ ନିଷ୍ପତ୍ତି ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ମାଲେସିଆରୁ ପ୍ରସିଦ୍ଧ ଚିକିତ୍ସକ ଡ. ବିଶ୍ୱମୋହନ ବିଶ୍ୱାଳ, ଇଂଲଣ୍ଡରୁ ଇଂ. ଅଭିଜିତ୍ ଚୌଧୁରୀ, ଦିଲ୍ଲୀରୁ ପ୍ରଫେସର ମୀନକେତନ ବେହେରା, ଇଂ. ସମୀର ଘୋଷ, ଶିଳ୍ପୀ ରତ୍ନାକର ସୂତାର, ବାରାଣସୀରୁ ପ୍ରଫେସର ମୃତ୍ୟୁଞ୍ଜୟ ମିଶ୍ର, ଶିଲଂରୁ ପ୍ରଫେସର ଭାଗୀରଥି ପଣ୍ଡା, ଜମ୍ମୁରୁ ଡ.ପବିତ୍ର କୁମାର ଜେନା, ଇଟାନଗରରୁ ଡ.ନାରାୟଣ ସାହୁ, ସୁରଟ୍‌ରୁ ଶିଳ୍ପୀ ଶିବାଶିଷ ପରିଡ଼ା, ରାଜସ୍ଥାନରୁ ଡ.ଦିଲ୍ଲୀପ ରଣା, ପୁଡୁଚେରୀରୁ ଡ. ଶଶିକାନ୍ତ ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କୋଲକାତା, ତ୍ରିପୁରା, ଗୁଆହାଟୀ, ଅରୁଣାଚଳ ପ୍ରଦେଶ, ଭୁବନେଶ୍ୱର, ଆମେରିକା, ଅଷ୍ଟ୍ରେଲିଆ ଆଦି ସ୍ଥାନରୁ ସଦସ୍ୟ ଯୋଡ଼ି ହୋଇଥିଲେ। ବହିଃସମ୍ପାଗ ସମ୍ପାଦକ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଝାରସୁଗୁଡ଼ା ଜିଲା ସମ୍ପାଦିକା ଡ. ସ୍ୱର୍ଣ୍ଣମୟୀ ପୁରୋହିତ ଓ ମହାସଚିବ ପ୍ରଫେସର ସୀମାଞ୍ଚଳ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର

ବଡ଼ମ୍ବା,୧୩।୩(ଡି.ଏନ୍.ଏ.)

ବଡ଼ମ୍ବା ବ୍ଲକର ଗୋପୀନାଥପୁର ଗ୍ରାମସ୍ଥିତ ବନ୍ୟା ଆଶ୍ରୟସ୍ଥଳୀରେ ୫ ଦିନିଆ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୨୫ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ ନେଇଛନ୍ତି। ବିପର୍ଯ୍ୟୟ ସମୟରେ ବିପନ୍ନଙ୍କୁ କିପରି ସୁରକ୍ଷା ପ୍ରଦାନ କରାଯିବ ଉକ୍ତ ପ୍ରଶିକ୍ଷଣ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଯଯାତି କେଶରୀ ନାୟକ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ସଭ୍ୟ ଜିତେନ୍ଦ୍ର କୁମାର ମଲିକ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଭାବେ ଓଡ଼ିଶା ବେସାମରିକ ପ୍ରତିରକ୍ଷା ସଙ୍ଗଠନର ତାଲିମଦାତା ବିଭୂତି କୁମାର ପରିଡ଼ା ଯୋଗଦେଇ ବିପଦଆପଦ ସମୟରେ ନିରୀକ୍ଷଣ କାର୍ଯ୍ୟ, ଉଦ୍ଧାର କାର୍ଯ୍ୟ, ଏଥିରେ ବ୍ୟବହୃତ ଉପକରଣଗୁଡ଼ିକର ବ୍ୟବହାର ସହ ସୁରକ୍ଷା ସମ୍ବନ୍ଧରେ ତାଲିମ ଦେଇଥିଲେ। ସ୍ୱେଚ୍ଛାସେବୀ ସଂସ୍ଥା



କ୍ଲାପର ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବରରେ ଦେବବ୍ରତ ମାନସ କୁମାର ମାନସିଂ ସଂଯୋଜନା କରିଥିଲେ। ସ୍ୱେଚ୍ଛାସେବୀ ପ୍ରଦୀପ କୁମାର ବେହେରା, ସତ୍ୟାନନ୍ଦ ସାହୁ ଓ ଚିନ୍ମୟ ଗୋଛି ପରିଚାଳନାରେ ସହଯୋଗ କରିଥିଲେ ।

# ଶାନ୍ତି ପାଇଁ ଯୋଗ, ଧ୍ୟାନ ଆବଶ୍ୟକ




ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ।

ବାଙ୍କୀ,୧୩।୩(ସ୍ୱ.ପ୍ର.)

ବାଙ୍କୀ ମେଡିକାଲ ରୋଡ ସ୍ଥିତ ବ୍ରହ୍ମାକୁମାରୀ ଦାଦୀ ସନ୍ଦେଶୀଙ୍କ ସାଧନା ପୀଠ ପାଣ୍ଡବ ଭବନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କର୍ମଜଞ୍ଜାଳ ଜୀବନରେ ସୁଖ, ଶାନ୍ତି ପାଇଁ ପ୍ରତ୍ୟହ କିଛି ସମୟ ଯୋଗ ଓ ଧ୍ୟାନ କରିବା ଆବଶ୍ୟକ । ନଚେତ୍ ଜୀବନ କେବେ ସୁଖମୟ ହୋଇପାରିବ ନାହିଁ । କାମ, କ୍ରୋଧ, ତ୍ୟାଗ ସହ ଈଶ୍ୱରୀୟ ପ୍ରଦତ୍ତ ମାର୍ଗରେ ଗଲେ ଭଲ ମଣିଷ ହେବା ସହ ଈଶ୍ୱର ପ୍ରାପ୍ତି ହେବ ବୋଲି ସେ କହିଥିଲେ। ନଗରପାଳ ମାଣିକ ସାହୁ, ଉପନଗରପାଳ ସନ୍ତୋଷ କୁମାର ରଣା ପ୍ରମୁଖ ଯୋଗଦେଇଥିଲେ। କଳାପଥର ଜୋନ ପ୍ରମୁଖ ବ୍ରହ୍ମ କୁମାରୀ ଯାଜ୍ଞସିନୀ ଭଉଣୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଗୀତାଭଉଣୀ ସଭାପତିତ୍ୱ କରିଥିଲେ।

# ଗଡ଼ଜାତୀୟ ନିଆରା ପରମ୍ପରା ପଞ୍ଚଦୋଳ, ହୋଲି ଶେଷ

ଆଠଗଡ଼/ମାହାଙ୍ଗା,୧୩।୩(ସ୍ୱ.ପ୍ର.)

ଆଠଗଡ଼ ଗଡ଼ଜାତର ଗଣପର୍ବ ପଞ୍ଚୁ ଦୋଳଯାତ୍ରା ଓ ହୋଲି ଶେଷ ହୋଇଛି। ପଞ୍ଚୁ ଦୋଳଯାତ୍ରା ରବିବାର ଓ ହୋଲି ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ପରମ୍ପରା ଅନୁଯାୟୀ, ଗଡ଼ଜାତର ଆରାଧ୍ୟ ଠାକୁର ସର୍ପେଶ୍ୱର ଦେ, ଧବଳେଶ୍ୱରଦେବଙ୍କୁ ଗଡ଼କୁ ଆମନ୍ତ୍ରଣ କରାଯାଇଥିଲା। ରବିବାର ସନ୍ଧ୍ୟାରେ ପୁରୁଣା ରାଜବାଟିସ୍ଥିତ ପଡ଼ିଆରେ ସେମାନେ ଏକତ୍ରିତ ହୋଇଥିଲେ। ବିଭିନ୍ନ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀଙ୍କ ବାର୍ଷିକ ଅଧିବେଶନ ଅଧିକାରୀ ଅଜୟ କୁମାର ଦାସ ଏଥିରେ ଅଧକ୍ଷତା କରିଥିଲେ। ୫୧ଟି ବିମାନ ଏଥିରେ ଯୋଗ ଦେଇଥିଲେ। ମଧ୍ୟରାତ୍ରିରେ ଶ୍ରୀଜୀଉମାନଙ୍କୁ ରାଜଭୋଗ ପାଇଁ ଅଣାଯାଇଥିଲା। ପରେ ଦୁର୍ଗା ବଜାରସ୍ଥିତ ମେଳଣ ପଡ଼ିଆରେ ଯାତ୍ରା ଅନୁଷ୍ଠିତ ହୋଇଥିଲା।



ଆଠଗଡ଼ରେ ଠାକୁରଙ୍କ ବିମାନଙ୍କୁ ଶୋଭଯାତ୍ରାରେ ନିଆଯାଉଛି।



ମାହାଙ୍ଗାରେ କୁଆଁପାଳ ବଜାରରେ ଆୟୋଜିତ ଦୋଳ ମେଳଣ ।

### ମାହାଙ୍ଗାରେ ଦୋଳ ମେଳଣ ସରିଲା

ସୋମବାର ସକାଳୁ ଶ୍ରୀ ଜୀଉମାନଙ୍କୁ ରାଜଭୋଗ ଲାଗି କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ କୃଷ୍ଣ ବଲ୍ଲଭ ମନ୍ଦିରରେ ଶ୍ରୀଜୀଉମାନଙ୍କ ଦାୟ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପ–ଜିଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସ୍ୱାଇଁ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ପ୍ରିୟବ୍ରତ ଦାସ ଓ ଅନ୍ୟମାନେ ଯୋଗଦେଇଥିଲେ। ପରେ ଶ୍ରୀ ସର୍ପେଶ୍ୱର ଦେ ଓ ଧବଳେଶ୍ୱରଦେବ ଓ ଅନ୍ୟ ଠାକୁରଙ୍କ ରାଜବଂଶ ସୂଚୀନେଇ ଚାଚେରୀ ଭୋଗ ଲାଗି ପରେ ପାରମ୍ପରିକ ହୋଲି ଖେଳ ଅନୁଷ୍ଠିତ ହୋଇଥିଲା। ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଆଁପାଳ ବଜାର ଦୋଳ କମିଟି ପକ୍ଷରୁ ଦୋଳ ମେଳଣ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମେ ଥାନପତିଭାବେ ଜଳେଶ୍ୱରପୁର ନନ୍ଦିବଟ ବିମାନ ମେଳଣ ପଡ଼ିଆକୁ ଯିବାପରେ ଅନ୍ୟ ବିମାନଗୁଡ଼ିକ ପହଞ୍ଚିଥିଲା। କମିଟି ସଭାପତି ଜ୍ଞାନେନ୍ଦ୍ର ପ୍ରସାଦ ତ୍ରିପାଠୀ, ଉପସଭାପତି ପ୍ରଭାତ ବାରିକ, ସରପଞ୍ଚଙ୍କ ପ୍ରତିନିଧି ସୁବାସ ଜେନା ଓ ଦୀପକ ପରିଡ଼ାଙ୍କ ସହ ସ୍ଥାନୀୟ ଗ୍ରାମବାସୀ ମେଳଣ ଆୟୋଜନରେ ସହଯୋଗ କରିଥିଲେ। ସେହିପରି ହଂସଦିଆ ମଣି ମେଳଣ ଆଖଣ୍ଡଳମଣି ମନ୍ଦିରରେ ଉଦ୍‌ଯାପିତ ହୋଇଯାଇଛି। କମିଟିର ମୁଖ୍ୟ ନାରାୟଣ କର, ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର କର, ସନ୍ତୋଷ ଦାଶ, ଶ୍ୟାମସୁନ୍ଦର ବାରିକଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ମେଳଣ ପରିଚାଳନାରେ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ଜୁଆଆଡ୍ଡାରେ ଚଢ଼ାଉ, ଜଣେ ଗିରଫ

**ଟାଙ୍ଗୀ(ଖୋର୍ଦ୍ଧା),୧୩।୩(ଡି.ଏନ୍.ଏ.):** ଚାନ୍ଦପୁର ଥାନା ଅଧୀନ ଚମ୍ପାପେଢ଼ି ଜଙ୍ଗଲରେ ଚାଲିଥିବା ଏକ ଜୁଆଆଡ୍ଡାରେ ପୋଲିସ ଚଢ଼ାଉ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ସେ ହେଲେ ରଣପୁର ଥାନା ଅଧୀନ ଗୋପାଳପୁର ଗ୍ରାମର ବ୍ରଜ କିଶୋର ମାଝୀ। ପୋଲିସ ଘଟଣାସ୍ଥଳରୁ ଘୁଡୁଘୁଡି ପାଲି ସହ ଲକ୍ଷାଧିକ ଟଙ୍କା, ଗୋଟିଏ ସ୍କୁଟି, ବାଇକ୍ ଜବତ କରିଛି। ଚାନ୍ଦପୁର ଆଇଆଇସି ମୁକେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା।

### ଅଷ୍ଟପ୍ରହର ନାମଯଜ୍ଞ

**ବାଲିପାଟଣା,୧୩।୩(ଡି.ଏନ୍.ଏ.):** ବାଲିପାଟଣା ବ୍ଲକ ଅନ୍ତର୍ଗତ ବିଶ୍ୱନାଥପୁର ଗ୍ରାମର ବାଲୁଙ୍କେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଗତ ୩ଦିନ ଧରି ୪୬ତମ ଅଷ୍ଟମ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ରାତିରେ ମାନିସକଧାରୀ ପୁରୁଷ ଓ ମହିଳାମାନେ କଳସ ଯାତ୍ରା କରିବା ସହିତ ଶୁଭାଧିବାସ କରାଯାଇଥିଲା। ଶନିବାର ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନାମ ସଂକୀର୍ତ୍ତନ କରାଯାଇଥିଲା। ରବିବାର ଅପରାହ୍ନରେ ଦଧିଭାଣ୍ଡ ଭଙ୍ଗ ଓ ନଗର କୀର୍ତ୍ତନ ହୋଇଥିଲା। ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସାମାଜିକ କର୍ମୀଙ୍କ ପରଲୋକ

**ନିରାକାରପୁର,୧୩।୩(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ଭୋଇସାହି ଗ୍ରାମର ସାମାଜିକକର୍ମୀ ସୂର୍ଯ୍ୟମଣୀ ମହାନ୍ତିଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ହେବ ମୁଖ କର୍କଟ ରୋଗରେ ପୀଡ଼ିତ ଥିଲେ। ସେ ଜଣେ ସ୍ନେହୀ, ନ୍ୟାୟବନ୍ତ ବ୍ୟକ୍ତି ସହିତ ବହୁ ଅନୁଷ୍ଠାନର ବିଭିନ୍ନ ପଦପଦବୀରେ ରହିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ନିକଟରେ ଥିବା ତାଙ୍କ ଯାଗାରେ ଅନ୍ତିମ ସଂସ୍କାର କରାଯାଇଥିଲା।

### ମାଲୁଦ ପଞ୍ଚଦୋଳ ଯାତ୍ରା

**କୃଷ୍ଣପ୍ରସାଦ,୧୩।୩(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦର ପ୍ରସିଦ୍ଧ ପଞ୍ଚଦୋଳ ମେଳଣ ରବିବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନ ମାଲୁଦ ଦଧିବାମନ ଦେବ ଏବଂ ବଜ୍ରକୋଟ କୁଞ୍ଜବିହାରି ଦେବଙ୍କଠାରୁ ଆସିଥିବା ୨ଟି ଶୁଭଖୁଣ୍ଟି ପୋତାଯାଇଥିଲା। ସୋମବାର ସକାଳେ ସୁସଜ୍ଜିତ ବିମାନରେ ପଟୁଆରରେ ଆସି ପଞ୍ଚଦୋଳ ପଡ଼ିଆରେ ୨୩ ଠାକୁର ପହଞ୍ଚିଥିଲେ। ୪ଦିନ ଅପେରା ହେବାକୁ ଥିବା ବେଳେ ପ୍ରବଳ ଲୋକଙ୍କ ସମାଗମ ହେଉଥିବା ଦେଖିବାକୁ ମିଳିଛି। ରାମ ଦୋଳି, କାର ଚାଳନା, ମଟର ସାଇକେଲ ରେସିଂର ମଜା ନେଇଛନ୍ତି ପିଲାମାନେ। ପଞ୍ଚଦୋଳ ପାଇଁ ମାଲୁଦ ଦଧିବାମନ ଦେବଙ୍କ ମାର୍ଫତଦାର ସଂଗ୍ରାମ କେଶରୀ ପଟନାୟକ ସମସ୍ତ ଠାକୁରଙ୍କୁ ନିମନ୍ତ୍ରିତ କରିଥାନ୍ତି।

### ୧୫ରେ ଆନ୍ଦୋଳନକୁ ଓହ୍ଲାଇବ ସେସ୍କୋ ପୂର୍ବତନ ସୈନିକ କର୍ମଚାରୀ ସଂଘ

**ଭୁବନେଶ୍ୱର,୧୩।୩(ବ୍ୟୁରୋ):** ଗତ ୨୦୦୨ ମସିହାରେ ରାଜ୍ୟ ସରକାରଙ୍କ ନିଷ୍ପତି କ୍ରମେ ୧୨୫୦ ପୂର୍ବତନ ସୈନିକଙ୍କୁ ସେସ୍କୋ ତରଫରୁ ବିଭିନ୍ନ ପଦପଦବୀରେ ନିଯୁକ୍ତି ଦିଆଯାଇଥିଲା । ବିଗତ ୨୨ ବର୍ଷ ଭିତରେ ପ୍ରାୟ ୮୦ ପ୍ରତିଶତଙ୍କର ଅବସର ଓ ଦେହାନ୍ତ ଘଟିବା ପରେ ବର୍ତ୍ତମାନ ୨୨୦ ଜଣ ବିଭିନ୍ନ ପଦପଦବୀରେ କାର୍ଯ୍ୟରତ ଅଛନ୍ତି । ପର୍ଯ୍ୟାୟକ୍ରମେ ସେସ୍କୋ, ସେସୁ ଅଧିନରେ କାମ କଲା ପରେ ଅଧୁନା ଟାଟା ପାୱାର ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିସିଓଡିଏଲ) ଅଧିନରେ କାର୍ଯ୍ୟରତ ଅଛନ୍ତି । ଦୁଃଖ ଓ ପରିତାପର ବିଷୟ ଯେ, ବର୍ତ୍ତମାନ ଟିପିସିଓଡିଏଲ କର୍ତ୍ତୁପକ୍ଷଙ୍କର ମନୋମୁଖୀ ଓ ବୈମାତୃକ ବ୍ୟବହାର ଯୋଗୁଁ ପୂର୍ବରୁ ଦିଆଯାଇଥିବା ପ୍ରତିଶ୍ରୁତି ଅନୁସାରେ ସମାନ କାମ ପାଇଁ ସମାନ ଦରମା ଲାଗୁ କରାନଯାଇ ବରଂ ବିଭିନ୍ନ ଅନୁସଙ୍ଗିକ ସୁବିଧା, ସୁଯୋଗ ଓ ବିଭିନ୍ନ ଭାରୁ ବଞ୍ଚିତ କରାଯାଉଅଛି । ଏହି ପରିପ୍ରେକ୍ଷୀରେ ସଂଘ ତରଫରୁ ଏକ ବୈଠକ କରାଯାଇ ଟିପିସିଓଡିଏଲ କର୍ତ୍ତୁପକ୍ଷଙ୍କୁ ଏହାର ସ୍ଥାୟୀ ସମାଧାନ ନିମନ୍ତେ ଏକ ଚରମ ପତ୍ର ଦିଆଯାଇଅଛି । ଟିପିସିଓଡିଏଲ କର୍ତ୍ତୁପକ୍ଷ ଏଥିପ୍ରତି ଦୃଷ୍ଟି ନଦେଲେ ମାର୍ଚ୍ଚ ୧୫ ତାରିଖରୁ କାର୍ଯ୍ୟରୁ ବିରତ ରହି ରାଜଧାନୀ ଲୋୟର ପିଏମଜିରେ ଆନ୍ଦୋଳନ କରିବ ବୋଲି ସଂଘର ସାଧାରଣ ସମ୍ପାଦକ ସୀତାକାନ୍ତ ପଣ୍ଡା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଭାପତି ପ୍ରଦିପ୍ତ କୁମାର ରାୟ, ଉପ ସଭାପତି ଚନ୍ଦନ କୁମାର ରାଉତରାୟ, କୋଷାଧ୍ୟକ୍ଷ ମନୋଜ କୁମାର ପାତ୍ର, ଉପଦେଷ୍ଟା ବିଶ୍ୱନାଥ ମିଶ୍ର ଓ କାର୍ଯ୍ୟକାରୀ ସଭାପତି ନିରାକାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଦେହ ବ୍ୟବସାୟ ଟଙ୍କାକୁ ନେଇ ଗୋଷ୍ଠୀ ସଂଘର୍ଷ

## ଢେଲା ମାଡ଼: କାର୍ କ୍ଷତିଗ୍ରସ୍ତ, ୨ ଆହତ



**ଭୁବନେଶ୍ୱର,୧୩।୩(ବ୍ୟୁରୋ)**

କ୍ୟାପିଟାଲ ହସ୍ପିଟାଲ ପୋଷ୍ଟମର୍ଟମ ୱାର୍ଡ ପଛପଟ ରାସ୍ତାରେ ସୋମବାର ଅପରାହ୍ନରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଗୋଟିଏ ଗୋଷ୍ଠୀର ଢ଼େଲା ପଥର ମାଡ଼ରେ ଅନ୍ୟଏକ ଗୋଷ୍ଠୀର ଏକ କାର୍ (ଓଡି୦୨ବିୟୁ୦୪୩୬) ଚେପା ହେବା ସହ କାଚ ଭାଙ୍ଗିଯାଇଛି। ଏଥିସହ ଧସ୍ତାଧସ୍ତି ଓ ଢ଼େଲାପଥର ମାଡ଼ରେ କାର୍‌ରେ ଥିବା ୨ଜଣ ଆହତ ହୋଇଛନ୍ତି। ସେମାନେ ଲକ୍ଷ୍ମୀସାଗର ଅଞ୍ଚଳର ବୋଲି ସୂଚନା ମିଳିଛି। ପ୍ରାଥମିକ ଚିକିତ୍ସା ପରେ ଆହତଦ୍ୱୟ ଘରକୁ ଚାଲିଯାଇଥିବାବେଳେ ଏନେଇ କ୍ୟାପିଟାଲ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଅନ୍ୟପକ୍ଷରେ ୨ଜଣ ଯୁବକ ଘଟଣାସ୍ଥଳ ବାଇକ ଛାଡ଼ି ଫେରାର ହୋଇଯାଇଛନ୍ତି। ତେବେ ଦେହ ବ୍ୟବସାୟରେ ଟଙ୍କା ନେଣଦେଣକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିବା ଜଣାପଡିଛି। ଏପରିକି କାର୍‌ରେ ଥିବା ୨ ଦେହଜୀବୀ ଦୌଡ଼ି ପଳାଇଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଆକ୍ରମଣକାରୀ ଯୁବକ ଦ୍ୱୟ ଗ୍ରାହକ ବୋଲି ସୂଚନା ମିଳିଛି। ଥାନାଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ଟଙ୍କା କାରବାରକୁ ନେଇ ଆକ୍ରମଣ ହୋଇଥିବା ସୂଚନା ମିଳିଛି। ଏନେଇ ଥାନାରେ ଅଭିଯୋଗ ହେଲେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୪ଟା ୩୦ରୁ ୫ଟା ମଧ୍ୟରେ ଉକ୍ତ ସ୍ଥାନରେ ଏକ କାର୍ ଦୀର୍ଘ ସମୟ ଧରି ଅଟକି ରହିଥିଲା। ହଠାତ୍ ୨ଜଣ ଯୁବକ ଏକ ବାଇକ୍‌ରେ ସେମାନଙ୍କ ପାଖକୁ ଆସି ଯୁକ୍ତିତର୍କ କରିଥିଲେ। ଉଭୟ ଗୋଷ୍ଠୀ ମଧ୍ୟ ଧସ୍ତାଧସ୍ତି ହେବା ପରେ ପରିସ୍ଥିତି ଅଣାୟତ ହୋଇ ପଡ଼ିଥିଲା। ୨ଜଣ ଯୁବକ ଢ଼େଲା ଓ ପଥର ଆଣି କାର୍‌କୁ ଫୋପାଡ଼ିଥିଲେ। ଏନେଇ ଖବର ମିଳିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ହେଲେ ସେତେବେଳକୁ ୨ଯୁବକ ସେଠାରୁ ପଳାଇଯାଇଥିଲେ। ପୋଲିସ ଘଟଣସ୍ଥଳରେ ଥିବା ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରି ଫେରି ଆସିଥିଲା। ତେବେ ଆହତଦ୍ୱୟଙ୍କ ନାଁରେ ପୂର୍ବରୁ ମାମଲା ରହିଥିବା ସୂଚନା ମିଳିଛି।

# ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲେ ଓଡ଼ିଶା ପରିବେଶ କଂଗ୍ରେସ ପ୍ରତିନିଧି ଦଳ

## ବିକାଶ ଓ ପରିବେଶ ଭିତରେ ସନ୍ତୁଳନ ରକ୍ଷା କରିବାକୁ ନିବେଦନ



**ଭୁବନେଶ୍ୱର,୧୩।୩(ବ୍ୟୁରୋ)**

ଓଡ଼ିଶା ପରିବେଶ କଂଗ୍ରେସ ପକ୍ଷରୁ ସୋମବାର ଏକ ପ୍ରତିନିଧି ଦଳ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ସାକ୍ଷାତ କରି ଓଡ଼ିଶାରେ ବିକାଶ ଓ ପରିବେଶ ଭିତରେ ସନ୍ତୁଳନ କେମିତି ରହିପାରିବ ସେଥିପାଇଁ ଆଲୋଚନା କରିଥିଲେ। ପରିବେଶ କଂଗ୍ରେସର ସମ୍ପାଦକ ସୁଦର୍ଶନ ଦାସଙ୍କ ସହିତ ଜୟକୃଷ୍ଣ ପାଣିଗ୍ରାହୀ, ସେବା ମହାପାତ୍ର, ପ୍ରେମାନନ୍ଦ ପଣ୍ଡା, ଶ୍ରିଲେଖା ଚୌହାନ ପ୍ରମୁଖ ମୁଖ୍ୟ ଶାସନ ସଚିବଙ୍କୁ ତାଙ୍କ ଦପ୍ତରରେ ଭେଟିଥିଲେ। ସମ୍ପ୍ରତି ଓଡ଼ିଶାରେ ବିକାଶ ପ୍ରକଳ୍ପ ହାତକୁ ନେଲା ବେଳେ ପ୍ରକୃତି ଓ ପରିବେଶ ପ୍ରତି ଯଥେଷ୍ଟ ଧ୍ୟାନ ଦେବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ପରିବେଶ ଓ ଆଦିବାସୀ ସଂକ୍ରାନ୍ତରେ ଅନୁଷ୍ଠିତ ୧୩ତମ ପରିବେଶ କଂଗ୍ରେସର ସୁପାରିଶଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରତିନିଧି ଦଳ ନିବେଦନ କରିଥିଲେ। ପରିବେଶ ସୁରକ୍ଷା ପାଇଁ ରାଜ୍ୟରେ ଅଧିକ ସଚେତନତା ସୃଷ୍ଟି ହେବାର ଆବଶ୍ୟକତା ରହିଛି। ଏଥିପ୍ରତି ବ୍ୟକ୍ତିଗତ ସ୍ତରରେ ସଚେତନତା ସୃଷ୍ଟି ହେଲେ ପରିବେଶ ସୁରକ୍ଷା ହୋଇପାରିବ ।ଏ ଦିଗରେ ସରକାର ଯତ୍ନବାନ ଅଛନ୍ତି ବୋଲି ମୁଖ୍ୟ ଶାସନ ସଚିବ ଜେନା କହିଥିଲେ। ସୂଚନାଯୋଗ୍ୟ, ଓଡ଼ିଶା ପରିବେଶ କଂଗ୍ରେସର ୧୩ତମ ଅଧିବେଶନ କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ୧୪ତମ ଅଧିବେଶନ ଆସନ୍ତା ଡିସେମ୍ବରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବ।





ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ ମିଳିତ ମଞ୍ଚ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ବେଳେ ପୋଲିସ ଜଣେ ମହିଳା ନେତ୍ରୀଙ୍କ ସମେତ ଆନ୍ଦୋଳନକାରୀଙ୍କୁ ଅଟକାଉଛନ୍ତି।

# ମଧ୍ୟାହ୍ନ ଭୋଜନ ପାଚିକା, ସହାୟିକାଙ୍କ ଗଣଆନ୍ଦୋଳନ

**ଭୁବନେଶ୍ୱର,୧୩।୩(ବ୍ୟୁରୋ)**

ରାଜ୍ୟର ସରକାରୀ ବିଦ୍ୟାଳୟରେ କାର୍ଯ୍ୟରତ ପାଚିକା ଓ ସହାୟିକାମାନେ ସୋମବାର ୧୬ ଦଫା ଦାବି ନେଇ ଲୋୟର ପିଏମଜିରେ ଗଣବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘ, ଏଚ୍‌ଏମ୍‌ଏସ୍ ସହବନ୍ଧିତ ପାଚିକା ସହାୟିକା ସଂଘ, ସିଆଇଟିୟୁ ସହବନ୍ଧିତ ଅଲ୍ ଓଡିଶା ପାଚିକା ସହାୟିକା ସଂଘ, ଏଆଇୟୁଟିୟୁସି ସହବନ୍ଧିତ ଓଡିଶା ମିଳିତ ବିଦ୍ୟାଳୟ ପାଚିକା ସାହାୟିକା ସଂଘ, ଏଆଇସିସିଟିୟୁ ସହବନ୍ଧିତ ଦକ୍ଷିଣ ଓଡିଶା ପାଚିକା ମହାସଂଘଙ୍କ ଦ୍ୱାରା ଗଠିତ ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ ମିଳିତ ମଞ୍ଚ ପକ୍ଷରୁ ଏହି ବିକ୍ଷୋଭ କରାଯାଇଥିଲା। ୨୦୦୯ ଡିସେମ୍ବରରୁ ୨୦୧୨ ମାର୍ଚ୍ଚ ପର୍ଯ୍ୟନ୍ତ କାମ କରିଥିବା ସମସ୍ତ ପାଚିକା ସହାୟିକାଙ୍କ ନିର୍ଭୁଲ ତାଲିକା ପ୍ରସ୍ତୁତ କରି ମୃତକଙ୍କ ଉତ୍ତରାଧିକାରୀଙ୍କୁ, ଅବସରପ୍ରାପ୍ତ ପାଚିକାଙ୍କୁ ଓ ବିଦ୍ୟାଳୟରୁ ବାଦ୍ ପଡିଥିବା ସମସ୍ତ ପାଚିକାଙ୍କୁ ୨୮ ମାସର ବର୍ଦ୍ଧିତ ବକେୟା ପାରିଶ୍ରମିକ ତୁରନ୍ତ ପ୍ରଦାନ କରାଯାଉ ବୋଲି ଆନ୍ଦୋଳନକାରୀମାନେ ଦାବି କରିଛନ୍ତି। ସେହିପରି କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ୨୦୦୯ ଡିସେମ୍ବରରୁ ୨୦୧୭ ଡିସେମ୍ବର ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କର ୪୦ ପ୍ରତିଶତ ଭାଗ ବକେୟା ପାରିଶ୍ରମିକ ପ୍ରଦାନ, ପାଚିକାଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଓ ମାସିକ ସର୍ବନିମ୍ନ ୨୬ ହଜାର ଟଙ୍କା ପ୍ରଦାନ, ସ୍କୁଲ ବନ୍ଦ, ସ୍କୁଲ ମିଶ୍ରଣ ଫଳରେ ବାଦ୍ ପଡିଥିବା ସମସ୍ତ ପାଚିକାଙ୍କୁ ନିଯୁକ୍ତି, ପାଚିକାଙ୍କୁ ୧୦ ମାସ ପରିବର୍ତ୍ତେ ୧୨ ମାସର ପାରିଶ୍ରମିକ ପ୍ରଦାନ, ଅବସର କାଳୀନ ବୟସ ସୀମା ୬୨କୁ ବୃଦ୍ଧି, ସବୈତନିକ ପ୍ରସୂତିକାଳୀନ ଛୁଟି ପ୍ରଦାନ, ମଧ୍ୟାହ୍ନ ଭୋଜନକୁ ଅକ୍ଷୟ ପାତ୍ର ଓ ନନ୍ଦୀ ଫାଉଣ୍ଡେଶନ ଭଳି ଘରୋଇ ସଂସ୍ଥାକୁ ହସ୍ତାନ୍ତର ବନ୍ଦ କରିବା ପାଇଁ ମଧ୍ୟ ଦାବି ହୋଇଛି। ସେହିପରି ପାଚିକାଙ୍କୁ ଗତ ୪ ବର୍ଷର ବକେୟା ଶାଢୀ ସହିତ ବର୍ଷକୁ ଦୁଇ ହଳ ଶାଢୀ ପ୍ରଦାନ, ସାମାଜିକ ନିରାପତ୍ତା, ବୀମାଭୁକ୍ତ କରିବା, ବିଭିନ୍ନ ସ୍କୁଲରେ ନୂତନ ଭାବେ ନିଯୁକ୍ତି ପାଉଥିବା ପାଚିକାଙ୍କୁ ନିଯୁକ୍ତି ଦିନଠାରୁ ପାରିଶ୍ରମିକ ପ୍ରଦାନ, ଶ୍ରମିକ, କର୍ମଚାରୀ ବିରୋଧି ଶ୍ରମ କୋଡକୁ ବାତିଲ, ମଧ୍ୟାହ୍ନ ଭୋଜନ ଓ ପାଚିକା ସହାୟିକା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ବଜେଟ୍‌ରେ ବ୍ୟୟ ବରାଦ ସହିତ ଛାତ୍ରଙ୍କ ମୁଣ୍ଡପିଛା ଖାଇବା ଖର୍ଚ୍ଚ ବୃଦ୍ଧି କରିବା ଦାବି ରହିଛି। ନୂତନ ଶିକ୍ଷାନୀତି ୨୦୨୦କୁ ବାତିଲ କରିବା ସଂଗଠନର ଆଉ ଏକ ଦାବି ରହିଛି। ଏହି ଅବସରରେ ମଞ୍ଚ ପକ୍ଷରୁ ମହେନ୍ଦ୍ର ପରିଡ଼ା, ବିଷ୍ଣୁ ମହାନ୍ତି, ଜୟସେନ୍ ମେହେର ଓ ଦେବାଶିଷ ଘୋଷଙ୍କ ସମେତ ଏକ ପ୍ରତିନିଧି ଦଳ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ଓ ସଚିବଙ୍କ ସହ ଆଲୋଚନା କରିଥିଲେ। ପରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଗଣଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିବା ସୂଚନା ଦିଆଯାଇଛି।

## ଆଜିଠାରୁ ଖଦି ମେଳା

**ଭୁବନେଶ୍ୱର,୧୩।୩(ବ୍ୟୁରୋ)**

ଓଡ଼ିଶା ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ ଆନୁକୂଲ୍ୟରେ ଆଜିଠାରୁ ଆରମ୍ଭ ହେଉଛି ଖଦି ମେଳା। ମେଳାରେ ୬୫ଟି ଷ୍ଟଲ ପଡ଼ିବ। ମାର୍ଚ୍ଚ ୨୩ତାରିଖ ପର୍ଯ୍ୟନ୍ତ ୧୦ଦିନ ଧରି ଏହା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ ବୋଲି ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବୋର୍ଡର ସଭାପତି ସଂଗ୍ରାମ କେଶରୀ ପାଇକରାୟ ସୂଚନା ଦେଇଛନ୍ତି। ବିଭିନ୍ନ ଖଦି ଓ ଗ୍ରାମୋଦ୍ୟୋଗ ସାମଗ୍ରୀ ଯଥା ଘଣା, ପେଡ଼ା, ସୋରିଶ ତେଲ, ମହୁ, କନ୍ଧମାଳ ହଳଦୀ, ମସଲା, ଆଚାର, ଧୂପକାଠି, ଚାଦୁଆ, ଶାଢ଼ୀ, ଗାମୁଛା, ପଞ୍ଜାବୀ, ସାର୍ଟ ପ୍ରଭୃତି ସାମଗ୍ରୀ ଉପଲବ୍ଧ ହେବ। ଏଥିସହ ଅରଟରେ ସୂତା କଟା, ତନ୍ତରେ ଲୁଗା ବୁଣା ଲାଇଭ୍‌ରେ ଦେଖିବାକୁ ମିଳିବ। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ହେବ। ଏହି ସମ୍ମିଳନୀରେ ବୋର୍ଡର ସଚିବ ସୁଦାମ ଚରଣ ମଣ୍ଡଳ, ଉପସଚିବ ସଞ୍ଜୟ କୁମାର ମିଶ୍ର ଉପସ୍ଥିତ ଥିଲେ।

# ମୁକ୍ତେଶ୍ୱର ଦେବ ବିଦ୍ୟାଳୟର ବାର୍ଷିକୋତ୍ସବ



ଅତିଥିଙ୍କଠାରୁ ଜଣେ ଛାତ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି।

**ଟାଙ୍ଗୀ(ଖୋର୍ଦ୍ଧା),୧୩।୩(ଡି.ଏନ୍.ଏ.)**

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁନ୍ଦରପୁର ମୁକ୍ତେଶ୍ୱର ଦେବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ବେହେରା, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ସୁଜିତ ହାଲଦାର, ଆମ୍ବା ସଭାପତି ସୁକାନ୍ତ ରାଉତ, ଜିଲା ସଂଘ ସମ୍ପାଦକ ପ୍ରସନ୍ନ ଶ୍ରୀଚନ୍ଦନ, ବ୍ଲକ ସମ୍ପାଦକ ସନ୍ତୋଷ କୁମାର ବେହେରା, ସିଆରସିସି ଦୁଃଶାସନ ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ଲିଲିପ୍ସା ଜେନା, ପରିଚାଳନା କମିଟି ସଭାପତି ନିଧିଆ ରାଉତ ପ୍ରମୁଖ ଯୋଗଦେଇଥିଲେ। ସଂଘ ସଭାପତି ସଲିଳ ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷକ ପ୍ରସନ୍ନ ମଙ୍ଗରାଜ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିବା ସହ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ପିଲାମାନଙ୍କ ଦ୍ୱାରା ଏକ ମୀନାବଜାର ଆୟୋଜିତ ହୋଇଥିଲା। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ନୂଆ ପ୍ରଜାତି ବୁଢ଼ିଆଣୀ ଆବିଷ୍କାର

**ଜଟଣୀ,୧୩।୩(ଡି.ଏନ୍.ଏ.)**

ଜଟଣୀସ୍ଥିତ ରାଷ୍ଟ୍ରୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥାନ(ନାଇଜର) ଭୁବନେଶ୍ୱର କ୍ୟାମ୍ପସ ପରିସରରୁ ଏକ ନୂଆ ପ୍ରଜାତି ବୁଢ଼ିଆଣୀ (ସ୍ପାଇଡର)କୁ ଆବିଷ୍କାର କରାଯାଇଛି। ଏହାର ନାଁ 'ସିଲେର୍ ନାଇଜର' ରଖାଯାଇଛି। ସ୍ପାଇଡର ଜୈବ ବିବିଧତାକୁ ନେଇ ଏକ ଡକ୍ୟୁମେଣ୍ଟ ଓ ଏହାର ଉପରେ ଗବେଷଣା କରିବା ସମୟରେ ଏହି ନୂତନ ପ୍ରଜାତିର ବୁଢ଼ିଆଣୀ କ୍ୟାମ୍ପସରେ ଥିବା ଘାସ ସ୍ଥାନରୁ ମିଳିଥିଲା। ଯାହାକି ଆଗରୁ ଜୈବ ବିବିଧତାରେ ପଢ଼ାଯାଇ ନାହିଁ କି ଉଲ୍ଲେଖ ନାହିଁ। ଇଣ୍ଟିଗ୍ରେଟେଡ୍ ଏମ୍‌ଏସ୍‌ସି ଛାତ୍ର ଆୟୁଷ ପରାଗ ଏବଂ ତାଙ୍କ ଥେସିସ୍ ନୀରିକ୍ଷକ ଅନିରୁଦ୍ଧ ଦତ୍ତଙ୍କ ଦ୍ୱାରା ଏହାକୁ ଆବିଷ୍କାର କରାଯାଇଛି।

ଏହି ପ୍ରଜାତି ବୁଢ଼ିଆଣୀ ବିଭିନ୍ନ ଜୀବଙ୍କ ପାଇଁ ତୃଣମୂଳ ଘାସରେ ବାସସ୍ଥାନ ପ୍ରସ୍ତୁତ କରିଥାଏ। ଏହି ନୂତନ ପ୍ରଜାତି ବୁଢ଼ିଆଣୀର ସମ୍ବନ୍ଧରେ 'ଜୁସିଷ୍ଟ ମେଟିକ୍ସ ଆଣ୍ଡ ଉଭୋଲୁସନ୍' ଏକ ବିଜ୍ଞାନ ଜର୍ନାଲରେ ପ୍ରକାଶ କରାଯାଇଛି। ଓଡ଼ିଶାର ସମସ୍ତ ଛାତ୍ରୀଛାତ୍ର ଓ ବୈଜ୍ଞାନିକଙ୍କ ପାଇଁ ଏହା ଉପାଦେୟ ହେବ ବୋଲି ପରାଗ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଏହି ନୂତନ ପ୍ରଜାତିର ବୁଢ଼ିଆଣୀ ଆବିଷ୍କାର କରିବା ସର୍ବଦା ଉତ୍ସାହଜନକ। ବିଶେଷକରି ଏହା ଏକ ଅଞ୍ଚଳରୁ ଆସିଥାଏ। ଯାହାକୁ ପୂର୍ବରୁ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ ଓ ଗବେଷଣା କରାଯାଇନଥିଲା ବୋଲି ସେ କହିଛନ୍ତି।




# ଖୁଣ୍ଟିଲାଗି ହେଲେ ପଶ୍ଚିମାଶମ୍ଭୁ ସୋମନାଥ

## ହରିରାଜପୁର ମେଳଣ

**ଡେଲାଙ୍ଗ,୧୩।୩(ଡି.ଏନ୍.ଏ.)**

ଡେଲାଙ୍ଗସ୍ଥିତ ହରିରାଜପୁର ମେଳଣର ରବିବାର ଜମାଣ ଉତ୍ସବରେ ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବ ରାତି ୧.୩୦ରେ ମନ୍ଦିରରୁ ବାହାରି ଏକ ବିଶାଳ ଶୋଭାଯାତ୍ରାରେ ମେଳଣ ପଡ଼ିଆରେ ପହଞ୍ଚିଥିଲେ। ବିଭିନ୍ନ ପ୍ରକାରର ଶଲଟଣ, ବାଦ୍ୟ ନାଚ, ଆତସବାଜିରେ ପଡ଼ିଆ ପ୍ରକମ୍ପିତ ହୋଇଥିଲା। ସୋମବାର ଭୋର ୪ଟାରେ ସ୍ଥାନାଧିପତି ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଖୁଣ୍ଟିଲାଗି ହେବା ପରେ ଅପେକ୍ଷା କରି ରହିଥିବା ୮୨ରୁ ଊର୍ଦ୍ଧ୍ୱ ଦୋଳବିମାନ ଖୁଣ୍ଟିଲାଗି ହୋଇଥିଲେ। ଠାକୁରଙ୍କ ଦର୍ଶନ ପାଇଁ ଅପେକ୍ଷା କରି ରହିଥିବା ଲକ୍ଷାଧିକ ଭକ୍ତ ଖୁଣ୍ଟିଲାଗି ପରେ ଫଗୁ ଓ ପୁଷ୍ପ ଅର୍ପଣ କରି ପ୍ରଭୁଙ୍କ ଦର୍ଶନ କରିଥିଲେ।

ଭଜନ, ମେଲୋଡି ସହ କବିତା ପାଠୋତ୍ସବ: ମେଳଣ ପଡ଼ିଆରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭଜନସନ୍ଧ୍ୟା, ମେଲୋଡି କାର୍ଯ୍ୟକ୍ରମ ପରିବେଷଣ କରାଯାଉଥିବା ବେଳେ ଲର୍ଡ ସୋମନାଥ ୟୁଥ କ୍ଲବ ପକ୍ଷରୁ ଆୟୋଜିତ ମେଲୋଡି ଓ ଭାବ ଅମୃତ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଦର୍ଶକଙ୍କୁ ବାନ୍ଧି ରଖିଥିଲା। କଣ୍ଠଶିଳ୍ପୀ ଇପ୍ସିତା ପଣ୍ଡା, ଅସୀମା ପଣ୍ଡା, କମେଡି ଷ୍ଟାର ପପୁ ପମପମ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଦର୍ଶକ ମଜ୍ଜିଯାଇଥିଲେ। ସେହିପରି ହରିରାଜପୁର ଓଡ଼ିଆ ଅନୁଷ୍ଠାନ ପକ୍ଷରୁ ମହୋତ୍ସବ ପାଳନ କରାଯାଇଥିଲା। ନିମାଇ ସାହିତ୍ୟ ସଂସଦ ଓ ହରିରାଜପୁର ମେଳନ କମିଟି ପକ୍ଷରୁ ଆଧାତ୍ମିକ କବିତା ପାଠୋତ୍ସବରେ ଓଡ଼ିଶାର ବିଭିନ୍ନ ଜିଲାରୁ କବି ଓ କବୟିତ୍ରୀମାନେ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ।

### ବିଭିନ୍ନ ଷ୍ଟଲ ଓ ସ୍ୱାସ୍ଥ୍ୟ ଶିବିର ଉଦ୍‌ଘାଟିତ

ହରିରାଜପୁର ମହୋତ୍ସବ, ହାଇଟେକ ହସ୍ପିଟାଲ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା, ଲର୍ଡ ସୋମନାଥ ୟୁଥ କ୍ଲବ, ମିନାବଜାର, ପଲ୍ଲିଶ୍ରୀ ମେଳା ସହିତ ବିଭିନ୍ନ ଷ୍ଟଲ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିଧାୟକ ରୁଦ୍ରପ୍ରତାପ ମହାରଥି ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଜଟଣୀ ବିଧାୟକ ସୁରେଶ ରାଉତରାୟ, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଜଟଣୀ ପୂର୍ବତନ ବିଧାୟକ ବିଭୂତି ବଳବନ୍ତରାୟ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ବିଜେଡି ବ୍ଲକ ସଭାପତି ବୈରାଗୀ ଜେନା, ଏମ୍‌ପି ପ୍ରତିନିଧି ମଳୟ ମହାନ୍ତି, ହାଇଟେକ୍ ହସ୍ପିଟାଲର ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀ, ପ୍ରସନ୍ନ ମହାରଥି, ମହାଦେବ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।



### ଆତସବାଜି, ଭିଡ଼ରେ ୧୮ଜଣ ଆହତ

ଜମାଣ ରାତି ତମାମ ଆତସବାଜି ପ୍ରଦର୍ଶନ ହୋଇଥିଲା। ପ୍ରଦର୍ଶନ ସମୟରେ ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ଦର୍ଶନ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ଏହି ଭିଡରେ ୫ଜଣ ଅଚେତ ହୋଇଥିବା ବେଳେ ବାଣ ଝୁଲରେ ୧୩ଜଣ ସାମାନ୍ୟ ଆହତ ହୋଇଥିଲେ। ଆହତଙ୍କୁ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଆହତଙ୍କୁ ଚିକିତ୍ସା କରାଯାଇ ଥିବାବେଳେ ୩୮୦ଜଣ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ଦିଆଯାଇଥିଲା।




୧୩।୩।୨୦୨୩

| | |
|---|---|
| ୫,୦୭,୦୧୯ ଟଙ୍କା | |
| ସୁନା | ୪୧.୩୫୦ ଗ୍ରାମ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ଡେଲାଙ୍ଗ ଷ୍ଟେଶନ ପାଖରୁ ଚୋରି ବୋଲେରୋ ଜବତ

ନିମାପଡ଼ା,୧୩।୩(ଡି.ଏନ୍.ଏ)- ନିମାପଡ଼ା ଥାନା ଅନ୍ତର୍ଗତ ଧୃରପୁର ଗ୍ରାମରୁ ଏକ ବୋଲେରୋ ଚୋରି ହେବାର ୨୪ ଘଣ୍ଟା ନ ପୂରୁଣୁ ନିମାପଡ଼ା ପୋଲିସ ଉକ୍ତ ଗାଡ଼ିକୁ ଉଦ୍ଧାର କରିବାରେ ସଫଳ ହୋଇଛି। ସେହି ଗାଡ଼ିକୁ ଡେଲାଙ୍ଗ ଥାନା ଅନ୍ତର୍ଗତ ଡେଲାଙ୍ଗ ଷ୍ଟେଶନ ପାଖରୁ ସୋମବାର ଜବତ କରିଛି। ଗାଡ଼ି ଚୋରି କରିଥିବା ଅଭିଯୁକ୍ତ ଡେଲାଙ୍ଗ ଷ୍ଟେଶନ ପାଖରେ ଗାଡ଼ି ଛାଡ଼ି ଦେଇ ଖସି ପଳାଇଛନ୍ତି। ଗ୍ରାମର ରାମଚନ୍ଦ୍ର ବେହେରାଙ୍କ ଘର ସମ୍ମୁଖରୁ ଶନିବାର ବିଳମ୍ବିତ ରାତିରେ ବୋଲେରୋଟିକୁ କେହି ଦୁର୍ବୃତ୍ତ ନେଇଯାଇଥିଲେ। ସେନେଇ ରାମଚନ୍ଦ୍ର ରବିବାର ନିମାପଡ଼ା ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ କେସ୍ ନଂ. ୬୭/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

### ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ବିୟୋଗରେ ସ୍ମୃତିସଭା

କାକଟପୁର,୧୩।୩ (ଡି.ଏନ୍.ଏ)- ପ୍ରବୀଣ କର୍ତ୍ତବ୍ୟନିଷ୍ଠ ଛାତ୍ରବତ୍ସଳ ତଥା ରାଜ୍ୟପାଳଙ୍କ ଦାରା ପୁରସ୍କୃତ ଶିକ୍ଷକ ଓ ମା' ମଙ୍ଗଳାଙ୍କ ପୂଜକ ହୃଷୀକେଶ ଦୀକ୍ଷିତଙ୍କ ଏକାଦଶାହ ଦିବସରେ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ନିରୋଦ ବରଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ଦୀକ୍ଷିତଙ୍କ ସମସାମୟିକ ବରିଷ୍ଠ ନାଗରିକ, ତାଙ୍କ ସହପାଠୀ ତଥା ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଦୀକ୍ଷିତଙ୍କ ଅତୀତର କାର୍ଯ୍ୟ ଓ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ। ତାଙ୍କ ଦ୍ୱାରା କରାଯାଇଥିବା କର୍ମ ହିଁ ତାଙ୍କୁ ଚିରସ୍ମରଣୀୟ କରି ରଖିବ ବୋଲି ବକ୍ତାମାନେ ଆଶାପୋଷଣ କରିବା ସହ ତାଙ୍କ ଆତ୍ମାର ସଦଗତି କାମନା କରିଥିଲେ।

### ନ୍ୟାୟ ଦାବିରେ ଏସ୍‌ପିଙ୍କ ଦ୍ୱାରସ୍ଥ ମହିଳା

ପୁରୀ ଅଫିସ, ୧୩।୩: ନ୍ୟାୟ ଦାବିରେ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ମହିଳା। ସୋମବାର ସତ୍ୟବାଦୀ ଥାନା ଅନ୍ତର୍ଗତ ରାୟଚକ୍ରଧରପୁରର ବାସିନ୍ଦା ବିନ୍ଦୁରେଖା ପ୍ରଧାନ ଏସପିଙ୍କୁ ଅଭିଯୋଗପତ୍ର ଦେଇଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ୯ମାସ ତଳେ ତାଙ୍କର ଜଣେ ପଡ଼ୋଶୀ ମେଶିନ ଲଗାଇ ଘର ଭାଙ୍ଗିଦେବା ସହ ସେଠାରେ ବଳପୂର୍ବକ ସେ ଘର ନିର୍ମାଣ କରୁଛନ୍ତି। ଏ ନେଇ ସେ ସତ୍ୟବାଦୀ ଥାନାରେ ଜଣାଇବା ପରେ ଅତିରିକ୍ତ ଏସ୍‌ପିଙ୍କ ଉପସ୍ଥିତିରେ ଅଭିଯୁକ୍ତ ପଡ଼ୋଶୀଜଣକ ବିନ୍ଦୁରେଖାଙ୍କ ଘର ନିର୍ମାଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ବାରମ୍ବାର ସେ କହିବା ସତ୍ତ୍ୱେ ସେ ତାଙ୍କ ପ୍ରତିଶ୍ରୁତି ପାଳନ କରୁନାହାନ୍ତି। ଅପରପକ୍ଷରେ ଥାନ ଅଧିକାରୀଙ୍କୁ ଜଣାଇବାରୁ ସେମାନେ ବୁଝାଯିବ କହୁଛନ୍ତି, ମାତ୍ର କୌଣସି ପ୍ରକାର ସହଯୋଗ କରୁନାହାନ୍ତି। ତେଣୁ ନ୍ୟାୟ ପାଇଁ ଏସ୍‌ପଙ୍କୁ ସେ ଗୁହାରି ଜଣାଇଛନ୍ତି। ଯଦି ନ୍ୟାୟ ନ ମିଳିବ ତେବେ ସେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ବିନ୍ଦୁରେଖା କହିଛନ୍ତି।

# ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ: ଖୋଲିଛି ୫୦ ଷ୍ଟଲ

କୋଣାର୍କ,୧୩।୩ (ଡି.ଏନ୍.ଏ)

କୋଣାର୍କ ରିଂରୋଡସ୍ଥିତ ଅର୍ବାନ ହାଟ ପରିସରରେ ଓଡ଼ିଶା ସରକାରଙ୍କ ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ ଅଧୀନ ଉତ୍କଳିକା ଦ୍ୱାରା ଚାଲିଥିବା ହସ୍ତଶିଳ୍ପ ପ୍ରଦର୍ଶନୀ ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରଦର୍ଶନୀ ୧୦ତାରିଖରେ ଆରମ୍ଭ ହୋଇଥିବା ବେଳେ ପ୍ରାୟ ୪ଦିନ ପରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ତେବେ ମୁଖ୍ୟ ଅତିଥି ଭାବେ ବୟନ ଓ ହସ୍ତଶିଳ୍ପ ରାଷ୍ଟ୍ର ମନ୍ତ୍ରୀ ରୀତା ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାକୁ ଉଦ୍‌ଘାଟନ କରିଥିଲେ। ଉତ୍କଳିକାର ସଭାପତି ଦେବସ୍ମିତା ସାହୁ, ଉପସଭାପତି ପ୍ରଶାନ୍ତ କୁମାର ମହାପାତ୍ର, ସ୍ୱତନ୍ତ୍ର ସଚିବ ସରୋଜ କୁମାର ପଟେଲ, ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ଅଶୋକ କୁମାର ହୋତା ପ୍ରମୁଖ ଉପସ୍ଥିତ ରହି ମନ୍ତ୍ରୀ ସାହୁଙ୍କୁ ବିଭିନ୍ନ ଷ୍ଟଲ ବୁଲାଇ ଦେଖାଇଥିଲେ। ପ୍ରଦର୍ଶନୀରେ ୫୦ଟି ଷ୍ଟଲ ପଡ଼ିଥିବା ବେଳେ ବିଭିନ୍ନ ହସ୍ତଶିଳ୍ପ ପ୍ରଦର୍ଶିତ କରାଯାଇଥିଲା। ହେଲେ ଗତ ୪ଦିନ ହେବ ପ୍ରଦର୍ଶନୀ ପଡ଼ିଥିବା ବେଳେ ଏତେ ବିଳମ୍ବରେ କାହିଁକି ଉଦ୍‌ଘାଟନ ହେଲା ବୋଲି ସାଧାରଣରେ ପ୍ରଶ୍ନ ସୃଷ୍ଟି ହେଉଛି। ଅନ୍ୟପଟେ ଦୂରଦୂରାନ୍ତରୁ


ବୟନ ଓ ହସ୍ତଶିଳ୍ପ ରାଷ୍ଟ୍ର ମନ୍ତ୍ରୀ ରୀତା ସାହୁ ପ୍ରଦୀପ ପ୍ରଜ୍ୱଳନ କରି ହସ୍ତଶିଳ୍ପ ପ୍ରଦର୍ଶନୀକୁ ଉଦ୍‌ଘାଟନ କରୁଛନ୍ତି ।

ଆସିଥିବା କାରିଗରମାନେ ଷ୍ଟଲ କରିଥିଲେ ମଧ୍ୟ ସରକାର ପକ୍ଷରୁ ଠିକ୍ ଭାବେ ପ୍ରଚାରପ୍ରସାର ହୋଇ ନଥିବାରୁ ଲୋକେ ଜାଣିପାରୁ ନାହାନ୍ତି। ଫଳରେ ବ୍ୟବସାୟ ସେତେଟା ହେଉ ନ ଥିବାରୁ ଘୋର ଚିନ୍ତାରେ ଥିବା କେତେକ କାରିଗର ପ୍ରକାଶ କରିଛନ୍ତି।

ଭାରତ ସରକାରଙ୍କ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ହସ୍ତଶିଳ୍ପ ପ୍ରଦର୍ଶନ ପାଇଁ ରାଜ୍ୟ ସରକାରଙ୍କୁ ଅର୍ଥ ଦିଆଯାଇଥାଏ। ହେଲେ ତାହା ମାର୍ଚ୍ଚ ସୁଦ୍ଧା ଖର୍ଚ୍ଚ ହୋଇ ନ ପାରିଲେ ଫେରିଯିବା ଭଳି ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା କରି ରାଜ୍ୟ ସରକାର ହସ୍ତ ଶିଳ୍ପ ସମବାୟ ନିଗମ ମାଧ୍ୟମରେ ତରବରିଆ ଭାବେ ହସ୍ତଶିଳ୍ପ ମେଳା ଆୟୋଜନ କରିଛି। ଯାହାକୁ ନେଇ କୋଣାର୍କ ଅଞ୍ଚଳର କାରିଗର ସଂଘ ପକ୍ଷରୁ ନାପସନ୍ଦ କରାଯାଇଛି।

ଏହି ବ୍ୟୟବହୁଳ ମେଳା କାରିଗରଙ୍କ କଲ୍ୟାଣ ନିମନ୍ତେ ନା କେନ୍ଦ୍ରୀୟ ଅନୁଦାନ ଫେରିଯିବା ଆଶଙ୍କାରେ ଯେନତେନ ପ୍ରକାରେ ଅର୍ଥ ବିନିଯୋଗ ହୋଇଛି, ତାହାର ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ କାରିଗର ସଂଘ, କୋଣାର୍କ କାର୍ଯ୍ୟରତ ସାମ୍ବାଦିକ ସମୂହ, ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ସଚିବ, ୫-ଟି ସଚିବ ଓ ପୁରୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ଉତ୍କଳିକା ପରିଚାଳନା ନିର୍ଦ୍ଦେଶକ ଅଶୋକ କୁମାର ହୋତା କୁହନ୍ତି, କୋଣାର୍କରେ ବ୍ୟବସାୟ କମ୍ ହେବା ହେତୁ ଏଠାକୁ କାରିଗରମାନେ ଆସିବାକୁ ଇଚ୍ଛା କରୁନାହାନ୍ତି। ସେଥିପାଇଁ ଉଦ୍‌ଘାଟନ କରିବାରେ ବିଳମ୍ବ ହେଲା ବୋଲି କହିଛନ୍ତି।

# ବିବେକାନନ୍ଦ ଲୋକ ସଂସଦର ପ୍ରବାସୀ ଓଡ଼ିଆ ସମ୍ମିଳନୀ

ଭୁବନେଶ୍ୱର,୧୩।୩(ବ୍ୟୁରୋ)

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ବହିଃସମ୍ଭାଗ ପକ୍ଷରୁ ଆଭାସୀ ମାଧ୍ୟମରେ ଏକ ପ୍ରବାସୀ ଓଡ଼ିଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଡ. ଭାରତ ଭୂଷଣ ରଥଙ୍କ ବେଦପାଠରୁ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଆବାହକ ତଥା ଓଡ଼ିଆ ବୈଜ୍ଞାନିକ ଡ. ବିଜୟ କୁମାର ଦାଶ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ରମାନାଥ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଙ୍ଗଠନିକ ସମ୍ପାଦକ ପ୍ରଫେସର ଚିତ୍ତରଞ୍ଜନ ନାୟକ ଲୋକ ସଂସଦର ବିବିଧ କାର୍ଯ୍ୟ ପଦ୍ଧତି ଦ୍ୱାରା ସମାଜସେବା ବିଷୟରେ ଅବଗତ କରାଇଥିଲେ। ରାଜ୍ୟ ଉପାଧ୍ୟକ୍ଷ ପ୍ରଫେସର ପ୍ରଳୟ କୁମାର ନନ୍ଦ ଉତ୍କଳ ଦିବସ ଓ ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତୀ ବିଶ୍ୱ ସ୍ତରରେ ପାଳନ କରିବାକୁ ନିବେଦନ କରିଥିଲେ। ଏହି ବୈଠକରେ ପ୍ରତି ୩୧ ତାରିଖରେ ଓଡ଼ିଶା ବିକାଶ ଆଭାସୀ ଆଲୋଚନା, ଉତ୍କଳ ଦିବସ ଓ ଗୋପବନ୍ଧୁ ଜୟନ୍ତୀରେ ପ୍ରବାସୀ ଓଡ଼ିଆ ସମ୍ମିଳନୀ, ଲୋକ ସଂସଦର ବିଭିନ୍ନ କମିଟିରେ ପ୍ରବାସୀ ଓଡ଼ିଆଙ୍କୁ ସାମିଲ ଏବଂ ପ୍ରବାସୀ ବନ୍ଧୁମାନଙ୍କୁ ରାଜ୍ୟର ବିକାଶମୂଳକ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ଲୋକ ସଂସଦରେ ଏକ ପ୍ରବାସୀ ଓଡ଼ିଆ ପ୍ରକୋଷ୍ଠ ଗଠନ କରାଯିବା ସକାଶେ ନିଷ୍ପତ୍ତି ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ମାଲେସିଆରୁ ପ୍ରସିଦ୍ଧ ଚିକିତ୍ସକ ଡ. ବିଶ୍ୱମୋହନ ବିଶ୍ୱାଳ, ଇଂଲଣ୍ଡରୁ ଇଂ. ଅଭିଜିତ୍ ଚୌଧୁରୀ, ଦିଲ୍ଲୀରୁ ପ୍ରଫେସର ମୀନକେତନ ବେହେରା, ଇଂ. ସମୀର ଘୋଷ, ଶିଳ୍ପୀ ରତ୍ନାକର ସୂତାର, ବାରାଣସୀରୁ ପ୍ରଫେସର ମୃତ୍ୟୁଞ୍ଜୟ ମିଶ୍ର, ଶିଲଂରୁ ପ୍ରଫେସର ଭାଗୀରଥି ପଣ୍ଡା, ଜମ୍ମୁରୁ ଡ.ପବିତ୍ର କୁମାର ଜେନା, ଇଟାନଗରରୁ ଡ.ନାରାୟଣ ସାହୁ, ସୁରଟ୍‌ରୁ ଶିଳ୍ପୀ ଶିବାଶିଷ ପରିଡ଼ା, ରାଜସ୍ଥାନରୁ ଡ.ଦିଲ୍ଲୀପ ରଣା, ପୁଡୁଚେରୀରୁ ଡ. ଶଶିକାନ୍ତ ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କୋଲକାତା, ତ୍ରିପୁରା, ଗୁଆହାଟୀ, ଅରୁଣାଚଳ ପ୍ରଦେଶ, ଭୁବନେଶ୍ୱର, ଆମେରିକା, ଅଷ୍ଟ୍ରେଲିଆ ଆଦି ସ୍ଥାନରୁ ସଦସ୍ୟ ଯୋଡ଼ି ହୋଇଥିଲେ। ବହିଃସମ୍ଭାଗ ସମ୍ପାଦକ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଝାରସୁଗୁଡ଼ା ଜିଲା ସମ୍ପାଦିକା ଡ. ସ୍ୱର୍ଣ୍ଣମୟୀ ପୁରୋହିତ ଓ ମହାସଚିବ ପ୍ରଫେସର ସୀମାଞ୍ଚଳ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ନାଟକ 'ବଧୂ ବିଦାୟ'ରେ ଝିଅ-ବୋହୂ ସମ୍ପର୍କର ଚିତ୍ର


ଶ୍ରୀଜଗନ୍ନାଥ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ପରିବେଷିତ ନାଟକ 'ବଧୂ ବିଦାୟ'ର ଏକ ଦୃଶ୍ୟ ।

## ଶ୍ରୀଜଗନ୍ନାଥ ସାଂସ୍କୃତିକ ସଂସଦ ପକ୍ଷରୁ ମହିଳା ଦିବସ ପାଳିତ

ପୁରୀ ଅଫିସ,୧୩।୩

ଶ୍ରୀଜଗନ୍ନାଥ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ସୋମବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଭରତଚନ୍ଦ୍ର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ବରିଷ୍ଠ ସେବାୟତ ଭଗବାନ ସୁଆର, ଗୋପାଳଚନ୍ଦ୍ର ଖୁଣ୍ଟିଆ, ଓଡ଼ିଶା ମୋ ପରିବାରର ସଂଯୋଜକ ଶୁଭାଶିଷ ଖୁଣ୍ଟିଆ ଏବଂ ରାଜ୍ୟ ଓବିସିର ଉପଦେଷ୍ଟା ପୃଥ୍ୱୀରାଜ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜ ପ୍ରତି ଥିବା ମହିଳାଙ୍କ ଅବଦାନ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍ମୃତିଞ୍ଜଳି ପତି, ଗାୟତ୍ରୀ ଦାଶ, ଅରୁଣିମା ନନ୍ଦ ଏବଂ ଅନିତା ଦାସଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ପୂର୍ବରୁ ମହିଳାଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସାଂସ୍କୃତିକ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ପରିଚାଳନା କରିଥିଲେ। ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ। ପରେ ଭୁବନେଶ୍ୱରସ୍ଥିତ ପଞ୍ଚଧ୍ୱନୀ ନାଟ୍ୟ ପରିଷଦ ପକ୍ଷରୁ ନାଟକ 'ବଧୂ ବିଦାୟ' ପରିବେଷିତ ହୋଇଥିଲା। କିପରି ଝିଅଟି ବଧୂ ବେଶ ସାଜି ବାପଘର ଛାଡି ଶାଶୁ ଘରକୁ ଯାଇଥାଏ। ଶାଶୁ ଘରେ ବୋହୂକୁ ଝିଅ ନ ଭାବି ଛନ୍ଦ କପଟର ଶିକାର ହେବାକୁ ପଡେ। ଯଦି ବୋହୂକୁ ନିଜ ଝିଅ ଭାବି ତା' ସହ ଚଳିବା ସେତେବେଳେ ଝିଅର ବିଦାୟର ଦୁଃଖ ସହ ବୋହୂର ବାପଘର ଛାଡି ଆସିବା କଷ୍ଟ ସମାନ ଜଣାପଡିବ। ତେବେ ଯାଇ ବୋହୂକୁ ଝିଅର ଆଦର ମିଳିପାରିବ ବୋଲି ନାଟକରେ ଦର୍ଶାଯାଇଛି। ନାଟକରେ ବିରଞ୍ଚି ଦାଶ, କରୁଣାକର ସାମଲ, ଅପୂର୍ବ ରଞ୍ଜନ ସାହୁ, ସ୍ୱାଗତିକା ପଣ୍ଡା ଓ ସଙ୍ଗୀତା ପ୍ରିୟଦର୍ଶିନୀ ସ୍ୱାଇଁ ପ୍ରମୁଖ ଅଭିନୟ କରିଥିଲେ। ପାର୍ଥସାରଥି ମହାନ୍ତି ନାଟକର ନିର୍ଦ୍ଦେଶନା ଦେଇଥିଲାବେଳେ ମାନସ ପରିଡ଼ା ସହନିର୍ଦ୍ଦେଶନା ଦେଇଥିଲେ। ପଞ୍ଚାନନ ଦାଶ ନାଟକ ରଚନା କରିଥିଲାବେଳେ ସଙ୍ଗୀତ ଦେଇଥିଲେ ବିନୟ ଦାଶ।



ପୁରୀ ରୋଟାରୀ କ୍ଲବ ପକ୍ଷରୁ ସୋମବାର ଆୟୋଜିତ ରାଜ୍ୟସ୍ତରୀୟ ଡିଷ୍ଟ୍ରିକ୍ଟ ଗଭର୍ନରଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

## ଡକାୟତି ଯୋଜନା ପଣ୍ଡ, ୫ ଗିରଫ

ଯାଁଳା,୧୩।୩(ଡି.ଏନ୍.ଏ.):

ଇନ୍‌ଫୋଭ୍ୟାଲି ଥାନା ପୋଲିସ ଡକାୟତି ଯୋଜନା ପଣ୍ଡ କରିବା ସହ ୫ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲଣ କରିଛି। ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଥାନା ଅଧୀନ କାଚେରାସାହିର ପ୍ରକାଶ ଦେହୁରି(୨୪), ମୋହନ ମାଝି(୨୩), ଇନ୍‌ଫୋଭ୍ୟାଲି ଥାନା ଗଙ୍ଗପଡ଼ା ଗ୍ରାମର ଅଶୋକ କୁମାର ଦାସ ଓରଫ ପପି(୨୪), ଯାଁଳା ମଠସାହିର ଦୁଇ ଭାଇ ବିଷ୍ଣୁ ପ୍ରସାଦ ସ୍ୱାଇଁ ଓରଫ ସନିଆ(୩୬), ଘନଶ୍ୟାମ ସ୍ୱାଇଁ ଓରଫ ଘନିଆ(୩୧)। ଏମାନଙ୍କ ନିକଟରୁ ଦୁଇଟି ବାଇକ୍, ଖଣ୍ଡା, କଟୁରି, ଷ୍ଟିଲ ପାଇପ୍, ଲୁହାରଡ୍, ମଦ ବୋତଲ ଓ ଲଙ୍କା ଗୁଣ୍ଡ ଜବତ କରାଯାଇଛି। ସୂଚନା ମୁତାବକ, ରବିବାର ରାତିରେ ଇନ୍‌ଫୋଭ୍ୟାଲି ପୋଲିସର ଏକ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ୫ଜଣ ଡକାୟତ ଗୋହିରା ଛକ ଅଧୀନ ବଡ଼ଗାଡିଆ ଅଞ୍ଚଳର ଏକ ନିଛାଟିଆ ସ୍ଥାନରେ ଡକାୟତି ପାଇଁ ଯୋଜନା କରୁଥିବା ନେଇ ସୂଚନା ପାଇଥିଲେ। ପୋଲିସ ଘଟଣାସ୍ଥଳରେ ଚଢ଼ାଉ କରି ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଧରିବା ସହ ମାରଣାସ୍ତ୍ର ଜବତ କରିଥିଲା। ବିଳମ୍ବିତ ରାତିରେ ଜାତୀୟ ରାଜପଥରେ ଯାତାୟାତ କରୁଥିବା ବିଭିନ୍ନ ଗାଡ଼ିରୁ ଡକାୟତି କରିବା ପାଇଁ ଉକ୍ତ ସ୍ଥାନରେ ବସି ଯୋଜନା କରୁଥିଲେ ବୋଲି ଅଭିଯୁକ୍ତମାନେ ସ୍ୱୀକାର କରିଥିବା ପୋଲିସ କହିଛି।

## ଜୁଆଆଡ୍ଡାରେ ଚଢ଼ାଉ, ଜଣେ ଗିରଫ

ଟାଙ୍ଗୀ(ଖୋର୍ଦ୍ଧା),୧୩।୩(ଡି.ଏନ୍.ଏ.):

ଚାନ୍ଦପୁର ଥାନା ଅଧୀନ ଚମ୍ପାପେଢ଼ି ଜଙ୍ଗଲରେ ଚାଲିଥିବା ଏକ ଜୁଆଆଡ୍ଡାରେ ପୋଲିସ ଚଢ଼ାଉ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ସେ ହେଲେ ରଣପୁର ଥାନା ଅଧୀନ ଗୋପାଳପୁର ଗ୍ରାମର ବ୍ରଜ କିଶୋର ମାଝୀ। ପୋଲିସ ଘଟଣାସ୍ଥଳରୁ ଘୁଡୁଘୁଡି ପାଲି ସହ ଲକ୍ଷାଧିକ ଟଙ୍କା, ଗୋଟିଏ ସ୍କୁଟି, ବାଇକ୍ ଜବତ କରିଛି। ଚାନ୍ଦପୁର ଆଇଆଇସି ମୁକେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା।

## ବିଦ୍ୟାଳୟରେ ୩ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ


ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ ।

କଣାସ,୧୩।୩(ସ୍ୱ.ପ୍ର):

ମହାପୁରୁଷଙ୍କ ମହୋନୀୟ କୃତି ଯୁଗେ ଯୁଗେ ଜଗତବାସୀଙ୍କୁ ଅନୁପ୍ରାଣିତ କରେ। ବଡ଼ ଧନୀ ଲୋକ ଅପେକ୍ଷା ଭଲ ମଣିଷଟିଏ ହେବା ଆବଶ୍ୟକ ବୋଲି କଣାସ ବ୍ଲକର ସାନଓରା ଗ୍ରାମରେ ସାନଓରା ପ୍ରାଥମିକ ବିଦ୍ୟାଳୟ, ହରଚଣ୍ଡି ଉପ୍ରା ବିଦ୍ୟାଳୟ ପରିସରରେ ସୋମବାର ୩ଜଣ ଉତ୍କଳ ସନ୍ତାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନରେ ବକ୍ତାମାନେ କହିଥିଲେ। ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ମୂର୍ତ୍ତି ପ୍ରତିଷ୍ଠା ନିମନ୍ତେ ପ୍ରତିଷ୍ଠା ହୋମ, ବସ୍ତ୍ରାବରଣ, ଗୀତାପାଠ ପ୍ରାର୍ଥନା ସଭା ସହିତ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଡାକ୍ତର ବରେନ୍ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏହି ସଭାରେ ରାଧାକାନ୍ତ ଦାସ, କସ୍ତୁରୀଚରଣ ତ୍ରିପାଠୀ, ଡା. ପ୍ରଭାକର ତ୍ରିପାଠୀ, ବିଜୟ ମହାନ୍ତି, ଅଜୟ ସେଠୀ, ସଂଗ୍ରାମ ପ୍ରତାପସିଂହ, ବିଷ୍ଣୁଚରଣ ସାହୁ, ବସନ୍ତ ମହାପାତ୍ର, ସହଶିକ୍ଷାଧିକାରୀ ନାରାୟଣ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଭାଗ୍ୟଧର ସାମନ୍ତରାୟ ସୂଚନା ଦେଇଥିବା ବେଳେ ପ୍ରଧାନଶିକ୍ଷକ ଦିଲୀପ ଶ୍ରୀଚନ୍ଦନ, ହେମନ୍ତ ପ୍ରଧାନ ଉତ୍ସବକୁ ପରିଚାଳନା କରିଥିଲେ। ଶେଷରେ ଦାଶରଥି ସାହୁ ଧନ୍ୟବାଦ ଦେଇଥିବା ବେଳେ ଶିଶୁମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା।

## ମୁଖ୍ୟରାସ୍ତାରେ ଗୋଡ଼ି, ଅଟକିଲା ଦମକଳ ଗାଡ଼ି



ଡେଲାଙ୍ଗ,୧୩।୩(ଡି.ଏନ୍.ଏ.):

ଡେଲାଙ୍ଗ ବ୍ଲକ ଅଧୀନ ସୁଜନପୁର ପଞ୍ଚାୟତର ଜଗଦଳପୁର- କାଲୁପଡା ମୁଖ୍ୟ ରାସ୍ତା ଉପରେ ଚିପ୍ସ, ଗୋଡ଼ି ପଡ଼ିରହିଥିବାରୁ ସୋମବାର ସନ୍ଧ୍ୟାରେ ନିଆଁ ଲିଭାଇବାକୁ ଯାଉଥିବା ଡେଲାଙ୍ଗ ଦମକଳ ଗାଡିଟି ପ୍ରାୟ କିଛି ସମୟ ଧରି ଅଟକି ରହିଥିଲା। ଫଳରେ ଅଗ୍ନିଶମ ସେବା କାର୍ଯ୍ୟରେ ବାଧାପ୍ରାପ୍ତ ହୋଇଥିଲା। ସୂଚନା ମୁତାବକ, ସୋମବାର ସନ୍ଧ୍ୟାରେ ସାଦ୍ଦିକପୁର ଗ୍ରାମ୍ୟ ଜଙ୍ଗଲରେ ନିଆଁ ଲାଗିଥିବା ନେଇ ଡେଲାଙ୍ଗ ଦମକଳ ବାହିନୀ ଖବର ପାଇଥିଲା। ଅଗ୍ନିଶମ କର୍ମଚାରୀମାନେ ଗାଡି ନେଇ ଯାଉଥିବା ସମୟରେ ଜଗଦଳପୁର -କାଲୁପଡାର ମୁଖ୍ୟରାସ୍ତା ଉପରେ ଜଣେ ଠିକାଦାର ମନଇଚ୍ଛା ଚିପ୍ସ ଗୋଡି ଓ ବାଲି ଗଦାଇ ରଖିଥିଲେ। ଫଳରେ ଦମକଳ ଗାଡିଟି ଅନ୍ୟ ବାଟ ନ ପାଇ ସେଠାରେ ଅଟକି ରହିଥିଲା। କୌଣସି ଉପାୟ ନ ପାଇ ଗାଡିଟି ପଛୁଆ ୬୦୦ ମିଟର ଆସିବା ପରେ ଅନ୍ୟ ଦିଗ ଦେଇ ବିଳମ୍ବରେ ପହଞ୍ଚି ଥିଲା। ଫଳରେ ଅଗ୍ନି କାଣ୍ଡ ବୃଦ୍ଧି ପାଇଥିବା ନେଇ ଅଗ୍ନିଶମ ବିଭାଗ ହାବିଲଦାର ଜୟୀରାମ ସାହୁ କହିଛନ୍ତି ।

# ୧୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ

ନିମାପଡ଼ା,୧୩।୩(ଡି.ଏନ୍.ଏ)

ନିମାପଡ଼ା ଅବକାରୀ ବିଭାଗ ଚଢ଼ାଉ କରି ଚାରିଛକ ମେଡିକାଲ ଛକଠାରୁ ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ ପରେ ସୋମବାର କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଚାରିଛକ ଅଞ୍ଚଳର ଅଶୋକ ସେଠୀ(୨୪)। ଜବତ ୯୮ ଗ୍ରାମ ବ୍ରାଉନସୁଗାରର ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ନିମାପଡ଼ା ଅବକାରୀ ବିଭାଗ କେସ୍ ନଂ. ୧୨୦/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୁରୀ ଅବକାରୀ ଅଧୀକ୍ଷକ ଜଗଦୀଶଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶରେ ନିମାପଡ଼ା ଅବକାରୀ ଥାନା ଅଧିକାରିଣୀ ମମତା ଦାସ, ଏଏସ୍‌ଆଇ ଜିତେନ୍ଦ୍ର ବେହେରା, ଆଶିଷ ପ୍ରଧାନ, ଡଲିମଣି ବେହେରା, ମାନସ ନାୟକ, ତପନ ପ୍ରଧାନ, ଏସ୍.କେ. ୱାରିସ୍, ବିଶ୍ୱଜିତ୍ ମହାପାତ୍ର ପ୍ରମୁଖ ସଦଳବଳ ଚଢ଼ାଉ କରିଥିଲେ। ନିମାପଡ଼ା ବଜାର ଦୋଳବେଦୀ ଛକ, ସାଇଲୋ, ଆମ୍ପୋରୋ, ଖେଦରପୁର ଛକ, ଚାରିଛକ ବଜାର, ମେଡିକାଲ ଛକ ପ୍ରଭୃତି ଅଞ୍ଚଳରେ ନିମାପଡ଼ା ଅବକାରୀ ବିଭାଗ ଚଢ଼ାଉ କରିଥିଲା।


ଗିରଫ ଅଭିଯୁକ୍ତ ଅଶୋକ ସେଠୀ ।

# ଶ୍ରୀକ୍ଷେତ୍ର କପ୍ ଉଦ୍‌ଘାଟିତ: କପୁଲ ସ୍ପୋର୍ଟିଂ ବିଜୟୀ

ପୁରୀ ଅଫିସ, ୧୩।୩:

ମର୍ଣ୍ଣିଂ ୱାରିୟର୍ସ ଯୁବକ ସଂଘ ଆନୁକୂଲ୍ୟରେ ପ୍ରଥମ ଶ୍ରୀକ୍ଷେତ୍ର କପ୍ ଏବଂ ପ୍ରଥମ ରାଜା ମେମୋରିଆଲ ଆନ୍ତଃରାଜ୍ୟ ଟେନିସ୍ ବଲ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ତାଳବଣିଆସ୍ଥିତ କ୍ରିକେଟ୍ ପଡ଼ିଆରେ ଆରମ୍ଭ ହୋଇଛି। ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୧୬ ଟିମ୍ ଭାଗ ନେଇଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ପୁରୀ ସଦର ବ୍ଲକ୍ ଚେୟାରମ୍ୟାନ ଦିବାକର ପାତ୍ର, ସାମାଜିକ କର୍ମୀ ସୁଶିଲ କୁମାର ମହାନ୍ତି, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ରବି ଶଙ୍କର ପ୍ରତିହାରୀ ଯୋଦେଇଥିଲେ।



ଟୁର୍ନାମେଣ୍ଟ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

ପୁରୀର କପୁଲ ସ୍ପୋର୍ଟିଂ ଏବଂ ମା' ଜାଗେଶ୍ୱରୀ ଟିମ୍ ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ କପୁଲ ସ୍ପୋର୍ଟିଂ ଜିତିଥିଲା। ଗୋବର୍ଦ୍ଧନ ପାଣିଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ବିବେଚନା କରାଯାଇଥିଲା। ଟୁର୍ନାମେଣ୍ଟ ୬ଦିନ ଧରି ଚାଲିବ। ଯୁବପୀଢିଙ୍କୁ ଖେଳ ପ୍ରତି ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଏହି ଟୁର୍ନାମେଣ୍ଟ ଆୟୋଜନ ହେଉଛି। ଅନୁଷ୍ଠାନର ସମ୍ପାଦକ ବିକ୍ରମ ରାୟ ଏବଂ ସଭାପତି ଭାଗିରଥୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହେଉଛି।

**ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର**

ଗୁରଗାଁଓର ସୋହନା ଅଞ୍ଚଳରେ ଜଣେ ୮ମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ପରେ ଗଣବଳାତ୍କାର ଅଭିଯୋଗ ହୋଇଛି। ରବିବାର ସ୍କୁଲ ପରିସରରେ କ୍ରୀଡା କାର୍ଯ୍ୟକ୍ରମବେଳେ ଛାତ୍ରୀଙ୍କୁ ଯୁବକମାନେ ଅପହରଣ କରିନେଇଥିଲେ। ଅଭିଯୁକ୍ତ ଛାତ୍ର ନାବାଳିକାଙ୍କର ଏକ ଆପତ୍ତିଜନକ ଭିଡିଓ ଉତ୍ତୋଳନ କରି ତାକୁ ସୋସିଆଲ ମିଡିଆରେ ଶେୟାର କରିଥିଲେ। ଡିସେମ୍ବର ୧୮ରେ ୩ ଯୁବକ ତାଙ୍କୁ ଅପହରଣ କରି ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଛି।



## ସଂକ୍ଷେପରେ

### ଯାତ୍ରୀଙ୍କ ମୃତ୍ୟୁ: ଇଣ୍ଡିଗୋ ବିମାନର ଜରୁରୀ ଅବତରଣ

**ନୂଆଦିଲ୍ଲୀ, ୧୩। ୩:** ସୋମବାର ଦିଲ୍ଲୀରୁ ଦୋହା ଅଭିମୁଖେ ଯାଉଥିବା ଇଣ୍ଡିଗୋ ବିମାନ ପାକିସ୍ତାନର କରାଚିରେ ଜରୁରୀ ଅବତରଣ କରିଛି। ବିମାନରେ ଜଣେ ଯାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ତାଙ୍କ ଚିକିତ୍ସା ପାଇଁ ବିମାନକୁ କରାଚିରେ ଜରୁରୀ ଅବତରଣ କରିବାକୁ ପଡ଼ିଥିଲା। କିନ୍ତୁ ଚିକିତ୍ସା ପାଇଁ ନେବା ସମୟରେ ଉକ୍ତ ଯାତ୍ରୀଙ୍କୁ ବିମାନ ବନ୍ଦରର ମେଡିକାଲ ଷ୍ଟାଫ୍ ମୃତ ଘୋଷଣା କରିଥିଲେ। ୫ ଘଣ୍ଟାର ଅପେକ୍ଷା ପରେ କରାଚି କର୍ତ୍ତୃପକ୍ଷ ମୃତ୍ୟୁ ପ୍ରମାଣ ପତ୍ର ଦେଇଥିଲେ। ଏହାପରେ ବିମାନଟି ପୁଣିଥରେ ଦିଲ୍ଲୀ ଫେରିଆସିଲା। ମୃତ ଯାତ୍ରୀ ଜଣକ ନାଇଜେରିଆର ଅବଦୁଲ୍ଲାହ (୬୦)। ଯାତ୍ରୀଙ୍କ ମୃତ୍ୟୁ ନେଇ ଇଣ୍ଡିଗୋ ବିମାନ କର୍ତ୍ତୃପକ୍ଷ ଶୋକବ୍ୟକ୍ତ କରିବା ଅନ୍ୟଯାତ୍ରୀଙ୍କ ବିମାନ ଯାତ୍ରା ସଫଳ କରିବା ଲାଗି ଇଣ୍ଡିଗୋ ପକ୍ଷରୁ ବନ୍ଦୋବସ୍ତ କରାଯିବ ବୋଲି ବିମାନ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ।

### ରାଷ୍ଟ୍ରପତି ଭାବେ ଶପଥ ନେଲେ ରାମ ଚନ୍ଦ୍ର ପୌଡେଲ



**କାଠମାଣ୍ଡୁ, ୧୩। ୩:** ନେପାଳ କଂଗ୍ରେସର ବରିଷ୍ଠ ନେତା ରାମଚନ୍ଦ୍ର ପୌଡେଲ ସୋମବାର ରାଷ୍ଟ୍ରପତି ଭାବେ ଶପଥ ନେଇଛନ୍ତି। ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରେ ଥିବା ଶୀତଳ ନିବାସରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ ନେପାଳର ପ୍ରଧାନ ବିଚାରପତି ହରିକ୍ରିଷ୍ଣା କାରକି ପୌଡେଲଙ୍କୁ ସତ୍ୟ ଓ ଗୋପନୀୟତାର ଶପଥପାଠ କରାଯାଇଥିଲେ। ଗୁରୁବାର ରାମଚନ୍ଦ୍ର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ। ପୌଡେଲଙ୍କୁ ୩୩,୮୦୨ ଇଲେକ୍ଟୋରାଲ ଭୋଟ୍ ମିଳିଥିଲା।

### ଆଇପିଏସ୍ ଜ୍ୟୋତିଙ୍କୁ ବିବାହ କରିବେ ପଞ୍ଜାବ ମନ୍ତ୍ରୀ ହରଜୋତ

**ଚଣ୍ଡିଗଡ଼, ୧୩। ୩:** ପଞ୍ଜାବର ଏଏପି ବିଧାୟକ ହରଜୋତ ସିଂ ବ୍ରେନ୍ସ ଆଇପିଏସ୍ ଅଧିକାରୀ ଜ୍ୟୋତି ଯାଦବଙ୍କୁ ବିବାହ କରିବାକୁ ଯାଉଛନ୍ତି। ପଞ୍ଜାବ ଶିକ୍ଷାମନ୍ତ୍ରୀ ଦାୟିତ୍ୱରେ ଥିବା ହରଜୋତ ଓ ଜ୍ୟୋତିଙ୍କ ନିର୍ବନ୍ଧ ନିକଟରେ ଶେଷ ହୋଇଛି। ପଞ୍ଜାବର ଆଇପିଏସ୍ କ୍ୟାଡର ଜ୍ୟୋତି ମନ୍‌ସା ଜିଲାରେ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି।

### ନୋବେଲ ବିଜୟୀ ସାହିତ୍ୟିକ କେଞ୍ଜାବୁରୋଙ୍କ ପରଲୋକ

**ଟୋକିଓ, ୧୩।୩:** ୧୯୯୪ରେ ସାହିତ୍ୟରେ ନୋବେଲ ପୁରସ୍କାର ପାଇଥିବା ଜାପାନର କେଞ୍ଜାବୁରୋ ଓଏଙ୍କର ପରଲୋକ ହୋଇଯାଇଛି। ତାଙ୍କୁ ୮୮ ବର୍ଷ ହୋଇଥିଲା।



ନୋବେଲ ପାଇବାରେ ସେ ଦ୍ୱିତୀୟ ଜାପାନୀ ସାହିତ୍ୟିକ। ଆଣବିକ ଅସ୍ତ୍ର ବିରୋଧରେ କହିଆସୁଥିବା ଶାନ୍ତି କର୍ମୀ କେଞ୍ଜାବୁରୋଙ୍କର ୩ ତାରିଖରେ ଦେହାନ୍ତ ହୋଇଥିବା ତାଙ୍କର ପ୍ରକାଶନ ସଂସ୍ଥା କୋଡାନ୍‌ସା ଲିଃ ପକ୍ଷରୁ ସୋମବାର କୁହାଯାଇଛି। ସେ ଜାପାନର ଯୁଦ୍ଧ ପରବର୍ତ୍ତୀ ବୃତ୍ତିକୁ ନେଇ ତାଙ୍କର ପିଲାଦିନର ସ୍ମୃତିକୁ ନେଇ ଗଦ୍ୟାତ୍ମକ ଉପନ୍ୟାସ ରଚନା କରିଥିଲେ।

### ୫ ବର୍ଷ ସହମତିରେ ଯୌନ ସମ୍ପର୍କ ବଳାତ୍କାର ନୁହେଁ: ହାଇକୋର୍ଟ

**ବେଙ୍ଗାଲୁରୁ, ୧୩।୩:** ଦୀର୍ଘ ୫ ବର୍ଷ ସହମତିରେ ଯୌନ ସମ୍ପର୍କ ରଖିବା ପରେ ଏହାକୁ ଇଚ୍ଛା ବିରୋଧରେ ବୋଲି କୁହାଯାଇପାରିବ ନାହିଁ। କର୍ନାଟକ ହାଇକୋର୍ଟ ଏହା କହିବା ସହ ଏକ ବଳାତ୍କାର ଅଭିଯୋଗ ମାମଲାକୁ ଖାରଜ କରିଦେଇଛନ୍ତି। ଅଲଗା ରହୁଥିବା ଜଣେ ପ୍ରେମିକା ତାଙ୍କର ପୂର୍ବତନ ପ୍ରେମିକଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିଲେ। ଯୁବକ ଜଣକ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ୫ ବର୍ଷ ଧରି ଯୌନ ସମ୍ପର୍କ ରଖିଥିଲେ ବୋଲି ଯୁବତୀ ଜଣକ ସ୍ୱୀକାର କରିଛନ୍ତି। ପରେ ଯୁବକ ଜଣକ ପ୍ରେମିକାଙ୍କୁ ଛାଡ଼ି ଚାଲିଯିବାରୁ ସେ ତାଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିଲେ।

# ଏବେବି ଅସ୍ତ୍ର ଆମଦାନୀରେ ଭାରତ ଶୀର୍ଷରେ

## ରୁଷିଆ, ଆମେରିକା, ଫ୍ରାନ୍ସ ସର୍ବାଧିକ ଯୋଗାଣକାରୀ

ନୂଆଦିଲ୍ଲୀ, ୧୩।୩

କେନ୍ଦ୍ର ସରକାରଙ୍କ ଆତ୍ମନିର୍ଭର ଭାରତ ସ୍ଲୋଗାନ ଏବଂ ପ୍ରତିରକ୍ଷା ଉତ୍ପାଦନରେ ମେକ୍ ଇନ୍ ଇଣ୍ଡିଆକୁ ଗୁରୁତ୍ୱ ସତ୍ତ୍ୱେ ଏବେ ବି ଏହା ବିଶ୍ୱରେ ସର୍ବାଧିକ ଅସ୍ତ୍ର ଆମଦାନୀ କରୁଥିବା ଦେଶ। ୧୯୯୩ରୁ ଭାରତ ଏହି ପରିଚୟ ବଜାୟ ରଖି ଆସିଛି। ୨୦୧୮ରୁ ୨୦୨୨ ମଧ୍ୟରେ ବିଶ୍ୱର ମୋଟ ଅସ୍ତ୍ର ଆମଦାନୀରେ ଭରାତର ଭାଗ ୧୧ ପ୍ରତିଶତ। ଷ୍ଟକ୍‌ହୋମ୍ ଇଣ୍ଟରନ୍ୟାଶନାଲ ପିସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ଏସଆଇପିଆର୍‌ଆଇ) ପକ୍ଷରୁ ସୋମବାର ପ୍ରକାଶିତ ତଥ୍ୟ ଅନୁଯାୟୀ ଏହି ସମୟ ମଧ୍ୟରେ ରୁଷିଆ ଭାରତକୁ ସର୍ବାଧିକ ୪୫ ପ୍ରତିଶତ ଅସ୍ତ୍ର ଯୋଗାଇଛି। ଫ୍ରାନ୍ସ ୨୯% ଯୋଗାଇ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ୧୧ ପ୍ରତିଶତ ଯୋଗାଣ ସହ ଆମେରିକା ତୃତୀୟରେ ରହିଛି। ପୂର୍ବରୁ ଆମେରିକା ଭାରତକୁ ଅସ୍ତ୍ର ଯୋଗାଣରେ ଦ୍ୱିତୀୟ ସ୍ଥାନରେ ରହିଥିଲା। ତେବେ ୩୬ଟି ରାଫାଲ ଯୁଦ୍ଧବିମାନ କିଣିବା ଲାଗି ଭାରତ ୫୯ ହଜାର କୋଟି ଟଙ୍କାର ଡିଲ୍ କରିବା ପରେ ଫ୍ରାନ୍ସ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି।

ଅସ୍ତ୍ର ଆମଦାନିରେ ଭାରତ ପଛକୁ ଦ୍ୱିତୀୟ ସ୍ଥାନରେ ସାଉଦି ଆରବ ରହିଥିବାବେଳେ ତୃତୀୟରେ କାତାର, ଚତୁର୍ଥ ସ୍ଥାନରେ ଅଷ୍ଟ୍ରେଲିଆ, ପଞ୍ଚମରେ ଚାଇନା, ଷଷ୍ଠରେ ଇଜିପ୍ଟ, ସପ୍ତମରେ ଦକ୍ଷିଣ କୋରିଆ ଓ ଅଷ୍ଟମରେ ପାକିସ୍ତାନ ରହିଛି। ବିଶ୍ୱରେ ମୋଟ ଅସ୍ତ୍ର ଆମଦାନିର ୯.୬ ପ୍ରତିଶତ ସାଉଦି ଆରବ କରୁଥିବାବେଳେ କାତାର ୬.୪ ପ୍ରତିଶତ, ଅଷ୍ଟ୍ରେଲିଆ ୪.୭%, ଚାଇନା ୪.୬%, ଇଜିପ୍ଟ ୪.୫%, ଦକ୍ଷିଣ କୋରିଆ ଏବଂ ପାକିସ୍ତାନ ୩.୭ ପ୍ରତିଶତ ଲେଖାଏ ଆମଦାନି କରିଥାନ୍ତି। ଅନ୍ୟପକ୍ଷରେ ୧୦ ପ୍ରମୁଖ ଅସ୍ତ୍ର ରପ୍ତାନିକାରୀଙ୍କ ମଧ୍ୟରେ ଆମେରିକା ସର୍ବାଧିକ ୪୦% ଅସ୍ତ୍ର ଯୋଗାଉଥିବାବେଳେ ରୁଷିଆ ୧୬%, ଫ୍ରାନ୍ସ ୧୧%, ଚାଇନା ୫.୨%, ଜର୍ମାନୀ ୪.୨%, ଇଟାଲୀ ୩.୮%, ବ୍ରିଟେନ ୩.୨%, ସ୍ପେନ୍ ୨.୬%, ଦକ୍ଷିଣ କୋରିଆ ୨.୪% ଏବଂ ଇସ୍ରାଏଲ୍ ୨.୩ ପ୍ରତିଶତ ଅସ୍ତ୍ର ରପ୍ତାନି କରିଥାନ୍ତି। ତେବେ ପାକିସ୍ତାନକୁ ଚାଇନା ୭୭ ପ୍ରତିଶତ ଅସ୍ତ୍ର ଯୋଗାଇଥାଏ।

ପ୍ରତିରକ୍ଷା ବାବଦ ବ୍ୟୟରେ ଆମେରିକା, ଚାଇନା ପରେ ଭାରତ ତୃତୀୟ ସ୍ଥାନରେ ରହିଛି। ପ୍ରତିରକ୍ଷା ଉତ୍ପାଦନରେ ଆତ୍ମନିର୍ଭର ହେବା ଲାଗି ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଘରୋଇ ପ୍ରତିରକ୍ଷା ଶିଳ୍ପ ପାଇଁ ପ୍ରତିରକ୍ଷା ବଜେଟର ୭୫% ରଖାଯାଇଛି। ଚଳିତ ଆର୍ଥିକ ବର୍ଷରେ ଭାରତ ୧୩,୩୯୯ କୋଟି ଟଙ୍କାର ସାମରିକ ଯୁଦ୍ଧାସ୍ତ୍ର ବିକ୍ରି କରିଛି। ବିଦେଶରୁ ଅସ୍ତ୍ର କିଣା ବାବଦ ବ୍ୟୟ ୨୦୧୮-୧୯ରେ ୪୫% ଥିବାବେଳେ ତାହା ୨୦୨୨ରେ ୩୬.୭%କୁ ହ୍ରାସ ପାଇଥିବା ସୋମବାର ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ଅଜୟ ଭଟ୍ଟ ରାଜ୍ୟ ସଭାକୁ ସୂଚନା ଦେଇଛନ୍ତି। ପ୍ରତିରକ୍ଷା ଏବଂ ଏରୋସ୍ପେସ୍ ସେକ୍ଟରରେ ଘରୋଇ କାରବାର ୧,୭୫,୦୦୦ କୋଟି ଟଙ୍କା ଲକ୍ଷ୍ୟ ହାସଲ ପାଇଁ ଅନେକ କିଛି କରିବାକୁ ପଡ଼ିବ ବୋଲି କୁହାଯାଇଛି।



ରାଫାଲ ଯୁଦ୍ଧବିମାନ

### ସୈନ୍ୟବାହିନୀକୁ 'ଗ୍ରେଟ୍ ୱାଲ୍ ଅଫ୍ ଷ୍ଟିଲ୍'ରେ ପରିଣତ କରିବି: ଜିନ୍‌ପିଙ୍ଗ



ବେଜିଂ, ୧୩।୩ (ପି.ଟି.)

ଚାଇନାର ସାର୍ବଭୌମତ୍ୱ ରକ୍ଷା ଲାଗି ସୈନ୍ୟବାହିନୀକୁ 'ଗ୍ରେଟ୍ ୱାଲ୍ ଅଫ୍ ଷ୍ଟିଲ୍'ରେ ପରିଣତ କରିବେ ବୋଲି ଏହାର ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ସୋମବାର ସଂକଳ୍ପ କରିଛନ୍ତି। ଆମେରିକା ଏବଂ କେତେକ ପଡୋଶୀ ଦେଶ ସହ ଚାଇନାର ଉତ୍ତେଜନା ବଢୁଥିବାବେଳେ ୬୯ ବର୍ଷୀୟ ଜିନ୍‌ପିଙ୍ଗ ଏଭଳି ଶପଥ ନେଇଛନ୍ତି। ସାଉଦି ଆରବ ଏବଂ ଇରାନ ମଧ୍ୟରେ କୂଟନୈତିକ ଡିଲ୍ ପରେ ବିଶ୍ୱ ବ୍ୟାପାରରେ ବେଜିଂର ବୃହତ୍ ଭୂମିକା ପାଇଁ ଜିନ୍‌ପିଙ୍ଗ ଆହ୍ୱାନ ଦେଇଛନ୍ତି। ତୃତୀୟ ଥର ପାଇଁ ଚାଇନାର ରାଷ୍ଟ୍ରପତି ହେବା ପରେ ଜିନ୍‌ପିଙ୍ଗ ତାଙ୍କର ପ୍ରଥମ ଥର ପାଇଁ ଉଦ୍‌ବୋଧନ ଦେଇ ତାଙ୍କ ନେତୃତ୍ୱରେ ଶାସକ କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନା (ସିପିସି)ର ନେତୃତ୍ୱକୁ କାଏମ ରଖିବା ଲାଗି ରାଷ୍ଟ୍ରକୁ ଆହ୍ୱାନ ଦେଇଛନ୍ତି। ସିପିସିର ପ୍ରତିଷ୍ଠାତା ମାଓ ଜେଡୋଙ୍ଗଙ୍କ ଭଳି ଜିନ୍‌ପିଙ୍ଗ ଦଳର ମୁଖ୍ୟ ନେତା। ତୃତୀୟ ଥର ରାଷ୍ଟ୍ରପତି ଏବଂ ସେଣ୍ଟ୍ରାଲ ମିଲିଟାରୀ କମିଶନ (ସିଏମ୍‌ସି) ମୁଖ୍ୟ ଭାବେ ଜିନ୍‌ପିଙ୍ଗଙ୍କ ନିଯୁକ୍ତିକୁ ଗତ ସପ୍ତାହରେ ପାର୍ଲାମେଣ୍ଟ ସମର୍ଥନ ଜଣାଇଥିଲା। ସେ ଗତବର୍ଷ ଅକ୍ଟୋବରରେ ତୃତୀୟ ଥର ପାଇଁ ନିର୍ଦ୍ୱନ୍ଦ୍ୱରେ ସିପିସି ମୁଖ୍ୟ ନିର୍ବାଚିତ ହୋଇଥିଲେ।

# ଆମେରିକାର ଆଉ ଏକ ବ୍ୟାଙ୍କ ବୁଡିଲା

ନ୍ୟୁୟର୍କ, ୧୩।୩





ସିଲିକନ୍ ଭ୍ୟାଲି ବ୍ୟାଙ୍କ (ଏସ୍‌ଭିବି) ବନ୍ଦ ହେବାର ଦୁଇଦିନ ପରେ ନ୍ୟୁୟର୍କର ସିଗ୍‌ନେଚର ବ୍ୟାଙ୍କ ବୁଡିଛି। ଉଭୟ ବ୍ୟାଙ୍କର ଜମାକାରୀମାନେ ସେମାନଙ୍କ ଜମା ଅର୍ଥ ଯେପରି ଫେରିପାଇବେ, ସେ ଦିଗରେ ଆମେରକା କର୍ତ୍ତୃପକ୍ଷ ପଦକ୍ଷେପ ନେଉଛନ୍ତି। ସୋମବାରଠାରୁ ଏସ୍‌ଭିବି ଜମାକାରୀଙ୍କୁ ଅର୍ଥ ଫେରାଇବା ଆରମ୍ଭ ହୋଇଥିବା ଆମେରିକା ଟ୍ରେଜେରୀ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଆମେରିକାର ଫେଡେରାଲ ରିଜର୍ଭ କ୍ରମାଗତ ସୁଧହାର ବଢ଼ାଇବାରୁ ଏହାର ପ୍ରତ୍ୟକ୍ଷ ପ୍ରଭାବ ବ୍ୟାଙ୍କିଙ୍ଗ୍ ସେକ୍ଟରରେ ପଡ଼ିଛି। ବୃହତ୍ ଟେକ୍ନୋଲୋଜି କମ୍ପାନୀ ଓ ଷ୍ଟାର୍ଟଅପ୍‌ଗୁଡ଼ିକୁ ଋଣ ପ୍ରଦାନ କରିଆସୁଥିବା ଏସ୍‌ଭିବି ବୁଡିଯାଇଛି। ଏସ୍‌ଭିବିକୁ ଶୁକ୍ରବାର କାଲିଫର୍ନିଆ ବ୍ୟାଙ୍କିଙ୍ଗ୍ ରେଗୁଲେଟର୍ସ ବନ୍ଦ ଘୋଷଣା କରିଥିଲେ। ୨୦୦୮ର ବୈଶ୍ୱିକ ଆର୍ଥିକ ସଙ୍କଟ ପରେ ଏହାକୁ ରିଟେଲ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ସବୁଠୁ ବଡ଼ ବିପର୍ଯ୍ୟୟ ବୋଲି କୁହାଯାଉଛି। ସେହିପରି କ୍ରିପ୍ଟୋକରେନ୍ସି କାରବାରର ପ୍ରଘଟ ହେବା ପରେ ନ୍ୟୁୟର୍କର ଆଞ୍ଚଳିକ ଋଣପ୍ରଦାନକାରୀ ସିଗ୍‌ନେଚର ବ୍ୟାଙ୍କର ଷ୍ଟକ୍ ମୂଲ୍ୟ ହ୍ରାସ ପାଇଥିଲା। ଏହି ବ୍ୟାଙ୍କକୁ ରବିବାର ବନ୍ଦ କରିଦିଆଯାଇଛି। ତେବେ ଜମାକାରୀମାନେ ସମ୍ପୂର୍ଣ୍ଣ ଜମା ଅର୍ଥ ଫେରିପାଇବେ ବୋଲି ଆମେରିକା ଫେଡେରାଲ ରିଜର୍ଭ, ଫେଡେରାଲ ଡିପୋଜିଟ୍ ଇନ୍‌ସୁରାନ୍ସ କର୍ପୋରେଶନ ଏବଂ ଟ୍ରେଜେରି ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି।



ଆମେରିକାର କାଲିଫର୍ନିଆରେ ଏକ ଗଛ ପଛପଟେ ଇନ୍ଦ୍ରଧନୁର ନୈସର୍ଗିକ ଦୃଶ୍ୟ ନାସା ଦ୍ୱାରା ଉତ୍ତୋଳନ କରାଯାଇଛି।

### ଇମ୍ରାନ୍‌ଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା



ଇସ୍‌ଲାମାବାଦ, ୧୩।୩

ମହିଳା ବିଚାରପତି ଜେବା ଚୌଧରୀଙ୍କୁ ଧମକ ଦେବା ମାମଲାରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ବିରୋଧରେ ସୋମବାର ଏକ ସିଭିଲ ଜଜ୍ ଡିଷ୍ଟ୍ରିକ୍ଟ ସେସନ୍ସ କୋର୍ଟ ଜାମିନବିହୀନ ଗିରଫ ପରୱାନା ଜାରି କରିଛନ୍ତି। ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ(ପିଟିଆଇ) ଅଧ୍ୟକ୍ଷ ଇମ୍ରାନ ସୋମବାର କୋର୍ଟରେ ହାଜର ହେବାକୁ ଥିବାବେଳେ ସୁରକ୍ଷା କାରଣ ଦର୍ଶାଇ ସେ ଉପସ୍ଥିତ ହୋଇ ନ ଥିଲେ। ଫଳରେ ଅଦାଲତ ତାଙ୍କ ଆବେଦନକୁ ଖାରଜ କରିଦେବା ସହ ଗିରଫ ପରୱାନା ଜାରି କରିଛନ୍ତି। ତାଙ୍କୁ ମାର୍ଚ୍ଚ ୨୯ରେ ହାଜର କରାଇବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସହଯୋଗୀ ଶାହବାଜ୍ ଗିଲ୍‌ଙ୍କୁ ହାଜତରେ ନିର୍ଯାତନା ଦିଆଯାଉଥିବା ଘଟଣାରେ ସମବେଦନା ଜଣାଇବାକୁ ଗତବର୍ଷ ଅଗଷ୍ଟରେ ଇମ୍ରାନ୍ ଏକ ରାଲିରେ ଜଜ୍ ଜେବା ଚୌଧରୀଙ୍କୁ ଧମକ ଦେଇଥିଲେ। କାର୍ଯ୍ୟାନୁଷ୍ଠାନ ପାଇଁ ସେ ପ୍ରସ୍ତୁତ ରହନ୍ତୁ ବୋଲି ଇମ୍ରାନ କହିଥିଲେ। ପିଟିଆଇ ନେତାଙ୍କ ଏଭଳି ମନ୍ତବ୍ୟ ପାଇଁ ତାଙ୍କ ବିରୋଧରେ ଏତଲା ଦାଏର ହୋଇଥିଲା।

# ପ୍ରତିରକ୍ଷା ମନ୍ତ୍ରଣାଳୟ ଆଇନ ହାତକୁ ନେଇପାରିବ ନାହିଁ

ନୂଆଦିଲ୍ଲୀ, ୧୩।୩

**ଓଆର୍‌ଓପି ବକେୟା ମାମଲାରେ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା**

ଗୋଟିଏ ପାହ୍ୟା-ଗୋଟିଏ ପେନ୍‌ସନ (ଓଆର୍‌ଓପି) ବକେୟା ୪ କିସ୍ତିରେ ପୈଠ କରିବାକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ନୋଟିସ୍ ଜାରି କରିଥିବାରୁ ସୁପ୍ରିମକୋର୍ଟ ଏହାକୁ ଭର୍ତ୍ସନା କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରଣାଳୟ ଆଇନକୁ ହାତକୁ ନେଇ ପାରିବ ନାହିଁ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ପି.ଏସ୍. ନରସିଂହ ଏବଂ ଜେ.ବି. ପର୍ଦ୍ଦିୱାଲାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ୪ କିସ୍ତିରେ ଓଆର୍‌ଓପି ଏରିଅର ପୈଠ କରିବା ନିମନ୍ତେ ଜାନୁୟାରୀ ୨୦ରେ ମନ୍ତ୍ରଣାଳୟ ଜାରି କରିଥିବା ବିଜ୍ଞପ୍ତିକୁ ତୁରନ୍ତ ପ୍ରତ୍ୟାହାର କରିନେବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। କେନ୍ଦ୍ର ପକ୍ଷରୁ ଆର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀ ଉପସ୍ଥିତ ରହି କହିଥିଲେ, ପୂର୍ବତନ ସେନା କର୍ମଚାରୀମାନଙ୍କର ଗୋଟିଏ କିସ୍ତି ଓଆର୍‌ଓପି ବକେୟା ପୈଠ ହୋଇଛି। ଅବଶିଷ୍ଟ ଅର୍ଥ ପୈଠ ଲାଗି ସେ ସମୟ ମାଗିଥିଲେ। ପ୍ରଥମେ ବିଜ୍ଞପ୍ତି ପ୍ରତ୍ୟାହାର କର, ତା' ପରେ ଆବେଦନର ବିଚାର କରାଯିବ ବୋଲି ଖଣ୍ଡପୀଠ ଭେଙ୍କଟରମଣୀଙ୍କୁ କହିଥିଲେ।

## ସିବିଆଇ ତଦନ୍ତ ଅଟକାଇଲେ ସୁପ୍ରିମକୋର୍ଟ

**ବିଆର୍‌ଏସ୍ ବିଧାୟକ ଘୋଡ଼ାବେପାର ମାମଲା**

**ନୂଆଦିଲ୍ଲୀ, ୧୩।୩:** ଭାରତର ରାଷ୍ଟ୍ର ସମିତି (ବିଆର୍‌ଏସ୍)ର କେତେଜଣ ବିଧାୟକଙ୍କୁ କିଣିବା ପାଇଁ ଉଦ୍ୟମ ପଛରେ ଆପରାଧିକ ଷଡ଼ଯନ୍ତ୍ର ଥିବା ଭାଜପାର ଅଭିଯୋଗ ଉପରେ ତଦନ୍ତକୁ ସ୍ଥଗିତ ରଖିବା ନିମନ୍ତେ ସୁପ୍ରିମକୋର୍ଟ ସୋମବାର ସିବିଆଇକୁ କହିଛନ୍ତି। ଏହି ମାମଲାରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ବିରୋଧରେ ତେଲଙ୍ଗାନା ପୋଲିସର ଅପିଲ୍ ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇରେ ହେବାକୁ ଥିବାରୁ ସିବିଆଇ ତଦନ୍ତରେ ଆଗକୁ ବଢ଼ିବା ଉଚିତ ନୁହେଁ ବୋଲି ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଏମ୍.ଏମ୍. ସୁନ୍ଦ୍ରେଶଙ୍କ ଖଣ୍ଡପୀଠ ଟିପ୍ପଣୀ ଦେଇଥିଲେ। ତେଲଙ୍ଗାନା ପୋଲିସ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦୁଷ୍ୟନ୍ତ ଡାଭେ ଉପସ୍ଥିତ ରହି ସିବିଆଇକୁ ତଦନ୍ତ ଦାୟିତ୍ୱ ଦିଆଯିବାକୁ ବିରୋଧ କରିଥିଲେ। ମାମଲା ଏପର୍ଯ୍ୟନ୍ତ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାକୁ ହସ୍ତାନ୍ତର କରାଯାଇ ନାହିଁ। ମାମଲା ବିଚାରାଧୀନ ଥିବାରୁ ସିବିଆଇ ତଦନ୍ତ କରିବା ଆବଶ୍ୟକ ନାହିଁ ବୋଲି ଖଣ୍ଡପୀଠ କହିଥିଲେ।

# ଆଇସୋଲେଶନ, ଟିକାକରଣ ପରାମର୍ଶ

**ବଢୁଛି ଏଚ୍‌୩ଏନ୍୨ ସଂକ୍ରମଣ**

ନାଗପୁର, ୧୩।୩



ଡ. ରଣଦୀପ୍ ଗୁଲେରିଆ

ଜାତୀୟ କୋଭିଡ୍ ଟାସ୍କଫୋର୍ସର ନେତୃତ୍ୱ ନେଇଥିବା ଡ. ରଣଦୀପ୍ ଗୁଲେରିଆ ବର୍ତ୍ତମାନର ଇନ୍‌ଫ୍ଲୁଏଞ୍ଜା ଏଚ୍୩ଏନ୍୨ ସଂକ୍ରମଣକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ସଂକ୍ରମଣରୁ ବର୍ତ୍ତିବା ଲାଗି ଲୋକମାନେ ମାସ୍କ ପିନ୍ଧିବା ସହ ହାତ ଧୋଇବା ଆବଶ୍ୟକ। କୋଭିଡ୍ ସମୟର ଆଇଶୋଲେଶନ ଭଳି ବର୍ତ୍ତମାନ ଇନ୍‌ଫ୍ଲୁଏଞ୍ଜା ସଂକ୍ରମଣର ଅଧିକ ବିପଦ ଥିବା ଲୋକମାନଙ୍କୁ ଏକାନ୍ତ ବାସରେ ରଖିବା ଏବଂ ସମସ୍ତେ ଟିକା ନେବା ଲାଗି ଗୁଲେରିଆ ପରାମର୍ଶ ଦେଇଛନ୍ତି। ଏକାଡେମୀ ଅଫ୍ ମେଡିକାଲ ସାଇନ୍ସ ଦ୍ୱାରା ଆୟୋଜିତ ଏକ ସମ୍ମିଳନୀ ଅବସରରେ ଗୁଲେରିଆ ଗଣମାଧ୍ୟମକୁ ଏହା କହିଛନ୍ତି। ସଂକ୍ରମିତ ବ୍ୟକ୍ତିଙ୍କ ନିଶ୍ୱାସରେ ବାହାରୁଥିବା ଜଳକଣା ଏବଂ କାଶରେ ଭୂତାଣୁ ସଂକ୍ରମିତ ହେଉଥିବାରୁ ସମସ୍ତେ ମାସ୍କ ପିନ୍ଧିବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ସେହିପରି ପିଲାମାନେ ସ୍କୁଲରେ ସଂକ୍ରମିତଙ୍କ ଛୁଇଁ ଅନ୍ୟମାନଙ୍କୁ ଭୂତାଣୁ ସଂକ୍ରମିତ କରାଉଛନ୍ତି। ସେଥିପାଇଁ ନିୟମିତ ହାତ ଧୋଇବା ଏବଂ ସାମାଜିକ ଦୂରତ୍ୱ ବଜାୟ ରଖିବା ଉପରେ ଗୁଲେରିଆ ଗୁରୁତ୍ୱ ଦେଇଛନ୍ତି।

**ସମଲିଙ୍ଗୀ ବିବାହ ମାମଲା**

# ସାମ୍ବିଧାନିକ ପୀଠରେ ହେବ ଶୁଣାଣି

ନୂଆଦିଲ୍ଲୀ, ୧୩।୩(ପି.ଟି.)

ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତି ଦେବା ପାଇଁ ଦାଏର ପିଟିଶନଗୁଡ଼ିକୁ ସୁପ୍ରିମକୋର୍ଟ ସୋମବାର ୫ ଜଣିଆ ସାମ୍ବିଧାନିକ ପୀଠକୁ ପଠାଇଦେଇଛନ୍ତି। ଏପ୍ରିଲ ୧୮ରୁ ସେଗୁଡ଼ିକର ଶୁଣାଣି ସାମ୍ବିଧାନିକ ପୀଠରେ ହେବା ସହ ଏହାର ସିଧାପ୍ରସାରଣ କରାଯିବ । ସମଲିଙ୍ଗୀ ବିବାହ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବୋଲି ଦର୍ଶାଇ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି, ଗୋଟିଏ ପଟେ ସାମ୍ବିଧାନିକ ଅଧିକାର ଏବଂ ଅନ୍ୟ ପଟେ ସ୍ୱତନ୍ତ୍ର ବିବାହ ଆଇନ ସମେତ ସ୍ୱତନ୍ତ୍ର ଆଇନ କାର୍ଯ୍ୟକାରିତା ମଧ୍ୟରେ ଅନ୍ତଃକ୍ରିୟା ଏହି ପ୍ରସଙ୍ଗ ସହ ଜଡ଼ିତ। ଆମ ବିଚାରରେ ସମ୍ବିଧାନର ଅନୁଚ୍ଛେଦ ୧୪୫(୩) ଅନୁଯାୟୀ ଉକ୍ତ ମାମଲା ୫ ଜଣିଆ ପୀଠରେ ସମାଧାନ କରାଯିବା ଉଚିତ ହେବ। ସେଥିପାଇଁ ଆବେଦନଗୁଡ଼ିକୁ ସାମ୍ବିଧାନିକ ପୀଠକୁ ପଠାଗଲା ବୋଲି ସିଜେଆଇଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ପି.ଏସ୍. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଉକ୍ତ ମାମଲାର ରାୟ ସମ୍ପୂର୍ଣ୍ଣ ସମାଜକୁ ପ୍ରଭାବିତ କରିବାକୁ ଥିବାରୁ ଉଭୟ ପକ୍ଷର ଯୁକ୍ତି ଶୁଣାଣିକୁ କାଟ୍‌ଛାଣ୍ଟ ନ କରିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅଦାଲତଙ୍କୁ ନିବେଦନ କରିଥିଲେ।



**ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ କହିଲେ ସୁପ୍ରିମକୋର୍ଟ**

ସମଲିଙ୍ଗୀ ବିବାହକୁ ବୈଧାନିକ ସ୍ୱୀକୃତି ମିଳିବ କି ନାହିଁ ସେ ନିଷ୍ପତ୍ତି ପାର୍ଲାମେଣ୍ଟ ନେବ ବୋଲି କେନ୍ଦ୍ର ସରକାର କହିଛନ୍ତି। ରବିବାର କେନ୍ଦ୍ର ସରକାର ସର୍ବୋଚ୍ଚ ଅଦାଲତଙ୍କୁ ସତ୍ୟପାଠ ଜରିଆରେ ଜଣାଇଥିଲେ ଯେ, ସମଲିଙ୍ଗୀ ବିବାହ ଭାରତୀୟ ପରିବାର ଧାରଣା ମୁତାବକ ନୁହେଁ। ସ୍ୱାମୀ, ସ୍ତ୍ରୀ ଓ ପିଲାଙ୍କୁ ନେଇ ଭାରତୀୟ ପରିବାର ଗଠିତ, ଯେଉଁଠି ସ୍ୱାମୀ ଜଣେ ଜୈବିକ ପୁରୁଷ ଓ ସ୍ତ୍ରୀ ଜୈବିକ ମହିଳା ହେବା ଜରୁରୀ। ଭାରତୀୟ ଦଣ୍ଡ ସଂହିତା(ଆଇପିସି)ର ଦଫା ୩୭୭କୁ ଅପରାଧମୁକ୍ତ କରାଯିବା ଅର୍ଥ ନୁହେଁ ଯେ, ଦେଶର ଆଇନ ଅନୁଯାୟୀ ସମଲିଙ୍ଗୀ ବିବାହକୁ ସ୍ୱୀକୃତି ଦେବା ପାଇଁ ଆବେଦନକାରୀ ମୌଳିକ ଅଧିକାର ଭାବେ ଦାବି କରିପାରିବେ। ପାର୍ଟନର ଭାବେ ଏକାଠି ରହିବା ଏବଂ ସମଲିଙ୍ଗୀ ବ୍ୟକ୍ତି ଯୌନ ସମ୍ପର୍କ ସ୍ଥାପନ କରିବା ଭାରତୀୟ ପରିବାର ଧାରଣା ସହ ତୁଳନୀୟ ନୁହେଁ। ଏଲ୍‌ଜିବିଟିକ୍ୟୁ ପ୍ଲସ୍ ଗୋଷ୍ଠୀର ଆବେଦନକୁ ବର୍ତ୍ତମାନର ଆଇନଗତ ବ୍ୟବସ୍ଥା ଅନୁଯାୟୀ ଖାରଜ କରିଦେବାକୁ କେନ୍ଦ୍ର ସରକାର ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରିଥିଲେ। ସମଲିଙ୍ଗୀ ବିବାହର ପଞ୍ଜୀକରଣ ବର୍ତ୍ତମାନର ପର୍ସୋନାଲ ଆଇନ ଏବଂ ସଂହିତାବଦ୍ଧ ଆଇନ ବ୍ୟବସ୍ଥାର ଉଲ୍ଲଂଘନ ହେବ। ବିବାହ ଅର୍ଥ ଦୁଇ ବିପରୀତଲିଙ୍ଗୀ ବ୍ୟକ୍ତିଙ୍କ ମଧ୍ୟରେ ମିଳନ ଏବଂ ଏହି ସଂଜ୍ଞା ସାମାଜିକ, ସାଂସ୍କୃତିକ ତଥା ଆଇନଗତ ଭାବେ ଦୀର୍ଘବର୍ଷ ଧରି ସ୍ୱୀକୃତି ପାଇଆସିଛି। ନ୍ୟାୟିକ ହସ୍ତକ୍ଷେପ ଦ୍ୱାରା ଏହାକୁ ପ୍ରଭାବିତ କରାଯିବା ଉଚିତ ନୁହେଁ ବୋଲି କେନ୍ଦ୍ର ସରକାର କହିଥିଲେ।



ଦରଦାମ ବୃଦ୍ଧି ପ୍ରସଙ୍ଗରେ କଂଗ୍ରେସ ପକ୍ଷରୁ ସୋମବାର ରାଜଭବନ ଘେରାଉ ବେଳେ ଉପସ୍ଥିତ ନେତା ଓ କର୍ମୀ।

### ଦରଦାମ୍ ବୃଦ୍ଧି, ମୋଦି-ଆଦାନୀ ସମ୍ପର୍କକୁ ବିରୋଧ

# ରାଜଭବନ ଘେରିଲା କଂଗ୍ରେସ

**ଭୁବନେଶ୍ୱର, ୧୩।୩(ବ୍ୟୁରୋ)**

ଦରଦାମ୍ ବୃଦ୍ଧି ପ୍ରସଙ୍ଗ ଏବଂ ମୋଦି ଓ ଆଦାନୀ ସମ୍ପର୍କ ବିଷୟ ଉଠାଇ ସୋମବାର ରାସ୍ତାକୁ ଓହ୍ଲାଇଛି କଂଗ୍ରେସ। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶତାଧିକ କର୍ମୀ, ନେତା ଓ ବିଧାୟକମାନେ ରାଜଭବନ ଆଗରେ ପ୍ରତିବାଦ କରିବା ସହିତ କେନ୍ଦ୍ର ଉପରେ ବର୍ଷିଛନ୍ତି। ଏପରିକି ଗ୍ୟାସ୍ ଦର ପ୍ରତିବାଦରେ ସିଲିଣ୍ଡର ଉପରେ ଗୋବର ଘଷି ଲଗାଇ ଦଳୀୟ ନେତାମାନେ ପ୍ରତିବାଦ କରିଛନ୍ତି। ରାଜଭବନ ଆଗରେ କଂଗ୍ରେସ ନେତା ଓ କର୍ମୀମାନେ ପ୍ରତିବାଦ କରିବା ସମୟରେ ପୋଲିସ ସହ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ କଂଗ୍ରେସ କର୍ମୀମାନେ ପୋଲିସ ଉପରକୁ ଅଣ୍ଡା ଓ ଟମାଟୋ ମାଡ଼ କରିଥିବାର କିଛି ଦୃଶ୍ୟ ଦେଖିବାକୁ ମିଳିଥିଲା।

ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ପଛପଟ ଏଡିଏମ୍ ଅଫିସ ପାଖରୁ ଏକ ବିରାଟ ଶୋଭାଯାତ୍ରା ରାଜଭବନ ଅଭିମୁଖେ ବାହାରିଥିଲା। ଏହି ଶୋଭାଯାତ୍ରା ପ୍ରଥମେ ରାଜଭବନ ପୂର୍ବରୁ ଥିବା ସର୍କିଟ ହାଉସଠାରେ ଅଟକିଥିଲା। ସେଠାରେ ଏକ ସାଧାରଣ ସଭାର ଆୟୋଜନ ହୋଇଥିବା ବେଳେ ସେଥିରେ ବହୁ ବରିଷ୍ଠ କଂଗ୍ରେସ ନେତା ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। କଂଗ୍ରେସ ପକ୍ଷରୁ ଆଦାନୀ ମହା ଘୋଟାଲାର ଜେପିସି ତଦନ୍ତ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଧାୟକ ସୁରେଶ କୁମାର ରାଉତରାୟ ସଭାପତିତ୍ୱ କରିଥିବା ବେଳେ ଶୁଭେନ୍ଦୁ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଯୋଗଦେଇ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ମୋଦି-ଆଦାନୀ ମେଣ୍ଟର ମହାଦୁର୍ନୀତିର ସମସ୍ତ କଥା ଗାଁକୁ ନେବାକୁ ପଡ଼ିବ। କଂଗ୍ରେସ ନେତା ପ୍ରସାଦ ହରିଚନ୍ଦନ କହିଛନ୍ତି, ମୋଦାନୀ ମେଣ୍ଟ ଭାରତବର୍ଷର ଏଲଆଇସି ଓ ବ୍ୟାଙ୍କର ପ୍ରଭୂତ କ୍ଷତି କରସାରିଲାଣି। ଭାରତ ବର୍ଷର ଗରିବ ଖଟିଖିଆ ଲୋକଙ୍କ ପଇସାକୁ ମୋଦାନୀ ଭିତରେ ବାଣ୍ଟି ଦିଆଯାଉଛି। ଶରତ ପଟ୍ଟନାୟକ କହିଛନ୍ତି, ମୋଦି ଏଭଳି ଜଣେ ବ୍ୟକ୍ତି ଯିଏକି କେବଳ କଥା କୁହନ୍ତି। ସେ ତାଙ୍କର ଗୋଟିଏ କଥାକୁ ରକ୍ଷା କରିପାରନ୍ତି ନାହିଁ। ୨୦୧୪ରେ ଗ୍ୟାସ୍ ଦର ୪୧୦ ଟଙ୍କା ଥିଲାବେଳେ ଏବେ ୧୧୩୦ ଟଙ୍କାରେ ପହଞ୍ଚିଛି। ସାଧାରଣ ଲୋକଙ୍କ ପାଖରୁ ଅଧିକ ପଇସା ଆଦାୟ କରି ନରେନ୍ଦ୍ର ମୋଦି ଆଦାନୀକୁ ପୋଷୁଛନ୍ତି। ପ୍ରଧାନମନ୍ତ୍ରୀଙ୍କର ଅସମ୍ଭବ ନୀରବତା ଏହି ସମସ୍ତ ପ୍ରକରଣ ଉପରେ କୁହେଳିକା ସୃଷ୍ଟି କରିଛି ବୋଲି ସେ କହିଛନ୍ତି। ଏହାସହ ଅହେତୁକ ଦରଦାମ ବୃଦ୍ଧି, ଉତ୍କଟ ବେକାରି ସମସ୍ୟା, ଆର୍ଥିକ ବିଶୃଙ୍ଖଳା, ନିମ୍ନଗାମୀ ଅର୍ଥନୀତି ବିପର୍ଯ୍ୟୟ ପ୍ରସଙ୍ଗରେ ମଧ୍ୟ କଂଗ୍ରେସ ନେତାମାନେ ବର୍ଷିଛନ୍ତି। ୨୦୧୪ରେ ଗୌତମ ଆଦାନୀଙ୍କ ସ୍ଥାନ ବିଶ୍ୱ ଧନୀ ତାଲିକାରେ ୬୦୯ ଥିଲା। ତାଙ୍କ କମ୍ପାନୀର ସମୁଦାୟ ବ୍ୟବସାୟିକ ସମ୍ପତ୍ତି ୫୨ ହଜାର କୋଟି ଟଙ୍କା ଥିଲା କିନ୍ତୁ ଏହି ୯ ବର୍ଷରେ ସେ ବିଶ୍ୱରେ ୩ୟ ବୃହତ୍ତମ ଧନୀ ତାଲିକାରେ ସ୍ଥାନ ପାଇଥିଲେ। ଆଦାନୀ ଗ୍ରୁପର ବ୍ୟବସାୟ ସମସ୍ତ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଯଥା ବନ୍ଦର, ଜାତୀୟ ରାଜପଥ, ବିମାନ ବନ୍ଦର, ସିମେଣ୍ଟ, ରେଳ, କଣ୍ଟେନର, ବିଦ୍ୟୁତ ଆବଣ୍ଟନ, ତାପଜ ଶକ୍ତି ବିଦ୍ୟୁତ ଉତ୍ପାଦନ, ପ୍ରଦୂଷଣ ମୁକ୍ତ ଶକ୍ତି ଉତ୍ପାଦନ, ସାମରିକ ଯନ୍ତ୍ରାଂଶ ଏବଂ ଖାଦ୍ୟଦ୍ରବ୍ୟ ଇତ୍ୟାଦିକୁ ଲମ୍ବି ଯାଇଛି। ଏଭଳି ଅଭିଯୋଗ କରି କଂଗ୍ରେସ ସଭା ସାରିବା ପରେ ରାଜଭବନ ଆଡେ ଶୋଭାଯାତ୍ରାରେ ବଢ଼ିଥିଲା। ହେଲେ ପୂର୍ବରୁ ପୋଲିସ ପକ୍ଷରୁ ୩ଟି ବ୍ୟାରିକେଡ ପ୍ରସ୍ତୁତ କରାଯାଇଥିଲା। ଗୋଟିଏ ବ୍ୟାରିକେଡ ଅତିକ୍ରମ କରିବା ପରେ ବହୁ ନେତା ଓ କଂଗ୍ରେସ କର୍ମୀଙ୍କୁ ପୋଲିସ ଅଟକ ରଖିଥିଲା। ଏହାପରେ ଉପରୋକ୍ତ ଘଟଣାର ଜେପିସି ତଦନ୍ତ ଦାବିରେ ଦଳର ବିଧାୟକ ଏବଂ ଅନ୍ୟ କେତେଜଣ ନେତା ରାଜ୍ୟପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

# ରାହୁଲଙ୍କ ମନ୍ତବ୍ୟକୁ ନେଇ ପାର୍ଲାମେଣ୍ଟରେ ହଟ୍ଟଗୋଳ

**ନୂଆଦିଲ୍ଲୀ, ୧୩।୩**

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭାରତରେ ଗଣତନ୍ତ୍ରର ସ୍ଥିତିକୁ ନେଇ ଲଣ୍ଡନରେ ଦେଇଥିବା ମନ୍ତବ୍ୟ ଲାଗି ସୋମବାର ପାର୍ଲାମେଣ୍ଟର ଉଭୟ ଗୃହରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ଟ୍ରେଜେରି ବେଞ୍ଚ୍ ଏବଂ ବିରୋଧୀ ସଦସ୍ୟମାନେ ଜୋର୍‌ଦାର ପ୍ରତିବାଦ କରିବାରୁ ଲୋକ ସଭା ଓ ରାଜ୍ୟ ସଭାକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି। ଭାରତୀୟ ଗଣତନ୍ତ୍ର ବିପଦରେ ବୋଲି ରାହୁଲ କେମ୍ବ୍ରିଜ୍ ୟୁନିଭର୍ସିଟିରେ ଭାଷଣ ଦେବାବେଳେ ଅଭିଯୋଗ କରିଥିଲେ। ବିଦେଶରେ ଭାରତକୁ ବଦନାମ କରିଥିବା ରାହୁଲ ଏଥିପାଇଁ କ୍ଷମା ମାଗନ୍ତୁ ବୋଲି ସରକାର ଦାବି କରିଥିଲେ। କଂଗ୍ରେସ ନେତା ଲଣ୍ଡନରେ ଭାରତର ମର୍ଯ୍ୟାଦାହାନି କରିବାକୁ ଉଦ୍ୟମ କରିଛନ୍ତି ବୋଲି ପ୍ରତିରକ୍ଷା ମନ୍ତ୍ରୀ ତଥା ଲୋକ ସଭାର ଉପନେତା ରାଜନାଥ ସିଂ କହିଥିଲେ। ଗୃହ ତାଙ୍କ ମନ୍ତବ୍ୟକୁ ନିନ୍ଦା କରିବା ଉଚିତ। ଏଥିସହ ରାହୁଲ କ୍ଷମା ମାଗିବାକୁ ରାଜନାଥ ଦାବି କରିଥିଲେ। ରାହୁଲ ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ବିଦେଶୀ ହସ୍ତକ୍ଷେପ ଚାହିଁଥିବାରୁ ଏହାକୁ ନିନ୍ଦା କରାଯିବା ଆବଶ୍ୟକ ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ। ୧୯୭୫ ଏମର୍ଜେନ୍ସି ବେଳେ ମୌଳିକ ଅଧିକାରକୁ ରଦ୍ଦ କରିଦିଆଯାଇଥିବାବେଳେ ଗଣତନ୍ତ୍ର କେଉଁଠି ଥିଲା ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ ପ୍ରଶ୍ନ କରିଥିଲେ। ଏଭଳି ମନ୍ତବ୍ୟ ପାଇଁ ରାହୁଲ ଦେଶବାସୀଙ୍କୁ କ୍ଷମା ମାଗିବା ଆବଶ୍ୟକ ବୋଲି କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ଦାବି କରିଥିଲେ।

ଅନ୍ୟପକ୍ଷରେ କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ କହିଥିଲେ, ନରେନ୍ଦ୍ର ମୋଦି ସରକାରରେ ଦେଶରେ ଗଣତନ୍ତ୍ର କି ଆଇନର ଶାସନ ନାହିଁ। ସରକାର ସମ୍ବିଧାନ ଅନୁଯାୟୀ ଶାସନ ନ କରି ଏକଚ୍ଛତ୍ରବାଦ ଚଳାଇଛନ୍ତି ବୋଲି ସେ ଅଭିଯୋଗ କରିଥିଲେ। ବିରୋଧୀ ଦଳ ଆଦାନୀ ଷ୍ଟକ୍ ପ୍ରସଙ୍ଗରେ ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବି କରୁଥିବାବେଳେ ଏଥିରୁ ଧ୍ୟାନ ହଟାଇବା ପାଇଁ ସରକାର ଗୃହରେ ହଟ୍ଟଗୋଳ କରାଉଛନ୍ତି ବୋଲି ଖାର୍ଗେ କହିଥିଲେ। ଗୃହ ଚାଲିବା ସରକାର ଚାହାନ୍ତି ନାହିଁ। ତେଣୁ ପାର୍ଲାମେଣ୍ଟକୁ ମୁଲତବୀ

**ଉଭୟ ଗୃହ ମୁଲତବୀ**

ରଖାଯାଇଥିବା ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି।

ହଟ୍ଟଗୋଳ ଯୋଗୁ ପ୍ରଥମେ ଗୃହକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା। ୨ଟାରେ ପୁନର୍ବାର ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ଲୋକ ସଭାରେ କଂଗ୍ରେସ ସଦସ୍ୟମାନେ ଆଦାନୀ ଗ୍ରୁପ୍-ହିଣ୍ଡେନ୍‌ବର୍ଗ ପ୍ରସଙ୍ଗରେ ଜେପିସି ତଦନ୍ତ ଦାବି କରିଥିଲେ। ସେମାନେ ଗୃହ ମଧ୍ୟଭାଗକୁ ଚାଲିଆସି ହୋହଲ୍ଲା କରୁଥିବାବେଳେ ରାହୁଲ ଗାନ୍ଧୀ କ୍ଷମା ମାଗନ୍ତୁ ବୋଲି ଟ୍ରେଜେରି ବେଞ୍ଚରୁ ସ୍ଲୋଗାନ ଦିଆଯାଇଥିଲା। ଗୃହରେ ଅଧ୍ୟକ୍ଷତା କରୁଥିବା ରାଜେନ୍ଦ୍ର ଅଗ୍ରୱାଲ ସଦସ୍ୟମାନଙ୍କୁ ନିଜ ନିଜ ଆସନକୁ ଫେରିଯାଇ ଗୃହ ଚଳାଇବାକୁ ଦେବା ଲାଗି ଅନୁରୋଧ କରିଥିଲେ ମଧ୍ୟ ସେମାନେ କର୍ଣ୍ଣପାତ ନ କରିବାରୁ ଗୃହକୁ ମଙ୍ଗଳବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା। ସେହିପରି ରାଜ୍ୟ ସଭାରେ ଅନୁରୂପ ସ୍ଥିତି ଜାରି ରହିବାରୁ ଅଧ୍ୟକ୍ଷ ଜଗଦୀପ୍ ଧନକର ଗୃହକୁ ଦିନକ ପାଇଁ ମୁଲତବୀ ରଖିଥିଲେ।

# କଂଗ୍ରେସ, ଭାଜପା ପାଳି କରି ଲୁଟିଛନ୍ତି: କେଜରିୱାଲ

**ଜୟପୁର, ୧୩।୩**

ରାଜସ୍ଥାନରେ ଚଳିତ ବର୍ଷ ଶେଷ ଆଡ଼କୁ ହେବାକୁ ଯାଉଛି ବିଧାନସଭା ନିର୍ବାଚନ। ଏଥର ଭାଜପା ଓ କଂଗ୍ରେସକୁ ଟକ୍କର ଦେବାକୁ ମଇଦାନକୁ ଓହ୍ଲାଇଛି ଆମ୍ ଆଦ୍‌ମୀ ପାର୍ଟି(ଏଏପି)। ଏଏପିର ରାଷ୍ଟ୍ରୀୟ ସଂଯୋଜକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କ ସହ ରାଜସ୍ଥାନ ରାଜଧାନୀରେ ନିର୍ବାଚନୀ ପ୍ରଚାରର ଶଙ୍ଖ ଫୁଙ୍କିଛନ୍ତି। ଏହାସହ ସୋମବାର ଏଏପିର ତ୍ରିରଙ୍ଗା ଯାତ୍ରା ବି ଆରମ୍ଭ ହୋଇଛି। ଏହି ସମୟରେ କେଜ୍‌ରିୱାଲ ଶାସକ କଂଗ୍ରେସ ଏବଂ ଭାଜପାକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ରାଜସ୍ଥାନରେ ଡିସେମ୍ବରରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଉଭୟ କଂଗ୍ରେସ ଓ ଭାଜପା ପାଳିକରି ରାଜସ୍ଥାନକୁ ଲୁଟ୍ କରିଛନ୍ତି। ରାଜ୍ୟରେ ଶୁଶାସନର ପ୍ରତିଷ୍ଠା ପାଇଁ ଏବେ ଆମ୍ ଆଦ୍‌ମୀ ପାର୍ଟି ଏଠାରେ ନିର୍ବାଚନ ମଇଦାନକୁ ଓହ୍ଲାଇଛି। କେଜ୍‌ରିୱାଲ ରାଜସ୍ଥାନବାସୀଙ୍କୁ କହିଛନ୍ତି, କିଛି ସମୟ ଅପେକ୍ଷା କରନ୍ତୁ ସମସ୍ତ ଚେହେରା ସାମ୍ନାକୁ ଆସିଯିବ। ଆମ୍ ଆଦ୍‌ମୀ ପାର୍ଟି ସହ ସବୁ ଭଲ ଲୋକ ଯୋଡ଼ି ହେଉଛନ୍ତି। ଆଉ ଏଏପି ସବୁ ଆସନରେ ନିର୍ବାଚନ ଲଢ଼ିବ।



ଏଏପି ପକ୍ଷରୁ ସୋମବାର ଜୟପୁରଠାରେ ଆରମ୍ଭ ହୋଇଥିବା ତ୍ରିରଙ୍ଗା ରାଲିରେ କେଜ୍‌ରିୱାଲ ଓ ଭଗୱନ୍ତ ମାନ୍।

## ରାଜ୍ୟ ଖବର

# ନକଲି ସାର୍ଟିଫିକେଟ ଦେଇ ସରକାରୀ ଚାକିରି ହାତେଇଛନ୍ତି ୪ ଶହ ବ୍ୟକ୍ତି


ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ପକ୍ଷରୁ ସମ୍ବଲପୁର ଆର୍‌ଡିସି ଅଫିସ ଘେରାଉ ।

### ଆର୍‌ଡିସି ଅଫିସ ଘେରିଲା ଆଦିବାସୀ ମହାସଂଘ

**ସମ୍ବଲପୁର, ୧୩।୩(ବ୍ୟୁରୋ)**

ଆଦିବାସୀ କହି ନକଲି ସାର୍ଟିଫିକେଟ ଦେଇ ରାଜ୍ୟର ୪ ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତି ସରକାରୀ ଚାକିରି ହାତେଇଛନ୍ତି। ସେମାନେ ବଡ଼ ବଡ଼ ପଦପଦବୀରେ କାର୍ଯ୍ୟରତ ଅଛନ୍ତି। ଏ ନେଇ ଅଭିଯୋଗ କରିବା ପରେ ମଧ୍ୟ ସରକାର ସମୟ ଗଡ଼ାଇ ଚାଲିଛନ୍ତି। ଏ ଦିଗରେ ଅଦ୍ୟାବଧି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଅନ୍ୟପକ୍ଷରେ ଜଙ୍ଗଲ ଜମି ପଟ୍ଟା ସହିତ ଅନ୍ୟାନ୍ୟ ସୁବିଧା ପାଇବାରୁ ଆଦିବାସୀମାନେ ବଞ୍ଚିତ ହେଉଛନ୍ତି ବୋଲି ସୋମବାର ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇ ଆର୍‌ଡିସି ଅଫିସ ଘେରାଉ କରାଯାଇଥିଲା। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆର୍‌ଡିସିଙ୍କ ଅନୁପସ୍ଥିତିରେ ସଚିବ ସୁକାନ୍ତ ତ୍ରିପାଠୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏ ଦିଗରେ ଯଦି ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ଆଗାମୀ ଦିନରେ ଆନ୍ଦୋଳନ ଜୋର୍‌ଦାର କରାଯିବ ବୋଲି ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ରାଜ୍ୟ ଆଦିବାସୀ ଦଳିତ ସେନାର ସଭାପତି ପ୍ରଶାନ୍ତ କୁମାର ହାଓ, ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ମୁଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ବରଗଡ଼, ଦେବଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ସୋନପୁର ଆଦି ଜିଲାର ଆଦିବାସୀ ସଂଘର ସଦସ୍ୟମାନେ ଘେରାଉରେ ସାମିଲ ହୋଇଥିଲେ।

# ଜଙ୍ଗଲ ନିଆଁ ରୋକିବାକୁ ଦୀର୍ଘମିଆଦୀ ଯୋଜନା କରାଯାଉ

**■କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର**

**ଭୁବନେଶ୍ୱର, ୧୩।୩(ବ୍ୟୁରୋ)**

ରାଜ୍ୟରେ ବଢୁଥିବା ଜଙ୍ଗଲ ନିଆଁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ଏନେଇ ସେ ସୋମବାର କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ ସାକ୍ଷାତ କରି ଏକ ଚିଠି ଦେଇଛନ୍ତି। ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟରେ ବନାଗ୍ନି ସାରା ଦେଶରେ ଶୀର୍ଷରେ ଥିବା ସହ ରାଜ୍ୟର ଜଙ୍ଗଲ ସମ୍ପଦ, ଜୈବବିବିଧତା, କୃଷକ ଓ ଆଦିବାସୀଙ୍କ ଅର୍ଥନୀତି ଉପରେ କୁପ୍ରଭାବ ନେଇ ବିସ୍ତୃତ ଭାବେ ଉଲ୍ଲେଖ କରିଛନ୍ତି। ଏହି ପ୍ରସଙ୍ଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟ ପାଇଁ ମିଳିତ ବୈଠକ ଓ ଆଗାମୀ ଦିନରେ ମୁକାବିଲାର ଯୋଜନା ପ୍ରସ୍ତୁତ ଲାଗି ସେ ଯାଦବଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି।

ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ନଭେମ୍ବର ୨୦୨୨ରୁ ଏ ପର୍ଯ୍ୟନ୍ତ ଓଡ଼ିଶାରେ ୮୭୧ଟି ବଡ଼ ଧରଣର ଜଙ୍ଗଲରେ ନିଆଁ ଲାଗିବା ଘଟଣା ଦୃଷ୍ଟିକୁ ଆସିଛି। ଏହା ସାରା ଦେଶରେ ବନାଗ୍ନି ମାମଲାରେ ସର୍ବାଗ୍ରେ ରହିଛି। ଓଡ଼ିଶା ପଛକୁ କର୍ନାଟକ, ତେଲଙ୍ଗାନା ଓ ମଧ୍ୟପ୍ରଦେଶ ଭଳି ରାଜ୍ୟ ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୧୬୨୫ ବନାଗ୍ନିର ଖବର ସାମ୍ନାକୁ ଆସିଛି। ରାଜ୍ୟର ଏହି ଜଙ୍ଗଲ ନିଆଁ ଦେଶର ମୋଟ ଜଙ୍ଗଲ ନିଆଁର ୩୫ ପ୍ରତିଶତ ବୋଲି ଆକଳନ କରାଯାଇଛି। ଗତ ୪ ମାସରେ ରାଜ୍ୟରେ ଜଙ୍ଗଲ ନିଆଁ ଯୋଗୁ ଚାରି ହଜାର ହେକ୍ଟର ନଷ୍ଟ ହୋଇଥିବା ଆକଳନ କରାଯାଇଛି। ୨୦୨୧ରେ ଜଙ୍ଗଲ ନିଆଁ ରାଜ୍ୟରେ ବହୁତ ବଡ଼ଧରଣର ଥିଲା। ରାଜ୍ୟରେ ୫୧ ହଜାର ୯୬୮ଟି ଘଟଣା ସେହି ବର୍ଷ ଦୃଷ୍ଟିକୁ ଆସିଥିଲା। ଶିମିଳିପାଳ ଜାତୀୟ ଉଦ୍ୟାନ ଏହାଦ୍ୱାରା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା। ଚଳିତ ବର୍ଷ ୨୦୨୧ଠାରୁ ସ୍ଥିତି ଆହୁରି ସଙ୍ଗିନ ହେବା ଭଳି ଜଣାପଡୁଛି। ରାଜ୍ୟ ଜଙ୍ଗଲ ସମେତ ଅଗ୍ନିଶମ ବିଭାଗକୁ ଜଙ୍ଗଲ ନିଆଁର ସାମ୍ନା କରିବା ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ଯୋଗାଇ ଦିଆଯାଇଥିଲେ ମଧ୍ୟ ପରିଚାଳନାଗତ ପ୍ରଶିକ୍ଷଣ ଅଭାବରୁ ଏହାକୁ କାମରେ ଲଗାଯାଇପାରୁନାହିଁ। ଅନେକ ସ୍ଥାନକୁ ଅଗ୍ନିଶମ ଗାଡ଼ି ପହଞ୍ଚିବା ସମ୍ଭବ ହେଉ ନ ଥିବାରୁ ବନାଗ୍ନି ଲିଭାଇବା ପାଇଁ ହେଲିକପ୍ଟର ଓ ଆକାଶମାର୍ଗରୁ ଅନ୍ୟାନ୍ୟ ଉପାୟର ବ୍ୟବହାର ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି। ଯାଦବଙ୍କ ହସ୍ତକ୍ଷେପ ଲୋଡ଼ିବା ସହ ଉଭୟ କେନ୍ଦ୍ର ଓ ରାଜ୍ୟର ଜଙ୍ଗଲ ବିଭାଗ ମଧ୍ୟରେ ମିଳିତ ବୈଠକ କରି ଜଙ୍ଗଲ ନିଆଁର ମୁକାବିଲା ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି।

# ୫୪ ଓକିଲଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର କଲା ବିସିଆଇ

**ସମ୍ବଲପୁର, ୧୩।୩(ବ୍ୟୁରୋ)**

ସୁପ୍ରିମକୋର୍ଟ ନିର୍ଦ୍ଦେଶକୁ ଅବମାନନା କରି ପଶ୍ଚିମ ଓଡ଼ିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଚାଲିଥିବା ଆନ୍ଦୋଳନରେ ସମ୍ବଲପୁର ଓକିଲ ସଂଘ ସାମିଲ ହୋଇଥିଲା। ଏହି ଘଟଣାରେ ସୁପ୍ରିମକୋର୍ଟ କ୍ଷୋଭ ପ୍ରକାଶ କରି ସମ୍ବଲପୁର ଜିଲା ଓକିଲ ସଂଘର ୫୪ ଜଣ ଓକିଲଙ୍କୁ ୧୮ ମାସ ପର୍ଯ୍ୟନ୍ତ ନିଲମ୍ବନ କରିଥିଲେ। ସୋମବାର ସମ୍ପୃକ୍ତ ଓକିଲଙ୍କ ଉପରୁ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରିନେଇଛି ବାର କାଉନସିଲ୍ ଅଫ ଇଣ୍ଡିଆ

**ହାଇକୋର୍ଟ ବେଞ୍ଚ ଆନ୍ଦୋଳନ**

(ବିସିଆଇ)। ସେମାନେ ମଙ୍ଗଳବାରଠାରୁ କୋର୍ଟ କାର୍ଯ୍ୟରେ ସ୍ୱାଭାବିକ ଭାବେ ଯୋଗଦାନ କରିପାରିବେ। ଏହାସହ ସଂଘର ବିଭିନ୍ନ କାର୍ଯ୍ୟ କରିପାରିବେ। ହେଲେ ୧୦ ଦିନ ଭିତରେ ବାର୍ କାଉନ୍‌ସିଲ ଅଫ ଇଣ୍ଡିଆର ସଚିବଙ୍କ ନିକଟରେ ସତ୍ୟପାଠ ଦାଖଲ କରିବେ। ଆଗାମୀ ଦିନରେ ଏଭଳି ଆନ୍ଦୋଳନରେ ଯୋଗଦାନ କରିବେ ନାହିଁ। ଏହି ଓକିଲମାନଙ୍କ ଗତିବିଧି ଓ କାର୍ଯ୍ୟକଳାପ ଉପରେ ସମ୍ବଲପୁର ଜିଲା ଜଜ୍ ନଜର ରଖି ରିପୋର୍ଟ ପ୍ରଦାନ କରିବେ ବୋଲି ନିର୍ଦ୍ଦେଶ ରହିଛି। ଏହି ଘଟଣାକୁ ନେଇ ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହ କ୍ରିୟାନୁଷ୍ଠାନ କମିଟି (ସିଏସି) ଆବାହକ ଅଶୋକ ଦାସ କହିଛନ୍ତି ଯେ, ନିଲମ୍ବନ ହଟିଯାଇଛି। ହେଲେ ଆମ ପାଖକୁ ଏପର୍ଯ୍ୟନ୍ତ ଚିଠି ଆସିନାହିଁ।

ସୂଚନାଯୋଗ୍ୟ, ପଶ୍ଚିମ ଓଡ଼ିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଆନ୍ଦୋଳନ ହୋଇଥିଲା। ସୁପ୍ରିମକୋର୍ଟ ଆନ୍ଦୋଳନକୁ ବନ୍ଦ କରିବାକୁ କଡ଼ା ତାଗିଦା କରିଥିଲେ। ହେଲେ ଗତ ନଭେମ୍ବର ୨୯ ତାରିଖ ଓ ଡିସେମ୍ବର ୧୨ ତାରିଖ ଦିନ ସମ୍ବଲପୁର ନାଗରିକ କ୍ରିୟାନୁଷ୍ଠାନ ପକ୍ଷରୁ କରାଯାଇଥିବା ଆନ୍ଦୋଳନରେ ଓକିଲ ସଂଘ ସାମିଲ ହୋଇଥିଲେ। ଏଥିରେ କ୍ଷୋଭ ପ୍ରକାଶ କରି ସୁପ୍ରିମକୋର୍ଟ ଡିସେମ୍ବର ୧୨ ତାରିଖରେ ବାର୍ କାଉନ୍‌ସିଲ ଅଫ ଇଣ୍ଡିଆକୁ ୫୪ ଜଣ ଓକିଲଙ୍କୁ ୧୮ ମାସ ଓ ସମସ୍ତ ଓକିଲଙ୍କୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ନିଲମ୍ବନ କରିବାକୁ କହିଥିଲେ। ଡିସେମ୍ବର ୧୭ରେ ୫୪ ଜଣ ଓକିଲଙ୍କୁ ଛାଡି ଅନ୍ୟ ସମସ୍ତ ଓକିଲଙ୍କ ନିଲମ୍ବନ ଉଠାଇ ନିଆଯାଇଥିଲା।

# କଣ୍ଟାବାଞ୍ଜିରେ ରାଜ୍ୟର ପ୍ରଥମ ଗ୍ରାମୀଣ ସ୍ପେସ୍‌ଲାବ

**ବଲାଙ୍ଗୀର ଅଫିସ/ କଣ୍ଟାବାଞ୍ଜି, ୧୩।୩(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ମୁସ୍କାନ ଇଣ୍ଟରନ୍ୟାଶନାଲ ସ୍କୁଲରେ ଓଡିଶାର ପ୍ରଥମ ଗ୍ରାମୀଣ ସ୍ପେସ୍ ଏଡୁକେଶନ୍ ଲ୍ୟାବ ଖୋଲାଯିବ। ଏନେଇ ସୋମବାର ବ୍ୟୋମିକା ସ୍ପେସ୍ ଏକାଡେମୀ ଏବଂ ମୁସ୍କାନ୍ ଇଣ୍ଟରନ୍ୟାଶନାଲ ସ୍କୁଲ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ସ୍କୁଲ ପରିସରରେ ଅନୁଷ୍ଠିତ ସାଇନିଂ


ଗ୍ରାମୀଣ ସ୍ପେସ୍ ଏଡୁକେଶନ୍ ଲାବ୍ ଚୁକ୍ତିନାମା ସ୍ୱାକ୍ଷର କରାଯାଉଛି।

ସେରିମନିରେ ବ୍ୟୋମିକା ସ୍ପେସ୍ ଏକାଡେମୀର ଡାଇରେକ୍ଟର ନୀତୀନ କୁମାର ଏବଂ ମୁସ୍କାନ ଇଣ୍ଟରନ୍ୟାଶନାଲ ସ୍କୁଲର ଡାଇରେକ୍ଟର ଡ. ବ୍ରଜେଶ ମିତ୍ତଲଙ୍କ ମଧ୍ୟରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି ସମୟରେ କଣ୍ଟାବାଞ୍ଜି ଏନ୍‌ଏସି ଅଧ୍ୟକ୍ଷ ବରିୟାମ୍ ସି ସାଲୁଜା ଉପସ୍ଥିତ ଥିଲେ। ପରେ ସ୍କୁଲ ସଭାଗୃହରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦିଆଯାଇଥିବା ସୂଚନା ଅନୁଯାୟୀ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ ସ୍ପେସ୍ ଟ୍ୟୁଟର ପ୍ରୋଗ୍ରାମ ଆରମ୍ଭ କରାଯାଇଛି। ବିଜ୍ଞାନ, ମହାକାଶ ବିଜ୍ଞାନ, ଅନ୍ତରୀକ୍ଷ ପ୍ରତି ସ୍କୁଲ ଛାତ୍ରୀଛାତ୍ରଙ୍କ ରୁଚି ଓ ଆଗ୍ରହ ବୃଦ୍ଧି ଲକ୍ଷ୍ୟ ରଖି ଇସ୍ରୋ ସ୍ପେସ୍ ଟ୍ୟୁଟର କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମକୁ ଇସ୍ରୋର ଅଫିସିଆଲ ପାର୍ଟନର ବ୍ୟୋମିକା ସ୍ପେସ୍ ଏକାଡେମୀ ପକ୍ଷରୁ ପରିଚାଳନା କରାଯାଉଛି। ଏକାଡେମୀ ପକ୍ଷରୁ ଦେଶର ୧୦ଟି ଜିଲାରେ ସ୍ପେସ୍ ଏଡୁକେଶନ୍ ଲ୍ୟାବ ପ୍ରତିଷ୍ଠା କରାଯିବ। ଏହି ଲ୍ୟାବ୍‌ରେ ଦେଶର ଇସ୍ରୋ ଦ୍ୱାରା ନିର୍ମାଣ ହେଉଥିବା ରକେଟ, ଟେଲିସ୍କୋପ, ସ୍ପେସ୍ ସାଇନ୍ସ କିଟ୍ସ, ଏୟାରକ୍ରାଫ୍ଟ ଓ ଡ୍ରୋନ୍ ନିର୍ମାଣ ଭଳି ଯନ୍ତ୍ରାଂଶ ବିଷୟରେ ଶିକ୍ଷାଦାନ ଦିଆଯିବ। ପ୍ରତିଷ୍ଠା ହେବାକୁ ଥିବା ଲ୍ୟାବ୍‌ରେ ଅନ୍ତରୀକ୍ଷ, ମହାକାଶ ତଥା ମହାକାଶ ବିଜ୍ଞାନ ବିଷୟରେ ଅନେକ ତଥ୍ୟ ଉପଲବ୍ଧ ହେବ। ଏଥିରେ ଅନ୍‌ଲାଇନ୍ ଜରିଆରେ ଇସ୍ରୋର ମହାକାଶ ବୈଜ୍ଞାନିକ ଓ ପ୍ରବକ୍ତାମାନେ ଛାତ୍ରୀଛାତ୍ରଙ୍କୁ ମହାକାଶ କାର୍ଯ୍ୟକ୍ରମ ବିଷୟରେ ଶିକ୍ଷାଦାନ ଓ ତାଲିମ ପ୍ରଦାନ କରିବେ। ପ୍ରତ୍ୟେକ ତିନିମାସରେ ଇସ୍ରୋରୁ ଇଞ୍ଜିନିୟରମାନେ କଣ୍ଟାବାଞ୍ଜି ମୁସ୍କାନ୍ ଇଣ୍ଟରନାଶନାଲ ସ୍କୁଲରେ ପ୍ରତିଷ୍ଠା ହେବାକୁ ଥିବା ଲ୍ୟାବ୍‌କୁ ଆସି ଏଠାରେ କର୍ମଶାଳା କରିବେ ବୋଲି ସୂଚନା ଦେଇଛନ୍ତି। ଏହାସହିତ ଏହି କାର୍ଯ୍ୟକ୍ରମ ଜରିଆରେ ଏହି ଅଞ୍ଚଳର ଛାତ୍ରୀଛାତ୍ରମାନେ ଇସ୍ରୋ ଏବଂ ନାଶାକୁ ଷ୍ଟଡି ଟୁରରେ ମଧ୍ୟ ଯାଇପାରିବେ ବୋଲି ସୂଚନା ଦିଆଯାଇଛି।

# ଭାରତ-ସିଙ୍ଗାପୁର ହକାଥନ୍ ୨୦୨୩ର ଲୋକାର୍ପଣ କଲେ କେନ୍ଦ୍ରମନ୍ତ୍ରୀ



**ଭୁବନେଶ୍ୱର, ୧୩।୩(ବ୍ୟୁରୋ)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ନୂଆଦିଲ୍ଲୀଠାରେ ସିଙ୍ଗାପୁରର ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ଗାନ୍ କିମ୍ ୟଙ୍ଗଙ୍କ ସହ ସିଙ୍ଗାପୁର-ଭାରତ ହକାଥନ୍ ୨୦୨୩ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସିଙ୍ଗାପୁରର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପରିକଳ୍ପିତ ଏହି ସିଙ୍ଗାପୁର-ଭାରତ ହକାଥନ୍ ୨୦୨୩ ଉଭୟ ଦେଶର ଯୁବ ଉଦ୍ଭାବକଙ୍କୁ ସହଯୋଗୀ ହୋଇ ବିଭିନ୍ନ ସମସ୍ୟାର ସମାଧାନ ଖୋଜିବାର ଏକ ବୃହତ ପ୍ଲାଟଫର୍ମ ପ୍ରଦାନ କରିବ। ଏହି ହକାଥନ୍ ୨୦୨୩ର ବିଷୟବସ୍ତୁ 'ଫିନଟେକ୍ ଓ ସଷ୍ଟେନବିଲିଟି' ବର୍ତ୍ତମାନର ବୈଷୟିକ ପ୍ରସଙ୍ଗରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସିଙ୍ଗାପୁର ଭାରତର ବିଶ୍ୱସ୍ତ ସହଯୋଗୀ ଏବଂ ବନ୍ଧୁ। ଉଭୟ ଦେଶର ଦୂରଦୃଷ୍ଟିକୁ ସାକାର କରିବା ସହ ଭାରତକୁ କୁଶଳୀ ମାନବ ସମ୍ବଳର ବୈଷୟିକ ପେଣ୍ଠସ୍ଥଳୀ ଭାବେ ପରିଣତ କରିବା, ବୈଶ୍ୱିକ କଲ୍ୟାଣ ଓ ଭଏସ ଅଫ ଗ୍ଲୋବାଲ ସାଉଥକୁ ସୁଦୃଢ଼ କରିବାକୁ ଆମକୁ 'କାପାସିଟି (ଦକ୍ଷତା), କ୍ୟାପିଟାଲ ଓ କାପାବିଲିଟି (ସାମର୍ଥ୍ୟ) ଉପରେ ଅଧିକ ଗୁରୁତ୍ୱ ଦେବାକୁ ହେବ। 'ବସୁଧୈବ କୁଟୁମ୍ବକମ୍' ସୂତ୍ର ସହିତ ଭାରତର ଅଧ୍ୟକ୍ଷତାରେ ଜି-୨୦ ବୈଠକ ଅନୁଷ୍ଠିତ ହେଉଥିବା ବେଳେ ସିଙ୍ଗାପୁର-ଭାରତ ହକାଥନ୍ ୨୦୨୩ ଉଭୟ ଦେଶର ସାମର୍ଥ୍ୟକୁ ବଢ଼ାଇବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ସ୍ୱଚ୍ଛ କରନ୍ତୁ ଘର ପରିବେଶ

**ଶରୀରକୁ ସଫାସୁତୁରା ରଖିବା ଯେତିକି ଆବଶ୍ୟକ ସେହିଭଳି ଘରକୁ ମଧ ସଫା ରଖିବା ଜରୁରୀ। ଏଥିପାଇଁ ଜାଣିରଖନ୍ତୁ କିଛି କଥା...**

■ଘରର ପରିବେଶ ସୁନ୍ଦର ରହିଲେ ଶରୀର ଓ ମନ ଉପରେ ମଧ ସକାରାତ୍ମକ ପ୍ରଭାବ ପଡ଼ିବ। ତେଣୁ ଘରକୁ ସବୁବେଳେ ସଫାସୁତୁରା ରଖି ମୁଡ୍ ଭଲ ରଖନ୍ତୁ।

■ଅଳିଆ ଆବର୍ଜନା ଘରେ ଜମା କରନ୍ତୁ ନାହିଁ। ଘରର ମଇଳାକୁ ବାହାରେ ରଖନ୍ତୁ ଓ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ତାକୁ ଅଳିଆ ଜମା ହେଉଥିବା ସ୍ଥାନରେ ଫିଙ୍ଗିଦିଅନ୍ତୁ। ଘରେ ଅଳିଆ ଜମାହୋଇ ରହିଲେ ଘର ଅପରିଷ୍କାର ଲାଗିବା ସହ ପରିବେଶ ଖରାପ ହେବ।

■ଯଦି ଆପଣ ଘର ଭିତରେ ସବୁବେଳେ ରହୁଛନ୍ତି ତା'ହେଲେ ବେଳେବେଳେ ଘରର କବାଟ, ଝରକା ଆଦି ଖୋଲି ଦିଅନ୍ତୁ। ଫଳରେ ବାହାରର ମୁକ୍ତ ପବନ ଓ ଆଲୋକ ଘର ଭିତରକୁ ଆସିପାରିବ। ଏହା ସହିତ ଘରେ କିଛି ଇନ୍‌ଡୋର ଓ ଆଉଟ୍‌ଡୋର ପ୍ଲାଣ୍ଟ ନିଶ୍ଚୟ ଲଗାନ୍ତୁ। ଘରସଜ୍ଜା ପାଇଁ ସୁନ୍ଦର ଲାଗିବା ସହିତ ତାଜା ଲାଗିବ।

■ଘରେ ଯଦି ଆପଣଙ୍କର ଇଲେକ୍ଟ୍ରୋନିକ୍ ଜିନିଷ ଏଣେତେଣେ ରହୁଥାଏ ତେବେ ତାକୁ ସଜାଡ଼ି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରଖନ୍ତୁ। ଫଳରେ ଏସବୁ ଜିନିଷ ଖରାପ ହେବ ନାହିଁ ଏବଂ ଠିକ୍ ସମୟରେ ମିଳିପାରିବ।

■କୁହାଯାଏ କି ବହୁଦିନର ପୁରୁଣା ଜିନିଷକୁ ଯଦି ଘରେ ରଖାଯାଏ ତା'ହେଲେ ଘରେ ନକାରାତ୍ମକ ଶକ୍ତି ପ୍ରବେଶ କରିଥାଏ। ତେଣୁ ଯେଉଁ ଜିନିଷ ଆପଣ ବ୍ୟବହାର କରୁନାହାନ୍ତି ସେସବୁକୁ ଘରେ ରଖନ୍ତୁ ନାହିଁ।



# ହ୍ୟାଣ୍ଡବ୍ୟାଗ୍‌ରେ ରଖନ୍ତୁ

**ଷ୍ଟାଇଲିଶ୍ ଦେଖାଯିବା ସହ ଜରୁରୀ ଜିନିଷ ରଖିବା ପାଇଁ ମହିଳାମାନେ ହ୍ୟାଣ୍ଡବ୍ୟାଗ୍ ବ୍ୟବହାର କରିଥାନ୍ତି। ହ୍ୟାଣ୍ଡବ୍ୟାଗ୍‌ରେ ବହୁତ କିଛି ଜିନିଷ ରଖି ଓଜନିଆ କରିବା ବଦଳରେ କ'ଣ ସବୁ ନିହାତି ରଖିବେ ଜାଣିରଖନ୍ତୁ।**



★ଅଧିକ ସମୟ ପାଇଁ ବାହାରକୁ ଯିବାର ଥିଲେ ହ୍ୟାଣ୍ଡବ୍ୟାଗ୍‌ରେ ସନ୍‌ସ୍କ୍ରିନ୍ ଲୋସନ କିମ୍ବା କମ୍ପାକ୍ଟ ପାଉଡର ନିଶ୍ଚିତ ରଖନ୍ତୁ। କାରଣ ଖରାରେ ବାହାରକୁ ଯିବା ପୂର୍ବରୁ ସଙ୍ଗେ ସଙ୍ଗେ ସନ୍‌ସ୍କ୍ରିନ୍ ଲୋଶନ ଲଗାଇପାରିବେ।

★ନିଜର ସ୍ୱଚ୍ଛତା ପାଇଁ ପର୍ସ ଭିତରେ ୱାଇପ୍ସ ରଖନ୍ତୁ। ଆବଶ୍ୟକ ସମୟରେ ଆପଣ ନିଜ ମୁହଁକୁ ସଫାକରି ଫ୍ରେଶ୍ ଅନୁଭବ କରିପାରିବେ। ଏହା ବ୍ୟତୀତ କେଶକୁ ଫ୍ରେଶ୍ ରଖିବା ପାଇଁ ଆପଣ ଡ୍ରାଏ ଶାମ୍ପୁ ବି ବ୍ୟାଗ୍‌ରେ ରଖିପାରିବେ।

★ଯଦି ଅଫିସ ଯାଉଛନ୍ତି ତେବେ ହ୍ୟାଣ୍ଡବ୍ୟାଗ୍ ଭିତରେ ଛୋଟ ପରଫ୍ୟୁମ ରଖନ୍ତୁ। ଫଳରେ ଅଫିସରେ କାମ ଶେଷ ବେଳକୁ ଆପଣ ମିଟିଂ କିମ୍ବା ଅନ୍ୟ କିଛି କାମରେ ଅଫିସରେ ବେଶି ସମୟ ରହିଲେ ପରଫ୍ୟୁମ୍ ବ୍ୟବହାର କରି ଫ୍ରେଶ୍ ଅନୁଭବ କରିପାରିବେ। ଖରାଦିନେ ବି ଏହା ବହୁତ ଦରକାର ହୋଇଥାଏ।

★ମେକ୍‌ଅପ୍‌କୁ ସେଟ୍ କରି ରଖିବା ପାଇଁ ଚାହୁଁଥିଲେ ହ୍ୟାଣ୍ଡବ୍ୟାଗ୍‌ରେ ବ୍ଲଟିଂ ପେପର ରଖନ୍ତୁ। ତ୍ୱଚା ତୈଳାକ୍ତ ହୋଇଗଲେ ଏହା ବ୍ୟବହାର କରି ସୁନ୍ଦର ଦେଖାଯିବେ।

★ଏକ ଛୋଟ ଲିପଷ୍ଟିକ୍ ମଧ ବ୍ୟାଗ୍‌ରେ ରଖନ୍ତୁ। ଫଳରେ ଓଠ ସହ ଗାଲ ଓ ଆଖି ଉପରେ ଏହାକୁ ଲଗାଇ ମେକ୍‌ଅପ୍ ଲୁକ୍ ଦେଇପାରିବେ।

– ଏହା ସହ ସାନିଟାଇଜର, ଲୋଶନ କିମ୍ବା ସାନିଟାରି ପ୍ୟାଡ୍ ଆଦି ନିଶ୍ଚୟ ରଖନ୍ତୁ।

# ଦୂରରେ ରହିଲେ ବି ଏକାଠି











**କେତେବେଳେ ଉଚ୍ଚଶିକ୍ଷା ତ କେବେ ପୁଣି କ୍ୟାରିୟର ଆଉ କେବେ ଭବିଷ୍ୟତର ସୁନେଲି ସ୍ୱପ୍ନକୁ ସାକାର କରିବାର ଇଚ୍ଛା। ଏଥିପାଇଁ ଏବେ ପ୍ରାୟତଃ ଦେଖିବାକୁ ମିଳୁଛି ଲଙ୍ଗ୍ ଡିଷ୍ଟାନ୍ସ ରିଲେସନଶିପ୍। ଏଭଳି କ୍ଷେତ୍ରରେ ପରସ୍ପର ଠାରୁ ଦୂରରେ ରହି ସମ୍ପର୍କ ନିଭାଉଛନ୍ତି ସ୍ୱାମୀସ୍ତ୍ରୀ। ତେବେ ସ୍ଥାନର ଦୂରତା ଯେମିତି ସମ୍ପର୍କରେ ଦୂରତା ନ ଆଣୁ ସେଥିପାଇଁ ସତର୍କ ରହିବା ବି ଜରୁରୀ...**

ଲଙ୍ଗ୍ ଡିଷ୍ଟାନ୍ସ ରିଲେଶନଶିପ୍ ଅର୍ଥାତ୍ ଦୂରରେ ରହି ସମ୍ପର୍କ ନିଭାଇବା ଏବେ ଆଧୁନିକ ଲାଇଫଷ୍ଟାଇଲରେ ଏକ ବିଶେଷ ସ୍ଥାନ ନେଇଛି। ଅଧିକାଂଶ ଦମ୍ପତି ନିଜ ନିଜ ଭବିଷ୍ୟତର ସୁରକ୍ଷା ପାଇଁ ଏଭଳି ସମ୍ପର୍କରେ ରହୁଛନ୍ତି। ଫଳରେ ପରସ୍ପରକୁ ଖୁବ୍ କମ୍ ସମୟ ଦେଇପାରୁଛନ୍ତି। କିନ୍ତୁ ଦୂରରେ ରହି ବି ସମ୍ପର୍କକୁ ମଧୁର କରି ଏକ ମଜଭୁତ ବନ୍ଧନର ପ୍ରମାଣ ଦେବାକୁ ହେଲେ ଅନେକ ଦିଗ ପ୍ରତି ଧ୍ୟାନଦେବାକୁ ହେବ।

**ପ୍ରତିଦିନ କଥା ହୁଅନ୍ତୁ:** ଦୂରରେ ରହୁଥିବା ସ୍ୱାମୀସ୍ତ୍ରୀ ସବୁଦିନ ପରସ୍ପର ସହ କଥାବାର୍ତ୍ତା ହୁଅନ୍ତୁ। ଦିନର ଆରମ୍ଭରେ ସାଥୀଙ୍କ ସହ କଥା ହୋଇ ତାଙ୍କର ସବୁ କାର୍ଯ୍ୟକ୍ରମ ଓ ସମସ୍ୟା ସମ୍ପର୍କରେ ଜାଣନ୍ତୁ। ଫଳରେ ପରସ୍ପରର କଷ୍ଟ ଅନୁଭବ କରିପାରିବେ। ଶାରୀରିକଭାବେ ହୁଏତ ଆପଣ ତାଙ୍କର ସମସ୍ୟା ସମାଧାନ କରିପାରିବେ ନାହିଁ, କିନ୍ତୁ ମାନସିକ ସପୋର୍ଟ ଦିଅନ୍ତୁ। ଖୁସି ହେଉ ଅବା ସମସ୍ୟା ସବୁକଥା ପରସ୍ପର ସହ ଶେୟାର କରନ୍ତୁ। ଏପରି କରିବା ଫଳରେ ଆପଣଙ୍କ ଜୀବନସାଥୀ ଆପଣଙ୍କୁ ପାଖରେ ଥିବା ଭଳି ଅନୁଭବ କରିପାରିବେ। ତେଣୁ ଦୂରରେ ଥିଲେ ବି ଏକ ଅତୁଟ ସମ୍ପର୍କ ନିଭାଇପାରିବେ।

**ବିଶ୍ୱାସ ହରାନ୍ତୁ ନାହିଁ:** ଡିଷ୍ଟାନ୍ସ ରିଲେଶନଶିପ୍‌ରେ ପରସ୍ପର ପ୍ରତି ବିଶ୍ୱାସ ରଖିବା ନିହାତି ଜରୁରୀ। ହଠାତ୍ କୌଣସି କଥା ଶୁଣି ସନ୍ଦେହ କରନ୍ତୁ ନାହିଁ। ଏହା ଏଭଳି ଏକ ବ୍ୟାଧି ଯାହା ନିମିଷକେ ସମ୍ପର୍କରେ ଫାଟ ସୃଷ୍ଟି କରିଥାଏ। ସନ୍ଦେହ ହେବା ଭଳି କୌଣସି ଘଟଣା ଥିଲେ ପ୍ରଥମେ ଶାନ୍ତ ମନରେ ଚିନ୍ତାକରି ସମୟ ସୁବିଧା ଦେଖି ପରସ୍ପର ମଧ୍ୟରେ ଶାନ୍ତ ଭାବରେ କଥାବାର୍ତ୍ତା ହୁଅନ୍ତୁ। ନିଶ୍ଚିତଭାବେ ସମାଧାନ ପନ୍ଥା ବାହାରିବ। ସବୁଠୁ ବଡ଼ କଥା ହେଉଛି କୌଣସି ପରିସ୍ଥିତିରେ ବି ପରସ୍ପରକୁ ମିଛ କୁହନ୍ତୁ ନାହିଁ ଅବା କୌଣସି କଥା ଲୁଚାନ୍ତୁ ନାହିଁ।

**ମିଳାମିଶାର ସମୟ:** ଦୂରରେ ରହୁଥିବା ସ୍ୱାମୀସ୍ତ୍ରୀ ମଝିରେ ମଝିରେ ସମୟ ବାହାରକରି ପରସ୍ପରକୁ ଦେଖାକରିବା ନିହାତି ଜରୁରୀ। ଯଦି ତାଙ୍କ ପାଖରେ ସମୟ ସୁବିଧା ନ ଥାଏ ତେବେ ଆପଣ ନିଜେ ସମୟ ବାହାର କରି ତାଙ୍କ ପାଖକୁ ଯାଆନ୍ତୁ। ମିଳାମିଶାର ଏହି ସମୟ ବାରମ୍ବାର ହେଲେ ସମ୍ପର୍କର ମାଧୁର୍ଯ୍ୟ ବି ବଢ଼ିପାରିବ। କେବେ କେବେ କୌଣସି ଖବର ନ ଦେଇ ସାଥୀଙ୍କ ପାଖରେ ପହଞ୍ଚି ତାଙ୍କୁ ସରପ୍ରାଇଜ୍ ଦିଅନ୍ତୁ। ଜୀବନରେ ଏ ସବୁର ଆବଶ୍ୟକତାକୁ ଅନୁଭବ କରି କାମ କରନ୍ତୁ।

**ଭିଡିଓ କଲ୍ ଓ ଫଟୋ:** ପରସ୍ପର ମଧ୍ୟରେ ସ୍ଥାନର ଦୂରତାକୁ କମ୍ କରିବା ପାଇଁ ଏବେ ଆଧୁନିକ ଲାଇଫଷ୍ଟାଇଲରେ ଢେର୍ ସୁବିଧା ସୁଯୋଗ ରହିଛି। ଏଇ ଯେମିତି ଭିଡିଓ କଲ୍, ଏସ୍‌ଏମ୍‌ଏସ୍ ଇତ୍ୟାଦି। ତେଣୁ ପ୍ରତିଦିନ ସାଥୀଙ୍କ ସହ ଦେଖାହେବାର ଅନୁଭବ କରିବା ପାଇଁ ଆପଣ ଏସବୁର ସୁବିଧା ନେଇପାରିବେ। ଦିନକୁ ଅତିକମ୍‌ରେ ଥରେ ଏପରି ଭିଡିଓ କଲ୍ କରନ୍ତୁ କିମ୍ବା ଫଟୋ ଶେୟାର କରନ୍ତୁ।

**ପର୍ସନାଲ ସ୍ପେସ୍:** ପ୍ରତ୍ୟେକ ସମ୍ପର୍କରେ କିଛିଟା ପର୍ସନାଲ ସ୍ପେସ୍ ରହିବା ନିହାତି ଜରୁରୀ। ତେଣୁ ଆପଣ ମଧ ନିଜ ସାଥୀଙ୍କୁ କିଛିଟା ସ୍ୱାଧୀନତା ନିଶ୍ଚୟ ଦିଅନ୍ତୁ। ଅତ୍ୟଧିକ ସନ୍ଦେହୀ ସାଥୀଙ୍କ ଭଳି ପ୍ରତି କଥାରେ ମୁଣ୍ଡ ପୂରାଇ ବିରକ୍ତ ହେବା ଭଳି କାମ କରନ୍ତୁ ନାହିଁ। ସାଥୀଙ୍କ ସମ୍ପର୍କରେ କେଉଁ କ୍ଷେତ୍ରରୁ ନିଜକୁ ଦୂରେଇ ରଖିବା ଉଚିତ। ସେନେଇ ବିଚାରକରି କାମ କରନ୍ତୁ।

**ଏକାଠି ରହିବା ଶିଖନ୍ତୁ:** ଦୂରରେ ରହି ବି ଏକାଠି ରହିବାର କଳା ଶିଖିପାରିଲେ ସମ୍ପର୍କରେ ମଧୁରତା ଭରି ରହିଥାଏ। ତେଣୁ ଡିଷ୍ଟାନ୍ସ ରିଲେଶନରେ ଏକାଠି ହୋଇ ରହିବା ପାଇଁ ଚାହୁଁଥିଲେ ଅଲଗା ରହିବାର କଳା ନିଶ୍ଚୟ ଶିଖନ୍ତୁ। ଫଳରେ ଭବିଷ୍ୟତରେ ଆପଣ ନିଜ ଜୀବନକୁ ସୁନ୍ଦର କରିପାରିବେ।



## ଏମାନେ କ'ଣ କରନ୍ତି

### ସମ୍ପର୍କର ନିବିଡ଼ତା ଜମାରୁ କମିନି



ତାଙ୍କର ଚାକିରି ଚେନ୍ନାଇରେ କିନ୍ତୁ ମୋର କର୍ମକ୍ଷେତ୍ର ରାଉରକେଲାରେ। ସେଥିପାଇଁ ମୁଁ ଛୁଟି ହେବା ମାତ୍ରେ ତାଙ୍କ ପାଖକୁ ଯାଏ ଓ ତାଙ୍କର ଛୁଟି ହେଲେ ସେ ମୋ ପାଖକୁ ଆସନ୍ତି। ଅଧିକ ଦିନ ଛୁଟି ମିଳିଲେ ଆମେ ଏକାଠି ମିଶି ଗାଁକୁ ଯାଉ। କିନ୍ତୁ ସବୁଦିନ ଫୋନ୍‌ରେ କଥା ହେଉ। ଶୋଇବା ପୂର୍ବରୁ ଦିନ ସାରାର ବିଭିନ୍ନ କଥା ସମ୍ପର୍କରେ ଆମେ ଫୋନ୍‌ରେ ନିଶ୍ଚୟ ଆଲୋଚନା କରୁ। ଭବିଷ୍ୟତକୁ ଦୃଷ୍ଟିରେ ରଖି ଚାକିରି କରିବା ପାଇଁ ଆମେ ପରସ୍ପରଠାରୁ ଅଲଗା ରହୁଛୁ ସତ, କିନ୍ତୁ ଆମ ସମ୍ପର୍କର ନିବିଡ଼ତା ଆଦୌ କମିନାହିଁ।

**– ଦେବଦର୍ଶନ ସାମନ୍ତରାୟ**
*ସହକାରୀ ପ୍ରଫେସର, ସୁଶୀଳାବତୀ ମହାବିଦ୍ୟାଳୟ, ରାଉରକେଲା*

### ପାଖରେ ଥିବା ଭଳି ଅନୁଭବ



ଯାଜପୁରର ଏକ କମ୍ପାନୀରେ ସେ ଇଞ୍ଜିନିୟର ଅଛନ୍ତି। ତାଙ୍କର ଚାକିରିରେ ବିଭିନ୍ନ ସ୍ଥାନକୁ ବଦଳି ହେବାର ମଧ ସମ୍ଭାବନା ରହିଛି। ସେଥିଲାଗି ପିଲା ଓ ପରିବାର ସହିତ ମୁଁ ବାଲେଶ୍ୱରରେ ରହୁଛି। ତେବେ ସପ୍ତାହକୁ ତାଙ୍କର ଦୁଇଦିନ ଛୁଟି ଥିବାରୁ ସେ ପ୍ରତି ସପ୍ତାହରେ ଆମ ପାଖକୁ ଆସନ୍ତି। ଏହା ବ୍ୟତୀତ ଅନ୍ୟ ଯେକୌଣସି ଛୁଟିରେ ସେ ଆମ ପାଖକୁ ଆସନ୍ତି। ସବୁଦିନ ଫୋନ୍‌ରେ ଭଲମନ୍ଦ ବୁଝନ୍ତି। ତେଣୁ ଦୂରରେ ଥିଲେ ବି ସେ ସବୁବେଳେ ଆମ ପାଖରେ ଥିବା ଭଳି ଅନୁଭବ କରାଇଥାନ୍ତି।

**– ପ୍ରତିଭା ନାୟକ,** ଶିକ୍ଷୟିତ୍ରୀ, କୋଏଲ ନଗର, ବାଲେଶ୍ୱର



ସୌନ୍ଦର୍ଯ୍ୟ

# ସୁନ୍ଦର କରନ୍ତୁ ତ୍ୱଚା

**ତ୍ୱଚାକୁ ସୁନ୍ଦର କରିବା ପାଇଁ ବ୍ୟୁଟିପାର୍ଲର ଯିବା ବଦଳରେ ଘରୋଇ ଉପାୟ ଆପଣେଇବା ଅଧିକ ଲାଭଦାୟକ। ଏଥିପାଇଁ ବିଶେଷ ଫଳପ୍ରଦ ହୋଇଥାଏ ତୁଳସୀ। ଘରେ ମିଳୁଥିବା ବିଭିନ୍ନ ସାମଗ୍ରୀ ସହ ତୁଳସୀପତ୍ର ଲଗାଇଲେ ତ୍ୱଚାର ଅଧିକାଂଶ ସମସ୍ୟା ଦୂର କରିହେବ...**



➤ତୁଳସୀପତ୍ର ଲଗାଇଲେ ମୁହଁରେ ଥିବା ସମସ୍ତ ପ୍ରକାର କଳାଦାଗକୁ ଦୂର କରାଯାଇପାରିବ। ଏଥିପାଇଁ ତୁଳସୀପତ୍ରର ପେଷ୍ଟ କରି ସେଥିରେ କମଳା ଚୋପା ଓ ମସୁର ଡାଲି ଗୁଣ୍ଡ ମିଶାନ୍ତୁ। ଏହା ସହିତ ଅଳ୍ପ ଲେମ୍ବୁରସ, ଗୋଲାପଜଳ ଓ ଅଳ୍ପ ହଳଦୀ ଭଲଭାବେ ମିଶାଇ ମୁହଁରେ ଲଗାନ୍ତୁ। ଏହି ପ୍ୟାକ୍‌କୁ କିଛି ସମୟ ରଖିବା ପରେ ଧୋଇ ଦିଅନ୍ତୁ। ଲଗାତର ଏପରି କରିବା ଫଳରେ ତ୍ୱଚାରେ ଥିବା ସମସ୍ତ ଦାଗ ଦୂର ହୋଇ ତ୍ୱଚା ଉଜ୍ଜ୍ୱଳ ଦିଶିବ।

➤ମୁହଁରେ ବ୍ରଣ ସମସ୍ୟା ଦୂରକରିବା ପାଇଁ ତୁଳସୀପତ୍ର ସହ ଅଳ୍ପ ନିମ୍ବପତ୍ର ମିଶାଇ ଏକ ପେଷ୍ଟ କରି ଦିଅନ୍ତୁ। ଏଥିରେ ଅଳ୍ପ ମହୁ ମିଶାଇ ମୁହଁରେ ଲଗାନ୍ତୁ। ୧୫-୨୦ ମିନିଟ୍ ଲଗାଇ ରଖିବା ପରେ ଅଳ୍ପ ଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ। ପ୍ରତିଦିନ ଏହି ପ୍ୟାକ୍ ଲଗାଇଲେ ମୁହଁରେ ଥିବା ବ୍ରଣ ଭଲ ହୋଇଯିବ।

➤ତ୍ୱଚାର ଉଜ୍ଜ୍ୱଳତା ବଢ଼ାଇବା ପାଇଁ ହେଲେ ତୁଳସୀ ପେଷ୍ଟ ଲଗାନ୍ତୁ। ଏଥିପାଇଁ ତୁଳସୀ ପତ୍ରକୁ ବାଟି ସେଥିରେ ଓଟ୍‌ସ ଗୁଣ୍ଡ, ହଳଦୀଗୁଣ୍ଡ ଓ ଅଳ୍ପ ମହୁ ମିଶାଇ ମୁହଁରେ ଲଗାନ୍ତୁ। ମୁହଁରେ ଲଗାଇ କିଛି ସମୟ ସ୍କ୍ରବ୍ କରନ୍ତୁ। ସ୍କ୍ରବ୍ କରିବା ପରେ ୧୫ ମିନିଟ୍ ରଖି ମୁହଁ ଧୋଇ ଦିଅନ୍ତୁ। ସପ୍ତାହକୁ ୨-୩ ଥର ଏପରି କରିବା ଫଳରେ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇବ।



ଖାଦ୍ୟରୁଚି

# କଞ୍ଚାଲଙ୍କା ଚଟଣି

**ଆବଶ୍ୟକ ସାମଗ୍ରୀ–** କଞ୍ଚାଲଙ୍କା– ୨୦ଟି, ରସୁଣ– ୪ ପାଖୁଡ଼ା, ଲେମ୍ବୁରସ– ୧ ଚାମଚ, ସୋରିଷ– ୧ ଚାମଚ, ଜିରା– ୧ ଚାମଚ, ଧନିଆପତ୍ର– ଅଳ୍ପ (କଟା), ତେଲ– ୨ ଚାମଚ, ଲୁଣ ସ୍ୱାଦ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ–** ଏହି ଚଟଣି ନିମନ୍ତେ ପ୍ରଥମେ କଞ୍ଚାଲଙ୍କାକୁ ଧୋଇ ଛୋଟ ଛୋଟ ଖଣ୍ଡ କରିଦିଅନ୍ତୁ। ରସୁଣରୁ ଚୋପା ଛଡ଼ାଇ ରଖନ୍ତୁ। ଏହାପରେ ଚୁଲିରେ କଡ଼େଇ ବସାନ୍ତୁ। ଗରମ ହୋଇଗଲା ପରେ ସେଥିରେ ତେଲ ପକାଇ ରସୁଣ ଓ କଞ୍ଚାଲଙ୍କାକୁ ଅଳ୍ପ ସମୟ ଭାଜନ୍ତୁ। ଏହାପରେ ପ୍ଲେଟ୍‌କୁ କାଢ଼ି ସେସବୁକୁ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ। ଥଣ୍ଡା ହେଲା ପରେ ସେଥିରେ ଜୀରା ମିଶାଇ ଟିକେ ଖଦଡ଼ା କରି ଗ୍ରାଇଣ୍ଡିଂ କରନ୍ତୁ। ଏବେ ଏହି ପେଷ୍ଟକୁ ବଘାରିବା ପାଇଁ ପୁଣି ଥରେ କଡ଼େଇ ଗରମ କରି ସେଥିରେ ତେଲ ପକାନ୍ତୁ। ତେଲ ଗରମ ହୋଇଯିବା ପରେ ସେଥିରେ ସୋରିଷ ଫୁଟାଇ ଲଙ୍କାବଟା ପକାନ୍ତୁ। କିଛି ସମୟ ଭାଜିବା ପରେ କଡ଼େଇ ଓହ୍ଲାଇ ଆଣି ସେଥିରେ ଧନିଆପତ୍ର, ଲୁଣ ଏବଂ ଲେମ୍ବୁରସ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା କଞ୍ଚାଲଙ୍କା ଚଟଣି। ଏହାକୁ ଚକୁଳି, ଦୋସା କିମ୍ବା କୌଣସି ଛଣା ଜିନିଷ ସହ ଖାଇଲେ ବହୁତ ଭଲ ଲାଗିବ।





ସିରିଜ ବିଜୟୀ ହେବାପରେ ବର୍ଡର-ଗାଭାସ୍କର ଟ୍ରଫି ସହ ଟିମ୍ ଇଣ୍ଡିଆ।

# ଡବ୍ଲୁଟିସି ଫାଇନାଲରେ ଭାରତ

- ଭାରତ-ଅଷ୍ଟ୍ରେଲିଆ ୪ର୍ଥ ଟେଷ୍ଟ ଡ୍ର
- ୨-୧ରେ ସିରିଜ ଜିତିଲା ଟିମ୍ ଇଣ୍ଡିଆ
- କ୍ରମାଗତ ୪ର୍ଥ ଥରପାଇଁ ଭାରତ ବର୍ଡର-ଗାଭାସ୍କର ଟ୍ରଫି ବିଜୟୀ
- ବିରାଟ କୋହଲି ପ୍ଲେୟର ଅଫ୍ ଦି ମ୍ୟାଚ
- ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ପ୍ଲେୟର ଅଫ୍ ଦି ସିରିଜ

**ଅହମଦାବାଦ, ୧୩।୩ (ପି.ଟି.)**

ଭାରତ କ୍ରମାଗତ ଦ୍ୱିତୀୟ ଥରପାଇଁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲୁଟିସି) ଫାଇନାଲରେ ପ୍ରବେଶ କରିଛି। ଖ୍ରୀଷ୍ଟଚର୍ଚ୍ଚଠାରେ ଅନୁଷ୍ଠିତ ଟେଷ୍ଟରେ ଶ୍ରୀଲଙ୍କା ବିପକ୍ଷରେ ନ୍ୟୁଜିଲାଣ୍ଡର ରୋମାଞ୍ଚକ ବିଜୟ ପରେ ଏହା ସ୍ପଷ୍ଟ ହୋଇଯାଇଛି। ଫଳରେ ଦୀର୍ଘବର୍ଷ ପରେ ଭାରତ ପୁଣି ଆଇସିସି ଟ୍ରଫି ଜିତିବା ସମ୍ଭାବନା ଉଜ୍ଜୀବିତ ହୋଇଛି। ଅନ୍ୟପକ୍ଷରେ ଏଠାରେ ଅନୁଷ୍ଠିତ ଭାରତ-ଅଷ୍ଟ୍ରେଲିଆ ଚତୁର୍ଥ ତଥା ଅନ୍ତିମ କ୍ରିକେଟ ଟେଷ୍ଟ ଡ୍ର'ରେ ଶେଷ ହୋଇଛି। ଫଳରେ ୨-୧ରେ ସିରିଜ ବିଜୟୀ ହୋଇଛି ଟିମ୍ ଇଣ୍ଡିଆ। ଏଥିସହ କ୍ରମାଗତ ୪ର୍ଥ ଥରପାଇଁ ଭାରତ ବର୍ଡର-ଗାଭାସ୍କର ଟ୍ରଫି ଜିତିବାରେ ସକ୍ଷମ ହୋଇଛି। ଏହା ପୂର୍ବରୁ ୨୦୧୭ (ଘରୋଇ), ୨୦୧୮-୧୯ (ବାହାର) ଓ ୨୦୨୦-୨୧ (ବାହାର) ସିରିଜରେ ମଧ୍ୟ ଭାରତ ବିଜୟୀ ହୋଇଥିଲା।

ଅଷ୍ଟ୍ରେଲିଆ ଏହାର ଦ୍ୱିତୀୟ ଇନିଂସରେ ୭୮.୧ ଓଭର ଖେଳି ୨ ଉଇକେଟରେ ୧୭୫ ରନ କରିଥିବାବେଳେ ଉଭୟ ପକ୍ଷ ମ୍ୟାଚ ଶେଷ କରିବାକୁ ରାଜି ହୋଇଥିଲେ। ସେତେବେଳକୁ ଅଷ୍ଟ୍ରେଲିଆ ୮୪ ରନରେ ଅଗ୍ରଣୀ ହାସଲ କରିଥିଲା। ଟ୍ରାଭିସ ହେଡ୍ ୯୦ ଓ ମାଥ୍ୟୁ କନେମନ ୬ ରନକରି ଆଉଟ ହୋଇଥିବାବେଳେ ମାର୍ନସ ଲାବୁସେନ ୬୩ ଓ ଷ୍ଟିଭ୍ ସ୍ମିଥ୍ ୧୦ ରନରେ ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନ ଓ ଅକ୍ଷର ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅତି ସୁନ୍ଦର ଇନିଂସ ଖେଳିଥିବା ବିରାଟ କୋହଲି ପ୍ଲେୟର ଅଫ୍ ଦି ମ୍ୟାଚ ଏବଂ ଦୁଇ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି।

କ୍ରମାଗତ ଦ୍ୱିତୀୟଥରପାଇଁ ଡବ୍ଲୁଟିସି ଫାଇନାଲରେ ପ୍ରବେଶ କରିଥିବା ଭାରତକୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। ଅଷ୍ଟ୍ରେଲିଆ ଏକ କଷ୍ଟସାଧ୍ୟ ପ୍ରତିଦ୍ୱନ୍ଦ୍ୱୀ ବୋଲି ଅଧିନାୟକ ରୋହିତ ଶର୍ମା ଓ କୋଚ୍ ରାହୁଲ ଦ୍ରାବିଡ ଭଲଭାବେ ଜାଣିଛନ୍ତି। ଏହା ବ୍ୟତୀତ ଇଂଲଣ୍ଡ ପିଚ୍ ଭାରତୀୟ ସ୍ପିନରଙ୍କୁ ବିଶେଷ ସୁହାଇବ ନାହିଁ। ଜୁନ ପ୍ରଥମଭାଗରେ ଇଂଲଣ୍ଡ ପିଚ୍‌ରେ ମିଚେଲ ଷ୍ଟାର୍କ, ଜୋଶ୍ ହାଜେଲଉଡ୍, ଅଧିନାୟକ ପ୍ୟାଟ୍ କୁମିନ୍ସ ଓ ନାଥାନ ଲିୟନଙ୍କୁ ନେଇ ଅଷ୍ଟ୍ରେଲିଆର ବୋଲିଂ ଆକ୍ରମଣ ବେଶ୍ ଶାଣିତ ରହିବ। ମାତ୍ର ଏହି ବୋଲିଂ ଆକ୍ରମଣ ବିରୋଧରେ ଭାରତ ବିଦେଶ ମାଟିରେ ୨ଟି ସିରିଜ ଜିତି ସାରିଥିବାରୁ ଅହି ଅଭିଜ୍ଞତା ଉପଯୋଗୀ ହେବ। ଇଂଲଣ୍ଡ ମାଟିରେ ଭାରତ ଗୋଟିଏ ସ୍ପିନରଙ୍କୁ ନେଇ ଖେଳିବାକୁ ପସନ୍ଦ କରିବ। ଫିଟ୍‌ଥିଲେ ସେହି ସ୍ଥାନ ରବୀନ୍ଦ୍ର ଜାଡେଜା ହିଁ ନେବେ। ତେବେ ଯଶପ୍ରୀତ୍ ବୁମ୍‌ରା ଓ ରିଷଭ ପନ୍ତଙ୍କ ଅନୁପସ୍ଥିତି ଅନୁଭବ କରିବ ଟିମ୍ ଇଣ୍ଡିଆ।

### ୨୦୧୧ ପରଠାରୁ ଭାରତରେ ଅନୁଷ୍ଠିତ ବର୍ଡର--ଗାଭାସ୍କର ଟ୍ରଫିରେ ପ୍ଲେୟର ଅଫ୍ ଦି ସିରିଜ

୨୦୧୩: ରବିଚନ୍ଦ୍ରନ ଅଶ୍ୱିନ (୨୯ ଉଇକେଟ, ୨୦ ରନ)
୨୦୧୭: ରବୀନ୍ଦ୍ର ଜାଡେଜା (୨୫ ଉଇକେଟ, ୧୨୭ ରନ)
୨୦୨୩: ରବିଚନ୍ଦ୍ରନ ଅଶ୍ୱିନ (୨୫ ଉଇକେଟ, ୮୬ ରନ) ଓ ରବୀନ୍ଦ୍ର ଜାଡେଜା (୨୨ ଉଇକେଟ, ୧୩୫ ରନ)।

- ଅହମଦାବାଦ ଟେଷ୍ଟରେ ମାତ୍ର ୨୧ଟି ଉଇକେଟର ପତନ ଘଟିଥିଲା। ୨୦୦୯ରେ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ପରଠାରୁ ଏହା ସବୁଠାରୁ କମ୍।
- **ଶେଷ ୪ ବର୍ଡର-ଗାଭାସ୍କର ଟ୍ରଫି ଫଳାଫଳ**

୨୦୧୬-୧୭ (ଭେନ୍ୟୁ-ଭାରତ): ଭାରତ ୨-୧ରେ ସିରିଜ ବିଜୟୀ
୨୦୧୮-୧୯ (ଭେନ୍ୟୁ-ଅଷ୍ଟ୍ରେଲିଆ): ଭାରତ ୨-୧ରେ ସିରିଜ ବିଜୟୀ
୨୦୨୦-୨୧ (ଭେନ୍ୟୁ-ଅଷ୍ଟ୍ରେଲିଆ): ଭାରତ ୨-୧ରେ ସିରିଜ ବିଜୟୀ
୨୦୨୨-୨୩ (ଭେନ୍ୟୁ-ଭାରତ): ଭାରତ ୨-୧ରେ ସିରିଜ ବିଜୟୀ (କ୍ରମାଗତ ୪ର୍ଥ ଥରପାଇଁ କୌଣସି ଏକ ଦଳ ବର୍ଡର-ଗାଭାସ୍କର ଟ୍ରଫି ଜିତିବା ଏହା ପ୍ରଥମ)।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୪୮୦। ଭାରତ ପ୍ରଥମ ଇନିଂସ: ୫୭୧। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୧୭୫/୨/ ଘୋଷଣା (ଟ୍ରାଭିସ ହେଡ୍-୯୦, ମାର୍ନସ ଲାବୁସେନ-୬୩*, ରବିଚନ୍ଦ୍ରନ ଅଶ୍ୱିନ-୧/୫୮, ଅକ୍ଷର ପଟେଲ-୧/୩୬)।

## ନ୍ୟୁଜିଲାଣ୍ଡ ବିଜୟରୁ ଭାରତକୁ ଫାଇଦା

**ନୂଆଦିଲ୍ଲୀ, ୧୩।୩(ପି.ଟି.)**

କ୍ରମାଗତ ଦ୍ୱିତୀୟଥର ପାଇଁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲୁଟିସି) ଫାଇନାଲରେ ପ୍ରବେଶ କରିଛି ଭାରତ। ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫି ବଜାୟ ରଖିଥିବା ଭାରତ ୨-୧ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲା। ତେବେ ଏହି ସିରିଜ୍ ବିଜୟ ଭାରତର ଫାଇନାଲରେ ପ୍ରବେଶ ପାଇଁ ଯଥେଷ୍ଟ ନ ଥିଲା। ଖ୍ରୀଷ୍ଟଚର୍ଚ୍ଚରେ ଅନ୍ତିମ ଦିନରେ ୨୮୬ ରନ୍ ପିଛାକରି ଜିତିବା ସହିତ ନ୍ୟୁଜିଲାଣ୍ଡ ଭାରତକୁ ଫାଇନାଲରେ ପହଞ୍ଚାଇଥିଲା। ପୂର୍ବରୁ ଅଷ୍ଟ୍ରେଲିଆ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ପ୍ରଥମ ସଂସ୍କରଣ ଚାମ୍ପିୟନ ନ୍ୟୁଜିଲାଣ୍ଡ, ଇଂଲଣ୍ଡ ଓ ପାକିସ୍ତାନ ଭଳି ଦଳ ଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଥିବା ବେଳେ ଅଷ୍ଟ୍ରେଲିଆ, ଭାରତ, ଶ୍ରୀଲଙ୍କା ଓ ଦକ୍ଷିଣ ଆଫ୍ରିକା ଫାଇନାଲ ଦାବିଦାର ରହିଥିଲେ। ବର୍ଡର-ଗାଭାସ୍କର ଟ୍ରଫିର ଦ୍ୱିତୀୟ ଟେଷ୍ଟରେ ଭାରତ ବିଜୟୀ ହେବା ପରେ ଦକ୍ଷିଣ ଆଫ୍ରିକାର ଫାଇନାଲ ପ୍ରବେଶ ଆଶା ମଉଳି ଯାଇଥିଲା। ତୃତୀୟ ଟେଷ୍ଟକୁ ଅଷ୍ଟ୍ରେଲିଆ ୯ ଉଇକେଟରେ ଜିତିବା ସହିତ ୬୮.୫୨ ପର୍ସେଣ୍ଟେଜ୍ ପଏଣ୍ଟ ସହିତ ଆଗୁଆ ଫାଇନାଲରେ ସ୍ଥାନ ସୁରକ୍ଷିତ କରିନେଇଥିଲା। ଚତୁର୍ଥ ଟେଷ୍ଟ ଜିତିଲେ ଭାରତ ଫାଇନାଲରେ ପ୍ରବେଶ କରିଥାନ୍ତା ମାତ୍ର ଏହା ଡ୍ରରେ ଶେଷହେବା କାରଣରୁ ଭାରତର ପର୍ସେଣ୍ଟେଜ୍ ପଏଣ୍ଟ ୬୦.୨୯ରେ ରହିଥିଲା। ଅନ୍ୟପକ୍ଷରେ ଶ୍ରୀଲଙ୍କାର ପର୍ସେଣ୍ଟେଜ୍ ପଏଣ୍ଟ ୫୩.୩୩ ରହିଥିଲା। ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍ ୨-୦ରେ ଜିତିଥିଲେ ୬୧.୧୧ର ପର୍ସେଣ୍ଟେଜ୍ ପଏଣ୍ଟ ସହିତ ଏହା ଫାଇନାଲରେ ପ୍ରବେଶ କରିଥାନ୍ତା। ତେବେ ନ୍ୟୁଜିଲାଣ୍ଡ ଜିତିବା ସହିତ କ୍ରମାଗତ ଦ୍ୱିତୀୟଥର ଡବ୍ଲୁଟିସି ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛି ଭାରତ।



ଉସମାନ ଖ୍ୱାଜାଙ୍କୁ ନିଜ ଜର୍ସି ଉପହାର ଦେଉଛନ୍ତି ବିରାଟ କୋହଲି।

## ଶେଷ ବଲ୍‌ରେ ନ୍ୟୁଜିଲାଣ୍ଡର ରୋମାଞ୍ଚକର ବିଜୟ

**ଖ୍ରୀଷ୍ଟଚର୍ଚ୍ଚ, ୧୩।୩ (ପି.ଟି.)**

ହାଗ୍‌ଲେ ଓଭାଲରେ ଅନୁଷ୍ଠିତ ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟରେ ନ୍ୟୁଜିଲାଣ୍ଡର ରୋମାଞ୍ଚକର ବିଜୟ। ମ୍ୟାଚ୍‌ର ଅନ୍ତିମ ବଲ୍‌ରେ ବାଇରୁ ୧ ରନ୍ ସଂଗ୍ରହ କରିବା ସହିତ କେନ୍ ୱିଲିୟମସନ୍ ଓ ନୀଲ୍ ୱାଗନର ଦଳକୁ ଜିତାଇଥିଲେ। ୨ ଉଇକେଟରେ ଜିତିବା ସହିତ ୨ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ନ୍ୟୁଜିଲାଣ୍ଡ ୧-୦ରେ ଅଗ୍ରଣୀ ହାସଲ କରିଛି। ଦୁଇ ସପ୍ତାହ ମଧ୍ୟରେ ଟେଷ୍ଟରେ ନ୍ୟୁଜିଲାଣ୍ଡର ଏହା ଆଉ ଏକ ମହତ୍ତ୍ୱପୂର୍ଣ୍ଣ ବିଜୟ। ପୂର୍ବରୁ ବେସିନ୍ ରିଜର୍ଭରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ମ୍ୟାଚ୍‌କୁ ନ୍ୟୁଜିଲାଣ୍ଡ ମାତ୍ର ୧ ରନ୍‌ରେ ଜିତିବାରେ ସମର୍ଥ ହୋଇଥିଲା। ମେଘୁଆ ପାଗ କାରଣରୁ ୨୦ ଓଭର ଖେଳ ସମ୍ଭବ ହୋଇ ନ ଥିଲା। ୨୮୬ ରନ୍‌ର ପିଛା କରୁଥିବା ନ୍ୟୁଜିଲାଣ୍ଡକୁ ଅନ୍ତିମ ୨୦ ଓଭରରେ ୧୩୧ ରନ୍ ଆବଶ୍ୟକ ରହିଥିଲା। କେନ୍ ୱିଲିୟମ୍‌ସନ୍ ଅପରାଜିତ ୧୨୧ ରନ୍‌ର ଇନିଂସ ଖେଳିଥିବା ବେଳେ ପ୍ରଥମ ଇନିଂସର ଶତକ ହାସଲକାରୀ ଡେରିଲ୍ ମିଚେଲ୍ ଦ୍ରୁତ ୮୧ ରନ୍ କରି ଦଳ ପାଇଁ ବିଜୟର ପଥ ପ୍ରସ୍ତୁତ କରିଥିଲେ। ୧୯୪ ବଲ୍ ଖେଳି ୱିଲିୟମସନ୍ ୧୧ ଚୌକା ଓ ୧ ଛକା ମାରିଥିଲେ। ଅନ୍ୟ ପକ୍ଷରେ ୮୬ ବଲ୍ ଖେଳିଥିବା ମିଚେଲ ୩ ଚୌକା ଓ ୪ ଛକା ମାରିଥିଲେ। ଏକଦା ୨୬୬ ରନ୍‌ରେ ୫ ଉଇକେଟ ହରାଇଥିବା ନ୍ୟୁଜିଲାଣ୍ଡ ପରବର୍ତ୍ତୀ ୧୪ ରନ୍ ମଧ୍ୟରେ ୩ ଉଇକେଟ ହରାଇଥିଲା। ୬୯.୩ ଓଭରରେ ମ୍ୟାଟ୍ ହେନ୍‌ରୀ ରନ୍‌ଆଉଟ ହେବା ପରେ ୩ ବଲ୍‌ରୁ ୬ ରନ୍ ଆବଶ୍ୟକ ଥିଲା। ପରବର୍ତ୍ତୀ ବଲ୍‌ରେ କେନ୍ ୱିଲିୟମସନ୍ ଚୌକା ମାରିଥିଲେ। ୫ ନମ୍ବର ବଲ୍‌ରୁ ୧ ରନ୍ ଆସିବା ପରେ ଅନ୍ତିମ ବଲ୍‌ରେ ବିଜୟ ପାଇଁ ୧ ରନ୍ ଆବଶ୍ୟକ ରହିଥିଲା। ୱିଲିୟମସନ୍ ଓ ୱାଗନର ବାଇରୁ ୧ ରନ୍ ନେଇ ଦଳକୁ ବିଜୟୀ କରାଇଥିଲେ। ଶ୍ରୀଲଙ୍କା ପକ୍ଷରୁ ଆସିଥା ଫର୍ନାଣ୍ଡୋ ୩ ଓ ପ୍ରଭାତ ଜୟସୁରିୟା ୨ ଉଇକେଟ ନେଇଥିଲେ। ଉଲ୍ଲେଖଯୋଗ୍ୟ, ପ୍ରଥମ ଇନିଂସ୍‌ରେ ଶ୍ରୀଲଙ୍କା ୩୫୫ ରନ୍ କରିଥିବା ବେଳେ ଡାରିଲ ମିଚେଲଙ୍କ ଶତକ ବଳରେ ୩୭୩ ରନ୍ କରି ନ୍ୟୁଜିଲାଣ୍ଡ ୧୮ ରନ୍‌ର ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ ଇନିଂସ୍‌ରେ ଶ୍ରୀଲଙ୍କା ୩୦୨ ରନ୍ କରିଥିଲା। ପ୍ରଭାବୀ ବ୍ୟାଟିଂ ପାଇଁ ଡାରିଲ ମିଚେଲଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।



ଭାଗୀଦାରି ଅବସରରେ କେନ୍ ୱିଲିୟମସନ ଓ ଡେରିଲ୍ ମିଚେଲ୍।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ପ୍ରଥମ ଇନିଂସ-୩୫୫। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ-୩୭୩। ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ-୩୦୨। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ-୨୮୬/୮(କେନ୍ ୱିଲିୟମ୍‌ସନ୍-୧୨୧, ଡେରିଲ୍ ମିଚେଲ୍-୮୧, ଆସିଥା ଫର୍ନାଣ୍ଡୋ-୩/୬୩, ପ୍ରଭାତ ଜୟସୁରିୟା-୨/୯୨, କସୁନ ରଜିଥା-୧/୬୧, ଲାହିରୁ କୁମାରା-୧/୬୧)।

## ଭାଗ ନେଇପାରିବେନି କୋସୋଭୋ ବକ୍ସର

**ନୂଆଦିଲ୍ଲୀ, ୧୩।୩ (ପି.ଟି.):** ଭାରତୀୟ ଭିଜା ହାସଲ କରିପାରି ନ ଥିବାରୁ ଏଠାରେ ବୁଧବାରଠାରୁ ହେବାକୁଥିବା ମହିଳା ବକ୍ସିଂ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାଗ ନେଇ ନ ପାରି ଅସନ୍ତୋଷ ପ୍ରକାଶ କରିଛନ୍ତି କୋସୋଭୋ ବକ୍ସର ଡନ୍‌ଜେଟା ସାଡିକୁ। ସେ ଭାରତକୁ ଇଭେଣ୍ଟ ଆୟୋଜନ ଅଧିକାର ପ୍ରଦାନକୁ ନେଇ ଇଣ୍ଟରନ୍ୟାଶନାଲ ବକ୍ସିଂ ଆସୋସିଏଶନ(ଆଇବା)କୁ ପ୍ରଶ୍ନ କରିଛନ୍ତି। କୋସୋଭୋ ହେଉଛି ଦକ୍ଷିଣ ପୂର୍ବ ୟୁରୋପର ଏକ ବିବାଦୀୟ ଅଞ୍ଚଳ। ସାଡିକୁ କହିଛନ୍ତି, କୋସୋଭୋର କ୍ରୀଡ଼ାମନ୍ତ୍ରୀ ଭାରତ ସରକାରଙ୍କ ସହ ଯୋଗାଯୋଗ କରୁଛନ୍ତି, ହେଲେ ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଅଂଶଗ୍ରହଣରୁ ସେ ପୁନର୍ବାର ବଞ୍ଚିତ ହେବାକୁ ଯାଉଛନ୍ତି। ସାଡିକୁଙ୍କ କ୍ଷେତ୍ରରେ ଏହା ପ୍ରଥମ ନୁହେଁ। ୨୦୨୨ ଲାଇଟ୍‌ୱେଟ୍ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜେତାଙ୍କୁ ପୂର୍ବରୁ ଦୁଇଥର ଭାରତୀୟ ଭିଜା ମନା କରାଯାଇଛି। ଫଳରେ ସେ ୨୦୧୮ରେ ଦିଲ୍ଲୀରେ ଅନୁଷ୍ଠିତ ମହିଳା ଚାମ୍ପିୟନଶିପ୍ ଏବଂ ଗୁଆହାଟୀରେ ଓମେନ୍ସ ୟୁଥ୍ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ଭାଗନେବାରୁ ବଞ୍ଚିତ ହୋଇଥିଲେ।

## ଭାରତୀୟ କ୍ୟାମ୍ପରେ ଅର୍ଚ୍ଚନା, କାଦମ୍ବିନୀ

### ଏସିଆନ ଖୋ ଖୋ ଚାମ୍ପିୟନଶିପ୍



ଅର୍ଚ୍ଚନା ମାଝି ଓ କାଦମ୍ବିନୀ ମାଝି।

**ଭୁବନେଶ୍ୱର, ୧୩।୩ (କ୍ରୀଡ଼ା ପ୍ରତିନିଧି)**

ଆସାମର ଗୁଆହାଟୀଠାରେ ୪ର୍ଥ ଏସିଆନ ଖୋ ଖୋ (ମହିଳା ଓ ପୁରୁଷ) ଚାମ୍ପିୟନଶିପ୍ ଚଳିତ ମାସ ୨୦ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟ ଲାଗି ପ୍ରସ୍ତୁତ ହେବାପାଇଁ ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ୧୪ରୁ ୧୮ ପର୍ଯ୍ୟନ୍ତ ଏକ କ୍ୟାମ୍ପ ଗୁଆହାଟୀରେ ଅନୁଷ୍ଠିତ ହେବ। ଏହି ଜାତୀୟ କ୍ୟାମ୍ପରେ ଯୋଗ ଦେବାପାଇଁ କିସ୍‌ର ଅର୍ଚ୍ଚନା ମାଝି ଓ କାଦମ୍ବିନୀ ମାଝି ମନୋନୀତ ହୋଇଛନ୍ତି। ସେଠାରେ ସେମାନେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଏହି ଦୁଇ ଖେଳାଳି ପୂର୍ବରୁ ଅନେକ ଟୁର୍ନାମେଣ୍ଟରେ ଦକ୍ଷତା ପ୍ରଦର୍ଶନ କରି ପଦକ ହାସଲ କରିଛନ୍ତି। ୨୦୧୯ ଡିସେମ୍ବରରେ ଛତିଶଗଡ଼ର ରାୟପୁରରେ ଅନୁଷ୍ଠିତ ୫୩ତମ ଜାତୀୟ ସିନିୟର ଖୋ ଖୋ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ, ସେହିବର୍ଷ ଅକ୍ଟୋବରରେ ଝାଡ଼ଖଣ୍ଡର ଧାନବାଦଠାରେ ଅନୁଷ୍ଠିତ ୩୦ତମ ଜାତୀୟ ସବ୍-ଜୁନିୟର ଖୋ ଖୋରେ ସ୍ୱର୍ଣ୍ଣ, ୨୦୨୦ ଜାନୁୟାରୀରେ ଗୁଆହାଟୀରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ବ୍ରୋଞ୍ଜ ପଦକ ପାଇଥିଲେ। ସେହିପରି ୨୦୨୧ରେ ଭୁବନେଶ୍ୱରର କିଟ୍ ପରିସରରେ ଅନୁଷ୍ଠିତ ୪୦ତମ ଜାତୀୟ ଜୁନିୟର ଖୋ ଖୋରେ ବ୍ରୋଞ୍ଜ, ଜବଲପୁରରେ ଆୟୋଜିତ ୫୪ତମ ଜାତୀୟ ସିନିୟର ଖୋ ଖୋରେ ବ୍ରୋଞ୍ଜ, ୨୦୨୨ ସେପ୍ଟେମ୍ବରରେ ଅହମଦାବାଦରେ ଅନୁଷ୍ଠିତ ୩୬ତମ ଜାତୀୟ କ୍ରୀଡ଼ାରେ ବ୍ରୋଞ୍ଜ ଏବଂ ୨୦୨୩ ଫେବୃୟାରୀରେ ମଧ୍ୟପ୍ରଦେଶର ଜବଲପୁରରେ ଆୟୋଜିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଉଭୟ ଅର୍ଚ୍ଚନା ଓ କାଦମ୍ବିନୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## କ୍ୱାର୍ଟର ଫାଇନାଲରେ ଗଙ୍ଗପଡ଼ା

**ପୁରୁଣା ଭୁବନେଶ୍ୱର, ୧୩।୩ (ଡି.ଏନ.ଏ.)**

ଚ୍ୟାଲେଞ୍ଜ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ସିଆଁଙ୍ଗସ୍ଥିତ ଖେଳ ପଡ଼ିଆରେ ଚାଲିଥିବା ୫ମ ଆଧାର କାର୍ଡ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ମ୍ୟାଚରେ ବିଜୟୀ ହୋଇ ଗଙ୍ଗପଡ଼ା ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପ୍ରି-କ୍ୱାର୍ଟର ଫାଇନାଲରେ ଏହି ଦଳ ବାଙ୍କୁଆଳକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ବାଙ୍କୁଆଳ ଦଳ ନିର୍ଦ୍ଧାରିତ ୮ ଓଭରରେ ୪ ଉଇକେଟ ହରାଇ ୭୧ ରନ କରିଥିଲା। ଜବାବରେ ଗଙ୍ଗପଡ଼ା ୬.୩ ଓଭରରେ ୫ ଉଇକେଟ ହରାଇ ୭୫ ରନ ସଂଗ୍ରହ କରି ନେଇଥିଲା। ବିଜୟୀ ଦଳର ବିଭୁ ଭୂଷଣ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସାମାଜିକ କର୍ମୀ ଦୁଷ୍ମନ୍ତ ବଡ଼ଜେନା ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମନୋଜ ମାର୍ଥା, ଅମରଦୀପ ପରିଡ଼ା ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ।



ବିଭୁ ଭୂଷଣଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

## ଲିନେକରଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହୃତ

### ଟୁଇଟର ପୋଷ୍ଟ ବିବାଦ

**ଲଣ୍ଡନ, ୧୩।୩(ପି.ଟି.)**

ବ୍ରିଟିଶ୍ ବ୍ରଡ୍‌କାଷ୍ଟିଂ କର୍ପୋରେଶନ(ବିବିସି) ଇଂଲଣ୍ଡ ଫୁଟ୍‌ବଲ କିମ୍ବଦନ୍ତୀ ଗ୍ୟାରି ଲିନେକରଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଛି। ଲିନେକର ବିବିସିର ଲୋକପ୍ରିୟ କ୍ରୀଡ଼ା କାର୍ଯ୍ୟକ୍ରମ 'ମ୍ୟାଚ୍ ଅଫ୍ ଦି ଡେ'ର ଉପସ୍ଥାପକ। ସେ ମଙ୍ଗଳବାର ତାଙ୍କ ଟୁଇଟର ଆକାଉଣ୍ଟରେ ବ୍ରିଟିଶ୍ ସରକାରଙ୍କ ମାଇଗ୍ରେଶନ ପଲିସିର ସମାଲୋଚନା କରିଥିଲେ। ଅତୀତରେ ନାଜି ଜର୍ମାନୀରେ ଯେଉଁ ଭାଷା ବ୍ୟବହାର କରାଯାଉଥିଲା ଋଷି ସୁନକ ସରକାର ପ୍ରବାସୀମାନଙ୍କ କ୍ଷେତ୍ରରେ ତାହା କରୁଛନ୍ତି ବୋଲି ସେ କହିଥିଲେ। ଲିନେକର ହେଉଛନ୍ତି ୟୁନାଇଟେଡ୍ କିଙ୍ଗଡମ୍(ୟୁକେ)ର ଜଣେ ଅନ୍ୟତମ ପ୍ରଭାବଶାଳୀ ଗଣମାଧ୍ୟମ ବ୍ୟକ୍ତିତ୍ୱ। ତାଙ୍କର ୮.୭ ନିୟୁତ ଫଲୋଅର ରହିଛନ୍ତି। ସୋସିଆଲ ମିଡିଆରେ ଏଭଳି ପୋଷ୍ଟିଂ ଦ୍ୱାରା ଗାଇଡ୍‌ଲାଇନର ଉଲ୍ଲଂଘନ କରାଯାଇଥିବା ଦର୍ଶାଇ ବିବିସି ତାଙ୍କୁ ସାମୟିକ ଭାବେ ନିଲମ୍ବନ କରିଥିଲା। ଲିନେକରଙ୍କ ଅନୁପସ୍ଥିତିରେ ବିବିସିର ସ୍ପୋର୍ଟ୍ସ କଭରେଜ ଦୁଇଦିନ ବାଧାପ୍ରାପ୍ତ ହୋଇଥିଲା।

## ହରିୟାଣା ବିପକ୍ଷରେ ଓଡ଼ିଶାର ସହଜ ବିଜୟ

**ଭୁବନେଶ୍ୱର, ୧୩।୩ (ସ୍ପୋର୍ଟ୍ସ ବ୍ୟୁରୋ)**

ଦୃଷ୍ଟି ବାଧିତ ଜାତୀୟ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ନାଗେଶ ଟ୍ରଫିର ସୁପର-୮ ପର୍ଯ୍ୟାୟରେ ହରିୟାଣା ବିପକ୍ଷ ପ୍ରଥମ ଲିଗ୍ ମ୍ୟାଚ ଓଡ଼ିଶା ୫୯ ରନରେ ଜିତି ନେଇଛି। ହାଇଦ୍ରାବାଦସ୍ଥିତ ମାଷ୍ଟର୍ସ କ୍ରିକେଟ ଗ୍ରାଉଣ୍ଡରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ବିନିମୟରେ ୨୧୨ ରନ କରିଥିଲା। ଟପ୍ ସ୍କୋରର ଅଧିନାୟକ ସୁଖରାମ ୫୧ ବଲ୍‌ରୁ ୮୬ ରନ କରିଥିଲେ। ଏହା ବ୍ୟତୀତ ଧନପତି ଗୌଡ଼ ୨୭, ଲାଲ ପ୍ରସାଦ ସୋରେନ ୨୬ ଓ ନକୁଳ ବଡ଼ନାୟକ ୨୫ ରନ ଅବଦାନ ରହିଥିଲା। ୨୧୩ ରନର ବିଜୟ ଲକ୍ଷ୍ୟ ପିଛା କରି ହରିୟାଣା ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୧୫୩ ରନ କରିପାରିଥିଲା। ଓଡ଼ିଶା ତରଫରୁ ସୁଖରାମ ୨ଟି ଏବଂ ମହମ୍ମଦ ଜାଫର ଇକ୍‌ବାଲ ଓ ଦେବରାଜ ବେହେରା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ସୁଖରାମ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସୁପର-୮ରେ ଓଡ଼ିଶା ଏହାର ଦ୍ୱିତୀୟ ମ୍ୟାଚ ମଙ୍ଗଳବାର ଚଣ୍ଡିଗଡ଼ ବିପକ୍ଷରେ ଖେଳିବ। ଏହି ମ୍ୟାଚ ହାଇଦ୍ରାବାଦର ଏୱାଇଆର୍ କ୍ରିକେଟ ଗ୍ରାଉଣ୍ଡରେ ହେବ।



ପୁରସ୍କାର ଗ୍ରହଣ ଅବସରରେ ସୁଖରାମ ମାଝି (ବାମ)।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୪/୨୦୨୩ Bhubaneswar, Tuesday, March 14/ 2023

# ଜର୍ମାନୀକୁ ହରାଇ ଶୀର୍ଷରେ ଭାରତ

**ରାଉରକେଲା ଅଫିସ, ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୧୩।୩**

ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ପ୍ରୋଲିଗ୍‌ରେ ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ସୋମବାର ଅନୁଷ୍ଠିତ ମ୍ୟାଚରେ ଘରୋଇ ଦଳ ବିଶ୍ୱ ଚାମ୍ପିୟନ ଜର୍ମାନୀକୁ ୬-୩ ଗୋଲରେ ପରାସ୍ତ କରିଛି। ଚଳିତ ଲିଗ୍‌ରେ ଜର୍ମାନୀ ବିପକ୍ଷରେ ଭାରତର ଏହା ଦ୍ୱିତୀୟ ଏବଂ କ୍ରମାଗତ ତୃତୀୟ ବିଜୟ। ୧୦ ତାରିଖରେ ନିଜର

**ଏଫ୍ଆଇଏଚ୍ ପ୍ରୋ ଲିଗ୍**

**ଭାରତ-୬, ଜର୍ମାନୀ-୩**

ପ୍ରଥମ ମ୍ୟାଚରେ ଜର୍ମାନୀକୁ ୩-୨ ଗୋଲରେ ହରାଇଥିବା ଭାରତ ରବିବାର ଅଷ୍ଟ୍ରେଲିଆକୁ ୫-୪ ଗୋଲରେ ପରାସ୍ତ କରିଥିଲା। ଏଥିସହ ଭାରତ ପଏଣ୍ଟ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛି। ଭାରତ ୭ ମ୍ୟାଚରୁ ୧୭ ଏବଂ ସ୍ପେନ୍ ୮ ମ୍ୟାଚରୁ ୧୭ ପଏଣ୍ଟ ପାଇଛି। ତେବେ ଗୋଲ ବ୍ୟବଧାନରେ ଭାରତ ଆଗରେ ରହିଛି। ଆର୍ଜେଣ୍ଟିନା ୧୩ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି।

ସୋମବାର ମ୍ୟାଚରେ ଜର୍ମାନୀ ଆକ୍ରମଣାତ୍ମକ ଆଭିମୁଖ୍ୟ ନେଇ ଖେଳ ଆରମ୍ଭ କରିଥିଲେ ହେଁ ପରେ



ଭାରତ ଓ ଜର୍ମାନୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ଭାରତ ମ୍ୟାଚକୁ ନିଜ ନିୟନ୍ତ୍ରଣରେ ରଖିବାରେ ସକ୍ଷମ ହୋଇଥିଲା। ୩ୟ ମିନିଟରେ ଟମ୍ ଗ୍ରାମ୍‌ବୁଶ୍ଚ ପେନାଲ୍ଟି କର୍ନରରୁ ଏକ ଗୋଲ ଦେଇ ଜର୍ମାନୀକୁ ଅଗ୍ରଣୀ କରିଥିଲେ। ପ୍ରଥମ କ୍ୱାର୍ଟରରେ ଭ୍ରମଣକାରୀ ଦଳ ଅଗ୍ରଣୀ ରହିଥିବାବେଳେ ଦ୍ୱିତୀୟ କ୍ୱାର୍ଟରରେ ଭାରତ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ୨୧ତମ ମିନିଟରେ ଯୁଗରାଜ ସିଂ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ୨୨ତମ ମିନିଟରେ ଅଭିଷେକ ଏକ ଗୋଲ ଦେଇ ଭାରତକୁ ଅଗ୍ରଣୀ କରିଥିବାବେଳେ ୨୩ତମ ମିନିଟରେ ଗୋଞ୍ଜାଲୋ ପିଲାଟ ଗୋଲ ପରିଶୋଧ କରିବାରୁ ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲା। ତେବେ ୨୪ତମ ମିନିଟରେ ସେଲଭାମ୍ କାର୍ଥି ଓ ୨୬ତମ ମିନିଟରେ ଅଧିନାୟକ ହରମନପ୍ରୀତ ସିଂ ଗୋଟିଏ ଲେଖାଏ ଗୋଲ ଦେବାରୁ ପ୍ରଥମାର୍ଦ୍ଧ ଶେଷ ବେଳକୁ ଭାରତ ୪-୨ ଗୋଲରେ ଅଗ୍ରଣୀଲାଭ କରିଥିଲା। ତୃତୀୟ କ୍ୱାର୍ଟର ଆରମ୍ଭ ହେବା କ୍ଷଣି ଅର୍ଥାତ୍ ୩୧ତମ ମିନିଟରେ ମାଲ୍‌ଟେ ହେଲୱିଗ୍ ଗୋଟିଏ ଗୋଲ ଦେଇ ମ୍ୟାଚରେ ଉଷ୍ମତା ଭରିଥିଲେ। ମାତ୍ର ୪ର୍ଥ କ୍ୱାର୍ଟରରେ ଭାରତ ୨ଟି ଗୋଲ ଦେବା ସହ ବଡ଼ ବିଜୟ ହାସଲ କରିଥିଲା। ୪୬ତମ ମିନିଟରେ କାର୍ଥି ଏବଂ ୫୧ତମ ମିନିଟରେ ଅଭିଷେକ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ।

## ଓଡ଼ିଶା ଏଫ୍‌ସି ଦଳ ଘୋଷିତ

**ଭୁବନେଶ୍ୱର, ୧୩।୩ (ସ୍ପୋର୍ଟ୍ସ ବ୍ୟୁରୋ):** ପୂର୍ବାଞ୍ଚଳ ରିଲାଏନ୍ସ ଫାଉଣ୍ଡେସନ୍ ଡେଭେଲପମେଣ୍ଟ ଲିଗ୍‌ରେ ପ୍ରଥମ ଥର ପାଇଁ ଅଂଶଗ୍ରହଣ କରିବ ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ସୋମବାର ଘୋଷିତ ୨୨ ଜଣିଆ ଓଏଫ୍‌ସି ଦଳରେ ୧୫ ଜଣ ଓଡ଼ିଶା ଖେଳାଳି ସ୍ଥାନ ପାଇଛନ୍ତି। ଆସନ୍ତା ମାର୍ଚ୍ଚ ୧୪ ତାରିଖରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହେବ। ଓଏଫ୍‌ସି ବ୍ୟତିତ ପୂର୍ବାଞ୍ଚଳ ଜୋନ୍‌ରୁ ନ୍ୟୁ ଆଲିପୋର ସୁରୁଚି ସଂଘ, ୟୁନାଇଟେଡ୍ ଏସ୍‌ସି, ଜାମସେଦପୁର୍ ଏଫ୍‌ସି, ଏଟିକେ ମୋହନ ବାଗାନ, ମହମ୍ମଡାନ ସ୍ପୋର୍ଟିଂ ଓ ଇମାମୀ ଇଷ୍ଟବେଙ୍ଗଲ ଏଫ୍‌ସି ଅଂଶଗ୍ରହଣ କରିବେ। ଓଡ଼ିଶା ଏଫ୍‌ସି ଦଳ: ଗୋଲକିପର: ବିଶାଲ ଓରାମ, ସିଦ୍ଧାନ୍ତ ପ୍ରଧାନ, ନୀରଜ କୁମାର। ଡିଫେଣ୍ଡର: ଟଙ୍କଧର ବାଗ, ପିଣ୍ଟୁ ସାମଲ, ଲକ୍ଷ୍ମୀଧର ବଡନାୟକ, ଶ୍ରୀକାନ୍ତ ଭୋଇ, ହରିଶଙ୍କର ନାୟକ, ଓଙ୍ଗଡେନ୍ ଲାମା, ଧୀରଜ ଦତ୍ତ। ଫରୱାର୍ଡ: କାର୍ତ୍ତିକ ହନ୍ତାଳ, ଅକ୍ଷୁନ୍ନା ତ୍ୟାଗୀ, ଛାଙ୍ଗଟେ ଜୁନିୟର, ରିଷଭ ଡୋବ୍ରିୟାଲ, ରାଇସେନ୍ ଟୁଡୁ, ରାହୁଲ ମୁଖୀ, ଦୀନେଶ ସିଂ। ମିଡଫିଲ୍ଡର: ସମୀର କାରକେଟ୍ଟା, ପୁଙ୍ଗଟେ ଲାପୁଙ୍ଗ, ରଘୁ ମାଣ୍ଡି, ଚନ୍ଦ୍ରକାନ୍ତ ଦାସ, ଡି. ସଞ୍ଜୟ।

## ବ୍ରୁକ୍, ଗାର୍ଡନର ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ



ହ୍ୟାରି ବ୍ରୁକ



ଆଶ୍‌ଲେ ଗାର୍ଡନର

**ଦୁବାଇ, ୧୩।୩ (ପି.ଟି.)**

ଭାରତର ରବୀନ୍ଦ୍ର ଜାଡେଜା ଓ ୱେଷ୍ଟଇଣ୍ଡିଜ୍‌ର ଗୁଡାକେଶ ମୋଟିଙ୍କୁ ପଛରେ ପକାଇ ଇଂଲଣ୍ଡର ହ୍ୟାରି ବ୍ରୁକ୍ ଫେବୃୟାରୀ ମାସ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି)ଦ୍ୱାରା ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି। ସେହିପରି ମହିଳା ବିଭାଗରେ ମଧ୍ୟ ଆଶ୍‌ଲେ ଗାର୍ଡନର ଏହି ପୁରସ୍କାର ଲାଭ କରିଛନ୍ତି। ନ୍ୟୁଜିଲାଣ୍ଡ ଟେଷ୍ଟ ସିରିଜ୍‌ରେ ପ୍ରଭାବୀ ପ୍ରଦର୍ଶନ ପରେ ବ୍ରୁକ୍ ଦ୍ୱିତୀୟଥର ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ହାସଲ କରିପାରିଛନ୍ତି। ଦୁଇଥର ଏହି ପୁରସ୍କାର ଜିତିବାରେ ପାକିସ୍ତାନର ବାବର ଆଜମ୍‌ଙ୍କ ପରେ ବ୍ରୁକ୍ ହେଉଛନ୍ତି ଦ୍ୱିତୀୟ ପୁରୁଷ କ୍ରିକେଟର। ନିକଟରେ ଦକ୍ଷିଣ ଆଫ୍ରିକାରେ ଅଷ୍ଟ୍ରେଲିଆର ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଅଭିଯାନରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଗାର୍ଡନର ଆଇସିସି ପୁରସ୍କାର ହାସଲ କରିପାରିଛନ୍ତି। ଗାର୍ଡନରଙ୍କ କ୍ଷେତ୍ରରେ ମଧ୍ୟ ଏହା ଦ୍ୱିତୀୟ। ପୂର୍ବରୁ ଗତ ଡିସେମ୍ବରରେ ସେ ଏହି ପୁରସ୍କାର ପାଇଥିଲେ। କୌତୂହଳର କଥା, ସେହିମାସରେ ବ୍ରୁକ୍ସ ମଧ୍ୟ ପ୍ରଥମଥର ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ଜିତିଥିଲେ। ମହିଳା ଟି୨୦ ବିଶ୍ୱକପ୍‌ରେ ଗାର୍ଡନର ନିୟମିତ ଭାବେ ଉଇକେଟ୍ ଅକ୍ତିଆର କରିବା ସହ ମୂଲ୍ୟବାନ୍ ରନ୍ ମଧ୍ୟ ସଂଗ୍ରହ କରିଥିଲେ।






ସେଲଭାମ୍ କାର୍ଥିଙ୍କୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

## ବେଙ୍ଗାଲୁରୁ-ଏଟିକେଏମ୍‌ବି ଫାଇନାଲ

**କୋଲ୍‌କାତା, ୧୩।୩**

**ଇଣ୍ଡିଆନ୍ ସୁପର ଲିଗ୍**

ଇଣ୍ଡିଆନ୍ ସୁପର ଲିଗ୍‌ର ଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। ସୋମବାର କୋଲ୍‌କାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ହାଇଦ୍ରାବାଦ ଏଫ୍‌ସିକୁ ୪-୩ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଛି ଏଟିକେ ମୋହନବାଗାନ। ଏଟିକେ ଓ ହାଇଦ୍ରାବାଦ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଚରଣର ମ୍ୟାଚ ନିର୍ଦ୍ଧାରିତ ସମୟରେ ଗୋଲଶୂନ୍ୟ ରହିଥିଲା। ଏହାପରେ ୩୦ ମିନିଟର ଅତିରିକ୍ତ ସମୟ ଖେଳାଯାଇଥିଲା। ଅତିରିକ୍ତ ସମୟ ମଧ୍ୟ ଗୋଲ ଶୂନ୍ୟ ରହିବା ପରେ ପେନାଲ୍ଟି ଶୁଟଆଉଟରେ ମ୍ୟାଚର ଫଳାଫଳ ନିର୍ଦ୍ଧାରଣ କରାଯାଇଥିଲା। ଶୁଟଆଉଟର ପ୍ରଥମ ପ୍ରୟାସରେ ଉଭୟ ଦଳ ଗୋଲ ସ୍କୋର କରିଥିଲେ। ତେବେ ଏଟିକେଏମ୍‌ବି ଗୋଲକିପର ବିଶାଲ କେଥ୍ ପରବର୍ତ୍ତୀ ଦୁଇଟି ଶଟ୍‌କୁ ସେଭ୍ କରିବା ସହିତ ଦଳକୁ ଫାଇନାଲରେ ପହଞ୍ଚାଇଥିଲେ। ପୂର୍ବରୁ ଉଭୟ ଦଳ ମଧ୍ୟରେ ଖେଳା ଯାଇଥିବା ପ୍ରଥମ ଚରଣ ସେମି ମଧ୍ୟ ଗୋଲଶୂନ୍ୟ ରହିଥିଲା। ବିଶାଲ କେଥ୍‌ଙ୍କୁ ହିରୋ ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ପ୍ରଥମ ଦଳ ଭାବରେ ବେଙ୍ଗାଲୁରୁ ଏଫ୍‌ସି ଡିଫେଣ୍ଡିଂ ଚାମ୍ପିୟନ୍ ମୁମ୍ବାଇ ସିଟି ଏଫ୍‌ସିକୁ ପରାସ୍ତ କରି ଫାଇନାଲରେ ପହଞ୍ଚିଥିଲା। ପ୍ରଥମ ଚରଣ ସେମିରେ ବେଙ୍ଗାଲୁରୁ ୧-୦ରେ ଆଗୁଆ ଥିବା ବେଳେ ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଦ୍ୱିତୀୟ ଚରଣକୁ ୨-୧ରେ ଜିତି ନେଇଥିଲା। ପେନାଲ୍ଟି ଶୁଟଆଉଟରେ ବେଙ୍ଗାଲୁରୁ ୯-୮ରେ ବିଜୟୀ ହୋଇଥିଲା। ଶନିବାର ଗୋଆର ଫତୋର୍ଦା ଷ୍ଟାଡିୟମରେ ଫାଇନାଲ ଖେଳାଯିବ।

## ଦିଲ୍ଲୀ ୬ ଉଇକେଟରେ ବିଜୟୀ

**ମୁମ୍ବାଇ, ୧୩।୩**

ନଭି ମୁମ୍ବାଇର ଡି ୱାଇ ପାଟିଲ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଓମେନ୍ସ ପ୍ରିମିୟର ଲିଗ୍‌ର ୧୧ ତମ ମ୍ୟାଚ ଜିତିଛି ଦିଲ୍ଲୀ କ୍ୟାପିଟାଲ୍ସ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆରସିବି) ଦଳ ୪ ଉଇକେଟ ବିନିମୟରେ ୧୫୦ ରନ୍ କରିଥିଲା। ଜବାବରେ ୨ ବଲ୍ ବାକି ଥାଇ ୪ ଉଇକେଟ ହରାଇ ମ୍ୟାଚ୍ ଜିତିଥିଲା କ୍ୟାପିଟାଲ୍ସ। ପ୍ରାରମ୍ଭିକ ବିପର୍ଯ୍ୟୟ ସହ ୧୩ ଓଭର ସୁଦ୍ଧା ଦଳ ମାତ୍ର ୬୩ ରନ୍ କରି ୩ ଉଇକେଟ ହରାଇଥିଲା ଆରସିବି। ତେବେ ରିଚା ଘୋଷଙ୍କ ୩୭ ଓ ଏଲିସ୍ ପେରୀଙ୍କ ୬୭* ରନ୍ ବଳରେ ଅନ୍ତିମ ୭ ଓଭରରୁ ୮୭ ରନ୍ କରିବାରେ ସମର୍ଥ ହୋଇଥିଲା। ପେରୀ ଓ ରିଚା ଚତୁର୍ଥ ଉଇକେଟରେ ୩୪ ବଲ୍‌ରୁ ୭୪ ରନ୍ ସଂଗ୍ରହ କରିଥିଲେ। କ୍ୟାପିଟାଲ୍ସ ପକ୍ଷରୁ ଭେଟେରାନ୍ ଶିଖା ପାଣ୍ଡେ ଚମତ୍କାର ବୋଲିଂ କରି ୩ ଉଇକେଟ ନେଇଥିଲେ। ୧୫୧ ରନ୍‌ର ପିଛା କରୁଥିବା କ୍ୟାପିଟାଲ୍ସ ପ୍ରଥମ ଓଭରେ ଶେଫାଳି ବର୍ମାଙ୍କ ଉଇକେଟ ହରାଇଥିଲା। ମେଗ୍ ଲାନିଙ୍ଗ(୧୫) ଓ ଆଲିସ୍ କାପ୍‌ସି(୩୮) ଦ୍ୱିତୟ ଉଇକେଟରେ ୪୪ ରନ୍ ଯୋଡିଥିଲେ। ପରେ ଜେମିମା ରୋଡ୍ରିଗୁଏଜ୍ ୩୨, ମାରିଜେନ୍ କାପ୍ ୩୨* ଓ ଜେସ୍ ଜୋନୋସେନ୍ ୨୯ରନ କରି ଦଳକୁ ବିଜୟୀ କରିଥିଲେ। ଆରସିବି ପକ୍ଷରୁ ଆଶା ଶୋବନା ସର୍ବାଧିକ ଦୁଇ ଉଇକେଟ ନେଇଥିବା ବେଳେ ପ୍ରୀତି ବୋଷ ଓ ମେଗାନ ଶୁଟ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଉଇକେଟ ନେବାପରେ ଶିଖା ପାଣ୍ଡେଙ୍କୁ ଜେସ୍ ଜୋନାସେନଙ୍କ ବଧେଇ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୫୦/୪ (ଏଲିସ୍ ପେରୀ-୬୭*, ରିଚା ଘୋଷ-୩୭, ସୋଫି ଡିଭାଇନ୍-୨୧, ଶିଖା ପାଣ୍ଡେ- ୩/୨୩, ତାରା ନୋରିସ୍-୧/୨୫)। ଦିଲ୍ଲୀ କ୍ୟାପିଟାଲ୍ସ ୧୯.୪ ଓଭରରେ ୧୫୪/୪ (ଆଲିସ କାପ୍‌ସି-୩୮, ମାରିଜେନ୍ କାପ୍-୩୨*, ଜେମିମା ରୋଡ୍ରିଗୁଏଜ୍-୩୨, ଆଶା ଶୋବନା-୨/୨୭)।

## ଡ୍ୟୁକ୍ ବଲରେ ଅଭ୍ୟାସ କରିବେ ଦ୍ରୁତ ବୋଲର

**ଅହମଦାବାଦ, ୧୩।୩ (ପି.ଟି.)**

ଆଇପିଏଲ୍ ସମୟରେ ଦ୍ରୁତ ବୋଲର ମାନେ ଡ୍ୟୁକ୍ ବଲ୍‌ରେ ଅଭ୍ୟାସ କରିବେ ବୋଲି ସୂଚନା ଦେଇଛନ୍ତି ଭାରତୀୟ ଅଧିନାୟକ ରୋହିତ ଶର୍ମା। ଯେଉଁ ଫ୍ରାଞ୍ଚାଇଜିରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲୁଟିସି) ଭାରତୀୟ ଦଳର ଖେଳାଳି ଥିବେ ସେମାନଙ୍କ ଅଭ୍ୟାସ ପାଇଁ ଡ୍ୟୁକ୍ ବଲ୍ ଯୋଗାଇ ଦିଆଯିବ। ଡବ୍ଲୁଟିସି ଫାଇନାଲ ଡ୍ୟୁକ୍ ବଲରେ ଖେଳା ଯାଉଥିବାରୁ ଏଭଳି ପଦକ୍ଷେପ ନିଆଯିବ। ଯେଉଁ ଖେଳାଳି ମାନେ ଆଇପିଏଲ ପ୍ଲେ ଅଫ୍‌ରେ ସାମିଲ ନ ଥିବେ ସେମାନେ ଦୁଇ ସପ୍ତାହ ପୂର୍ବରୁ ଲଣ୍ଡନରେ ଏକ କଣ୍ଡିସନିଂ କ୍ୟାମ୍ପରେ ଯୋଗ ଦେବେ। ମେ ୨୯ ତାରିଖରେ ଆଇପିଏଲ୍ ଫାଇନାଲ ଖେଳା ଯିବାକୁ ଥିବା ବେଳେ ଜୁନ୍ ୭ ତାରିଖରେ ଡବ୍ଲୁଟିସି ଫାଇନାଲ ଅନୁଷ୍ଠିତ ହେବ। କୋଭିଡ୍ ସଙ୍କଟ ନଥିବାରୁ ଆଇପିଏଲ୍ ପୁରୁଣା ଫର୍ମାଟରେ ଖେଳାଯିବ। ତେଣୁ ଖେଳାଳି ମାନଙ୍କୁ ଅଧିକ ଭ୍ରମଣ କରିବାକୁ ପଡିବ ଯାହା ଚାପ ସୃଷ୍ଟି କରିବ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୪/୨୦୨୩ Bhubaneswar, Tuesday, March 14/ 2023

# ଜର୍ମାନୀକୁ ହରାଇ ଶୀର୍ଷରେ ଭାରତ



ଭାରତ ଓ ଜର୍ମାନୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ରାଉରକେଲା ଅଫିସ, ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୧୩।୩**

ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ପ୍ରୋଲିଗ୍‌ରେ ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ସୋମବାର ଅନୁଷ୍ଠିତ ମ୍ୟାଚରେ ଘରୋଇ ଦଳ ବିଶ୍ୱ ଚାମ୍ପିୟନ ଜର୍ମାନୀକୁ ୬-୩ ଗୋଲରେ ପରାସ୍ତ କରିଛି। ଚଳିତ ଲିଗ୍‌ରେ ଜର୍ମାନୀ ବିପକ୍ଷରେ ଭାରତର ଏହା ଦ୍ୱିତୀୟ ଏବଂ କ୍ରମାଗତ ତୃତୀୟ ବିଜୟ। ୧୦ ତାରିଖରେ ନିଜର

**ଏଫ୍ଆଇଏଚ୍ ପ୍ରୋ ଲିଗ୍**

**ଭାରତ-୬, ଜର୍ମାନୀ-୩**

ପ୍ରଥମ ମ୍ୟାଚରେ ଜର୍ମାନୀକୁ ୩-୨ ଗୋଲରେ ହରାଇଥିବା ଭାରତ ରବିବାର ଅଷ୍ଟ୍ରେଲିଆକୁ ୫-୪ ଗୋଲରେ ପରାସ୍ତ କରିଥିଲା। ଏଥିସହ ଭାରତ ପଏଣ୍ଟ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛି। ଭାରତ ୭ ମ୍ୟାଚରୁ ୧୭ ଏବଂ ସ୍ପେନ୍ ୮ ମ୍ୟାଚରୁ ୧୭ ପଏଣ୍ଟ ପାଇଛି। ତେବେ ଗୋଲ ବ୍ୟବଧାନରେ ଭାରତ ଆଗରେ ରହିଛି। ଆର୍ଜେଣ୍ଟିନା ୧୩ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି।

ସୋମବାର ମ୍ୟାଚରେ ଜର୍ମାନୀ ଆକ୍ରମଣାତ୍ମକ ଆଭିମୁଖ୍ୟ ନେଇ ଖେଳ ଆରମ୍ଭ କରିଥିଲେ ହେଁ ପରେ ଭାରତ ମ୍ୟାଚକୁ ନିଜ ନିୟନ୍ତ୍ରଣରେ ରଖିବାରେ ସକ୍ଷମ ହୋଇଥିଲା। ୩ୟ ମିନିଟରେ ଟମ୍ ଗ୍ରାମ୍‌ବୁଶ୍ ପେନାଲ୍ଟି କର୍ନରରୁ ଏକ ଗୋଲ ଦେଇ ଜର୍ମାନୀକୁ ଅଗ୍ରଣୀ କରିଥିଲେ। ପ୍ରଥମ କ୍ୱାର୍ଟରରେ ଭ୍ରମଣକାରୀ ଦଳ ଅଗ୍ରଣୀ ରହିଥିବାବେଳେ ଦ୍ୱିତୀୟ କ୍ୱାର୍ଟରରେ ଭାରତ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ୨୧ତମ ମିନିଟରେ ଯୁଗରାଜ ସିଂ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ୨୨ତମ ମିନିଟରେ ଅଭିଷେକ ଏକ ଗୋଲ ଦେଇ ଭାରତକୁ ଅଗ୍ରଣୀ କରିଥିବାବେଳେ ୨୩ତମ ମିନିଟରେ ଗୋଞ୍ଜାଲୋ ପିଲାଟ ଗୋଲ ପରିଶୋଧ କରିବାରୁ ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲା। ତେବେ ୨୪ତମ ମିନିଟରେ ସେଲଭାମ୍ କାର୍ଥି ଓ ୨୬ତମ ମିନିଟରେ ଅଧିନାୟକ ହରମନପ୍ରୀତ ସିଂ ଗୋଟିଏ ଲେଖାଏ ଗୋଲ ଦେବାରୁ ପ୍ରଥମାର୍ଦ୍ଧ ଶେଷ ବେଳକୁ ଭାରତ ୪-୨ ଗୋଲରେ ଅଗ୍ରଣୀଲାଭ କରିଥିଲା। ତୃତୀୟ କ୍ୱାର୍ଟର ଆରମ୍ଭ ହେବା କ୍ଷଣି ଅର୍ଥାତ୍ ୩୧ତମ ମିନିଟରେ ମାଲ୍‌ଟେ ହେଲ୍‌ୱିଗ୍ ଗୋଟିଏ ଗୋଲ ଦେଇ ମ୍ୟାଚରେ ଉଷ୍ମତା ଭରିଥିଲେ। ମାତ୍ର ୪ର୍ଥ କ୍ୱାର୍ଟରରେ ଭାରତ ୨ଟି ଗୋଲ ଦେବା ସହ ବଡ଼ ବିଜୟ ହାସଲ କରିଥିଲା। ୪୬ତମ ମିନିଟରେ କାର୍ଥି ଏବଂ ୫୧ତମ ମିନିଟରେ ଅଭିଷେକ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ।

## ଓଡ଼ିଶା ଏଫ୍‌ସି ଦଳ ଘୋଷିତ

**ଭୁବନେଶ୍ୱର, ୧୩।୩ (ସ୍ପୋର୍ଟ୍ସ ବ୍ୟୁରୋ):** ପୂର୍ବାଞ୍ଚଳ ରିଲାଏନ୍ସ ଫାଉଣ୍ଡେସନ୍ ଡେଭେଲପମେଣ୍ଟ ଲିଗ୍‌ରେ ପ୍ରଥମ ଥର ପାଇଁ ଅଂଶଗ୍ରହଣ କରିବ ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ସୋମବାର ଘୋଷିତ ୨୨ ଜଣିଆ ଓଏଫ୍‌ସି ଦଳରେ ୧୫ ଜଣ ଓଡ଼ିଶା ଖେଳାଳି ସ୍ଥାନ ପାଇଛନ୍ତି। ଆସନ୍ତା ମାର୍ଚ୍ଚ ୧୪ ତାରିଖରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହେବ। ଓଏଫ୍‌ସି ବ୍ୟତିତ ପୂର୍ବାଞ୍ଚଳ ଜୋନ୍‌ରୁ ନ୍ୟୁ ଆଲିପୋର ସୁରୁଚି ସଂଘ, ୟୁନାଇଟେଡ୍ ଏସ୍‌ସି, ଜାମସେଦପୁର୍ ଏଫ୍‌ସି, ଏଟିକେ ମୋହନ ବାଗାନ, ମହମ୍ମଡାନ ସ୍ପୋର୍ଟିଂ ଓ ଇମାମୀ ଇଷ୍ଟବେଙ୍ଗଲ ଏଫ୍‌ସି ଅଂଶଗ୍ରହଣ କରିବେ। ଓଡ଼ିଶା ଏଫ୍‌ସି ଦଳ: ଗୋଲକିପର: ବିଶାଲ ଓରାମ, ସିଦ୍ଧାନ୍ତ ପ୍ରଧାନ,ନୀରଜ କୁମାର। ଡିଫେଣ୍ଡର:ଟଙ୍କଧର ବାଗ, ପିଣ୍ଟୁ ସାମଲ, ଲକ୍ଷ୍ମୀଧର ବଡନାୟକ, ଶ୍ରୀକାନ୍ତ ଭୋଇ, ହରିଶଙ୍କର ନାୟକ, ଓଙ୍ଗଡେନ୍ ଲାମା, ଧୀରଜ ଦତ୍ତ। ଫରୱାର୍ଡ: କାର୍ତ୍ତିକ ହନ୍ତାଳ, ଅକ୍ଷୁନ୍ନା ତ୍ୟାଗୀ, ଛାଙ୍ଗଟେ ଜୁନିୟର, ରିଷଭ ଡୋବ୍ରିୟାଲ, ରାଇସେନ୍ ଟୁଡୁ, ରାହୁଲ ମୁଖୀ, ଦୀନେଶ ସିଂ। ମିଡଫିଲ୍ଡର: ସମୀର କାରକେଟ୍ଟା, ପୁଙ୍ଗଟେ ଲାପୁଙ୍ଗ, ରଘୁ ମାର୍ଣ୍ଡି, ଚନ୍ଦ୍ରକାନ୍ତ ଦାସ, ଡି. ସଞ୍ଜୟ।

## ବ୍ରୁକ୍, ଗାର୍ଡନର ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ



ହ୍ୟାରି ବ୍ରୁକ



ଆଶ୍‌ଲେ ଗାର୍ଡନର

**ଦୁବାଇ, ୧୩।୩ (ପି.ଟି.)**

ଭାରତର ରବୀନ୍ଦ୍ର ଜାଡେଜା ଓ ୱେଷ୍ଟଇଣ୍ଡିଜ୍‌ର ଗୁଡାକେଶ ମୋତିଙ୍କୁ ପଛରେ ପକାଇ ଇଂଲଣ୍ଡର ହ୍ୟାରି ବ୍ରୁକ୍ ଫେବୃୟାରୀ ମାସ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି)ଦ୍ୱାରା ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି। ସେହିପରି ମହିଳା ବିଭାଗରେ ମଧ୍ୟ ଆଶ୍‌ଲେ ଗାର୍ଡନର ଏହି ପୁରସ୍କାର ଲାଭ କରିଛନ୍ତି। ନ୍ୟୁଜିଲାଣ୍ଡ ଟେଷ୍ଟ ସିରିଜ୍‌ରେ ପ୍ରଭାବୀ ପ୍ରଦର୍ଶନ ପରେ ବ୍ରୁକ୍ ଦ୍ୱିତୀୟଥର ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ହାସଲ କରିପାରିଛନ୍ତି। ଦୁଇଥର ଏହି ପୁରସ୍କାର ଜିତିବାରେ ପାକିସ୍ତାନର ବାବର ଆଜମ୍‌ଙ୍କ ପରେ ବ୍ରୁକ୍ ହେଉଛନ୍ତି ଦ୍ୱିତୀୟ ପୁରୁଷ କ୍ରିକେଟର। ନିକଟରେ ଦକ୍ଷିଣ ଆଫ୍ରିକାରେ ଅଷ୍ଟ୍ରେଲିଆର ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଅଭିଯାନରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଗାର୍ଡନର ଆଇସିସି ପୁରସ୍କାର ହାସଲ କରିପାରିଛନ୍ତି। ଗାର୍ଡନରଙ୍କ କ୍ଷେତ୍ରରେ ମଧ୍ୟ ଏହା ଦ୍ୱିତୀୟ। ପୂର୍ବରୁ ଗତ ଡିସେମ୍ବରରେ ସେ ଏହି ପୁରସ୍କାର ପାଇଥିଲେ। କୌତୂହଳର କଥା, ସେହିମାସରେ ବ୍ରୁକ୍ସ ମଧ୍ୟ ପ୍ରଥମଥର ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ଜିତିଥିଲେ। ମହିଳା ଟି୨୦ ବିଶ୍ୱକପ୍‌ରେ ଗାର୍ଡନର ନିୟମିତ ଭାବେ ଉଇକେଟ୍ ଅକ୍ତିଆର କରିବା ସହ ମୂଲ୍ୟବାନ୍ ରନ୍ ମଧ୍ୟ ସଂଗ୍ରହ କରିଥିଲେ।







ସେଲଭାମ୍ କାର୍ଥିଙ୍କୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

## ବେଙ୍ଗାଲୁରୁ-ଏଟିକେଏମ୍‌ବି ଫାଇନାଲ

**କୋଲ୍‌କାତା, ୧୩।୩**

**ଇଣ୍ଡିଆନ୍ ସୁପର ଲିଗ୍**

ଇଣ୍ଡିଆନ୍ ସୁପର ଲିଗ୍‌ର ଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। ସୋମବାର କୋଲ୍‌କାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ହାଇଦ୍ରାବାଦ ଏଫ୍‌ସିକୁ ୪-୩ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଛି ଏଟିକେ ମୋହନବାଗାନ। ଏଟିକେ ଓ ହାଇଦ୍ରାବାଦ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଚରଣର ମ୍ୟାଚ ନିର୍ଦ୍ଧାରିତ ସମୟରେ ଗୋଲଶୂନ୍ୟ ରହିଥିଲା। ଏହାପରେ ୩୦ ମିନିଟର ଅତିରିକ୍ତ ସମୟ ଖେଳାଯାଇଥିଲା। ଅତିରିକ୍ତ ସମୟ ମଧ୍ୟ ଗୋଲ ଶୂନ୍ୟ ରହିବା ପରେ ପେନାଲ୍ଟି ଶୁଟଆଉଟରେ ମ୍ୟାଚର ଫଳାଫଳ ନିର୍ଦ୍ଧାରଣ କରାଯାଇଥିଲା। ଶୁଟଆଉଟର ପ୍ରଥମ ପ୍ରୟାସରେ ଉଭୟ ଦଳ ଗୋଲ ସ୍କୋର କରିଥିଲେ। ତେବେ ଏଟିକେଏମ୍‌ବି ଗୋଲକିପର ବିଶାଲ କେଥ୍ ପରବର୍ତ୍ତୀ ଦୁଇଟି ଶଟ୍‌କୁ ସେଭ୍ କରିବା ସହିତ ଦଳକୁ ଫାଇନାଲରେ ପହଞ୍ଚାଇଥିଲେ। ପୂର୍ବରୁ ଉଭୟ ଦଳ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଚରଣ ସେମି ମଧ୍ୟ ଗୋଲଶୂନ୍ୟ ରହିଥିଲା। ବିଶାଲ କେଥ୍‌ଙ୍କୁ ହିରୋ ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ପ୍ରଥମ ଦଳ ଭାବରେ ବେଙ୍ଗାଲୁରୁ ଏଫ୍‌ସି ଡିଫେଣ୍ଡିଂ ଚାମ୍ପିୟନ୍ ମୁମ୍ବାଇ ସିଟି ଏଫ୍‌ସିକୁ ପରାସ୍ତ କରି ଫାଇନାଲରେ ପହଞ୍ଚିଥିଲା। ପ୍ରଥମ ଚରଣ ସେମିରେ ବେଙ୍ଗାଲୁରୁ ୧-୦ରେ ଆଗୁଆ ଥିବା ବେଳେ ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଦ୍ୱିତୀୟ ଚରଣକୁ ୨-୧ରେ ଜିତି ନେଇଥିଲା। ପେନାଲ୍ଟି ଶୁଟଆଉଟରେ ବେଙ୍ଗାଲୁରୁ ୯-୮ରେ ବିଜୟୀ ହୋଇଥିଲା। ଶନିବାର ଗୋଆର ଫତୋର୍ଦା ଷ୍ଟାଡିୟମରେ ଫାଇନାଲ ଖେଳାଯିବ।

## ଦିଲ୍ଲୀ ୬ ଉଇକେଟରେ ବିଜୟୀ

**ମୁମ୍ବାଇ, ୧୩।୩**

ନଭି ମୁମ୍ବାଇର ଡି ୱାଇ ପାଟିଲ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଓମେନ୍ସ ପ୍ରିମିୟର ଲିଗ୍‌ର ୧୧ ତମ ମ୍ୟାଚ ଜିତିଛି ଦିଲ୍ଲୀ କ୍ୟାପିଟାଲ୍ସ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆରସିବି) ଦଳ ୪ ଉଇକେଟ ବିନିମୟରେ ୧୫୦ ରନ୍ କରିଥିଲା। ଜବାବରେ ୨ ବଲ୍ ବାକି ଥାଇ ୪ ଉଇକେଟ ହରାଇ ମ୍ୟାଚ୍ ଜିତିଥିଲା କ୍ୟାପିଟାଲ୍ସ। ପ୍ରାରମ୍ଭିକ ବିପର୍ଯ୍ୟୟ ସହ ୧୩ ଓଭର ସୁଦ୍ଧା ଦଳ ମାତ୍ର ୬୩ ରନ୍ କରି ୩ ଉଇକେଟ ହରାଇଥିଲା ଆରସିବି। ତେବେ ରିଚା ଘୋଷଙ୍କ ୩୭ ଓ ଏଲିସ୍ ପେରୀଙ୍କ ୬୭* ରନ୍ ବଳରେ ଅନ୍ତିମ ୭ ଓଭରରୁ ୮୭ ରନ୍ କରିବାରେ ସମର୍ଥ ହୋଇଥିଲା। ପେରୀ ଓ ରିଚା ଚତୁର୍ଥ ଉଇକେଟରେ ୩୪ ବଲ୍‌ରୁ ୭୪ ରନ୍ ସଂଗ୍ରହ କରିଥିଲେ। କ୍ୟାପିଟାଲ୍ସ ପକ୍ଷରୁ ଭେଟେରାନ୍ ଶିଖା ପାଣ୍ଡେ ଚମତ୍କାର ବୋଲିଂ କରି ୩ ଉଇକେଟ ନେଇଥିଲେ। ୧୫୧ ରନ୍‌ର ପିଛା କରୁଥିବା କ୍ୟାପିଟାଲ୍ସ ପ୍ରଥମ ଓଭରେ ଶେଫାଳି ବର୍ମାଙ୍କ ଉଇକେଟ ହରାଇଥିଲା। ମେଗ୍ ଲାନିଙ୍ଗ(୧୫) ଓ ଆଲିସ୍ କାପ୍‌ସି(୩୮) ଦ୍ୱିତୟ ଉଇକେଟରେ ୪୪ ରନ୍ ଯୋଡିଥିଲେ। ପରେ ଜେମିମା ରୋଡ୍ରିଗୁଏଜ୍ ୩୨, ମାରିଜେନ୍ କାପ୍ ୩୨* ଓ ଜେସ୍ ଜୋନୋସେନ୍ ୨୯ରନ କରି ଦଳକୁ ବିଜୟୀ କରିଥିଲେ। ଆରସିବି ପକ୍ଷରୁ ଆଶା ଶୋବନା ସର୍ବାଧିକ ଦୁଇ ଉଇକେଟ ନେଇଥିବା ବେଳେ ପ୍ରୀତି ବୋଷ ଓ ମେଗାନ ଶୁଟ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଉଇକେଟ ନେବାପରେ ଶିଖା ପାଣ୍ଡେଙ୍କୁ ଜେସ୍ ଜୋନାସେନଙ୍କ ବଧେଇ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୫୦/୪ (ଏଲିସ୍ ପେରୀ-୬୭*, ରିଚା ଘୋଷ-୩୭, ସୋଫି ଡିଭାଇନ୍-୨୧, ଶିଖା ପାଣ୍ଡେ- ୩/୨୩, ତାରା ନୋରିସ୍-୧/୨୫)। ଦିଲ୍ଲୀ କ୍ୟାପିଟାଲ୍ସ ୧୯.୪ ଓଭରରେ ୧୫୪/୪ (ଆଲିସ କାପ୍‌ସି-୩୮, ମାରିଜେନ୍ କାପ୍-୩୨*, ଜେମିମା ରୋଡ୍ରିଗୁଏଜ୍-୩୨, ଆଶା ଶୋବନା-୨/୨୭)।

## ଡ୍ୟୁକ୍ ବଲରେ ଅଭ୍ୟାସ କରିବେ ଦ୍ରୁତ ବୋଲର

**ଅହମଦାବାଦ, ୧୩।୩(ପି.ଟି.)**

ଆଇପିଏଲ୍ ସମୟରେ ଦ୍ରୁତ ବୋଲର ମାନେ ଡ୍ୟୁକ୍ ବଲ୍‌ରେ ଅଭ୍ୟାସ କରିବେ ବୋଲି ସୂଚନା ଦେଇଛନ୍ତି ଭାରତୀୟ ଅଧିନାୟକ ରୋହିତ ଶର୍ମା। ଯେଉଁ ଫ୍ରାଞ୍ଚାଇଜିରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଭାରତୀୟ ଦଳର ଖେଳାଳି ଥିବେ ସେମାନଙ୍କ ଅଭ୍ୟାସ ପାଇଁ ଡ୍ୟୁକ୍ ବଲ୍ ଯୋଗାଇ ଦିଆଯିବ। ଡବ୍ଲ୍ୟୁଟିସି ଫାଇନାଲ ଡ୍ୟୁକ୍ ବଲରେ ଖେଳା ଯାଉଥିବାରୁ ଏଭଳି ପଦକ୍ଷେପ ନିଆଯିବ। ଯେଉଁ ଖେଳାଳି ମାନେ ଆଇପିଏଲ ପ୍ଲେ ଅଫ୍‌ରେ ସାମିଲ ନ ଥିବେ ସେମାନେ ଦୁଇ ସପ୍ତାହ ପୂର୍ବରୁ ଲଣ୍ଡନରେ ଏକ କଣ୍ଡିସନିଂ କ୍ୟାମ୍ପରେ ଯୋଗ ଦେବେ। ମେ ୨୯ ତାରିଖରେ ଆଇପିଏଲ୍ ଫାଇନାଲ ଖେଳା ଯିବାକୁ ଥିବା ବେଳେ ଜୁନ୍ ୭ ତାରିଖରେ ଡବ୍ଲ୍ୟୁଟିସି ଫାଇନାଲ ଅନୁଷ୍ଠିତ ହେବ। କୋଭିଡ୍ ସଙ୍କଟ ନଥିବାରୁ ଆଇପିଏଲ୍ ପୁରୁଣା ଫର୍ମାଟରେ ଖେଳାଯିବ। ତେଣୁ ଖେଳାଳି ମାନଙ୍କୁ ଅଧିକ ଭ୍ରମଣ କରିବାକୁ ପଡିବ ଯାହା ଚାପ ସୃଷ୍ଟି କରିବ।





1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ